# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 291 | ଭାଗ ୩୩ | ସଂଖ୍ୟା ୨୯୧ | Tuesday 13 January 2026 | Page 8 Rs. 5.00 | ଭୁବନେଶ୍ୱର ମଙ୍ଗଳବାର ୧୩ ଜାନୁଆରୀ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା




ବିଜୟଙ୍କୁ ୬ ଘଣ୍ଟା ଘାଷିଲା ସିବିଆଇ

ପୃଷ୍ଠା ୬


## ଜିଲ୍ଲା ପ୍ରତିନିଧି ଆବଶ୍ୟକ

ଦୈନିକ 'ସଂଚାର' ଓ 'ସଂଚାର ଡିଜିଟାଲ' ପାଇଁ ନିମ୍ନଲିଖିତ ଜିଲ୍ଲା ପାଇଁ 'ଜିଲ୍ଲା ପ୍ରତିନିଧି' ଆବଶ୍ୟକ। ଅନ୍ୟୁନ ତିନି ବର୍ଷର ଅଭିଜ୍ଞତା ଥିବା ସାମ୍ବାଦିକମାନେ ଆବେଦନ କରିପାରିବେ। ଆଗ୍ରହୀ ବ୍ୟକ୍ତି ୭ ଦିନ ମଧ୍ୟରେ ଆବେଦନ କରିପାରିବେ। ଜିଲ୍ଲାଗୁଡ଼ିକ ହେଲା ପୁରୀ, କଟକ, ଖୋର୍ଦ୍ଧା, ନୟାଗଡ, ଯାଜପୁର, ଭଦ୍ରକ, ଜଗତସିଂହପୁର, ବାଲେଶ୍ୱର, କେନ୍ଦୁଝର, ଢେଙ୍କାନାଳ ଓ ଅନୁଗୁଳ।

ଯୋଗାଯୋଗ

Mail :- sancharodisha@gmail.com
Whatsapp :- +91 8093008776




# ନୂଆ ଲୋକସେବା ଭବନ ଓ ଜୟଦେବ ବିହାର-ନନ୍ଦନକାନନ କରିଡର

**ଭୁବନେଶ୍ୱର,୧୨।୧(ସଂଚାର ବ୍ୟୁରୋ):** ସେଣ୍ଟ୍ରାଲ ଭିସ୍ତା ଢାଞ୍ଚାରେ ନୂଆ ଲୋକସେବା ଭବନ ଓ ନୂଆ ବିଧାନସଭା ସୌଧ ନିର୍ମାଣ କରାଯିବ। ଏଭଳି ଅତ୍ୟାଧୁନିକ ପ୍ରକଳ୍ପର ଆଜି ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏଥିପାଇଁ ୩ ହଜାର ୬୨୩ କୋଟି ଖର୍ଚ୍ଚ କରିବେ ସରକାର। ୭୧.୧୩ ଏକର ଜମିରେ ନିର୍ମାଣ ହେବ ନୂଆ ଲୋକସେବା ଭବନ ଓ ମନ୍ତ୍ରାଳୟ ବିଲଡିଂ କ୍ୟାମ୍ପସ। ଗୋଟିଏ କ୍ୟାମ୍ପସରେ ରହିବ ଲୋକସେବା ଭବନ ଓ ବିଧାନସଭା। ସେହିପରି ରାଜଧାନୀର ଟ୍ରାଫିକ ସମସ୍ୟା ଦୂର କରିବା ପାଇଁ ୯୫୨ କୋଟି ଟଙ୍କା ବ୍ୟୟରେ ପୃଷ୍ଠା-୬



### ସଂସଦ ଇତିହାସରେ ପ୍ରଥମ

## ରବିବାର ଉପସ୍ଥାପିତ ହେବ କେନ୍ଦ୍ର ବଜେଟ୍



**ନୂଆଦିଲ୍ଲୀ,୧୨।୧:** ଆସନ୍ତା ଫେବୃଆରୀ ୧ ତାରିଖରେ ଲୋକସଭାରେ ଉପସ୍ଥାପିତ ହେବ କେନ୍ଦ୍ରୀୟ ବଜେଟ୍। କେନ୍ଦ୍ର ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ ଉପସ୍ଥାପନ କରିବାକୁ ଥିବା ଏହି ବଜେଟ୍ ସଂସଦ ଇତିହାସରେ ପ୍ରଥମ ଥର ପାଇଁ ରବିବାର ଉପସ୍ଥାପିତ ହେବ। ପୂର୍ବରୁ ଏନେଇ ବ୍ୟାପକ ଦ୍ୱନ୍ଦ୍ୱ ରହିଥିଲେ ହେଁ ଆଜି ଏହାକୁ ଦୂର କରିଛନ୍ତି ଲୋକସଭା ବାଚସ୍ପତି ଓମ୍ ବିର୍ଲା। ଏଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତରରେ ସେ ଏହି ସୂଚନା ଦେଇଛନ୍ତି। ଉକ୍ତ ଦିନ ପୂର୍ବାହ୍ନ ୧୧ଟା ସମୟରେ ଶ୍ରୀମତୀ ସୀତାରମଣ ଅଷ୍ଟମ ଥର ପାଇଁ ବଜେଟ୍ ଉପସ୍ଥାପନ କରିବେ। ଗତ ସପ୍ତାହରେ କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ସଂସଦର ବଜେଟ୍ ଅଧିବେଶନ ସମ୍ପର୍କରେ ସୂଚନା ଦେଇଥିଲେ ହେଁ ବଜେଟ୍ ପୃଷ୍ଠା-୬

### ସଡ଼କ ସୁରକ୍ଷା ଓ ବିକାଶ କ୍ଷେତ୍ର ପାଇଁ ଐତିହାସିକ ଦିନ

# 'ସୁଶାସନ'ରେ ସାମିଲ୍ ହେଲା ସଡ଼କ ସୁରକ୍ଷା

- ମୁଖ୍ୟମନ୍ତ୍ରୀ ସଡ଼କ ସୁରକ୍ଷା ଯୋଜନା ସମ୍ମାନ ଆରମ୍ଭ
- କଳିଙ୍ଗା ଘାଟିରେ ବାଜିବ ସତର୍କ ଘଣ୍ଟି
- ଭୁବନେଶ୍ୱରରେ ୧୫ ଚାର୍ଜିଂ ଷ୍ଟେସନ ଉଦ୍‌ଘାଟିତ
- ୧୪ ନୂତନ ଅଟଳ ବସ୍‌ଷ୍ଟାଣ୍ଡ ଲୋକାର୍ପିତ
- ୬,୭୦୦ କୋଟିର ୭୧ ପ୍ରକଳ୍ପର ଶୁଭାରମ୍ଭ

**ଭୁବନେଶ୍ୱର,୧୨।୧(ସଂଚାର ବ୍ୟୁରୋ):** ରାଜ୍ୟର ସଡ଼କ ସୁରକ୍ଷା ଓ ବିକାଶ କ୍ଷେତ୍ର ପାଇଁ ଆଜି ଏକ ଐତିହାସିକ ଦିନ। ସାରା ରାଜ୍ୟରେ ଏବେ ଜାତୀୟ ସଡ଼କ ସୁରକ୍ଷା ମାସ ପାଳିତ ହେଉଥିବା ବେଳେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସଡ଼କ ସୁରକ୍ଷା ପାଇଁ ଅନେକ ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି। ଏଥିସହ ରାଜଧାନୀର କାୟାକଳ୍ପ ବଦଳାଇବା ପରି ଦୁଇଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି ମୁଖ୍ୟମନ୍ତ୍ରୀ। ସ୍ଥାନୀୟ ଲୋକସେବା ଭବନର କନ୍‌ଭେନ୍‌ସନ୍ ହଲ୍‌ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରାଜ୍ୟ ଓ ଦେଶରେ ବଢ଼ୁଥିବା ସଡ଼କ ଦୁର୍ଘଟଣା ପରିପ୍ରେକ୍ଷୀରେ ଗଭୀର ଉଦ୍‌ବେଗ ପ୍ରକାଶ କରିବା ସହ ସଡ଼କ ସୁରକ୍ଷାର ନିୟମ ପାଳନ କରିବାକୁ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସଡ଼କ ସୁରକ୍ଷା ପାଇଁ ରାଜ୍ୟ ସରକାର ୪ଟି 'ଇ' ଯଥା ଏଜୁକେସନ (ଶିକ୍ଷା), ଏନ୍‌ଫୋର୍ସମେଣ୍ଟ (ନିୟମର କଡ଼ାକଡ଼ି ଅନୁପାଳନ), ଇଞ୍ଜିନିୟରିଂ (ଯୋଗାଯୋଗ ଭିତ୍ତିଭୂମି ଓ ଯାନବାହନ)ରେ ଉନ୍ନତ ଇଞ୍ଜିନିୟରିଂ ବିଦ୍ୟା ପ୍ରୟୋଗକରି ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ଓ ଏମର୍ଜେନ୍ସି ବା ପୃଷ୍ଠା-୬



### ବଢ଼ିବ ବିଧାନସଭା ଆସନ!

ରାଜ୍ୟ ବିଧାନସଭାରେ ଆସନ ସଂଖ୍ୟା ୧୪୭ରୁ ପ୍ରାୟ ୨୦୦ ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ। ଏନେଇ ଖୋଦ ମୁଖ୍ୟମନ୍ତ୍ରୀ ସୋମବାର ସଙ୍କେତ ଦେଇଛନ୍ତି। ଭୁବନେଶ୍ୱରରେ ନୂତନ ବିଧାନସଭା କୋଠା ଏବଂ ଲୋକସେବା ଭବନର ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବର୍ତ୍ତମାନ ବିଧାନସଭାରେ ୧୪୭ ସଦସ୍ୟ ଅଛନ୍ତି। କିନ୍ତୁ ପରବର୍ତ୍ତୀ ସୀମା ପୃଷ୍ଠା-୬

### ପୁଲିସ୍ ଏସ୍‌ଆଇ ପରୀକ୍ଷା କେଲେଙ୍କାରୀ

## ଗିରଫ କରିଥିବା ଏସଡିପିଓ ଏବେ ଅଭିଯୁକ୍ତ

**ଭୁବନେଶ୍ୱର,୧୨।୧(ସଂଚାର ବ୍ୟୁରୋ):** ବହୁଚର୍ଚ୍ଚିତ ପୁଲିସ୍ ଏସ୍‌ଆଇ ପରୀକ୍ଷା କେଲେଙ୍କାରୀ ମାମଲାରେ ଏବେ ଜଣେ ଏସ୍‌ଡିପିଓଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ମାତ୍ର ୩ ମାସ ତଳେ ଏହି ଏସ୍‌ଡିପିଓ ଜଣଙ୍କ ଚାକିରି ଆଶାୟୀ ପରୀକ୍ଷାର୍ଥୀଙ୍କୁ ରାତାରାତି ଅଭିଯୁକ୍ତ ଦର୍ଶାଇ ଜେଲ ପଠାଇଥିଲେ। କିନ୍ତୁ ହାଇକୋର୍ଟଙ୍କ କଡ଼ା ତାଗିଦ୍ ପରେ ମାନବାଧିକାର ସୁରକ୍ଷା ସେଲ (ଏଚଆରପିସି) ପକ୍ଷରୁ ଦୁଇଦିନ ତଳେ ଏକ ସଙ୍ଗିନ ମାମଲା ରୁଜୁ କରାଯାଇଛି। କ୍ଷମତାର ଅପବ୍ୟବହାର କରି ଭୁବନେଶ୍ୱରରୁ ମୁସ୍ତାକିମ୍ ଖାନ୍ ନାମକ ଜଣେ ପୃଷ୍ଠା-୬

### ନବମ ସମାବର୍ତ୍ତନ ସମାରୋହରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ

# ସମାଲୋଚନାତ୍ମକ ଚିନ୍ତାଧାରା ଜେଏନୟୁର ଆତ୍ମା

**ଜେଏନୟୁ ଡିଗ୍ରୀ ବ୍ୟକ୍ତିଗତ ସଫଳତା ସହ ସମାଜ ପ୍ରତି ବଡ଼ ଦାୟିତ୍ୱ**




**ନୂଆଦିଲ୍ଲୀ,୧୨।୧(ସଂଚାର ବ୍ୟୁରୋ):** ଶିକ୍ଷା କେବଳ ଡିଗ୍ରୀ ମଧ୍ୟରେ ସୀମିତ ନୁହେଁ, ବରଂ ଏହା ସମାଜର ଅସମାନତା ଦୂର କରିବା ଓ ବଞ୍ଚିତ ଶ୍ରେଣୀର ସ୍ୱର ହେବାର ଏକ ମାଧ୍ୟମ। ଗଣତନ୍ତ୍ରକୁ ସୁଦୃଢ଼ କରିବାଠାରୁ ଆରମ୍ଭ କରି ନୂତନ ଅର୍ଥନୀତିର ମୂଳଦୁଆ ପକାଇବା ପର୍ଯ୍ୟନ୍ତ, ପ୍ରତ୍ୟେକ କ୍ଷେତ୍ରରେ ନେତୃତ୍ୱ ନେବାକୁ ଜେଏନୟୁର ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଆଜି ସ୍ଥାନୀୟ ଜବାହରଲାଲ ନେହରୁ ବିଶ୍ୱବିଦ୍ୟାଳୟ (ଜେଏନୟୁ)ର ନବମ ସମାବର୍ତ୍ତନ ସମାରୋହରେ ଯୋଗଦେଇ ଶ୍ରୀ ପ୍ରଧାନ ଡିଗ୍ରୀଧାରୀ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରିବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନଙ୍କ ଉପସ୍ଥିତିରେ ଶ୍ରୀ ପ୍ରଧାନ ପୃଷ୍ଠା-୬

### ପାଇପ୍‌ରେ ଶତ ପ୍ରତିଶତ ବିଶୁଦ୍ଧ ପାଣି

## ପୁରୀ ଦେଶର ପ୍ରଥମ ସହର




- ବିଆଇଏସ ମାନଦଣ୍ଡକୁ ପୂର୍ଣ୍ଣ କରୁଛି ମିଶନ୍
- ମାନ୍ୟତା କ୍ଷେତ୍ରରେ ଦେଶର ପ୍ରଥମ ସହର

**ଭୁବନେଶ୍ୱର,୧୨।୧(ସଂଚାର ବ୍ୟୁରୋ):** ଦେଶର ପ୍ରଥମ ସହର ଭାବେ ପୁରୀ ଡ୍ରିଙ୍କ ଫ୍ରମ ଟ୍ୟାପ ମିଶନ ବ୍ୟୁରୋ ଅଫ ଇଣ୍ଡିଆନ ଷ୍ଟାଣ୍ଡାର୍ଡ (ବିଆଇଏସ୍)ର ସବୁ ମାନଦଣ୍ଡକୁ ପୂରଣ କରୁଛି। ଅର୍ଥାତ ପୁରୀରେ ପାଇପରେ ଯୋଗାଇ ଦିଆଯାଉଥିବା ପାନୀୟ ଜଳ ସମ୍ପୂର୍ଣ୍ଣ ଜୀବାଣୁମୁକ୍ତ ଓ ବିଶୁଦ୍ଧ। ଐତିହ୍ୟ କ୍ଷେତ୍ର ପୁରୀର ଏହି ପାନୀୟ ଜଳ ବ୍ୟବସ୍ଥା ପୁରୀବାସିନ୍ଦା ଓ ପର୍ଯ୍ୟଟକଙ୍କ ମଧ୍ୟରେ ନୂଆ ଆଶା ସଞ୍ଚାର କରିଛି। ପୁରୀରେ ଆରମ୍ଭ ହୋଇଥିବା 'ଡ୍ରିଙ୍କ ଫ୍ରମ ଟ୍ୟାପ ମିଶନ' ସର୍ବଭାରତୀୟ ସ୍ତରରେ ବିଆଇଏସର ମାନଦଣ୍ଡକୁ ପୂରଣ କରିବାରେ ଦେଶର ପ୍ରଥମ ସହର ମଧ୍ୟ ହୋଇଛି। ବିଆଇଏସ ମାନଦଣ୍ଡ ଅନୁଯାୟୀ, ପୁରୀର ପ୍ରତି ପୃଷ୍ଠା-୬

# ନୂଆ ନିର୍ବାଚନମଣ୍ଡଳୀ ନେଇ ଅବଗଣନା



**ଭୁବନେଶ୍ୱର,୧୨।୧(ସଂଚାର ବ୍ୟୁରୋ):** ଓଡ଼ିଶା ବିଧାନସଭାରେ ଆସନ ସଂଖ୍ୟା ବଢ଼ିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏନେଇ ଆଜି ସଙ୍କେତ ଦେବା ପରେ ରାଜନୈତିକ ଦଳମାନଙ୍କ ମଧ୍ୟରେ ଆରମ୍ଭ ହୋଇଛି ଆସନ ଗଣତି। ଦୀର୍ଘ ୭୯ ବର୍ଷ ପରେ ପ୍ରଥମ ଥର ପାଇଁ ବିଧାନସଭା ଓ ଲୋକସଭା ଆସନ ସଂଖ୍ୟା ବଢ଼ିବାକୁ ଯାଉଛି। ଏଭଳି ସ୍ଥିତିରେ ଏବେ ସମସ୍ତଙ୍କ ନଜର କେଉଁ କେଉଁ ଜିଲ୍ଲାରେ ବିଧାନସଭା ଓ ଲୋକସଭା ଆସନ ଏପଟସେପଟ ହେବ।

ଜରୁରୀକାଳୀନ ପରିସ୍ଥିତି ପରେ ୧୯୭୬ରେ ବିଧାନସଭା ଓ ଲୋକସଭା ଆସନ ସୀମା ପୁନଃନିର୍ଦ୍ଧାରଣ ବନ୍ଦ ହୋଇଯାଇଥିଲା। ଓଡ଼ିଶାରେ ଶେଷ ଥର ପାଇଁ ୧୯୭୩ରେ ବିଧାନସଭା ଆସନ ସଂଖ୍ୟା ୧୪୦ରୁ ୧୪୭କୁ ବଢ଼ିଥିଲା। ୨୦୨୭ରୁ ଆରମ୍ଭ ହେଉଥିବା ଜନଗଣନା ପରେ ନୂଆ ନିର୍ବାଚନମଣ୍ଡଳୀ ପାଇଁ ବାଟ ଫିଟିବ ବୋଲି ଆକଳନ କରାଯାଉଛି। କାରଣ ୨୦୧୧ ପରଠାରୁ ଜନଗଣନା ହୋଇନାହିଁ। କୋଭିଡ ଯୋଗୁ ୨୦୨୧ରେ ଜନଗଣନା ହୋଇନଥିଲା। ତେଣୁ ଦୀର୍ଘ ବର୍ଷ ପରେ ପ୍ରଥମ ଥର ପାଇଁ ଜାତିଭିତ୍ତିକ ଗଣନା ହେବାକୁ ଯାଉଛି। ଏହି ଦୃଷ୍ଟିରୁ ବିଭିନ୍ନ ଜିଲ୍ଲା ଓ ନିର୍ବାଚନମଣ୍ଡଳୀର ଭୌଗୋଳିକ ଅବସ୍ଥିତି ଓ ଲୋକସଂଖ୍ୟାକୁ ବିଚାର କରି ନୂଆ ନିର୍ବାଚନମଣ୍ଡଳୀ ଗଠନ କରାଯିବ ବୋଲି ଜଣାପଡ଼ିଛି।

ବିଭିନ୍ନ ଜିଲ୍ଲାର ଆକାର ଓ ଜନସଂଖ୍ୟାକୁ ଦେଖିଲେ, ଗଞ୍ଜାମ, ସୁନ୍ଦରଗଡ, ମୟୂରଭଞ୍ଜ, ସମ୍ବଲପୁର, କନ୍ଧମାଳ, କୋରାପୁଟ, ବଲାଙ୍ଗୀର, କେନ୍ଦୁଝର, ଖୋର୍ଦ୍ଧା, ବାଲେଶ୍ୱର, କଟକ ଆଦି ଜିଲ୍ଲାରେ ନିର୍ବାଚନମଣ୍ଡଳୀ ସଂଖ୍ୟା ବଢ଼ିପାରେ। ଏପରିକି ବ୍ରହ୍ମପୁର, ଜୟପୁର, ରାଉରକେଲା, ପୁରୀ, ବାରିପଦା, ଭୁବନେଶ୍ୱର ଭଳି ସହରର ଜନସଂଖ୍ୟା ମଧ୍ୟ ଗତ ୧୬ ବର୍ଷ ମଧ୍ୟରେ ବହୁ ସଂଖ୍ୟାରେ ବୃଦ୍ଧି ପାଇଛି। ୨୦୦୨ ସୀମା ପୁନଃନିର୍ଦ୍ଧାରଣ କମିଶନଙ୍କ ରିପୋର୍ଟ ପୃଷ୍ଠା-୬

### ସାଇବର୍ ଠକ ପଞ୍ଝାରେ ବୃଦ୍ଧ ଦମ୍ପତି

## ହରାଇଲେ ସାଢ଼େ ୧୪ କୋଟି

- ୧୭ ଦିନ ଧରି ନଜରବନ୍ଦୀ

**ନୂଆଦିଲ୍ଲୀ,୧୨।୧:** ମଣିଷ ଯେତିକି ମାତ୍ରାରେ ବୈଷୟିକ ଜ୍ଞାନର ନିକଟତର ହେଉଛି, ଧୀରେ ଧୀରେ ଏହାର କୁପରିଣାମ ମଧ୍ୟ ସାମ୍ନାକୁ ଆସିବାରେ ଲାଗିଛି। ବିଶେଷକରି ସାଇବର୍ ଠକମାନେ ଠକେଇର ନୂଆ ନୂଆ ତରିକା ବାହାର କରି ବିତ୍ତଶାଳୀଙ୍କୁ ଠକିବା ସହ ବିଭିନ୍ନ ଲୋକଙ୍କୁ ବ୍ଲାକ୍‌ମେଲ୍ କରି ସେମାନଙ୍କ ଉଦ୍ଦେଶ୍ୟ ସାଧନ କରିବାରେ ସକ୍ଷମ ହେଉଛନ୍ତି। ଏହି ଧରଣର ଠକମାନେ ସ୍ୱଳ୍ପଜ୍ଞାନ ଥିବା ଲୋକ କିମ୍ବା ବୃଦ୍ଧବୃଦ୍ଧାମାନଙ୍କୁ ଶିକାର କରିବାର ଏକାଧିକ ନଜିର ପ୍ରାୟ ପ୍ରତିଦିନ ଦେଖିବାକୁ ମିଳୁଛି। ଏହି କ୍ରମରେ ନିକଟରେ ଦିଲ୍ଲୀର ଏକ ବୃଦ୍ଧ ଦମ୍ପତି ସାଇବର ଠକଙ୍କ ଜାଲରେ ପଡ଼ି ସର୍ବସ୍ୱାନ୍ତ ହୋଇଛନ୍ତି। ଉକ୍ତ ଠକମାନେ ସେମାନଙ୍କୁ ୧୭ ଦିନ ଡିଜିଟାଲ ଆରେଷ୍ଟ କରି ରଖିବା ସହ ସେମାନଙ୍କ ଆକାଉଣ୍ଟରୁ ସାଢ଼େ ୧୪ କୋଟି ଟଙ୍କା ଲୁଟି ନେଇଛନ୍ତି। ଏହି ଚାଞ୍ଚଲ୍ୟକର ଘଟଣାଟି ଦକ୍ଷିଣ ଦିଲ୍ଲୀର ଗ୍ରେଟର କୈଳାସ ଅଞ୍ଚଳରେ ଘଟିଛି। ଏନେଇ ଉକ୍ତ ଦମ୍ପତି ପୁଲିସ୍‌ରେ ଅଭିଯୋଗ କରିବା ସହ ଖୁବ୍‌ଶୀଘ୍ର ଟଙ୍କା ଫେରିପାଇବା ନେଇ ଆଶାବାଦୀ ଅଛନ୍ତି।

ମିଳିଥିବା ସୂଚନାନୁସାରେ, ଗ୍ରେଟର କୈଳାସ-୨ରେ ରହୁଥିବା ୭୭ ବର୍ଷୀୟ ଏନଆରଆଇ ମହିଳା ଇନ୍ଦ୍ରା ତନେଜା ଓ ତାଙ୍କ ସ୍ୱାମୀ ଓମ୍। ଉକ୍ତ ସାଇବର୍ ଠକମାନେ ସେମାନଙ୍କୁ ଗତବର୍ଷ ଡିସେମ୍ବର ୨୪ ତାରିଖରେ ଟ୍ରାଇ ଓ ଇଡି ଅଧିକାରୀ ଭାବେ ପରିଚୟ ଦେଇ ଫସାଇଥିଲେ। ପୃଷ୍ଠା-୬

## ପ୍ରଶ୍ନପତ୍ର ଲିକ୍ ରୋକିବାକୁ ଏଆଇ କ୍ୟାମେରା ସହାୟତା

**୨୧୧ ପରୀକ୍ଷା ହବ୍‌ରେ ଲାଗିବ ବିନା ଇଣ୍ଟରନେଟ୍‌ରେ ଚାଲିବ**

**ଭୁବନେଶ୍ୱର,୧୨।୧(ସଂଚାର ବ୍ୟୁରୋ):** ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ଲିକ୍ ରାଜ୍ୟରେ ସବୁବେଳେ କର୍ତ୍ତୃପକ୍ଷଙ୍କ ସକାଶେ ମୁଣ୍ଡବ୍ୟଥାର କାରଣ ହୋଇଆସିଥିବା ବେଳେ ଏହାକୁ ରୋକିବା ସକାଶେ ଆଗାମୀ ଦିନରେ ଏଆଇ କ୍ୟାମେରାର ସହାୟତା ନିଆଯିବ। ଉଭୟ ପରୀକ୍ଷାର୍ଥୀ ଓ ପର୍ଯ୍ୟବେକ୍ଷକଙ୍କ ଉପରେ ଏହି କ୍ୟାମେରା ମାଧ୍ୟମରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ଏଚ୍‌ଏସ୍‌ଇସି) ପକ୍ଷରୁ ନଜର ରଖାଯିବ। ଆଗାମୀ ଦିନରେ ରାଜ୍ୟର ୨୧୧ଟି ପରୀକ୍ଷା ହବ୍‌ରେ ଏହି କ୍ୟାମେରା ଲଗାଯିବ ଓ ଏହାକୁ ପରିଷଦ ପକ୍ଷରୁ ନିୟନ୍ତ୍ରଣ କରାଯିବ। ସେହିପରି ଏହି ପୃଷ୍ଠା-୬






# ଆଞ୍ଚଳିକ ଦଳ ପ୍ରତି ଜେନ୍ ଜେଡ୍ ବିମୁଖ

- ଅନୁକୂଳ ବୈଠକକୁ ଆସିଲେନି ଅନେକ
- ସୋଫିଆ ଧରିଲେ ମଙ୍ଗ




**ଭୁବନେଶ୍ୱର,୧୨।୧(ସଂଚାର ବ୍ୟୁରୋ):** ଜାତୀୟ ଯୁବ ଦିବସରେ ରାଜ୍ୟର ଯୁବ ଗୋଷ୍ଠୀ (ଜେନ୍ ଜେଡ୍)ଙ୍କୁ ନେଇ ନୂଆ ଦଳର ମୂଳଦୁଆ ପକାଇବା ପାଇଁ ବରିଷ୍ଠ ନେତା ମହମ୍ମଦ ମୋକିମ ଯେଉଁ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ, ସେଥିପ୍ରତି ରାଜ୍ୟର ଜେନ୍ ଜେଡ୍‌ମାନେ ବିମୁଖ ଥିବା ପରିଲକ୍ଷିତ ହୋଇଛି। ଦଳୀୟ ଚାପ ହେଉ କିମ୍ବା ଅନ୍ୟ କୌଣସି କାରଣ ହେଉ ଆମନ୍ତ୍ରିତ ବହୁ ଯୁବ ନେତା ଆଜିର ବୈଠକରୁ ଦୂରେଇ ରହିଥିବା ବେଳେ ମୋକିମଙ୍କ କନ୍ୟା ତଥା କଂଗ୍ରେସ ନେତ୍ରୀ ସୋଫିଆ କିନ୍ତୁ ବୈଠକର ମଙ୍ଗ ଧରିଥିଲେ। ରାଜ୍ୟରେ ଦୀର୍ଘଦିନ ଧରି ନୂଆ ରାଜନୈତିକ ଦଳ ଗଠନ ନେଇ ଚର୍ଚ୍ଚା ଚାଲିଥିବା ବେଳେ ଦଳ ଗଠନର ମଙ୍ଗୁଆଳ କୁହାଯାଉଥିବା ମହମ୍ମଦ ମୋକିମ ଆଜି ଏନେଇ ଏକ ବୈଠକ ଡାକିଥିଲେ।

ରାଜ୍ୟର ସବୁ ଦଳର ଯୁବ ନେତାଙ୍କୁ ଏଠାକୁ ନିମନ୍ତ୍ରଣ କରାଯାଇଥିଲା। ଯୁବ ମନ୍ତ୍ରୀ, ଯୁବ ବିଧାୟକ, ପୂର୍ବତନ ଯୁବ ବିଧାୟକଙ୍କ ସମେତ ସବୁ ରାଜନୈତିକ ଯୁବ ନେତାଙ୍କୁ ମୋକିମ ନିମନ୍ତ୍ରଣ କରିଥିଲେ। ଆଶା କରାଯାଉଥିଲା ଯୁବ ଦିବସରେ ଯୁବ ନେତାମାନେ ଏକାଠି ହୋଇ ବଡ଼ ନିଷ୍ପତ୍ତି ସଂକ୍ରାନ୍ତରେ ନିଜର ମତ ପୃଷ୍ଠା-୬

# ଜିଲ୍ଲାମହୋତ୍ସବ, ପଲ୍ଲିଶ୍ରୀ ମେଳା ଓ ଆତ୍ମନିର୍ଭର ଭାରତ ସ୍ୱଦେଶୀ ମେଳା ଉଦ୍‌ଘାଟିତ




**କେନ୍ଦ୍ରାପଡ଼ା,୧୨।୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ସ୍ୱଂଶାସିତ ମହାବିଦ୍ୟାଳୟ ଠାରେ ଜିଲ୍ଲା ମହୋତ୍ସବ ପଲ୍ଲିଶ୍ରୀ ମେଳା ଏବଂ ଆତ୍ମନିର୍ଭର ଭାରତ ସ୍ୱଦେଶୀ ମେଳା ଉଦ୍‌ଘାଟିତ ହୋଇଯାଇଛି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରାପଡ଼ା ବିଧାୟକ ଦୁର୍ଗା ପ୍ରସନ ନାୟକ, କେନ୍ଦ୍ରାପଡ଼ା ସାଂସଦଙ୍କ ପ୍ରତିନିଧି ଶଶାଙ୍କ ସେଠୀ, ଜିଲ୍ଲାପାଳ ରଘୁରାମ ଆର ଆୟର, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ନବକୃଷ୍ଣ ଜେନା, ମଂଚାସୀନ ଥିବା ବେଳେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ମନ୍ତ୍ରୀ ଶ୍ରୀ ପାତ୍ର ତାଙ୍କ ବକ୍ତବ୍ୟରେ ଅପେରସନ ସିନ୍ଦୁର, ଆତ୍ମ ନିର୍ଭର ଭାରତ, ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର, ନାରୀମାନେ ସ୍ୱାବଲମ୍ବି ହେଲେ ଦେଶ ଆଗେଇବ ବୋଲି କହିଛନ୍ତି। ଜନସାଧାରଣ ବହୁତ ମାତ୍ରାରେ ଆସି ଜିଲ୍ଲା ମହୋତ୍ସବ, ପଲ୍ଲିଶ୍ରୀ ମେଳାକୁ ଉପଭୋଗ କରିବାକୁ ମନ୍ତ୍ରୀ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ଏହା ଛଡା ଆଜିର କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ଜିଲ୍ଲାପାଇଁ ଗୌରବ ଆଣିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧନା କରିଥିଲେ। ଏତତବ୍ୟତୀତ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।

# ରାତିଅଧରେ ହେଉଛି ବାଲି ଲୁଟ୍

**ଡେରାବିଶ,୧୨।୧ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ୍ ଅଞ୍ଚଳ ଦେଇ ବହିଯାଇଥିବା ଲୁଣା ଓ ବିରୂପା ନଦୀରେ ପ୍ରଚୁର ପରିମାଣରେ ମଧୁର ବାଲି ମହଜୁଦ୍ ରହିଛି । ସରକାରଙ୍କ ପକ୍ଷରୁ ଘାଟ ନିଲାମ ହୋଇନଥିବା ଯୋଗୁଁ ଏହି ବାଲି ଉପରେ ମାଫିଆଙ୍କ ଲୋଲୁପ ଦୃଷ୍ଟି ସବୁବେଳେ ରହିଛି। ପ୍ରଶାସନ ଯେତେ ଚଢ଼ଉ କଲେ ମଧ ବାଲି ମାଫିଆ କିଛି ସରକାରୀ ବାବୁଙ୍କୁ ହାତ କରି ମୋଟା ଅଙ୍କର ହାତଗୁଞ୍ଜା ଦେଇ ରାତି ଅଧରେ ଲୁଟ୍ କରିବାରେ ଲାଗିଛନ୍ତି।

କିଛିଦିନ ତଳେ ଡେରାବିଶ ବ୍ଲକ୍‌ର ଆବାସ ହିତାଧିକାରୀଙ୍କ ନିମନ୍ତେ ବାଲି ବିନା ରୟାଲିଟିରେ ଯୋଗାଇ ଦେବାକୁ ଡେରାବିଶ ବିଡିଓ କେନ୍ଦ୍ରାପଡ଼ା ଜିଲ୍ଲା ଖଣି ଅଧିକାରୀ ଚିଠି ମାଧ୍ୟମରେ ଜଣାଇଥିଲେ । ବିଭାଗ ପକ୍ଷରୁ ଏହି ଦୁଇଟି ନଦୀରେ ରହିଥିବା ବିଭିନ୍ନ ଘାଟକୁ ସରକାରୀ ଭାବେ ନିଲାମ କରାଯାଇନାହିଁ। ଏପଟେ ଡେରାବିଶ ବ୍ଲକ୍ ଅଞ୍ଚଳ ସମେତ ସମଗ୍ର କେନ୍ଦ୍ରାପଡ଼ା ଜିଲ୍ଲାରେ ସରକାରୀ ଓ ବେସରକାରୀ କୋଠାବାଡ଼ି ଓ ରାସ୍ତାଘାଟର ନିର୍ମାଣ ଜୋରସୋର ଚାଲିଛି। ଯେଉଁଥିପାଇଁ ମଧୁର ବାଲିର ପ୍ରଚୁର ଆବଶ୍ୟକତା ଦେଖାଦେଉଛି । ବାଲିର ପ୍ରଚୁର ଆବଶ୍ୟକତା ବାଲି ମାଫିଆଙ୍କୁ ସୁହାଇଥିବାବେଳେ ସେମାନେ ସରକାରୀ ବାବୁଙ୍କୁ ମୋଟା ଅଙ୍କର ହାତଗୁଞ୍ଜା ଦେଇ ବିଳମ୍ବିତ ରାତିରେ ଜେସିବି ଓ ହାଇୱା ଦ୍ୱାରା ବାଲି ଲୁଟ୍ କରୁଛନ୍ତି।



ଖଣି ବିଭାଗ-ବାଲି ମାଫିଆଙ୍କ ଚୋର ପୁଲିସ ଖେଳ

ଅପରପକ୍ଷେ ଖଣି ବିଭାଗ ତହସିଲ ଓ ପୁଲିସ ପ୍ରଶାସନ ଲୋକଦେଖାଣିଆ ଚୋର ପୁଲିସ ଖେଳ ଜାରି ରଖିଛି। ହେଲେ ସେମାନଙ୍କ ନାକ ତଳେ ବାଲି ମାଫିଆ ଲୁଣା ଓ ବିରୂପା ଦାନପୁର, ଅରତାମୂଳ ନଦୀର ଘାଟରୁ ଲୁଟ୍ କରିଚାଲିଛନ୍ତି। ଫଳରେ ମାଫିଆମାନେ ଅହେତୁକ ଦରରେ ଲୋକଙ୍କୁ ଚୋରା ବାଲି ବିକ୍ରି କରୁଛନ୍ତି । ବାଲି ଦର ବୃଦ୍ଧି ହେବା ଯୋଗୁ ସାଧାରଣ ଲୋକ ସେମାନଙ୍କୁ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଇଥିବା ସରକାରୀ ଆବାସ ନିର୍ମାଣ କରିବା କଷ୍ଟସାଧ ହୋଇପଡୁଛି।

## ଚିତ୍ତରଞ୍ଜନଙ୍କୁ ୟୁଥ୍ କନକ୍ଲେଭ ସମ୍ମାନ



**ମହାକାଳପଡ଼ା,୧୨।୧(ସଂଚାର ବ୍ୟୁରୋ):** ବିଶ୍ୱ ବିଜୟୀ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ତଥା ଜାତୀୟ ଯୁବ ଦିବସ ଅବସରରେ ମହାକାଳପଡ଼ାର ନିର୍ବାଚନ ମଣ୍ଡଳୀର ଯୁବନେତା, ଯୁବକମାନଙ୍କ ପାଇଁ ପ୍ରେରଣାର ଉତ୍ସ, ଯୁବ ଆଇକନ୍‌ବାଦୀ ତଥା ଓଡ଼ିଶା ଯାଦବ ମହାସଭାର ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ଦାସ ଙ୍କୁ ୟୁଥ୍ କନକ୍ଲେଭ ସମ୍ମାନରେ ସମ୍ମାନିତ କରାଯାଇଛି। ଯୁବଶକ୍ତିଙ୍କୁ ଆତ୍ମନିର୍ଭରଶୀଳ ପାଇଁ ଚିତ୍ତରଞ୍ଜନ ନିରନ୍ତର ପ୍ରୟାସ କରି ଆସୁଛନ୍ତି। କେବଳ ସେତିକି ନୁହେଁ ଅଞ୍ଚଳରେ ଯୁବକମାନଙ୍କୁ ଏକତ୍ରିତ କରାଇ ଜନମଙ୍ଗଳ କାର୍ଯ୍ୟ ଯଥା ରକ୍ତଦାନ ମହୋତ୍ସବ ଆୟୋଜନ, ମେଡିକାଲ୍ ସହାୟତା ଆଦି କାର୍ଯ୍ୟ ସେ ନିରନ୍ତର ଭାବେ କରାଇ ଆସୁଛନ୍ତି। ତାଙ୍କର ଏହି ନିଃସ୍ୱାର୍ଥପର ସେବା ମନୋଭାବକୁ ସମ୍ମାନ ଜଣାଇ କ୍ରାନ୍ତିକାରୀ ଫାଉଣ୍ଡେସନ ପକ୍ଷରୁ ଭୁବନେଶ୍ୱର ଜୟଦେବ ଭବନ ଠାରେ ତାଙ୍କୁ ସମ୍ମାନିତ କରାଯାଇଛି।

## ରଙ୍ଗ କାମକୁ ମାସ କେଇଟା ଗଲାନି

# ବ୍ଲକ୍ କାନ୍ଥରୁ ଖୋଲପା ଛାଡୁଛି

**ମହାକାଳପଡ଼ା,୧୨।୧ (ସଂଚାର ବ୍ୟୁରୋ):** ସମସ୍ତଙ୍କ ଆକର୍ଷଣ ଓ ବ୍ଲକ୍ ପରିସରର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ବିଡ଼ିଓଙ୍କ ସାମ୍ନା କାନ୍ଥରେ ଅଙ୍କା

### ମାଗଣା କରିଥିଲା କି ପ୍ରଶାସନ?

ହୋଇଥିଲା ଜଙ୍ଗଲ, ନଦୀ, ଚେଙ୍ଗ୍ରା, କଇଁଛ ଓ କୁମ୍ଭୀର ମାନଙ୍କର ରଙ୍ଗିନ ଚିତ୍ର। ହେଲେ ମାସ କେଇଟା ଗଲାନି କାନ୍ଥରେ ଅଙ୍କା ଯାଇଥିବା ରଙ୍ଗିନ ଚିତ୍ର ଏବେ ଖୋଲପା ଛାଡ଼ିବା ଚେରଙ୍ଗ ହେବାରେ ଲାଗିଛି। କେବଳ ଖୋଲପା ଛାଡୁଛି ତାହା ନୁହେଁ ବରଂ କାନ୍ଥର ପ୍ଲାଷ୍ଟର ମଧ୍ୟ ଝଡ଼ିପଡୁଛି। ଖୋଦ୍ ବ୍ଲକ୍ କାର୍ଯ୍ୟାଳୟରେ ଏମିତି ଦୃଶ୍ୟ ଦେଖିଲା ପରେ ବ୍ଲକ୍‌କୁ ଆସୁଥିବା ଜନସାଧାରଣ ଚକିତ ହେଉଛନ୍ତି। ଏମିତି ଏକ ବିରଳ ଓ ବିସ୍ମୟକର ଦୃଶ୍ୟ କେନ୍ଦ୍ରାପଡ଼ା ଜିଲ୍ଲା ଅନ୍ତର୍ଗତ ମହାକାଳପଡ଼ା ବ୍ଲକ୍ ପରିସରରେ ଦେଖିବାକୁ ମିଳିଛି। ଯାହା ଦେଖିବା ପରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନା ଥାଉକି ରଙ୍ଗମରା ହୋଇଥିବା ଏହି ଗୃହଟି ବହୁତ ଦିନ ଧରି ଅବ୍ୟବହୃତ ଅବସ୍ଥାରେ ପଡ଼ି ରହିଥିଲା। ଏବେ ତାହାକୁ ମରାମତି କରାଇ ସେଠାରେ ଏକ ପାର୍ଶ୍ୱରେ ମିଶନ ଶକ୍ତି କାଫେ ଓ ଅନ୍ୟ ପାର୍ଶ୍ୱରେ ପଞ୍ଚାୟତ ପ୍ରତିନିଧିମାନଙ୍କ ପାଇଁ ବିଶ୍ରାମ ଗୃହ କାର୍ଯ୍ୟକ୍ଷମ ହୋଇଛି। ହେଲେ ପୁରୁଣା କାନ୍ଥ ଉପରେ ନୂଆ ରଙ୍ଗ ମାରିବାରୁ ତାହା ଏବେ ସବୁ ଅଙ୍କକୁ ପଦାକୁ ଆଣିଛି। ଏଠି ପ୍ରଶ୍ନ ବ୍ଲକ୍ ପରିସରରେ ଏଥିପାଇଁ କାହାରି ନଜର ପଡୁନି ନା ଦେଖିକି ସମସ୍ତେ ନିରବ ପାଳିଛନ୍ତି?



କରାଯାଇଥିବା ରଙ୍ଗ କାର୍ଯ୍ୟ ପାଇଁ ବ୍ଲକ୍ ପ୍ରଶାସନ ତରଫରୁ କିଛି ଆର୍ଥିକ ବିନିଯୋଗ କରାଯାଇଛି ନା ବିନା ମୂଲ୍ୟରେ ଏ କାମ ହୋଇଛି? ଖବର ପ୍ରକାଶ ପରେ ବ୍ଲକ୍ ପ୍ରଶାସନ ଏହାକୁ କେତେ ଗୁରୁତର ସହିତ ନେଉଛି ତାହା ଦେଖିବାକୁ ବାକି ରହିଲା।

## ରାଜନଗରରେ 'ବନ୍ଦେ ମାତରମ' କାର୍ଯ୍ୟକ୍ରମ



**ରାଜନଗର,୧୨।୧ (ସଂଚାର ବ୍ୟୁରୋ):** ରାଜନଗରସ୍ଥିତ ଶୈଳେନ୍ଦ୍ର ନାରାୟଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଜାତୀୟ ବନ୍ଦେ ମାତରମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷା ଅଧିକାରୀ ମନୋରଞ୍ଜନ ସେଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ବନ୍ଦେ ମାତରମ ଆମ ଜାତୀୟତାର ପ୍ରତୀକ, ଆମେ ବିଦେଶୀ ଜିନିଷ ପରିବର୍ତ୍ତେ ସ୍ୱଦେଶୀ ଜ୍ଞାନ କୌଶଳ ଦ୍ୱାରା ନିର୍ମିତ ଜିନିଷକୁ ପ୍ରାଧାନ୍ୟ ଦେବାକୁ ଛାତ୍ରୀଛାତ୍ରଙ୍କୁ ଅନୁପ୍ରାଣିତ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଶାନ୍ତ କୁମାର ସେଠୀ ଓ ସମସ୍ତ ଗୁରୁମା ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସେହିପରି ରାଜନଗର ସରକାରୀ ହାଇସ୍କୁଲ ଆଦର୍ଶ ବିଦ୍ୟାଳୟ ପରିସରରେ ବନ୍ଦେ ମାତରମ କାର୍ଯ୍ୟକ୍ରମରେ ବିଡ଼ିଓ ତିଳତୋମା ପୃଷ୍ଟି ଯୋଗଦେଇ ଜାତୀୟ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଧାନ ଶିକ୍ଷକ ଜ୍ଞାନ ରଞ୍ଜନ ଥାଟୋଇ ଓ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଅଂଶ ଗ୍ରହଣ କରିଥିଲେ। ଛାତ୍ରୀଛାତ୍ରଙ୍କୁ ଏହି ଅବସରରେ ସଂକଳ୍ପ ପତ୍ର ପାଠ କରାଯାଇଥିଲା।

## ସାଂସଦ ବୈଜୟନ୍ତ ପଣ୍ଡାଙ୍କ ଜନ୍ମ ଦିନରେ ସମୂହ ଦୀପଦାନ



**ପଟ୍ଟାମୁଣ୍ଡାଇ,୧୨।୧(ସଂଚାର ବ୍ୟୁରୋ):** ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ଉପାଧକ୍ଷ, ଆସାମ ପ୍ରଭାରୀ ତଥା କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡାଙ୍କ ୬୩ ତମ ଜନ୍ମ ଦିନ ଅବସରରେ ବିଜେପି କର୍ମକର୍ତ୍ତାମାନେ ତାଙ୍କର ଦୀର୍ଘ ନିରାମୟ ଜୀବନ କାମନା କରି ପଟ୍ଟାମୁଣ୍ଡାଇ ଶ୍ରୀରାମ ମନ୍ଦିର ରେ ସମୂହ ଦୀପ ଦାନ କରିଥିଲେ । ଏଥିରେ ବିଜେପି ଯୁବନେତା ସୁଶୀଲ କୁମାର ପରିଡା,ମିଟୁ ମନୋଜ ନାୟକ, ଆଡ଼ଭୋକେଟ ଭାରତ ଭୂଷଣ ଦାସ, ଗିରିଜା ଶଙ୍କର ସାମଲପରେଶ ସାହୁ,ସମିର ପାତ୍ର, ଅନିଲରାୟ,ରବୀନ୍ଦ୍ର ବିଶ୍ୱାଳ ପଦନ ସେଠୀ,ପ୍ରମୋଦ କୁମାର ଦାସ ପ୍ରମୁଖ ବହୁ ବିଜେପି କର୍ମକର୍ତ୍ତା ସାମିଲ ହୋଇ ସମୂହ ଦୀପ ଦାନ କରିଥିଲେ ।

# ୧୨ ଏକର କାଜୁ ଜଙ୍ଗଲରୁ ଜବରଦଖଲ ଉଚ୍ଛେଦ କଲା ପ୍ରଶାସନ



**ମହାକାଳପଡ଼ା,୧୨।୧ (ସଂଚାର ବ୍ୟୁରୋ):** ମହାକାଳପଡ଼ା ତହସିଲ ଅନ୍ତର୍ଗତ ବରଜ–ବାହାକୁଦ ଅଞ୍ଚଳର ୧୨ ଏକର କାଜୁ ଜଙ୍ଗଲରେ କାଜୁ ଗଛ କାଟି ବାଡ ବୁଲାଇ ଜବରଦଖଲ କରାଯାଇଥିବା ଜମିକୁ ଆଜି ପ୍ରଶାସନ ତରଫରୁ ଉଚ୍ଛେଦ କରାଯାଇଛି। ଗତ ଏକ ବର୍ଷରୁ ଅଧିକ ସମୟ ଧରି ଏହି କାଜୁ ଜଙ୍ଗଲ ଜମିରେ ବାଡ ପୋତି ପନିପରିବା ଚାଷ କରାଯାଉଥିଲା।କେବଳ ବରଜ–ବାହାକୁଦ ନୁହେଁ, ରାମନଗର ଅଞ୍ଚଳର ବିଭିନ୍ନ ସ୍ଥାନରେ ମଧ ଜଙ୍ଗଲ ଜମିରେ ବାଡ ପୋତି ଜବରଦଖଲ କରାଯାଇଥିବା ଦୃଶ୍ୟ ସାମ୍ନାକୁ ଆସିଛି। ୧୨ ଏକର କାଜୁ ଜଙ୍ଗଲରେ ଅବୈଧ ଭାବେ ପନିପରିବା ଚାଷ କରୁଥିବା ବ୍ୟକ୍ତିଙ୍କୁ ମହାକାଳପଡ଼ା ତହସିଲ ପକ୍ଷରୁ ଦୁଇଥର ନୋଟିସ ଦିଆଯାଇଥିଲେ ମଧ ସେ ତହସିଲ କାର୍ଯ୍ୟାଳୟରେ ଉପସ୍ଥିତ ହୋଇନଥିଲେ। ଏହାପରେ ଆଜି ଜିଲ୍ଲା ପ୍ରଶାସନ, ବନ ବିଭାଗ ଓ ସାମୁଦ୍ରିକ ଥାନା ଜମ୍ମୁ ପୁଲିସର ସହଯୋଗରେ ସେହି ଅବୈଧ ଦଖଲ ହୋଇଥିବା ଜମିକୁ ଉଚ୍ଛେଦ କରାଯାଇଛି। ଆଗାମୀ ଦିନରେ ଜଙ୍ଗଲ ଓ ସରକାରୀ ଜମିରେ ଯେକୌଣସି ପ୍ରକାର ଜବରଦଖଲ ଜନିତ ଖବର ସାମ୍ନାକୁ ଆସିବ ତାହା ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମହାକାଳପଡ଼ାର ଅତିରିକ୍ତ ତହସିଲଦାର ପ୍ରଭଞ୍ଜନ ମିଶ୍ର କହିଛନ୍ତି।

## ବିଦ୍ୟୁତ ବିଭାଗର ଧର୍ମକୁ ଆଖିଠାର

# ଚାଷୀ ହରାଉଛନ୍ତି ଜୀବନ ଜୀବିକା

**ମାର୍ଶାଘାଇ,୧୨।୧(ସଂଚାର ବ୍ୟୁରୋ):** କୃଷକ ପାଇଁ ମରଣଯନ୍ତା ବସାଇଛି ଟାଟା ପାୱାର। ଚାଷୀଟିଏ ଖରା ବର୍ଷାରେ ନିଜ ରକ୍ତକୁ ପାଣି କରି ତାର ମାଟିର କ୍ଷେତରେ ସୁନାର ଫସଲ ଫଳେଇ ଥାଏ କେବଳ ସାରା ଦେଶକୁ ଆହାର ଦେବାପାଇଁ। ଚାଷ ଅଛି ଯାହାର କେତେ ଆନନ୍ଦ ତାହାର, ଚାଷୀ ଯୋଗାଉଛି ଦୁନିଆକୁ ଆହାର କିନ୍ତୁ ବାସ୍ତବରେ ସତ ହେଉଛି ଚାଷ ଅଛି ଯାହାର ଜୀବନ ଯାଉଛି କୃଷକର। ରାଜ୍ୟର ବିଦ୍ୟୁତ ବିତରଣ ଘରୋଇ କମ୍ପାନୀ ଟିପିସିଓଡ଼ିଏଲ ବା ଟାଟା ପାୱାର ଜୁଲମ କରି ସ୍ମାର୍ଟ ମିଟର ବସାଇବା ପରେ ବର୍ତ୍ତମାନ ଚାଷ କ୍ଷେତରେ ବିଛାଇଛି ମରଣଯନ୍ତା। ଯାହାଦ୍ୱାରା ଚାଷୀ ମାନଙ୍କ ଜୀବନ ଏବେ ସଂକଟରେ।

ପୂର୍ବରୁ ଅନେକ ଚାଷୀମାନେ ଏହି ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଦୟନୀୟ ଅବସ୍ଥାରେ ମୃତ୍ୟୁ ବରଣ କରିଛନ୍ତି। ତଥାପି ଟିପିସିଓଡିଏଲ, ଟାଟା ପାୱର ମନ ବୁଝୁନି ନିଜର ବିଦ୍ୟୁତ ବିତରଣ ବେପାରରେ ଆହୁରି ମୁନଫା ବଢେଇବା ପାଇଁ ଉପୋଭୋକ୍ତାଙ୍କ ସହ ଚାଷୀଙ୍କ ଜୀବନ ଲୁଟିବାରେ ପଛ ଘୁଞ୍ଚା ଦେଉ ନାହିଁ। ପୂର୍ବରୁ ବିଦ୍ୟୁତ ସଂଯୋଗ ଥିଲା ଏକ ସେବା କିନ୍ତୁ ଆଜିର ଦିନରେ ଟାଟା କମ୍ପାନୀ ସେବାକୁ ବେପାରରେ ପରିଣତ କରିଦେଇଛି ଯାହା ଦ୍ୱାରା ଅଞ୍ଚଳବାସୀଙ୍କ ଜୀବନ ନେଉଛି ଟାଟା ପାୱର।



କେନ୍ଦ୍ରାପଡା ଜିଲ୍ଲାର ମାର୍ଶାଘାଇ ବିଦ୍ୟୁତ ବିତରଣ ଦାୟିତ୍ୱରେ ଥିବା କୁଆଁରପାଳ ଗ୍ରାମର ଜଗନ୍ନାଥ ମନ୍ଦିର ପାଖରେ ଥିବା ଧାନ ବିଲ ମଝି ଦେଇ ଲୁଣା ସବଷ୍ଟେସନରୁ ବେଡ଼ାରୀ ଯାଇଥିବା ୩୩ କେଭିର ବିଦ୍ୟୁତ ସିମେଣ୍ଟ ଖୁଣ୍ଟ ମୂଳରୁ ଫାଟି ମେଳା ହୋଇ ରହିଛି କିନ୍ତୁ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ନଦେଇ ଶୀତ ତାପ ନିୟନ୍ତ୍ରିତ କୋଠରୀ ରେ ବସି ଗରମ ନେଉଛନ୍ତି ମଉଜ କରୁଛନ୍ତି।

ପ୍ରଶ୍ନ ଉଠୁଛି କେନ୍ଦ୍ର ସରକାର ଓ ରାଜ୍ୟ ସରାକର କୋଟି କୋଟି ଟଙ୍କାର ବିନିଯୋଗ କାହାର ସ୍ୱାର୍ଥରେ। ଜଦି ବିଦ୍ୟୁତ ଖୁଣ୍ଟଟି କ୍ଷେତରେ ଭାଙ୍ଗି ପଡେ ତାହାଲେ ସମ୍ପୂର୍ଣ୍ଣ ହଜାର ହାଜର ଏକର ଅମଳ ହେବାକୁ ଥିବା ଧାନ ଚାଷ ନିଆଁ ଲାଗି ଜଳିଯିବା ସହ ଅନେକ ଚାଷୀଙ୍କ ଜୀବନ ଯିବାରେ ଯଥେଷ୍ଟ ସମ୍ଭବନା ରହିଛି ଏଥିପ୍ରତି ରାଜ୍ୟ ସରାକର ଏବଂ ବିଭଗୀୟ ଅଧିକାରୀ ଦୃଷ୍ଟି ଦେବାର ଆବଶ୍ୟକତା ରହିଛି।



କେନ୍ଦ୍ରାପଡା କଲେଜର ୧୯୮୦-୮୪ ବ୍ୟାଚର 'ସ୍ମୃତି ଓ ସମ୍ପର୍କ' ବନ୍ଧୁ ମିଳନ ଗତକାଲି ଜାତୀୟ ରାଜପଥର ଗୋପଛକ, କମଳ ଭବନରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟର ବିଭିନ୍ନ ପ୍ରାନ୍ତରେ ରହୁଥିବା ଶତାଧିକ ପୂରାତନ ଛାତ୍ରଛାତ୍ରୀ ଏଥିରେ ଯୋଗଦେଇଥିଲେ। ପ୍ରତିବର୍ଷ ଜାନୁଆରୀ ଦ୍ୱିତୀୟ ସପ୍ତାହରେ ଏହି ବନ୍ଧୁ ମିଳନ ଅନୁଷ୍ଠିତ ହୋଇଥାଏ।

## ବାରଡାଙ୍ଗ କୃଷି ସମବାୟ ସମିତିରେ ଧାନ କ୍ରୟ ମଣ୍ଡି ଉଦ୍‌ଘାଟିତ

**ମହାକାଳପଡ଼ା,୧୨।୧(ସଂଚାର ବ୍ୟୁରୋ):** ଚଳିତ ଖରିଫ ବର୍ଷ ୨୦୨୫–୨୬ ପାଇଁ ଆଜି ବାରଡାଙ୍ଗ କୃଷି ସମବାୟ ସମିତି ଲିଃ ପକ୍ଷରୁ ଅନୁଷ୍ଠାନିକ ଭାବେ ଧାନ କ୍ରୟ ମଣ୍ଡି ଉଦଘାଟିତ ହୋଇଯାଇଛି। ଏହି ଅବସରରେ ପୂଜାର୍ଚ୍ଚନା କରି ଚାଷୀମାନଙ୍କ ପାଖରୁ ଧାନ କ୍ରୟ କରାଯାଇଛି। ଆଜିର ଏହି କାର୍ଯ୍ୟକ୍ରମରେ ସମିତିର ସଭାପତି ସୁଶାନ୍ତ କୁମାର ବିଶ୍ୱାଳ, ସମ୍ପାଦକ ଦେବେନ୍ଦ୍ର ସାହୁ, ପରିଚାଳକ ଅକ୍ଷୟ କୁମାର ଦାସ, ଦେବସ୍ମିତା ମହାନ୍ତି, ପ୍ରଭାତ ପରମାଣିକ ଓ ଚାଷୀମାନଙ୍କ ମଧ୍ୟରେ ପ୍ରଫୁଲ୍ଲ ସ୍ୱାଇଁ,ଧିରେନ ସାମଲ, ପିତାମ୍ବର ଜେନା ପ୍ରମୁଖ ଉପସ୍ଥିତ ଥିଲେ।



# ନେମାଳ ମହାପୁରୁଷଙ୍କ ପୀଠରେ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ସମୀକ୍ଷା ବୈଠକ



**ନିଶ୍ଚିନ୍ତକୋଇଲି,୧୨।୧(ସଂଚାର ବ୍ୟୁରୋ):** ମହାପୁରୁଷ ଅଚ୍ୟୁତାନନ୍ଦ ଓ ଗୋପିନାଥଜୀଉଙ୍କ ନୂତନ ମନ୍ଦିର ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ଏକ ସମୀକ୍ଷା ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କଟକ ସାଂସଦ ଶ୍ରୀଯୁକ୍ତ ଭର୍ତ୍ତୃହରି ମହତାବ, କଟକ ସଦର ବିଧାୟକ ଇଂ.ପ୍ରକାଶଚନ୍ଦ୍ର ସେଠୀ, ମାହାଙ୍ଗା ବିଧାୟକ ଶାରଦାପ୍ରସାଦ ପ୍ରଧାନ, ଏଡ଼ିଏମ୍ ପ୍ରଶାନ୍ତ କୁମାର ନାୟକ, ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ନିଶ୍ଚିନ୍ତକୋଇଲି ତହସିଲଦାର ଦମୟନ୍ତୀ ସାହୁ, ନିଶ୍ଚିନ୍ତକୋଇଲି ମଣ୍ଡଳ ଉନ୍ନୟନ ଅଧିକାରୀ ଦ୍ୱିବ୍ୟେନ୍ଦୁ ଦାସ, ନିଶ୍ଚିନ୍ତକୋଇଲି ବ୍ଲକ ଉପାଧକ୍ଷ ନୃସିଂହଚରଣ ମିଶ୍ର ଯୋଗ ଦେଇ ନିର୍ମାଣ କାର୍ଯ୍ୟ ବିଷୟରେ ଠିକାଦାର ଓ କନିଷ୍ଠ ଯନ୍ତ୍ରୀଙ୍କ ସହ ଆଲୋଚନା କରିବା ସହ ଆସନ୍ତା ୨୯ ରିଖ ମହାପୁରୁଷଙ୍କ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ଅନୁଷ୍ଠିତ ହେବାକୁ ଥିବା ଅଷ୍ଟପ୍ରହରୀ କାର୍ଯ୍ୟକ୍ରମ ପୂର୍ବରୁ ମହାପୁରୁଷଙ୍କ ସମ୍ମୁଖ ଭାଗର କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଠିକାଦାର ଓ ବିଭାଗୀୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନିର୍ମାଣ କାର୍ଯ୍ୟ ଠିକାଦାର ସଠିକ ଢଙ୍ଗରେ କରୁନଥିବାରୁ ସ୍ଥାନୀୟ ଅଞ୍ଚଳବାସୀ ସାଂସଦ, ବିଧାୟକ ଓ ଉପସ୍ଥିତ ସମସ୍ତ ପ୍ରଶାସନିକ ଅଧିକାରୀଙ୍କ ନିକଟରେ ନିଜର କ୍ଷୋଭ ପ୍ରକାଶ କରିଥିଲେ। ନିର୍ମାଣ କାର୍ଯ୍ୟକୁ ନେଇ ସରକାରୀ କନିଷ୍ଠ ଯନ୍ତ୍ରୀ ଓ ଠିକାଦାରଙ୍କ ଯନ୍ତ୍ରୀଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିବା ଦେଖିବାକୁ ମିଳିଥିଲା।

## ସାଂସଦଙ୍କ ଜନ୍ମଦିନରେ ମା' ସାହେଶ୍ୱରୀଙ୍କ ପୀଠରେ ଦୀପଦାନ ଓ ପୂଜାର୍ଚ୍ଚନା



**ସାଲେପୁର,୧୨।୧(ସଂଚାର ବ୍ୟୁରୋ):**ଆଜି କେନ୍ଦ୍ରାପଡ଼ା ସାଂସଦ ତଥା ବିଜେପି ରାଷ୍ଟ୍ରୀୟ ଉପାଧକ୍ଷ ବୈଜୟନ୍ତ ପଣ୍ଡାଙ୍କ ୬୩ତମ ଜନ୍ମଜୟନ୍ତୀ ଅବସରରେ ସାଲେପୁର ବିଜେପି ପକ୍ଷରୁ ତାଙ୍କର ଶୁଭକାମନା କରି ମା'ସାହେଶ୍ୱରୀଙ୍କ ପୀଠରେ ସମୂହ ଦୀପଦାନ ଓ ପୂଜାର୍ଚ୍ଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କଟକ ଜିଲ୍ଲା ଗ୍ରାମୀଣ ବିଜେପି ଉପସଭାପତି ଯୁବନେତା ପ୍ରଫୁଲ୍ଲ ସ୍ୱାଇଁଙ୍କ ନେତୃତ୍ୱରେ ଓ ଗ୍ରାମୀଣ ଉପସଭାପତି ହିମାଂଶୁ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବହୁ ବିଜେପି ମହିଳା ଓ ପୁରୁଷ କର୍ମୀ ଯୋଗଦେଇ କେନ୍ଦ୍ରାପଡ଼ା ସାଂସଦଙ୍କ ଶୁଭକାମନା କରି ମା'ସାହେଶ୍ୱରୀଙ୍କ ନିକଟରେ ସାମୁହିକ ଦୀପଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସାଲେପୁର ମଣ୍ଡଳ ସଭାପତି ଅସିତ୍ କୁମାର ମହାନ୍ତି, ବହୁଗ୍ରାମ ମଣ୍ଡଳ ସାଧାରଣ ସମ୍ପାଦକ ଦେବୀପ୍ରସାଦ ଦାଶ, ଯୁବନେତା ଉପେନ୍ଦ୍ର ନାରାୟଣ ଦାଶ, ମନ୍ମଥ ଦାସ, ନିରଞ୍ଜନ ସ୍ୱାଇଁ, କଟକ ଜିଲ୍ଲା ଗ୍ରାମୀଣ ଉପସଭାପତି ତ୍ରିଲୋଚନ ପାତ୍ର, ଅମିତା ସାହାଣୀ, ତାପସ ଜେନାଙ୍କ ସମେତ ବହୁ ମହିଳା ଓ ପୁରୁଷମାନେ ମା'ସାହେଶ୍ୱରୀଙ୍କ ନିକଟରେ ପୂଜାର୍ଚ୍ଚନା କରିଥିଲେ। ସେହିପରି ସାଂସଦ ବୈଜୟନ୍ତ ପଣ୍ଡାଙ୍କ ୬୩ତମ ଜନ୍ମ ଜୟନ୍ତୀ ଅବସରରେ ରାଜ୍ୟ ବିଜେପି କୃଷକ ମୋର୍ଚ୍ଚା ଉପସଭାପତି ସତ୍ୟବାଦୀ ଚଇନିଙ୍କ ନେତୃତ୍ୱରେ ସତ୍ୟଶିବ ସୁନ୍ଦର କର, ଆଲୋକ ଭୂୟାଁ, ସ୍ମୃତିରଞ୍ଜନ ସାହୁ, ଅଜୟ କୁମାର ଜେନା, ବଦ୍ରିନାରାୟଣ ସାହୁ ପ୍ରମୁଖ ଏକତ୍ରିତ ହୋଇ ସାଲେପୁର ମାଛୁଆତିଠାରେ ଥିବା ଜରାନିବାସର ଅନ୍ତେବାସୀଙ୍କୁ ଫଳ ବଣ୍ଟନ କରିଥିଲେ।

# ପତ୍ରପୁର ସମବାୟ ସମିତିରେ ଖୋଲିଲା ଧାନମଣ୍ଡି

**ଆଳି,୧୨।୧(ସଂଚାର ବ୍ୟୁରୋ):** ଆଳି ବ୍ଲକର ପତ୍ରପୁର ସମବାୟ ସମିତି ପକ୍ଷରୁ ସୋମବାର ଦିନ ଧାନମଣ୍ଡି ଖୋଲାଯାଇଛି। ପତ୍ରପୁର ସମବାୟ ସମିତିର ସମ୍ପାଦକ ଅନନ୍ତ ଚରଣ ନାୟକ ନେତୃତ୍ୱରେ ସମବାୟର ସଭାପତି ସୁବ୍ରତ କୁମାର ବେଉରିଆ ମଣ୍ଡି ଉଦଘାଟନ କରିଥିଲେ। ଏହି ଅବସରରେ ରହିଥିଲେ ନୋଡାଲ ଅଫିସର ପୁଷ୍ପଲତା ମହାରଣା ଓ ସମବାୟର ସମସ୍ତ କାର୍ଯ୍ୟରତ ଅଧିକାରୀ, ଚାଷୀମାନେ । ଅନ୍ୟ ପଟେ ମଣ୍ଡିରେ ସୁରକ୍ଷିତ ଭାବେ ଧାନ ବିକ୍ରି କରି ସରକାରୀ ମୂଲ୍ୟ ନେବା ନିମନ୍ତେ ଚାଷୀ ମାନଙ୍କୁ ନିବେଦନ କରିଛନ୍ତି ସଭାପତି ଓ ସଂପାଦକ ।

# କବି କମଳାକାନ୍ତ ଦାସଙ୍କ କବିତା ପୁସ୍ତକ ଲୋକାର୍ପିତ

**କେନ୍ଦ୍ରାପଡ଼ା,୧୨।୧(ସଂଚାର ବ୍ୟୁରୋ):** ସାହିତ୍ୟର ଇତିହାସରେ କେତେକ ପୁସ୍ତକ ଥାଏ, ଯାହା କେବଳ ପଢ଼ାଯାଏ ତାହା ନୁହେଁ ଅନୁଭୂତ କୁହନ୍ତି। ସେହି ଶ୍ରେଣୀରେ ଏକ ଗୁରୁତ୍ୱପୂର୍ଣ୍ଣ ଯୋଗ ହେଉଛି କେନ୍ଦ୍ରାପଡ଼ାରେ ଜନ୍ମ ନେଇଥିବା କବି କମଳାକାନ୍ତ ଦାଶଙ୍କ କବିତା ସଂଗ୍ରହ 'ଅଜ୍ଞାନୀ: ଅଜ୍ଞାତ କେ ଗୀତ' ।

୧୨ତମ କଳିଙ୍ଗ ସାହିତ୍ୟ ଉତ୍ସବ, ଭୁବନେଶ୍ୱରରେ ଏହି ପୁସ୍ତକର ଲୋକାର୍ପଣ ହୋଇଯାଇଛି। 'ଅଜ୍ଞାନୀ: ଅଜ୍ଞାତ କେ ଗୀତ'ର ୫୪ଟି କବିତା ମଧ୍ୟରେ ଉପନିଷଦୀୟ ପ୍ରଶ୍ନ, ଜଗନ୍ନାଥ ଦାସଙ୍କ ଶ୍ରୀମଦ୍ ଭାଗବତ, ଓ ପଞ୍ଚସଖା ସାହିତ୍ୟ ପରମ୍ପରାର ଅନୁସ୍ୱନନ (ଗୁଞ୍ଜନ) ସ୍ପଷ୍ଟ । କିନ୍ତୁ ଏଠାରେ କବି ନିଜକୁ ଗୁରୁ ଭାବେ ପ୍ରତିଷ୍ଠା କରନ୍ତି ନାହିଁ ସେ କେବଳ ଜଣେ ପଥିକ ଯିଏ ପ୍ରଶ୍ନ କରନ୍ତି, ଅଜ୍ଞାନକୁ ସ୍ୱୀକାର କରନ୍ତି ଓ ଖୋଜର ଯାତ୍ରାରେ ପାଠକଙ୍କୁ ସାଥୀ କରନ୍ତି ।



ପୁସ୍ତକ ଲୋକାର୍ପଣ ଅବସରରେ ପ୍ରଖ୍ୟାତ କବି ଓ ପୂର୍ବତନ ଆଇଏଏସ୍ ଅଧିକାରୀ ପ୍ରଫେସର ଦେବଦାସ ଛୋଟରାୟ, ରାଜ୍ୟ ମୁଖ୍ୟ ସୂଚନା ଆୟୁକ୍ତ ମନୋଜ ପରିଡ଼ା, ସୁସ୍ମିତା ଦାସ, ଲିପି ପରିଡ଼ା ଓ ଶୁଭଶ୍ରୀ ଲେଙ୍କାଙ୍କ ଉପସ୍ଥିତି ସାହିତ୍ୟିକ ଗରିମାକୁ ବଢ଼ାଇଥିଲା। ସେହି ମଞ୍ଚରେ କବି କମଳାକାନ୍ତ ଦାଶଙ୍କ କବିତା ପାଠ ଶ୍ରୋତାଙ୍କୁ ନିରବତା ଓ ଆତ୍ମସଂଳାପର ଏକ ଗଭୀର ଅନୁଭୂତି ଦେଇଥିଲା । ହିନ୍ଦୀ, ଓଡ଼ିଆ ଓ ଇଂରାଜୀ ତିନୋଟି ଭାଷାରେ ଆଦିତ୍ୟ ଭାରତ ପବ୍ଲିକେସନ୍ସ, କଟକ ଦ୍ୱାରା ପ୍ରକାଶିତ ଏହି ପୁସ୍ତକ ଆଜିର ଅଶାନ୍ତ ସମୟରେ ପାଠକଙ୍କୁ ଧୀରେ ଧୀରେ ଭିତରକୁ ଦେଖିବାର ସାହସ ଦେଉଛି । 'ଅଜ୍ଞାନୀ: ଅଜ୍ଞାତ କେ ଗୀତ' କବିତାର ଏକ ପୁସ୍ତକ ମାତ୍ର ନୁହେଁ ଏହା ହେଉଛି ତାଙ୍କ ବାପାଙ୍କ ସାଧନା ଓ ପୁଅଙ୍କ ସୃଜନର ଏକ ସଂବେଦନଶୀଳ ସଂଳାପ, ଯେଉଁଠାରେ ଉତ୍ତର ନୁହେଁ ପ୍ରଶ୍ନ ହିଁ ସବୁଠୁ ବଡ଼ ସତ୍ୟ ।

## ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

● ୧୩୭ଟି ଅଭିଯୋଗରୁ ୧୨୫ ବ୍ୟକ୍ତିଗତ, ୧୨ଟି ସାମୂହିକ



**କେନ୍ଦ୍ରାପଡ଼ା,୧୨।୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଆଜିର ଶିବିରରେ ମୋଟ ୧୩୭ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା, ସେଥି ମଧ୍ୟରୁ ୧୨୫ଟି ବ୍ୟକ୍ତିଗତ ଏବଂ ୧୨ ଟି ସାମୁହିକ ଅଭିଯୋଗ ପଞ୍ଜିକୃତ ହୋଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୧୪ ଜଣଙ୍କୁ ୫୨ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ୧୯ଟି ଅଭିଯୋଗ ତୁରନ୍ତ ସମାଧାନ ହୋଇଥିଲା । ପଞ୍ଜିକୃତ ଅଭିଯୋଗ ଗୁଡିକରେ ତୁରନ୍ତ ସମାଧାନ କରିବାକୁ ଜିଲ୍ଲାପାଳ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ପରେ ଜିଲ୍ଲାପାଳ ପୂର୍ବରୁ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ପଞ୍ଜିକୃତ ହୋଇଥିବା ଅଭିଯୋଗ ଗୁଡିକ ସମୀକ୍ଷା କରିଥିଲେ ।

ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳ ରଘୁରାମ ଆର ଆୟର,ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ଜ୍ୟୋତି ରଞ୍ଜନ ଗୌଡ଼ଙ୍କ ସମେତ ବିଡ଼ିଓ ଅଭିଷେକ ସ୍ୱାଇଁ ତହସିଲଦାର କୁଇନି ଜେନା ଏବଂ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଚିଲିକାର ସୁରକ୍ଷା ପାଇଁ ଅଧିକାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର, ୧୨।୧ (ସଂଚାର ବ୍ୟୁରୋ):** ଚିଲିକାର ବିକାଶ ପାଇଁ ଏକ ସମନ୍ୱିତ ଯୋଜନା ପ୍ରସ୍ତୁତ କରାଯାଇଛି। ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ଏକ ବୈଠକରେ ଚିଲିକାର ଉନ୍ନୟନ ସମ୍ପର୍କରେ ଆଲୋଚନା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଚିଲିକା ହେଉଛି ଆମ ଜୈବ ବିବିଧତାର ଏକ ଭଣ୍ଡାର। ତେଣୁ, ଏହାର ସୁରକ୍ଷା ପାଇଁ ସବୁ ପ୍ରକାର ପଦକ୍ଷେପ ନେବା ପାଇଁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଚିଲିକାର ସୁରକ୍ଷା ଓ ପରିବେଶର ଉନ୍ନତି ପାଇଁ ଏକ ସମନ୍ୱିତ ଯୋଜନା ଉପସ୍ଥାପନ କରାଯାଇଥିଲା। ଏହି ଯୋଜନା ଅନୁଯାୟୀ, ଚିଲିକାର ପୁନରୁଦ୍ଧାର ପାଇଁ ଏହାର ମୂହାଣ ଖୋଲାଯିବା, ଚିଲିକାକୁ ସଂଯୋଗ କରୁଥିବା କେତେକ ପାଣି ଚ୍ୟାନେଲର ମଧ ଖନନ କରାଯିବା, ଚିଲିକାର ମୁଖ୍ୟ ପାଣି ଚ୍ୟାନେଲ ସହିତ ବାଲୁଗାଁ ଚ୍ୟାନେଲ, ମଗରମୁଖି ଚ୍ୟାନେଲ ଏବଂ ପାଲୁର ଚ୍ୟାନେଲକୁ ଖୋଲାଯାଇ ମାଟି କଢ଼ାଯିବା ଆଦି ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା।

**ଚିଲିକା ମୂହାଣ ଖନନ, ବିଭିନ୍ନ ପାଣି ଚ୍ୟାନେଲର ଖନନ, ମତ୍ସ୍ୟ ସମ୍ପଦର ଉନ୍ନତିକରଣ, ଦୀର୍ଘସ୍ଥାୟୀ ଭିତ୍ତିଭୂମି ବିକାଶ, ଗବେଷଣା, ପର୍ଯ୍ୟଟନ ପାଇଁ ସ୍ୱତନ୍ତ୍ର ଯୋଜନା କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ**

ଏହାସହିତ, ମତ୍ସ୍ୟସମ୍ପଦର ଉନ୍ନତିକରଣ ପାଇଁ ପ୍ରାୟ ଫିସ୍ ଲ୍ୟାଣ୍ଡିଂ ସେଣ୍ଟର ପ୍ରତିଷ୍ଠା ଏବଂ ଅନ୍ୟାନ୍ୟ ଦୀର୍ଘସ୍ଥାୟୀ ଭିତ୍ତିଭୂମିର ବିକାଶ ଓ ଗବେଷଣା ଉପରେ ମଧ ଗୁରୁତ୍ୱାରୋପ କରାଯାଇଥିଲା। ଏହାଦ୍ୱାରା ଚିଲିକାର ଲବଣାଂଶରେ ସନ୍ତୁଳନ ରହିବା ସହିତ ଏହାର ଜୈବବିବିଧତାରେ ଉନ୍ନତି ଆସିପାରିବ। ଏଥିପାଇଁ ସମୁଦାୟ ୫ ବର୍ଷ ସମୟ ଲାଗିବ। ୨୦୦୦ ମସିହା ପରଠାରୁ ଚିଲିକାର ମୂହାଣ ଆଉ ଖୋଲାଯାଇ ନଥିବାରୁ ଏହା କ୍ରମଶଃ ପୋତି ହୋଇପଡୁଛି, ଯାହାଦ୍ୱାରା ଏହାର ଜୈବସମ୍ପଦ ଧୀରେ ଧୀରେ କମି ଯାଉଛି। ଚିଲିକାର ପୁନରୁଦ୍ଧାର ସହିତ ଏଥିରେ ପର୍ଯ୍ୟଟନର ବିକାଶ ପାଇଁ ଏକ ସ୍ୱତନ୍ତ୍ର ଯୋଜନା କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ଚିଲିକାରେ ପକ୍ଷୀଉତ୍ସବ, ସି-ଫୁଡ ଉତ୍ସବ, ବୋଟ ଫେଷ୍ଟିଭାଲ, ଲାଇଟ ହାଉସ ସ୍ଥାପନ, ଇଣ୍ଟରପ୍ରିଟେସନ୍ ସେଣ୍ଟର ସ୍ଥାପନ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା।

### ଉତ୍କଳ ବିଶ୍ୱବିଦ୍ୟାଳୟରେ ଜାତୀୟ ଯୁବ ଦିବସ ପାଳିତ

# ସ୍ୱାମୀଜୀ ଚାରିତ୍ରିକ ବିକାଶର ମୂଲ୍ୟବୋଧ: ମୁଖ୍ୟମନ୍ତ୍ରୀ




**ଭୁବନେଶ୍ୱର, ୧୨।୧ (ସଂଚାର ବ୍ୟୁରୋ):** ଆଜି ଉତ୍କଳ ବିଶ୍ୱ ବିଦ୍ୟାଳୟ ବାଣୀବିହାର ପରିସରରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ତଥା ଜାତୀୟ ଯୁବ ଦିବସ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ସ୍ୱାମୀଜୀଙ୍କୁ ରାଷ୍ଟ୍ର ନିର୍ମାଣର ଆଧାର ଓ ଚାରିତ୍ରିକ ବିକାଶର ମୂଲ୍ୟବୋଧ ବୋଲି ଦର୍ଶାଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସ୍ୱାମୀ ବିବେକାନନ୍ଦ ଭାରତର ଯୁବ ସମାଜ ପାଇଁ ଅସୀମ ପ୍ରେରଣାର ଉତ୍ସ। ଯୁବବର୍ଗ ପ୍ରତି ତାଙ୍କର ଅତୁଟ ଭରସା ଥିଲା ଓ ସେ ସବୁବେଳେ କହୁଥିଲେ ଯେ ଯୁବ ସମାଜ ହିଁ ଭାରତର ଭାଗ୍ୟ ପରିବର୍ତ୍ତନ କରିପାରିବ। ସ୍ୱାମୀଜୀଙ୍କ ପ୍ରଦତ୍ତ ଶିକ୍ଷା କହିଲେ 'କେବଳ ଯଥାର୍ଥ ଜ୍ଞାନ ଅର୍ଜନ, କିମ୍ବା ପୋଥିଗତ ବିଦ୍ୟା ନୁହେଁ' ବ୍ରହ୍ମଚର୍ଯ୍ୟ, ଶ୍ରଦ୍ଧା, ଶୃଙ୍ଖଳା ଓ ଆତ୍ମବିଶ୍ୱାସକୁ ସେ ଶିକ୍ଷାର ମୂଳମନ୍ତ୍ର ବୋଲି ସେ କହୁଥିଲେ। ପାଶ୍ଚାତ୍ୟ ବିଜ୍ଞାନ ସହ ବେଦାନ୍ତର ସମନ୍ୱୟକୁ ସେ ଗୁରୁତର ଭାବେ ଗ୍ରହଣ କରିଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ ଯୁବ ସଶକ୍ତିକରଣ ପାଇଁ ଶିକ୍ଷା ସହ ସରକାର ବିଭିନ୍ନ ଯୁବ ସେବାମୂଳକ କାର୍ଯ୍ୟକ୍ରମ ଗ୍ରହଣ କରୁଛନ୍ତି। ପ୍ରଶିକ୍ଷଣ, ଦକ୍ଷତା ବୃଦ୍ଧି, ଖେଳକୁଦରେ ଉତ୍କର୍ଷତା ଓ ସାଂସ୍କୃତିକ କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ ପାଇଁ ଅନେକ ଯୋଜନାର ରୂପାୟନ କରାଯାଇଛି। ଆଜି ଓଡ଼ିଶା ଦେଶର 'ଖେଳ ରାଜଧାନୀ' ଭାବେ ପରିଚିତ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି।

କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ ଓଡ଼ିଶାର ଯୁବବର୍ଗ ଆଜି ବିଶ୍ୱ ସ୍ତରରେ ନିଜର ପରାକାଷ୍ଠା ପ୍ରଦର୍ଶନ କରୁଛନ୍ତି ଓ ଭାରତ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା 'ଫିଟ ଇଣ୍ଡିଆ ମିଶନ' ଏବେ ଦେଶବ୍ୟାପୀ ଆନ୍ଦୋଳନରେ ପରିଣତ ହେବା ସହ ପ୍ରତ୍ୟେକ ଭାରତୀୟଙ୍କୁ ସୁସ୍ଥ ଓ ସଫଳ ଜୀବନଶୈଳୀ ନିମନ୍ତେ ଅନୁପ୍ରାଣିତ କରୁଛି।

ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ଡଃ ଯଜ୍ଞେଶ୍ୱର ଦଣ୍ଡପାଟ, ଉଚ୍ଚଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସଚିବ ବିଜୟ କେତନ ଉପାଧ୍ୟାୟ ଉପସ୍ଥିତ ଥିଲେ।

# ପୂର୍ବତନ ଆଇପିଏସ୍‌ଙ୍କ ବିୟୋଗରେ ଶୋକ



**ଭୁବନେଶ୍ୱର,୧୨।୧ (ସଂଚାର ବ୍ୟୁରୋ):** ପୂର୍ବତନ ଆଇପିଏସ୍ ସୁଶୀଲ କୁମାର ପ୍ରଧାନଙ୍କ ବିୟୋଗରେ ସଂଘର ସଦସ୍ୟମାନେ ଶୋକ ପ୍ରକାଶ କରିଛନ୍ତି। କଟକସ୍ଥିତ ରାଜ୍ୟ ପୁଲିସ ମୁଖ୍ୟାଳୟର ସମ୍ମିଳନୀ କକ୍ଷରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧକ୍ଷତାରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଶ୍ରୀ ପ୍ରଧାନଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ଅର୍ପଣ କରାଯିବା ସହ ଅମର ଆତ୍ମାର ସଦ୍‌ଗତି ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା। ଏଥିସହ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ଜ୍ଞାପନ କରାଯାଇଥିଲା।

ଶୋକ ସଭାକୁ ସମ୍ବୋଧନ କରି ଡିଜିପି ଶ୍ରୀ ଖୁରାନିଆ କହିଛନ୍ତି ଯେ ଶ୍ରୀ ପ୍ରଧାନ ଜଣେ ଦକ୍ଷ, କର୍ମଠ ଏବଂ ସମର୍ପିତ ଆଇପିଏସ୍ ଅଧିକାରୀ ଭାବେ ସାରା ରାଜ୍ୟରେ ସୁନାମ ଅର୍ଜନ କରିଥିଲେ। ତାଙ୍କ ବିୟୋଗ ସମାଜ ଓ ପୁଲିସ ବିଭାଗ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ସେ କହିଛନ୍ତି। ସେହିପରି ଡିଜିପି (କ୍ରାଇମବ୍ରାଞ୍ଚ) ବିନୟତୋଷ ମିଶ୍ର ଆଇନ ଓ ଶାସନ ବ୍ୟବସ୍ଥା ପରିଚାଳନାରେ ଶ୍ରୀ ପ୍ରଧାନଙ୍କ ଦକ୍ଷତା ସମ୍ପର୍କରେ ଆଲୋଚନା କରିଥିଲେ। ଆହୁରି ଆଇପିଏସ୍ ସଂଘର ସମ୍ପାଦକ ତଥା ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନିକୀକରଣ) ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀ ତାଙ୍କ ଚାକିରି ଜୀବନ ଉପରେ ଆଲୋକପାତ କରିଥିଲେ।

# 'ବିବେକାନନ୍ଦ ଓ ହିନ୍ଦୁତ୍ୱ' ପୁସ୍ତକ ଉନ୍ମୋଚିତ



**ଭୁବନେଶ୍ୱର,୧୨।୧ (ସଂଚାର ବ୍ୟୁରୋ):** ବିଶିଷ୍ଟ ମାର୍କ୍ସବାଦୀ ବୁଦ୍ଧିଜୀବୀ ଲେଖକ ଜନାର୍ଦ୍ଦନ ପତିଙ୍କ ରଚିତ ଓ ପ୍ରଗତି ପ୍ରକାଶନୀ ପକ୍ଷରୁ ପ୍ରକାଶିତ 'ସ୍ୱାମୀ ବିବେକାନନ୍ଦ ଓ ହିନ୍ଦୁତ୍ୱ' ପୁସ୍ତକ ଆଜି ସ୍ଥାନୀୟ ବୁଦ୍ଧ ମନ୍ଦିର ପ୍ରେକ୍ଷାଳୟରେ ଉନ୍ମୋଚିତ ହୋଇଛି। ବିଶିଷ୍ଟ ଲେଖକ, ମାର୍କ୍ସବାଦୀ ବୁଦ୍ଧିଜୀବୀ ସାହିତ୍ୟିକ ଅଶ୍ୱିନୀ ମିଶ୍ର, ବରିଷ୍ଠ ପତ୍ରକାର ଭାସ୍କର ପରିଚ୍ଛା, ପୂର୍ବତନ ମନ୍ତ୍ରୀ ତଥା ଲେଖକ ପଞ୍ଚାନନ କାନୁନଗୋ, ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଓ ସଭାପତି ତଥା ସିପିଆଇ (ଏମ)ର ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀ ଯୋଗଦେଇ ଏହି ପୁସ୍ତକର ଲୋକାର୍ପଣ କରିବା ସହ ସ୍ୱାମୀ ବିବେକାନନ୍ଦଙ୍କ ଜୀବନ ଦର୍ଶନ ଓ ସାମ୍ପ୍ରତିକ ରାଜନୀତି ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ପ୍ରଗତି ପ୍ରକାଶନୀ ପକ୍ଷରୁ ଉତ୍ସବର ସଂଯୋଜକ ପ୍ରଦୀପ୍ତ ନାୟକ ସ୍ୱାଗତ ଭାଷଣ ଦେଇଥିଲେ।

# ଆର୍‌ଡିଏମ୍ ପବ୍ଲିକ୍ ସ୍କୁଲ୍‌ର ବାର୍ଷିକ ଉତ୍ସବ



**ଭୁବନେଶ୍ୱର, ୧୨।୧ (ସଂଚାର ବ୍ୟୁରୋ):** ଆରଡିଏମ ପବ୍ଲିକ ସ୍କୁଲ ୨୩ତମ ବାର୍ଷିକ ଉତ୍ସବ ଅବସରରେ ପାଳିତ ହୋଇଛି ଦର୍ପଣ-୨୦୨୬ କାର୍ଯ୍ୟକ୍ରମ। ଉତ୍ତର ଭୁବନେଶ୍ୱର କଳାରାହଙ୍ଗ ଆର୍‌ଡିଏମ୍ ପବ୍ଲିକ ସ୍କୁଲ ପ୍ରାଙ୍ଗଣରେ ଅନୁଷ୍ଠିତ ଏହି ଉତ୍ସବରେ ବିଦ୍ୟାଳୟର ସମ୍ପାଦକ ତୁଷାର ରଞ୍ଜନ ପାଠୀଙ୍କ ସଭାପତିତ୍ୱରେ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଚୟନ ବୋର୍ଡର ପୂର୍ବତନ ସମ୍ପାଦକ ଡକ୍ଟର ଧୀରେନ୍ଦ୍ର କୁମାର ମହାପାତ୍ର, ସମ୍ମାନିତ ଅତିଥି ଭାବରେ ରାଜ୍ୟ ପାଇକ ସଙ୍ଘର ସଭାପତି ଡକ୍ଟର ପ୍ରକାଶ ଶ୍ରୀଚନ୍ଦନ ଓ ମୁଖ୍ୟ ବକ୍ତା ରୂପେ ପ୍ରତିଷ୍ଠିତ ସମାଜସେବୀ ଗଣେଶ ସାମନ୍ତ ଓ ଓଡ଼ିଆ ଚଳଚ୍ଚିତ୍ର ଜଗତର ଅଭିନେତା ଜୀବନାନନ୍ଦ ପଣ୍ଡା ସ୍ୱତନ୍ତ୍ର ଅତିଥି ଭାବେ ଏହି ଉତ୍ସବରେ ଯୋଗଦାନ କରି ଉତ୍ସବକୁ ସାଫଲ୍ୟ ମଣ୍ଡିତ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପରିଶେଷରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁରଞ୍ଜିତା ବଡ଼ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବହୁ ବିଶିଷ୍ଟ ବ୍ୟକ୍ତି ଓ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

# ପଣ୍ୟ ପରିବହନ କ୍ଷେତ୍ରରେ ପୂର୍ବତଟ ରେଳପଥର ଉଲ୍ଲେଖନୀୟ ଅଭିବୃଦ୍ଧି



**ଭୁବନେଶ୍ୱର,୧୨।୧ (ସଂଚାର ବ୍ୟୁରୋ):** ପୂର୍ବତଟ ରେଳପଥ ଚଳିତ ଆର୍ଥିକ ବର୍ଷରେ ପଣ୍ୟ ପରିବହନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରି ରେକର୍ଡ କରିଛି। ଗତ ବର୍ଷ ଡିସେମ୍ବର ପର୍ଯ୍ୟନ୍ତ ପୂର୍ବତଟ ରେଳପଥ ୨୦୯.୯୭ ନିୟୁତ ଟନ୍ ମାଲ ପରିବହନ କରିଛି, ଯାହା ଗତ ୨୦୨୪ ବର୍ଷର ସମାନ ସମୟ ତୁଳନାରେ ୧୧ ପ୍ରତିଶତ ଅଧିକ। ଏହି ପ୍ରଦର୍ଶନ ମଧ ନିର୍ଦ୍ଧାରିତ ଲକ୍ଷ୍ୟ ତୁଳନାରେ ୪ ପ୍ରତିଶତ ଅଧିକ ରହିଛି। ପୂର୍ବତଟ ରେଳପଥ ଦ୍ୱାରା ପଣ୍ୟ ବୋଝେଇ କରାଯାଇଥିବା ପ୍ରମୁଖ ଦ୍ରବ୍ୟ କ୍ଷେତ୍ରରେ ଫର୍ଟିଲାଇଜର ପରିବହନରେ ୪୦ ପ୍ରତିଶତ, ଉତ୍ପାଦ ଇସ୍ପାତରେ ୩୧ ପ୍ରତିଶତ, ଲୁହାପଥରରେ ୨୦ ପ୍ରତିଶତ ବୃଦ୍ଧି ଘଟିଛି। ଏଥିସହ ଖାଦ୍ୟଶସ୍ୟ ପରିବହନରେ ୧୬ ପ୍ରତିଶତ ବୃଦ୍ଧି ରେକର୍ଡ କରାଯାଇଛି। ସେହିପରି ପରିବହନ ହେଉଥିବା ପ୍ରମୁଖ ସାମଗ୍ରୀ ମଧରେ କୋଇଲା ସ୍ଥିର ପ୍ରଦର୍ଶନ ବଜାୟ ରଖି ପୂର୍ବତଟ ରେଳପଥ ବିଦ୍ୟୁତ୍ ଓ ଶିଳ୍ପ କ୍ଷେତ୍ରକୁ ନିରବଚ୍ଛିନ୍ନ ଯୋଗାଣ ସୁନିଶ୍ଚିତ କରୁଛି। ପଣ୍ୟ ପରିବହନ କ୍ଷେତ୍ରରେ ରେଳପଥ ହାସଲ କରିଥିବା ଏହି ଉଲ୍ଲେଖନୀୟ ସଫଳତା ପାଇଁ ଅନେକ ପ୍ରମୁଖ ପଦକ୍ଷେପର ଅବଦାନ ରହିଛି। ସେଥିରେ ମଧରେ ନୂତନ ରେଳ ଲାଇନର ନିର୍ମାଣ ଏବଂ କାର୍ଯ୍ୟକ୍ଷମ ସହ ଦୋହରୀକରଣ ଏବଂ ତୃତୀୟ ଓ ଚତୁର୍ଥ ରେଳ ଲାଇନ ପ୍ରକଳ୍ପର କାର୍ଯ୍ୟକାରିତା, ବିସ୍ତାରିତ ରେଳ ଭିତ୍ତିଭୂମି ମାଧମରେ ଖଣିଜ ବେଲ୍ଟ ଓ ବନ୍ଦର ସହ ଶିଳ୍ପଗୁଡ଼ିକୁ ସଂଯୋଗ, ବିଭିନ୍ନ ସରକାରୀ ଏଜେନ୍ସି ଓ ଶିଳ୍ପଗୁଡ଼ିକ ସହ ସାମଗ୍ରୀ ପରିବହନର ସମୟାନୁବର୍ତ୍ତୀ ଓ ଦକ୍ଷତାର ସହ ଟ୍ରେନ ଚଳାଚଳ ସୁନିଶ୍ଚିତ କରିବା ଆଦି ପ୍ରମୁଖ।

# ବିମାନ ଦୁର୍ଘଟଣା ସ୍ଥଳରେ ପହଞ୍ଚିଲେ ପରିବହନ ମନ୍ତ୍ରୀ

**ରାଉରକେଲା, ୧୨।୧ (ସଂଚାର ବ୍ୟୁରୋ):** ରାଉରକେଲା ବିମାନ ଦୁର୍ଘଟଣାସ୍ଥଳରେ ପହଞ୍ଚିଲେ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା। ଏଥିସହ ସେ ସେଠାରେ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏନେଇ ସେ ଗଣମାଧମ ପ୍ରତିନିଧିଙ୍କୁ କହିଛନ୍ତି ଯେ ଉକ୍ତ ଦୁର୍ଘଟଣାଟି ନିଶ୍ଚିତ ଭାବେ ଅଭାବନୀୟ। କିନ୍ତୁ ସୌଭାଗ୍ୟବଶତଃ ସମସ୍ତଙ୍କ ଜୀବନ ବଞ୍ଚିଯାଇଛି ଏବଂ ସମସ୍ତଙ୍କୁ ତୁରନ୍ତ ଉଦ୍ଧାର କରାଯାଇଥିଲା। ଏଥିସହ ସମସ୍ତ ଆହତଙ୍କୁ ସର୍ବୋତ୍ତମ ଚିକିତ୍ସା ଯୋଗାଇଦେବାକୁ ଉଦ୍ୟମ ଜାରି ରହିଛି। ତେବେ ଦୁର୍ଘଟଣାଟି କାହିଁକି ଘଟିଲା, ସେନେଇ ସମସ୍ତେ ଚିନ୍ତିତ। ସମସ୍ତେ ସୁରକ୍ଷିତ ଭାବେ ଉଦ୍ଧାର ହେବା ନିଶ୍ଚିତ ଭାବେ ଭଗବାନଙ୍କ ଆଶୀର୍ବାଦ। ଏଭଳି ଘଟଣାର ଯେପରି ପୁନରାବୃତ୍ତି ନ ହୁଏ, ସେଥିପାଇଁ ତଦନ୍ତ ବି ଚାଲିଛି। ଏଥିସହ ଏପରି ଦୁର୍ଘଟଣା ପାଇଁ ସୁଶାନ୍ତ କର୍ତ୍ତୃପକ୍ଷ ଓ ପାଇଲଟ୍‌ଙ୍କ ଅବହେଳାକୁ ଦାୟୀ କରିଛନ୍ତି। ସେ କହିଛନ୍ତି ଯେ ଉକ୍ତ ଦିନ ଭୁବନେଶ୍ୱରରୁ ୧୦ଟା ୧୦ରେ ବିମାନ ଛାଡ଼ିବାର ଥିଲା। କିନ୍ତୁ ୧୨ ଟା ୨୭ ମିନିଟ୍‌ରେ ବିମାନବନ୍ଦର ଛାଡ଼ିଥିଲା। ବିମାନରେ ତ୍ରୁଟି ଥିବା ଜାଣିବା ସତ୍ତ୍ୱେ ବିମାନବନ୍ଦର କର୍ତ୍ତୃପକ୍ଷ ଓ ପାଇଲଟ୍ କାହିଁକି ଉଡ଼ାଣକୁ ବାତିଲ୍ କରିନଥିଲେ ବୋଲି ସେ ପ୍ରଶ୍ନ କରିଛନ୍ତି।

## ଚେନ୍ ଲୁଟେରା ଗିରଫ

**ଭୁବନେଶ୍ୱର,୧୨।୧ (ସଂଚାର ବ୍ୟୁରୋ):** ରାଜଧାନୀରେ କୁଖ୍ୟାତ ଚେନ୍ ସ୍ନାଚର ଶଙ୍କର ରେଡ୍ଡୀ ଗିରଫ ହୋଇଛି। ଏଥିସହ ତା'ର ସହଯୋଗୀ କୁନାଲ ବେହେରାକୁ ମଧ କମିଶନରେଟ୍ ପୁଲିସ୍ ଗିରଫ କରିଛି। ଗତକାଲି ଏକାମ୍ର ପାର୍କ ସାମ୍ନାରୁ ଜଣେ ମହିଳାଙ୍କଠାରୁ ମୋବାଇଲ ଝାମ୍ପି ନେବା ସମୟରେ ପୁଲିସ୍ ତାକୁ ଧରିଥିଲା। ଶଙ୍କର ମହିଳାଙ୍କୁ ଏକୁଟିଆ ଦେଖି ଟାର୍ଗେଟ କରିଆସୁଥିଲା। ଅନ୍ୟପକ୍ଷରେ ଶଙ୍କର ନାଁରେ ପୂର୍ବରୁ ବିଭିନ୍ନ ଥାନାରେ ୧୦ରୁ ଅଧିକ ମାମଲା ରହିଛି।

## କେନାଲରେ ପଶିଗଲା କାର୍, ବର୍ତ୍ତିଗଲେ ଡ୍ରାଇଭର



**କଟକ,୧୨।୧ (ସଂଚାର ବ୍ୟୁରୋ):** ଅଚାନକ ଚାଳକ ଜଣଙ୍କ ଭାରସାମ୍ୟ ହରାଇବାରୁ କାର୍‌ଟି ନିକଟସ୍ଥ କେନାଲ୍‌ରେ ଖସିପଡ଼ିଥିଲା। ଘନ କୁହୁଡ଼ିରେ ଚାଳକ ଜଣଙ୍କ ଭାରସାମ୍ୟ ହରାଇଥିଲେ। ତେଣୁ ସିଧା ରାସ୍ତାରୁ କାର୍‌ଟି କେନାଲ ଭିତରକୁ ଓଲଟି ପଡ଼ିଥିଲା। ଅବଶ୍ୟ ଚାଳକ ଜଣଙ୍କ ଅଳ୍ପକେ ବର୍ତ୍ତିଯାଇଛନ୍ତି। କଟକ ଜିଲ୍ଲା ସାଲେପୁର ଲେଖନପୁର ବାଜରା ନିକଟସ୍ଥ ପଟ୍ଟାମୁଣ୍ଡାଇ କେନାଲରେ ଏଭଳି ଏକ ଦୁର୍ଘଟଣା ଘଟିଛି। କାର୍‌ର ଡ୍ରାଇଭରଙ୍କୁ ସ୍ଥାନୀୟ ଲୋକେ ସୁରକ୍ଷିତ ଭାବେ ଉଦ୍ଧାର କରିଛନ୍ତି। ମିଳିଥିବା ସୂଚନାନୁସାରେ, ଗତକାଲି ବିଳମ୍ବିତ ରାତିରେ ଲଳିତଗିରିରୁ ଭୁବନେଶ୍ୱର ଯାଉଥିବା ସମୟରେ ଲେଖନପୁର ବାଜରା ନିକଟରେ କାର୍‌ଟି ଦୁର୍ଘଟଣାଗ୍ରସ୍ତ ହୋଇଛି। ଘନ କୁହୁଡ଼ିରେ ଭାରସାମ୍ୟ ହରାଇ ପଟ୍ଟାମୁଣ୍ଡାଇ କେନାଲ ଭିତରକୁ କାର୍‌ଟି ପଶିଯାଇଥିଲା। ଖବର ପାଇ ଜପକୁଦ ଫାଣ୍ଡି ଅଧିକାରୀ ଭୀଷ୍ମ ଚରଣ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଥିବା ନେଇ ସୂଚନା ମିଳିଛି।

# ମଣ୍ଡି ସମସ୍ୟା ଓ ଚାଷୀ ଶୋଷଣ ବିରୋଧରେ ଗର୍ଜିଲା କଂଗ୍ରେସ



**ଭୁବନେଶ୍ୱର, ୧୨।୧ (ସଂଚାର ବ୍ୟୁରୋ):** ଧାନ କିଣାରେ ଅବ୍ୟବସ୍ଥା, ମଣ୍ଡି ଖୋଲା ନଯିବା, ଚାଷୀଙ୍କୁ ମାଗଣା ବିଦ୍ୟୁତ ଯୋଗାଣ ଆଦି ସମସ୍ୟାକୁ ନେଇ ଆଜି ଜିଲ୍ଲା କଂଗ୍ରେସ ସଭାପତି ରଣଜିତ ଦାଶଙ୍କ ନେତୃତ୍ୱରେ ନୟାଗଡ଼ଠାରେ ଏକ ବିଶାଳ ଚାଷୀ ନ୍ୟାୟ ଶୋଭାଯାତ୍ରା ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଛି। ଉକ୍ତ ସଭାରେ ପିସିସି ସଭାପତି ଭକ୍ତ ଚରଣ ଦାସ ଯୋଗଦେଇ କହିଛନ୍ତି ଯେ ନୟାଗଡ଼ରେ ସଂଗ୍ରାମର ଡାକରା ଆସିଛି। ସଂଗ୍ରାମୀ ମାଟି ନୟାଗଡ଼ ଅନେକ ସଂଗ୍ରାମୀଙ୍କୁ ଜନ୍ମ ଦେଇଛି। ଚାଷୀଙ୍କ ଉପରେ ଅତ୍ୟାଚାର ବୃଦ୍ଧି ପାଇବାରେ ଲାଗିଛି। ନୟାଗଡ଼ରେ ଏପର୍ଯ୍ୟନ୍ତ ମଣ୍ଡି ଖୋଲିପାରିନି। ଗତ ଥର କ୍ୱିଣ୍ଟାଲ୍ ପିଛା ୧୦ କେଜି ଧାନ କାଟି ୫୦ କୋଟି ଟଙ୍କା ମଣ୍ଡିରୁ ଆରମ୍ଭ କରି ବିଭାଗୀୟ ମନ୍ତ୍ରୀ ପର୍ଯ୍ୟନ୍ତ ଆତ୍ମସାତ କରିଥିଲେ। ସମଗ୍ର ରାଜ୍ୟରେ ୨ ହଜାର କୋଟି ଟଙ୍କାର ଲୁଣ୍ଠନ ହୋଇଛି। ୪୦୦ ଟଙ୍କା ୟୁରିଆ ବସ୍ତା ଚାଷୀ ୧୨ ଶହ ଟଙ୍କାରେ କିଣିବାକୁ ବାଧ ହୋଇଛି। ସରକାର କ୍ୱିଣ୍ଟାଲ୍ ପିଛା ୩୧ ଶହ ଟଙ୍କା ଘୋଷଣା କରିଥିଲେ ମଧ ନୟାଗଡ଼ ଚାଷୀ କାହିଁକି ୧୭୦୦ ଟଙ୍କା ଦେଇ ଧାନ କିଣିବ ବୋଲି ଶ୍ରୀ ଦାସ ପ୍ରଶ୍ନ କରିବା ସହ ଏପରି ହେଲେ ଚାଷୀ କିପରି ଲାଭ ପାଇବ ବୋଲି କହିଛନ୍ତି।

ସେ ଆହୁରି କହିଛନ୍ତି ଯେ କୌଣସି ଜିଲ୍ଲାରେ ଚାଉଳ ରଖିବା ପାଇଁ ଗୋଦାମ ନାହିଁ। ସରକାରଙ୍କ ପାଖରେ ଟଙ୍କା ନାହିଁ। ତେଣୁ ସେମାନେ ଧାନ ଉଠାଉନାହାନ୍ତି। ନିର୍ବାଚନ ସମୟରେ ଚାଷୀଙ୍କୁ ମିଠା କଥା କୁହାଯାଉଥିଲେ ମଧ ମଣ୍ଡିରେ ସମବାୟ କର୍ମଚାରୀ ଓ ମିଲର କଥା ବି ହୁଅନ୍ତିନାହିଁ। ଫଳତଃ ଚାଷୀ ଦୁର୍ବ୍ୟବହାରର ଶିକାର ହୁଏ। କଂଗ୍ରେସ ସରକାର ଜଙ୍ଗଲର ମହତ୍ତ୍ୱକୁ ହୃଦୟଙ୍ଗମ କରି ୧୯୦୬ରେ ଜଙ୍ଗଲ ସଂରକ୍ଷଣ ଦାୟିତ୍ୱ ଗ୍ରାମବାସୀଙ୍କ ହାତକୁ ଦେଇଥିଲା। ସେହିପରି ରାଜ୍ୟରେ ହଜାର ହଜାର ଦୁଷ୍କର୍ମ ଓ ଗଣଦୁଷ୍କର୍ମ ଘଟିଚାଲିଥିଲେ ମଧ ସରକାର ଏହାକୁ ରୋକିବାରେ ଅକ୍ଷମ। ଦିନକୁ ଦିନ ବେକାରୀ ସମସ୍ୟା ଗୁରୁତର ହେଉଛି। ନାଗରିକଙ୍କଠାରୁ ସେମାନଙ୍କ ସାମ୍ବିଧାନିକ ଅଧିକାର କାଢ଼ି ନିଆଯାଉଛି। ମନରେଗାରୁ ମହାତ୍ମା ଗାନ୍ଧିଙ୍କ ନାମ ଉଦ୍ଦେଶ୍ୟମୂଳକ ଭାବେ ବାଦ୍ ଦିଆଯାଇଛି। ସେହିପରି ରାଜ୍ୟର ଖଣି ଖାଦାନକୁ ଆଦାନୀ, ଟାଟା, ବେଦାନ୍ତ ଭଳି କମ୍ପାନୀ ହାତକୁ ଟେକି ଦିଆଯାଉଛି। ଟାଟା କମ୍ପାନୀ ହଜାର ହଜାର କୋଟି ଟଙ୍କା ସରକାରଙ୍କୁ ଦେଇ ଲୋକଙ୍କୁ ଶୋଷୁଛି। ଅନ୍ୟ ରାଜ୍ୟରେ ଚାଷୀଙ୍କୁ ମାଗଣାରେ ବିଜୁଳି ଯୋଗାଇ ଦିଆଯାଉଥିବା ବେଳେ ରାଜ୍ୟରେ ସରକାରଙ୍କ ଆନ୍ତରିକତାର ଅଭାବରୁ ଚାଷୀ ଶୋଷଣର ଶିକାର ହେଉଛି। ସରକାରଙ୍କ ଅତ୍ୟାଚାର ବିରୋଧରେ ସହରଠୁ ପଞ୍ଚାୟତ ପର୍ଯ୍ୟନ୍ତ ପ୍ରତିବାଦ ଓ ଆନ୍ଦୋଳନ ହେଲେ ହିଁ ନାଗରିକଙ୍କୁ ନ୍ୟାୟ ମିଳିପାରିବ ବୋଲି ଶ୍ରୀ ଦାସ କହିଛନ୍ତି।

# ବିଦ୍ୟାଳୟରେ ଅଣଛାତ୍ରଙ୍କ ଆତଙ୍କରାଜ: ଦୁଇ ଛାତ୍ର ଗୁରୁତର

**ଗୋପାଳପୁର,୧୨।୧ (ସଂଚାର ବ୍ୟୁରୋ):** ଗତ କିଛି ମାସ ହେଲା ନାବାଳକମାନଙ୍କ ଆପରାଧିକ କାର୍ଯ୍ୟକଳାପ ବଢ଼ିଚାଲିଛି। ଏହି କ୍ରମରେ ଆଜି ମଧ୍ୟାହ୍ନରେ ରଙ୍ଗେଇଲୁଣ୍ଡା ବ୍ଲକ୍ ଅଧୀନସ୍ଥ ଫୁଲଟା ଗ୍ରାମସ୍ଥିତ ମା' ନାରାୟଣୀ ଉଚ୍ଚ ବିଦ୍ୟାଳୟରେ କେତେକ ଅଣଛାତ୍ର ପ୍ରବେଶ କରି ଆତଙ୍କରାଜ ସୃଷ୍ଟି କରିଥିବା ବେଳେ ସେମାନଙ୍କ ଆକ୍ରମଣରେ ଦୁଇ ଜଣ ଗୁରୁତର ଭାବେ ଆହତ ହୋଇଥିବା ଜଣାପଡ଼ିଛି। ଆହତ ଛାତ୍ରଦ୍ୱୟ ହେଲେ ଦଶମ ଶ୍ରେଣୀର ଓମ ମଣ୍ଡଳ ଓ ଅଷ୍ଟମ ଶ୍ରେଣୀର ରାମକୃଷ୍ଣ ପ୍ରଧାନ।

ମିଳିଥିବା ସୂଚନାନୁସାରେ, ମା' ନାରାୟଣୀ ଉଚ୍ଚ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ସମୟରେ ମୁଖ୍ୟ ଫାଟକ ବନ୍ଦ ଥିବା ବେଳେ ୪ ଜଣ ଅଣଛାତ୍ର ଗେଟ୍ ଡେଇଁ ଲୁହାରଡ୍ ପଞ୍ଚ ଓ ଅନ୍ୟାନ୍ୟ ମାରଣାସ୍ତ୍ର ଧରି ସ୍କୁଲ ଭିତରେ ପ୍ରବେଶ କରିଥିଲେ। ପରେ ଓମ୍ ମଣ୍ଡଳଙ୍କୁ ଲୁହା ରଡ୍ ସହ ପଥରରେ ମରଣାନ୍ତକ ଆକ୍ରମଣ କରିଥିଲେ ସେମାନେ। ଏଥିସହ ଖେଳୁଥିବା ସମୟରେ ରାମକୃଷ୍ଣ ଆକ୍ରମଣର ଶିକାର ହୋଇ ଆହତ ହୋଇଛନ୍ତି। ତେବେ ଉକ୍ତ ଅଣଛାତ୍ରମାନଙ୍କୁ ବିଦ୍ୟାଳୟର କେତେକ ଶିକ୍ଷକ ଓ କର୍ମଚାରୀ ସେଠାରୁ ଘଉଡ଼ାଇବା ସହ ଦୁଇ ଆହତ ଛାତ୍ରଙ୍କୁ ନିକଟସ୍ଥ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ। ଏଥିସହ ଏନେଇ ଖବର ପାଇ ଜିଲ୍ଲା ଶିକ୍ଷାଧିକାରୀ ଅଜୟ କୁମାର ପାତ୍ର ଓ ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଶିକ୍ଷାଧିକାରୀ ଦେବେନ୍ଦ୍ର ବେହେରା ବ୍ରହ୍ମପୁର ବଡ଼ ମେଡିକାଲରେ ପହଞ୍ଚି ଛାତ୍ରମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ।

# ୧୦ ବିଧାୟକଙ୍କ ସହ ନବୀନଙ୍କ ଆଲୋଚନା



**ଭୁବନେଶ୍ୱର,୧୨।୧ (ସଂଚାର ବ୍ୟୁରୋ):** ଆଜି ସନ୍ଧ୍ୟା ରେ ନବୀନ ନିବାସ ରେ ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ବିଜେଡିର ୧୦ ଜଣ ବିଧାୟକଙ୍କ ସହ ସେମାନଙ୍କ ନିର୍ବାଚନମଣ୍ଡଳୀ ର ବିକାଶ ଓ ସଂଗଠନ ସମ୍ପର୍କରେ ଆଲୋଚନା କରିଛନ୍ତି। ତୃଣମୂଳ ସ୍ତରରେ ଦଳର ସଂଗଠନକୁ ମଜବୁତ କରିବା ସହ ଲୋକଙ୍କ ସହ ସିଧାସଳଖ ସମ୍ପର୍କ ରଖିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ଏଥିସହ ସେ ବିଧାୟକମାନଙ୍କ ନିର୍ବାଚନମଣ୍ଡଳୀର ବିଭିନ୍ନ ସମସ୍ୟା ସମ୍ପର୍କରେ ମଧ ପଚାରି ବୁଝିଥିଲେ। ବିଜେଡି ଆଦର୍ଶରେ ଲୋକଙ୍କ ସେବା ଜାରି ରଖିବା ପାଇଁ ସେ ବିଧାୟକମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହି ବୈଠକରେ ପ୍ରମିଳା ମଲ୍ଲିକ, ସୁଜାତା ସାହୁ, ବିଶ୍ୱରଞ୍ଜନ ମଲ୍ଲିକ, ଅନନ୍ତ ନାରାୟଣ ଜେନା, ସୁଶାନ୍ତ ରାଉତ, ପ୍ରଦୀପ ସାହୁ, ତୁଷାରକାନ୍ତି ବେହେରା, ନବ ମଲ୍ଲିକ, ସାରଦା ଜେନା ଓ ରମାକାନ୍ତ ଭୋଇ ଯୋଗଦେଇଥିଲେ।

### ୨୦୨୧ ପାଇଁ ବ୍ୟାସକବି ଫକୀରମୋହନ ଓଡ଼ିଆ ଭାଷା ସମ୍ମାନ ଘୋଷଣା

# ବିଶିଷ୍ଟ ସାହିତ୍ୟିକ ନୃସିଂହ ଚରଣ ଷଡ଼ଙ୍ଗୀ ମନୋନୀତ

**ଭୁବନେଶ୍ୱର, ୧୨।୧ (ସଂଚାର ବ୍ୟୁରୋ):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବିଶିଷ୍ଟ ସାହିତ୍ୟିକ ନୃସିଂହ ଚରଣ ଷଡ଼ଙ୍ଗୀଙ୍କୁ 'ବ୍ୟାସକବି ଫକୀରମୋହନ ଓଡ଼ିଆ ଭାଷା ସମ୍ମାନ-୨୦୨୧' ପ୍ରଦାନ କରାଯିବ। ଏନେଇ ଆଜି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସାମଗ୍ରିକ ସାହିତ୍ୟ କୃତି, ଓଡ଼ିଆ ଭାଷା ପ୍ରତି ରହିଥିବା ଅବଦାନ ତଥା ଗବେଷଣାକୁ ବିଚାରକୁ ନେଇ ବିଶିଷ୍ଟ ସାହିତ୍ୟିକ ନୃସିଂହ ଚରଣ ଷଡ଼ଙ୍ଗୀଙ୍କୁ 'ବ୍ୟାସକବି ଫକୀରମୋହନ ଓଡ଼ିଆ ଭାଷା ସମ୍ମାନ-୨୦୨୧' ପାଇଁ ମନୋନୀତ କରାଯାଇଛି। ଆସନ୍ତା ୧୪ ତାରିଖ ଦିନ ବ୍ୟାସକବି ଫକୀର ମୋହନଙ୍କ ଜୟନ୍ତୀ ଅବସରରେ ନୃସିଂହ ଚରଣ ଷଡ଼ଙ୍ଗୀଙ୍କୁ 'ବ୍ୟାସକବି ଫକୀରମୋହନ ଓଡ଼ିଆ ଭାଷା ସମ୍ମାନ'ରେ ସମ୍ମାନିତ କରାଯିବା ସହ ୫ ଲକ୍ଷ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ।

# ପ୍ରସୂତିଙ୍କ ମୃତ୍ୟୁ ନେଇ ଉତ୍ତେଜନା

**ପୁରୀ, ୧୨।୧ (ସଂଚାର ବ୍ୟୁରୋ):** ପୁରୀ ସଦର ମୁଖ୍ୟ ଚିକିତ୍ସାଳୟରେ ଜନୈକା ପ୍ରସୂତିଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା ଦେଖାଦେଇଛି। ମୃତକ ଜଣଙ୍କ ପୁରୀ ସଦର ଶାସନ ଦାମୋଦରପୁର ଗାଁର ଗଙ୍ଗାଧର ପରିଡ଼ାଙ୍କ ଝିଅ ରୋଜାଲିନ ବୋଲି ଜଣାପଡ଼ିଛି। ପ୍ରସବ ଯନ୍ତ୍ରଣା ଅନୁଭବ କରିବାରୁ ରୋଜାଲାଙ୍କୁ ପରିବାର ଲୋକେ ସଦର ମୁଖ୍ୟ ଚିକିତ୍ସାଳୟ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ ହେଁ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ରୋଜାଲିନ କମ୍ପାପୁରର ମନୋରଞ୍ଜନ ସେନାପତିଙ୍କୁ ବିବାହ କରିଥିବା ବେଳେ ତାଙ୍କର ଗୋଟିଏ କନ୍ୟା ସନ୍ତାନ ରହିଛି। ତେବେ ତାଙ୍କ ସ୍ୱାମୀ ବାହାରେ ରହୁଥିବାରୁ ରୋଜାଲିନ ଶାସନ ଦାମୋଦରପୁରସ୍ଥିତ ବାପଘରେ ରହିଆସୁଥିଲେ। ମିଳିଥିବା ସୂଚନାନୁସାରେ, ଗତ ୧୦ ତାରିଖରେ ରୋଜାଲିନ୍ ଏକ ପୁତ୍ର ସନ୍ତାନକୁ ଜନ୍ମ ଦେଇଥିଲେ। ସୁସ୍ଥ ହେବା ପରେ ତାଙ୍କୁ ୱାର୍ଡକୁ ଅଣାଯାଇଥିଲା। କିନ୍ତୁ ଆଜି ହଠାତ୍ ସେ ବେଡ୍‌ରୁ ତଳକୁ ଖସିପଡ଼ିଥିଲେ। ଏନେଇ ତୁରନ୍ତ ତାଙ୍କ ମା' ଓ ସମ୍ପର୍କୀୟ ଡ୍ୟୁଟିରେ ଥିବା ନର୍ସଙ୍କୁ ଜଣାଇଥିଲେ। ହେଲେ ନର୍ସ ଜଣଙ୍କ ସେମାନଙ୍କ କଥାକୁ ଗୁରୁତ୍ୱ ଦେଇନଥିଲେ। ଖବର ପାଇ ରୋଜାଲିନଙ୍କ ବାପା ଗଙ୍ଗାଧର ହସ୍ପିଟାଲରେ ପହଞ୍ଚି କେତେକ ସମ୍ପର୍କୀୟଙ୍କ ସହାୟତାରେ ଷ୍ଟ୍ରେଚର ଯୋଗେ ତାଙ୍କୁ ଅପରେସନ୍ ଥିଏଟର୍‌କୁ ନେଇଥିଲେ। କିନ୍ତୁ ପରେ ରୋଜାଲିନ୍‌ଙ୍କର ମୃତ୍ୟୁ ହୋଇଯାଇଥିଲା। ରୋଜାଲିନ୍‌ଙ୍କ ମୃତ୍ୟୁ ପାଇଁ ଚିକିତ୍ସାଳୟକୁ ଦାୟୀ କରି ତାଙ୍କ ସମ୍ପର୍କୀୟମାନେ ହୋହଲ୍ଲା କରିଥିଲେ। ଖବର ପାଇ କୁମ୍ଭାରପଡ଼ା ପୁଲିସ ପହଞ୍ଚି ବୁଝାସୁଝା କରିଥିଲା। ପରେ ପୁରୀ ସିଡିଏମଓ ପହଞ୍ଚି ସେମାନଙ୍କ ସହ ଆଲୋଚନା କରିଥିଲେ।

### ପୁଣି ଷ୍ଟୋନ୍‌ମ୍ୟାନ୍ ଆତଙ୍କ

# ପଥରରେ ଛେଚି ଯୁବକଙ୍କୁ ହତ୍ୟା ଅଭିଯୋଗ





**କଟକ,୧୨।୧ (ସଂଚାର ବ୍ୟୁରୋ):** ଖାନ୍‌ନଗର ଦୁର୍ଗା ମଣ୍ଡପ ନିକଟ ରିଂରୋଡ୍ କଡ଼ରୁ ଜଣେ ବ୍ୟକ୍ତିଙ୍କ କ୍ଷତାକ୍ତ ମୃତଦେହ ରବିବାର ସକାଳେ ଉଦ୍ଧାର କରାଯାଇଛି। ମୃତକ ଜଣଙ୍କ ହେଲେ ପୁରୀଘାଟ ଥାନା ଅଧୀନସ୍ଥ ହଜାରି ଲେନ୍‌ର ପପୁ ଓରଫ ପ୍ରକାଶ ଦାସ (୪୫)। ତାଙ୍କୁ କେହି ପଥରରେ ଛେଚି ହତ୍ୟା କରିଥିବା ପୁଲିସ ସନ୍ଦେହ କରୁଛି। ତାଙ୍କ ମୁଣ୍ଡର ପଛପଟେ ଏକ ବଡ଼ କ୍ଷତଚିହ୍ନ ରହିଛି। ହତ୍ୟାକାଣ୍ଡର ପ୍ରକୃତ କାରଣ ଜଣାପଡ଼ି ନ ଥିଲେ ମଧ ମଦ୍ୟପାନଜନିତ ବିବାଦକୁ କେନ୍ଦ୍ର କରି ଏଭଳି ବୀଭତ୍ସ କାଣ୍ଡ ଘଟିଥିବା ପୁଲିସ ସନ୍ଦେହ କରୁଛି। ବାଦାମବାଡ଼ି ଥାନା ପୁଲିସ ମୃତଦେହକୁ ଜବତ କରିବା ସହ ତନାଘନା ଚଳାଇଛି। ତେବେ ପ୍ରାୟ ୭ ବର୍ଷ ତଳେ ଅର୍ଥାତ୍ ଗତ ୨୦୧୯ ଜୁଲାଇରେ ସହରରେ ଘଟିଥିବା ଏକ ପଥର ଛେଚି ହତ୍ୟା ଘଟଣାର ବୀଭତ୍ସ ଚିତ୍ରକୁ ଏହି ଅଘଟଣ ପୁଣିଥରେ ମନେ ପକାଇଦେଇଥିବା ବେଳେ ଷ୍ଟୋନ୍‌ମ୍ୟାନ୍ ଆତଙ୍କକୁ ନେଇ ପୁଣି ଥରେ ଚର୍ଚ୍ଚା ଆରମ୍ଭ ହୋଇଛି।

ମିଳିଥିବା ସୂଚନାନୁସାରେ, ଗତକାଲି ସକାଳେ ଖାନ୍‌ନଗର ଦୁର୍ଗା ମଣ୍ଡପ ନିକଟସ୍ଥ ଏକ ହୋଟେଲ ସମ୍ମୁଖରେ ପପୁଙ୍କ କ୍ଷତାକ୍ତ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଖବର ପାଇ ବାଦାମବାଡ଼ି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ ଆରମ୍ଭ କରିଥିଲା। କୌଣସି ସୂତ୍ରରୁ ଖବର ପାଇ ପରିବାର ଲୋକେ ପହଞ୍ଚି ଉକ୍ତ ମୃତଦେହକୁ ମଧ ଚିହ୍ନଟ କରିଥିଲେ। ପପୁଙ୍କ ମୁଣ୍ଡର ପଛପଟେ କେହି ଶକ୍ତ ଆଘାତ ଦେଇଥିବା ଯାଞ୍ଚ୍ ବେଳେ ସ୍ପଷ୍ଟ ବାରି ହୋଇପଡୁଥିବା ବେଳେ ପାଖରେ ରକ୍ତଛିଟା ଲାଗିଥିବା ଏକ ପଥର ଖଣ୍ଡ ବି ପଡ଼ିଥିଲା। ତେଣୁ ଉକ୍ତ ପଥରରେ ମୁଣ୍ଡକୁ ଛେଚି ପ୍ରକାଶଙ୍କୁ କୌଣସି ଦୁର୍ବୃତ୍ତ ହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ସ୍ପଷ୍ଟ ହୋଇଛି।

ସେହିପରି ପ୍ରାୟ ୧୦ ବର୍ଷ ହେବ ଘରୁ ବାହାରି ଆସି ଅଲଗା ରହୁଥିବା ପରିବାର ଲୋକେ ପୁଲିସକୁ କହିଛନ୍ତି। ସେ ଅବିବାହିତ ଥିଲେ। ଖାନ୍‌ନଗର ରିଂବନ୍ଧ ରାସ୍ତାରେ ଜରିପାଲ ଟାଣି ଏକୁଟିଆ ରହୁଥିଲେ। ଖପୁରିଆସ୍ଥିତ ଜଣେ ବ୍ୟକ୍ତିଙ୍କ ମାଛ ଦୋକାନରେ ମାଛ କାଟିବା କାମ କରି ସେ ଚଳୁଥିଲେ। ପାଖାପାଖି ଆଉ କିଛି ମାଛ ଦୋକାନରେ ମଧ ସେ ବେଳେବେଳେ କାମ କରୁଥିବା ସ୍ଥାନୀୟ ଲୋକେ କହିଛନ୍ତି। ଘରଠୁ ଏତେ ପାଖରେ ରହୁଥିଲେ ମଧ ସେ ଘରକୁ ଯା'ଆସ କରୁନଥିଲେ। ଘରେ କାହାରି ସହିତ ତାଙ୍କର ମତଭେଦ ନ ଥିଲା ବୋଲି ପରିବାର ସଦସ୍ୟ ପୁଲିସକୁ ଜଣାଇଛନ୍ତି। ଏନେଇ ପ୍ରକାଶଙ୍କ ପୁତୁରା ରାଜେଶ ଦାସ ବାଦାମବାଡ଼ି ଥାନାରେ ଏତଲା ଦେଇଛନ୍ତି। ପୁଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ୍ ପଠାଇ ହତ୍ୟା ମାମଲା ରୁଜୁ କରିଛି। ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସାହାଯ୍ୟରେ ପୁଲିସ ତଥ୍ୟ ପ୍ରମାଣ ସଂଗ୍ରହ କରିଛି। ଶନିବାର ବିଳମ୍ବିତ ରାତିରେ କେହି ଏ ବୀଭତ୍ସ ହତ୍ୟାକାଣ୍ଡ ଭିଆଇଥିବା ପୁଲିସ ଅନୁମାନ କରୁଥିବା ବେଳେ ହତ୍ୟାକାରୀଙ୍କୁ ଠାବ କରିବା ସକାଶେ ଆଖପାଖର ସିସିଟିଭି ଫୁଟେଜ୍ ଯାଞ୍ଚ୍ କରୁଥିବା ଜଣାପଡ଼ିଛି।

**ଜୀବନ ଅମୃତ ଅନୁଚିନ୍ତା**

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

# ବିଜେପିର ମିଶନ କେରଳ



କେରଳର ରାଜନୈତିକ ଦୃଶ୍ୟପଟ୍ଟରେ ବିଜେପିର ଉପସ୍ଥିତି ସର୍ବଦା ସୀମିତ ରହିଆସିଛି। ଏହି ରାଜ୍ୟରେ ବାମପନ୍ଥୀ ଡେମୋକ୍ରାଟିକ ଫ୍ରଣ୍ଟ (ଏଲଡିଏଫ୍) ଏବଂ ୟୁନାଇଟେଡ ଡେମୋକ୍ରାଟିକ୍ ଫ୍ରଣ୍ଟ (ୟୁଡିଏଫ) ମଧ୍ୟରେ ପର୍ଯ୍ୟାୟ କ୍ରମେ କ୍ଷମତା ପରିବର୍ତ୍ତନ ହୋଇଆସୁଥିବା ବେଳେ, ବିଜେପି ଏବେ ଏହି ଦ୍ୱିମୁଖୀ ରାଜନୀତିକୁ ଭାଙ୍ଗିବାକୁ ଚେଷ୍ଟା କରୁଛି। ଜାନୁଆରୀ ୧୧, ୨୦୨୬ରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ତିରୁବନନ୍ତପୁରମରେ 'ମିଶନ ୨୦୨୬' ଆରମ୍ଭ କରିଛନ୍ତି, ଯାହା ଆସନ୍ତା ବିଧାନସଭା ନିର୍ବାଚନରେ ବିଜେପିର ବଡ଼ ଯୋଜନାକୁ ସୂଚାଉଛି। ଏହି ମିଶନ ମାଧ୍ୟମରେ ବିଜେପି 'ବିକଶିତ କେରଳ', ସୁରକ୍ଷିତ କେରଳ ଏବଂ ଧର୍ମର ସୁରକ୍ଷା ଉପରେ ଧ୍ୟାନ ଦେଉଛି।

କେରଳରେ ବିଜେପିର ଭୋଟ୍ ପ୍ରତିଶତ ଧୀରେ ଧୀରେ ବଢ଼ୁଛି। ୨୦୧୪ରେ ୧୧ ପ୍ରତିଶତ, ୨୦୧୯ରେ ୧୬ ପ୍ରତିଶତ ଏବଂ ୨୦୨୪ରେ ୨୦ ପ୍ରତିଶତ ଭୋଟ ପାଇଥିଲା। ଅମିତ ଶାହ କହିଛନ୍ତି ଯେ ୨୦ ପ୍ରତିଶତରୁ ୩୦ ପ୍ରତିଶତ ଏବଂ ୪୦ ପ୍ରତିଶତକୁ ଯିବାର ଯାତ୍ରା ଦୀର୍ଘ ହେବ ନାହିଁ, ଏବଂ ୨୦୨୬ରେ ବିଜେପି ସରକାର ଗଠନ କରିବ। ଏହି ଆତ୍ମବିଶ୍ୱାସର ଆଧାର ହେଉଛି ସ୍ଥାନୀୟ ନିର୍ବାଚନରେ ବିଜେପିର ସଫଳତା। ବର୍ତ୍ତମାନ ବିଜେପିରେ ତିରୁବନନ୍ତପୁରମର ମେୟର ଅଛନ୍ତି, ୩୦ଟି ଗ୍ରାମ ପଞ୍ଚାୟତ ଏବଂ ଦୁଇଟି ମ୍ୟୁନିସିପାଲିଟି ଜିତିଛନ୍ତି। ଏହା ଦର୍ଶାଉଛି ଯେ ପାର୍ଟିର ଆଧାର କେବଳ ସହରୀ ଅଞ୍ଚଳରେ ନୁହେଁ, ଗ୍ରାମାଞ୍ଚଳରେ ମଧ୍ୟ ବଢ଼ୁଛି।

ଏହି ମିଶନରେ ବିଜେପି କେରଳର ବିକାଶକୁ ପ୍ରାଥମିକତା ଦେଉଛି। ଶାହ କହିଛନ୍ତି ଯେ ରାଜ୍ୟ ପର୍ଯ୍ୟଟନ, ଶିକ୍ଷା, ସାମୁଦ୍ରିକ ବାଣିଜ୍ୟ, ଆୟୁର୍ବେଦ ଏବଂ ମସଲା ଉତ୍ପାଦନରେ ପ୍ରଚୁର ସମ୍ଭାବନା ରହିଛି। ବିଜେପି ସରକାର ଡାଟା ଷ୍ଟୋରେଜ, ଆଇଟି ଏବଂ ସେମିକଣ୍ଡକ୍ଟର ଉଦ୍ୟୋଗକୁ ପ୍ରୋତ୍ସାହିତ କରିବ। ଏହା ବ୍ୟତୀତ, ରାଜ୍ୟର ରେମିଟାନ୍ସ ଅର୍ଥନୀତିରୁ ବାହାରକୁ ଆସି ବ୍ୟାପକ ବିକାଶ ଆରମ୍ଭ କରିବା ଆବଶ୍ୟକ ବୋଲି ସେ କହିଛନ୍ତି। କେରଳର ରାଜନୀତି ଏଲଡିଏଫ୍ ଏବଂ ୟୁଡିଏଫର ଚକ୍ରରେ ଅଟକି ରହିଛି, ଯାହା ରାଜ୍ୟର ଅଗ୍ରଗତିକୁ ବାଧା ଦେଉଛି ବୋଲି ବିଜେପି ଅଭିଯୋଗ କରୁଛି।

ତଥାପି, ବିଜେପିର ରାସ୍ତା ସହଜ ନୁହେଁ। କେରଳର ଜନସଂଖ୍ୟାର ପ୍ରାୟ ୪୮ ପ୍ରତିଶତ ଖ୍ରୀଷ୍ଟିୟାନ ଏବଂ ମୁସଲମାନ ଥିବାରୁ, ଅଲ୍ପସଂଖ୍ୟକ ସମ୍ପ୍ରଦାୟକୁ ଆକର୍ଷିତ କରିବା ଏକ ବଡ଼ ଚ୍ୟାଲେଞ୍ଜ। ବିଜେପି ଏହି ଦିଗରେ କାର୍ଯ୍ୟ କରୁଛି, କିନ୍ତୁ ହିନ୍ଦୁତ୍ୱ ଏଜେଣ୍ଡା ଯୋଗୁଁ କିଛି ବିରୋଧ ମଧ୍ୟ ରହିଛି। ସାବରିମାଳା ସୁନା ଚୋରି ପ୍ରସଙ୍ଗରେ ଶାହ ରାଜ୍ୟ ସରକାରକୁ ଟାର୍ଗେଟ କରିଛନ୍ତି ଏବଂ କେନ୍ଦ୍ରୀୟ ଏଜେନ୍ସି ଦ୍ୱାରା ତଦନ୍ତ ଦାବି କରିଛନ୍ତି। ଏହା ଧାର୍ମିକ ଭାବନାକୁ ଜାଗ୍ରତ କରିବାର ଏକ ରଣନୀତି ହୋଇପାରେ।

ମିଶନ ୨୦୨୬ର ସଫଳତା ବିଜେପିର ସ୍ଥାନୀୟ ନେତୃତ୍ୱ ଏବଂ କର୍ମୀଙ୍କ ପରିଶ୍ରମ ଉପରେ ନିର୍ଭର କରିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜାନୁଆରୀ ୨୩ରେ କେରଳ ଗସ୍ତ ଏହି ଅଭିଯାନକୁ ଆହୁରି ବଳବତ୍ତର କରିବ। କେରଳର ରାଜନୀତିରେ ଏହି ମିଶନ ଏକ ନୂତନ ମୋଡ଼ ଆଣିପାରେ, ଯାହା ରାଜ୍ୟର ବିକାଶ ଏବଂ ରାଜନୈତିକ ଗତିଶୀଳତାକୁ ପ୍ରଭାବିତ କରିବ। ତଥାପି, ଏହାର ଫଳାଫଳ ନିର୍ବାଚନରେ ହିଁ ଜଣାପଡ଼ିବ।

କେରଳର ଜନତାଙ୍କୁ ଏହି ମିଶନ ଏକ ବିକଳ୍ପ ପ୍ରଦାନ କରୁଛି। ଯଦି ବିଜେପି ସଫଳ ହୁଏ, ତେବେ ଏହା ଦକ୍ଷିଣ ଭାରତର ରାଜନୀତିରେ ଏକ ବଡ଼ ପରିବର୍ତ୍ତନ ହେବ। କିନ୍ତୁ ଏହା ସମୟର ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ଆବଶ୍ୟକ।

# ଓଡ଼ିଶାର ପୌର ପ୍ରଶାସନକୁ ନୂଆ ଦିଗଦର୍ଶନ

**ପ୍ରଭାକର ସାହୁ**



ଓଡ଼ିଶାର ସହରାଞ୍ଚଳ ଶାସନ ବ୍ୟବସ୍ଥା ଏକ ଐତିହାସିକ ମୋଡ଼ରେ ପହଞ୍ଚିଛି। ପୁରୀକୁ ମହାନଗର ନିଗମ ଘୋଷଣା ସହିତ ୨୮ଟି ନୂଆ ନୋଟିଫାଇଡ୍ ଏରିଆ କାଉନସିଲ (ଏନଏସି) ଓ ୭ଟି ଏନଏସିକୁ ମ୍ୟୁନିସିପାଲିଟିକୁ ଉନ୍ନତିକରଣ କରାଯାଇଛି ।ଏହି ସମସ୍ତ ନିଷ୍ପତ୍ତି ମିଶି ରାଜ୍ୟର ସହରାଞ୍ଚଳ ବିକାଶ ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ ଆରମ୍ଭ କରିଛି। ଏହାର ବିଶେଷତା ହେଉଛି-ଦଶକଧରି ଅଟକି ରହିଥିବା ନିଷ୍ପତ୍ତିଗୁଡ଼ିକୁ ଅତି ସୀମିତ ସମୟରେ ସରକାର କାର୍ଯ୍ୟକାରୀ କରିଛନ୍ତି ।

ରାଜ୍ୟ ଗୃହ ଓ ସହର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି ଯେ ପୁରୀ ମହାନଗର ନିଗମ ଏହାର ପାଖପାଖି ଅଞ୍ଚଳକୁ ନେଇ ଗଠିତ ହେବ ଓ ଏଠାରେ ଏକ ସମ୍ପୂର୍ଣ୍ଣ ଟାଉନ ପ୍ଲାନିଂ (ଟିପି) ଯୋଜନା କାର୍ଯ୍ୟକାରୀ କରାଯିବ। ଏହି ଯୋଜନା ଅନ୍ତର୍ଗତ ବହୁମୁଖୀ ବଜାର, ଉଦ୍ୟାନ, ଖୋଲା ସ୍ଥାନ ଓ ଯଥେଷ୍ଟ ପାର୍କିଂ ବ୍ୟବସ୍ଥାର ବିକାଶ କରାଯିବ। ତୀର୍ଥଯାତ୍ରୀ ଭିଡ଼, ପର୍ଯ୍ୟଟନ ଚାପ ଓ ଅନିୟନ୍ତ୍ରିତ ସହର ବୃଦ୍ଧି ସହ ସଂଘର୍ଷ କରୁଥିବା ପୁରୀ ପାଇଁ ଏହି ମହାନଗର ନିଗମ ନିଷ୍ପତ୍ତି ସମୟୋପଯୋଗୀ ଓ ଏକାନ୍ତ ଅନିବାର୍ଯ୍ୟ।

ପୁରୀର ଉନ୍ନତିକରଣ କେବଳ ପ୍ରଶାସନିକ ନୁହେଁ, ଏହା ଗଭୀର ପ୍ରତୀକାତ୍ମକ ମହତ୍ତ୍ୱ ମଧ୍ୟ ବହନ କରେ। ଓଡ଼ିଶାର ଆଧ୍ୟାତ୍ମିକ ପରିଚୟ ଭାବେ ପୁରୀ ଦୀର୍ଘଦିନ ଧରି ପୌରସଂସ୍ଥାର ସୀମିତ କ୍ଷମତାକୁ ଅତିକ୍ରମ କରି ଆସୁଥିଲା। ନଗର ନିଗମ ଓ ମହାନଗର ମାନ୍ୟତା ମିଳିବା ସହ ପୁରୀ ଏବେ ଅଧିକ ଆର୍ଥିକ କ୍ଷମତା, ବୃତ୍ତିଗତ ପରିଚାଳନା ଓ ଦୀର୍ଘମିଆଦୀ ଯୋଜନା କ୍ଷମତା ପାଇବ। ଏହାର ପ୍ରତିଫଳନ ସ୍ୱରୂପ ପରିଷ୍କାର ପରିଚ୍ଛନ୍ନତା ଓ ଡ୍ରେନେଜ୍ ପାଇଁ ୨ କୋଟି ଟଙ୍କା ଓ ରାସ୍ତା ଆଲୋକୀକରଣ ପାଇଁ ୧ କୋଟି ଟଙ୍କା ମଞ୍ଜୁରି ଦିଆଯାଇଛି।

ପୁରୀ ଛଡ଼ା ଏହି ପଦକ୍ଷେପ ରାଜ୍ୟର ପୌର ଶାସନର ଏକ ଗଭୀର ସମସ୍ୟାକୁ ସଜାଡିବା ଆରମ୍ଭ କରିଛି। ଦ୍ରୁତ ସହରୀକରଣ ସତ୍ତ୍ୱେ ଅନେକ ଅଞ୍ଚଳ ଦୀର୍ଘଦିନ ଧରି ଗ୍ରାମୀଣ କିମ୍ବା ଅର୍ଦ୍ଧ-ସହରାଞ୍ଚଳ ଢାଞ୍ଚାରେ ଅଟକି ରହିଥିଲେ। ୨୮ଟି ନୂଆ ଏନଏସି ଗଠନ ଓ ୭ଟି ଏନଏସିକୁ ମ୍ୟୁନିସିପାଲଟିରେ ଉନ୍ନତିକରଣ ମାଧ୍ୟମରେ ରାଜ୍ୟ ସରକାର ଏହି ଅଞ୍ଚଳଗୁଡ଼ିକୁ ସୁସଂଗଠିତ ସହରାଞ୍ଚଳ ଯୋଜନାର ମୂଳଧାରାରେ ଆଣିଛନ୍ତି।

ପ୍ରଶାସନିକ ପ୍ରସ୍ତୁତି ମଧ୍ୟ ସ୍ପଷ୍ଟ। ନୂଆ ଏନଏସିଗୁଡ଼ିକରେ ବିଡ଼ିଓମାନଙ୍କୁ ଅସ୍ଥାୟୀ ଦାୟିତ୍ୱ, ପ୍ରତ୍ୟେକ ଏନଏସି ପାଇଁ ୫୦ ଲକ୍ଷ ଟଙ୍କା ଓ ୬ କୋଟି ଟଙ୍କାର କାର୍ଯ୍ୟାଳୟ ଭବନ ଯୋଜନା କରାଯାଇଛି ଯାହା ସରକାରଙ୍କ ଉଦ୍ଦେଶ୍ୟର ଗମ୍ଭୀରତାକୁ ପ୍ରମାଣ କରେ।

ଏ ସମ୍ପର୍କରେ ଗୃହ ଓ ସହର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଶ୍ରୀମତୀ ଉଷା ପାଢ଼ୀ କହିଛନ୍ତି "ପୌରାଞ୍ଚଳ ପୁନର୍ଗଠନ କେବଳ ସୀମା ବଦଳାଇବା ନୁହେଁ। ଏହା ହେଉଛି ଶକ୍ତିଶାଳୀ ସଂସ୍ଥା ଗଢ଼ିବା, ଯୋଜନାକୁ ସୁଦୃଢ଼ କରିବା ଓ ଭବିଷ୍ୟତର ସହରୀକରଣକୁ ସଫଳଭାବେ ପରିଚାଳନା କରିବା।"

ଡା. ମହାପାତ୍ର ଏହାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନଚରଣ ମାଝୀଙ୍କ ନେତୃତ୍ୱାଧୀନ ସରକାରର ଏକ ମାଇଲଖୁଣ୍ଟ ସଫଳତା ବୋଲି ଅଭିହିତ କରିବା ସହ ପଞ୍ଚାୟତି ରାଜ୍ୟ ମନ୍ତ୍ରୀ ଶ୍ରୀ ରବି ନାୟକଙ୍କ ଭୂମିକାକୁ ମଧ୍ୟ ସ୍ୱୀକାର କରିଛନ୍ତି।

ଭୁବନେଶ୍ୱର ଓ ବ୍ରହ୍ମପୁର ମହାନଗର ପାଇଁ ସହରାଞ୍ଚଳ ବିସ୍ତାର କ୍ଷେତ୍ରରେ ଲୋକମତ ଲୋଡିବା ପ୍ରକ୍ରିୟା ସରକାରଙ୍କ ଗଣତାନ୍ତ୍ରିକ ଆଭିମୁଖ୍ୟକୁ ପ୍ରମାଣ କରେ। ନିଶ୍ଚୟ, ସଫଳତାର ପରୀକ୍ଷା କାର୍ଯ୍ୟାନ୍ୱୟନରେ ରହିଛି। କିନ୍ତୁ ଏତା ସ୍ପଷ୍ଟ ଯେ ଓଡ଼ିଶାର ସହରାଞ୍ଚଳର ଭବିଷ୍ୟତ ଏବେ ଆଡହକ ନୁହେଁ, ଯୋଜନାଭିତ୍ତିକ ଓ ଦୃଢ଼ ନେତୃତ୍ୱାଧୀନ। ପୁରୀକୁ କେନ୍ଦ୍ର କରି ଆରମ୍ଭ ହୋଇଥିବା ଏହି ପରିବର୍ତ୍ତନ ଯଦି କ୍ଷେତ୍ରସ୍ତରରେ ସଫଳ ହୁଏ, ତେବେ ଏହା ଓଡ଼ିଶାର ସହରାଞ୍ଚଳ ବିକାଶର ଦିଗକୁ ନୂଆ ଦିଗ ଦେବ।

**ମୋବାଇଲ: ୯୪୩୯୬୫୪୨୨୨**

# ଇରାନରେ ସମ୍ଭାବ୍ୟ ବିଦ୍ରୋହ ପାଇଁ ଆମେରିକାର ପ୍ରସ୍ତୁତି

**ଅସିତ ମହାନ୍ତି**





ଇରାନରେ ସମ୍ଭାବ୍ୟ ବିଦ୍ରୋହ ପାଇଁ ଆମେରିକାର ପ୍ରସ୍ତୁତି ବିଶ୍ୱ ରାଜନୀତି ପାଇଁ ଅତ୍ୟନ୍ତ ବିପଦପୂର୍ଣ୍ଣ, କାରଣ ଏହା କେବଳ ପଶ୍ଚିମ ଏସିଆ ନୁହେଁ ବରଂ ସମଗ୍ର ଅନ୍ତର୍ଜାତୀୟ ଦୃଶ୍ୟପଟକୁ ଅସ୍ଥିର କରିପାରେ।ଶ୍ରୀଲଙ୍କା, ବାଂଲାଦେଶ ଏବଂ ନେପାଳ ଭଳି ଛୋଟ ଦକ୍ଷିଣ ଏସୀୟ ଦେଶଗୁଡ଼ିକରେ ରାଜନୈତିକ ଅସ୍ଥିରତା ପୂର୍ବରୁ ଆଞ୍ଚଳିକ ସନ୍ତୁଳନକୁ ଚ୍ୟାଲେଞ୍ଜ କରିଛି। ଭେନେଜୁଏଲାରେ ମାଦୁରୋ ସରକାରଙ୍କୁ ଗାଦିଚ୍ୟୁତ କରିବା ପାଇଁ ଆମେରିକାର ସାମ୍ପ୍ରତିକ କାର୍ଯ୍ୟ ସ୍ପଷ୍ଟ କରିଦେଇଛି ଯେ ଆନ୍ତର୍ଜାତୀୟ ଆଇନ ଏବଂ ବିଶ୍ୱ ମାନଦଣ୍ଡକୁ ଖାତିର ନକରି ୱାଶିଂଟନ୍ ନିଜର ରଣନୈତିକ ପ୍ରାଥମିକତାକୁ ଆଗକୁ ବଢ଼ାଇବା ପାଇଁ ସାମରିକ ହସ୍ତକ୍ଷେପ କରିବାକୁ ଇଚ୍ଛୁକ। ଏହି ପୃଷ୍ଠଭୂମିରେ, ଯଦି ଆମେରିକା ଇରାନରେ ବିଦ୍ରୋହ କରିବାକୁ ଚାହେଁ, ତେବେ ପରିଣାମ ଆହୁରି ଗମ୍ଭୀର ହେବ। ଇରାନ କେବଳ ଏକ ତୈଳ ସମୃଦ୍ଧ ଦେଶ ନୁହେଁ ବରଂ ପଶ୍ଚିମ ଏସିଆର ଏକ ଭୂରାଜନୈତିକ କେନ୍ଦ୍ର, ଶକ୍ତି ଯୋଗାଣ, ଧାର୍ମିକ ରାଜନୀତି ଏବଂ ଆଞ୍ଚଳିକ ସୁରକ୍ଷା ସହିତ ଜଡିତ।ଇରାନରେ ଆମେରିକାର ହସ୍ତକ୍ଷେପ ଅର୍ଥ ହେବ ଯେ ଉପସାଗରୀୟ ଅଞ୍ଚଳରେ ପୂର୍ବରୁ ଥିବା ଉତ୍ତେଜନା ଏକ ବିସ୍ଫୋରକ ପରିସ୍ଥିତିରେ ପରିଣତ ହୋଇପାରେ। ସାଉଦି ଆରବ ଏବଂ ଇସ୍ରାଏଲ ଭଳି ଆମେରିକୀୟ ସହଯୋଗୀମାନେ ଅସ୍ଥାୟୀ ଲାଭ ପାଇପାରନ୍ତି, କିନ୍ତୁ ଇରାନ ସହିତ ସିଧାସଳଖ ମୁକାବିଲା ସମଗ୍ର ଅଞ୍ଚଳକୁ ଯୁଦ୍ଧରେ ଠେଲିଦେବ। ପ୍ରଫେସର ଜେଫ୍ରି ସାକ୍ସ ଚେତାବନୀ ଦେଇଛନ୍ତି ଯେ ଇରାନରେ ଏକ ବିଦ୍ରୋହ ଭେନେଜୁଏଲାର ବିଦ୍ରୋହ ଅପେକ୍ଷା ଆହୁରି ଉଷ୍ମ ଏବଂ ବିପଜ୍ଜନକ ପ୍ରମାଣିତ ହେବ, କାରଣ ଏହାର ଧାର୍ମିକ ଏବଂ ରଣନୈତିକ ଦିଗ ଉଭୟ ରହିଛି। ଯଦି ଆମେରିକା ଇରାନରେ ଶାସନକୁ ଭାଙ୍ଗିବାକୁ ଚେଷ୍ଟା କରେ, ତେବେ ଏହା କେବଳ ଗୋଟିଏ ଦେଶର ରାଜନୀତିକୁ ପ୍ରଭାବିତ କରିବ ନାହିଁ, ବରଂ ବିଶ୍ୱ ଶକ୍ତି ବଜାର, ଇସଲାମିକ ବିଶ୍ୱର ଆଭ୍ୟନ୍ତରୀଣ ରାଜନୀତି ଏବଂ ମହାଶକ୍ତି ମଧ୍ୟରେ ସଂଘର୍ଷର କେନ୍ଦ୍ରବିନ୍ଦୁ ହୋଇଯିବ।

ଇତିହାସ ଇରାନରେ ଆମେରିକାର ପୂର୍ବ ହସ୍ତକ୍ଷେପର ସାକ୍ଷୀ। ୧୯୫୩ ମସିହାରେ, ପ୍ରଧାନମନ୍ତ୍ରୀ ମହମ୍ମଦ ମୋସାଦ୍ଦେକଙ୍କୁ ଉଓଇ ସହାୟତାରେ କ୍ଷମତାଚ୍ୟୁତ କରାଯାଇଥିଲା, ଯାହା ଦଶନ୍ଧି ଧରି ଶାହା ଶାସନ ଆରମ୍ଭ କରିଥିଲା ଏବଂ ଶେଷରେ, ୧୯୭୯ ଇସଲାମିକ ବିପ୍ଳବ ସମଗ୍ର ଅଞ୍ଚଳକୁ ପରିବର୍ତ୍ତନ କରିଥିଲା। ଏହି ଅତୀତର ହସ୍ତକ୍ଷେପ ଇରାନବାସୀଙ୍କ ମଧ୍ୟରେ ଏକ ଗଭୀର ଅବିଶ୍ୱାସ ଭାବନା ସୃଷ୍ଟି କରିଥିଲା, ଯାହା ଆମେରିକାର ନୀତି ପ୍ରତି ସେମାନଙ୍କର ମନୋଭାବକୁ କଠିନ କରିଚାଲିଛି। ଯଦି ଆଉ ଏକ ବିଦ୍ରୋହ ପ୍ରୟାସ ହୁଏ, ତେବେ ଏହା କେବଳ ଇରାନବାସୀଙ୍କ ମଧ୍ୟରେ ନୁହେଁ ବରଂ ସମଗ୍ର ମୁସଲିମ ବିଶ୍ୱରେ ମଧ୍ୟ ଆମେରିକା ବିରୁଦ୍ଧରେ ଏକୀକରଣ ସୃଷ୍ଟି କରିପାରେ।ବିଶ୍ୱସ୍ତରୀୟ ପରିଣାମ ଆହୁରି ଭୟଙ୍କର ହେବ। ରୁଷ ଏବଂ ଚୀନ ଭଳି ଦେଶ, ଯେଉଁମାନେ ପୂର୍ବରୁ ଆମେରିକାର ନୀତିକୁ ବିରୋଧ କରୁଛନ୍ତି, ସେମାନେ ଇରାନ ସହିତ ରହିପାରିବେ। ଏହା ମହାଶକ୍ତି ମଧ୍ୟରେ ସିଧାସଳଖ ମୁକାବିଲା ସୃଷ୍ଟି କରିପାରେ, ଯାହା ତୃତୀୟ ବିଶ୍ୱଯୁଦ୍ଧର ସମ୍ଭାବନା ସୃଷ୍ଟି କରିପାରେ। ଶକ୍ତି ଯୋଗାଣ ବାଧାପ୍ରାପ୍ତ ହୋଇପାରେ। ତୈଳ ମୂଲ୍ୟ ଆକାଶଛୁଆଁ ହୋଇପାରେ, ଯାହା ଗରିବ ଦେଶମାନଙ୍କ ଉପରେ ମୁଦ୍ରାସ୍ଫୀତିର ବୋଝକୁ ଆହୁରି ବୃଦ୍ଧି କରିପାରେ। ଦକ୍ଷିଣ ଏସିଆ ଭଳି ଅଞ୍ଚଳ, ଯେଉଁଠାରେ ଶ୍ରୀଲଙ୍କା, ବାଂଲାଦେଶ ଏବଂ ନେପାଳ ପୂର୍ବରୁ ଆର୍ଥିକ ସଙ୍କଟରେ ପଡ଼ିଛନ୍ତି, ଏହି ଆଘାତକୁ ସହ୍ୟ କରିପାରିବେ ନାହିଁ।

ଏହା ବ୍ୟତୀତ, ଇରାନରେ ବିଦ୍ରୋହର ପ୍ରଭାବ କେବଳ ରାଜନୀତି ପର୍ଯ୍ୟନ୍ତ ସୀମିତ ରହିବ ନାହିଁ। ଏହା ସାଂସ୍କୃତିକ ଏବଂ ଧାର୍ମିକ ସଂଘର୍ଷକୁ ମଧ୍ୟ ଗଭୀର କରିବ। ସିଆ-ସୁନ୍ନି ବିଭାଜନ ଅଧିକ ତୀବ୍ର ହୋଇପାରେ, ଯାହା ଇରାକ, ସିରିଆ, ଲେବାନନ ଏବଂ ୟେମେନ ଭଳି ଦେଶରେ ଚାଲିଥିବା ଗୃହଯୁଦ୍ଧକୁ ଆହୁରି ଜଟିଳ କରିଦେବ। ଆତଙ୍କବାଦୀ ସଂଗଠନଗୁଡ଼ିକ ନୂତନ ସୁଯୋଗ ପାଇବେ ଏବଂ ବିଶ୍ୱ ସୁରକ୍ଷା ପ୍ରତି ବିପଦ ବହୁଗୁଣିତ ହେବ। ଏହି ଆମେରିକା ନୀତି 'ନିୟମ-ଆଧାରିତ କ୍ରମ' ର ଧାରଣାକୁ ସମ୍ପୂର୍ଣ୍ଣ ଭାବରେ ଦୁର୍ବଳ କରିବ, ଯେପରି ସମାଲୋଚକମାନେ ପୂର୍ବରୁ ସୂଚାଇଛନ୍ତି। ଯେତେବେଳେ ଶକ୍ତିଶାଳୀ ଦେଶଗୁଡ଼ିକ ସରକାରକୁ ଓଲଟାଇବା ପାଇଁ ସେମାନଙ୍କର ଶକ୍ତି ବ୍ୟବହାର କରନ୍ତି, ସେତେବେଳେ ଅନ୍ତର୍ଜାତୀୟ ଆଇନ ଏବଂ ଜାତିସଂଘ ଭଳି ପ୍ରତିଷ୍ଠାନର ବିଶ୍ୱସନୀୟତା କ୍ଷୁର୍ଣ୍ଣ ହୁଏ। ଏହି ପରିସ୍ଥିତିରେ ସବୁଠାରୁ ଅଧିକ କ୍ଷତି ସହିଥିବା ଲୋକମାନେ ହେବେ ସାଧାରଣ ଲୋକ। ଭେନେଜୁଏଲା ହେଉ କି ଇରାନରେ, ବିଦ୍ରୋହର ଅର୍ଥ ହିଂସା, ଅସ୍ଥିରତା ଏବଂ ସାଧାରଣ ନାଗରିକଙ୍କ ବିସ୍ଥାପନ। ଲକ୍ଷ ଲକ୍ଷ ଲୋକ ଶରଣାର୍ଥୀ ହୋଇପାରନ୍ତି, ଯାହା ୟୁରୋପ ଏବଂ ଏସିଆରେ ପ୍ରବାସ ସଙ୍କଟକୁ ଆହୁରି ତୀବ୍ର କରିପାରେ। ଦକ୍ଷିଣ ଏସିଆର ଛୋଟ ଦେଶଗୁଡ଼ିକ ମଧ୍ୟ ଚାପରେ ରହିବେ, କାରଣ ସେମାନେ ପୂର୍ବରୁ ଜଳବାୟୁ ସଙ୍କଟ ଏବଂ ଆର୍ଥିକ ଚ୍ୟାଲେଞ୍ଜ ସହିତ ସଂଘର୍ଷ କରୁଛନ୍ତି। ଯଦି ବିଶ୍ୱ ଶକ୍ତି ସଂଘର୍ଷ ବୃଦ୍ଧି ପାଏ, ତେବେ ସେମାନଙ୍କର ସାର୍ବଭୌମତ୍ୱ ଏବଂ ବିକାଶ ସମ୍ଭାବନା ଆହୁରି ସୀମିତ ହୋଇଯିବ।

ପରିଶେଷରେ, ଇରାନରେ ଆମେରିକାର ବିଦ୍ରୋହ ପାଇଁ ପ୍ରସ୍ତୁତି କେବଳ ଏକ ଆଞ୍ଚଳିକ ଘଟଣା ନୁହେଁ, ବରଂ ସମଗ୍ର ବିଶ୍ୱ ପାଇଁ ଅସ୍ଥିରତାର ସଙ୍କେତ। ଏହା ଶକ୍ତି ସଙ୍କଟ, ଧାର୍ମିକ ସଂଘର୍ଷ, ମହାଶକ୍ତି ସଂଘର୍ଷ ଏବଂ ଅନ୍ତର୍ଜାତୀୟ ପ୍ରତିଷ୍ଠାନର ବିଫଳତାର ମିଶ୍ରଣ। ଯଦି ଏହି ଯୋଜନା ଆଗକୁ ବଢ଼ିଥାଏ, ତେବେ ଆଗାମୀ ବର୍ଷଗୁଡ଼ିକରେ ବିଶ୍ୱ ଏପରି ଏକ ସମୟରେ ପ୍ରବେଶ କରିପାରେ ଯେଉଁଠାରେ ଯୁଦ୍ଧ ଏବଂ ଅସ୍ଥିରତା ସାଧାରଣ ହୋଇଯିବ। ଏହି କାରଣରୁ ଇରାନରେ ଆମେରିକାର ହସ୍ତକ୍ଷେପ ବନ୍ଦ କରିବା କେବଳ ମଧ୍ୟପ୍ରାଚ୍ୟରେ ନୁହେଁ ବରଂ ସାରା ବିଶ୍ୱରେ ଶାନ୍ତି ଏବଂ ସ୍ଥିରତା ପାଇଁ ଜରୁରୀ।ଇରାନରେ ଆମେରିକାର ହସ୍ତକ୍ଷେପର ସମ୍ଭାବନା ବିଶ୍ୱ ରାଜନୀତିକୁ ଅସ୍ଥିର କରିଛି। ଭେନେଜୁଏଲାରେ ମାଦୁରୋ ସରକାରଙ୍କୁ ହଟାଇବା ପାଇଁ ଆମେରିକାର ସାମ୍ପ୍ରତିକ କାର୍ଯ୍ୟ ଏବଂ ଏବେ ଇରାନରେ ହସ୍ତକ୍ଷେପ ବିଷୟରେ ଅନୁମାନ ଦର୍ଶାଉଛି ଯେ ୱାଶିଂଟନ୍ ତାର ରଣନୈତିକ ପ୍ରାଥମିକତାକୁ ଆଗକୁ ବଢ଼ାଇବା ପାଇଁ ବାରମ୍ବାର 'ଶାସନ ପରିବର୍ତ୍ତନ' ଅନୁସରଣ କରୁଛି। ଏହା ବିଶ୍ୱର ଅନ୍ୟ ଦେଶଗୁଡ଼ିକ କ'ଣ କରିବା ଉଚିତ ତାହା ପ୍ରଶ୍ନ ଉଠାଏ।

ଅନ୍ତର୍ଜାତୀୟ ଆଇନ ଏବଂ ଜାତିସଂଘର ଭୂମିକାକୁ ସୁଦୃଢ଼ କରିବା - ଦେଶଗୁଡ଼ିକୁ ସ୍ପଷ୍ଟ କରିବାକୁ ପଡ଼ିବ ଯେ ସରକାରକୁ ହଟାଇବା ଏହାର ନାଗରିକମାନଙ୍କର ଅଧିକାର, ବାହ୍ୟ ଶକ୍ତିର ନୁହେଁ। ଆମେରିକା ଭଳି ଶକ୍ତିଗୁଡ଼ିକୁ ଆନ୍ତର୍ଜାତୀୟ ନିୟମକୁ ଅଣଦେଖା କରିବାରୁ ରୋକିବା ପାଇଁ ଜାତିସଂଘ ସୁରକ୍ଷା ପରିଷଦ ଏବଂ ସାଧାରଣ ସଭା ଏହି ପ୍ରସଙ୍ଗରେ ଠୋସ୍ ପ୍ରସ୍ତାବ ପାସ କରିବା ଉଚିତ। ବହୁପାକ୍ଷିକ କୂଟନୀତି ଏବଂ ଆଲୋଚନାକୁ ପ୍ରାଥମିକତା ଦେବା - ଇରାନ ସହିତ ଉତ୍ତେଜନା ହ୍ରାସ କରିବା ପାଇଁ ୟୁରୋପୀୟ ସଂଘ, ଏସୀୟ ଦେଶ ଏବଂ ଆଫ୍ରିକୀୟ ସଂଘ ମିଳିତ ଭାବରେ ମଧ୍ୟସ୍ଥତା କରିବା ଉଚିତ। ଯଦି ଆମେରିକା ଏକପାଖିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରେ, ତେବେ ଅନ୍ୟ ଦେଶମାନଙ୍କୁ ସାମୂହିକ ଭାବରେ ପ୍ରତିବାଦ କରିବାକୁ ପଡ଼ିବ। ଏହା ଏକ ବାର୍ତ୍ତା ଦେବ ଯେ ବିଶ୍ୱ କେବଳ ଗୋଟିଏ ମହାଶକ୍ତିର ଇଚ୍ଛା ଅନୁସରଣ କରେ ନାହିଁ। ଶକ୍ତି ସୁରକ୍ଷା ଏବଂ ଆର୍ଥିକ ସ୍ଥିରତା ପାଇଁ ପ୍ରସ୍ତୁତି - ଇରାନ ବିଶ୍ୱ ତୈଳ ଯୋଗାଣର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ଯଦି ସେଠାରେ ଅସ୍ଥିରତା ବୃଦ୍ଧି ପାଏ, ତେବେ ତୈଳ ମୂଲ୍ୟ ଆକାଶଛୁଆଁ ହୋଇପାରେ। ଦେଶଗୁଡ଼ିକୁ ବିକଳ୍ପ ଶକ୍ତି ଉତ୍ସଗୁଡ଼ିକରେ ନିବେଶ ବୃଦ୍ଧି କରିବାକୁ ପଡ଼ିବ ଏବଂ ଆର୍ଥିକ ସଙ୍କଟକୁ ଏଡାଇବା ପାଇଁ ସାମୂହିକ ରଣନୀତି ପ୍ରସ୍ତୁତ କରିବାକୁ ପଡ଼ିବ। ମହାଶକ୍ତିକୁ ସନ୍ତୁଳିତ କରିବା - ରୁଷ ଏବଂ ଚୀନ୍ ପୂର୍ବରୁ ଆମେରିକା ନୀତିକୁ ବିରୋଧ କରୁଛନ୍ତି। ଯଦି ଇରାନରେ କୌଣସି ବିପ୍ଳବ ପ୍ରୟାସ ହୁଏ, ତେବେ ସେମାନେ ଇରାନକୁ ସମର୍ଥନ କରିବେ। ଅନ୍ୟ ଦେଶମାନଙ୍କୁ ଏକ ମହାଶକ୍ତି ଗୋଷ୍ଠୀରେ ଫସିବା ପରିବର୍ତ୍ତେ ସ୍ୱାଧୀନ ଏବଂ ନିରପେକ୍ଷ ନୀତି ଅନୁସରଣ କରିବା ପାଇଁ ସତର୍କତାର ସହିତ ସେମାନଙ୍କର ମତକୁ ସନ୍ତୁଳିତ କରିବା ଉଚିତ। ମାନବାଧିକାର ଏବଂ ଶାନ୍ତି ଉପରେ ଗୁରୁତ୍ୱାରୋପ - ବିପ୍ଳବର ସବୁଠାରୁ ବଡ଼ କ୍ଷତି ସାଧାରଣ ନାଗରିକଙ୍କ ଦ୍ୱାରା ବହନ କରାଯାଏ। ବିସ୍ଥାପନ, ହିଂସା ଏବଂ ଶରଣାର୍ଥୀ ସଙ୍କଟ ବୃଦ୍ଧି ପାଏ। ଦେଶଗୁଡ଼ିକୁ ମାନବୀୟ ସହାୟତା ପ୍ରଦାନ କରିବାକୁ ଏବଂ ଶାନ୍ତି ପ୍ରତିଷ୍ଠା ପ୍ରୟାସରେ ସକ୍ରିୟ ଭୂମିକା ଗ୍ରହଣ କରିବାକୁ ପ୍ରସ୍ତୁତ ରହିବାକୁ ପଡ଼ିବ। ଆଞ୍ଚଳିକ ସହଯୋଗକୁ ସୁଦୃଢ଼ କରିବା - ଦକ୍ଷିଣ ଏସିଆ ଭଳି ଅଞ୍ଚଳରେ, ଯେଉଁଠାରେ ଶ୍ରୀଲଙ୍କା, ବାଂଲାଦେଶ ଏବଂ ନେପାଳ ପୂର୍ବରୁ ଆର୍ଥିକ ସଙ୍କଟ ସହିତ ଜଡ଼ିତ, ଏପରି ବିଶ୍ୱସ୍ତରୀୟ ଅସ୍ଥିରତାର ପ୍ରଭାବ ଆହୁରି ଗଭୀର ହେବ। ବାହ୍ୟ ଚାପକୁ ମୁକାବିଲା କରିବା ପାଇଁ ଏହି ଦେଶଗୁଡ଼ିକୁ ଆଞ୍ଚଳିକ ସହଯୋଗ ବୃଦ୍ଧି କରିବାକୁ ପଡ଼ିବ।

**ଆବାହକ, ଓଡ଼ିଆ ଭାଷା ସୁରକ୍ଷା ଅଭିଯାନ, ସୁଜନପୁର, ଯାଜପୁର**
**ମୋବାଇଲ୍: ୯୪୩୭୨୮୮୦୨୮**

# ଶିକ୍ଷା ବିଚାର

**ବ୍ରଜମୋହନ ମିଶ୍ର**



ଆମେ ଏଠାରେ ଅର୍ଥାତ୍ ଏ ସଂସାରରେ କାହିଁକି-ବୋଲି ପ୍ରଶ୍ନ ପରିବାର ସାମର୍ଥ୍ୟ ଯୋଗାଇ ଦେଉଥିବା ପରମାଶକ୍ତି ଶିକ୍ଷା ସହ ନିବିଡ଼ ଭାବେ ସଂପୃକ୍ତ ଶିକ୍ଷକ ଯେ ଏକ ସମାଜର ଚେର ଏକଥା କହିଲେ ଅତ୍ୟୁକ୍ତି ହେବନାହିଁ। ଏଡ଼େ ସୁନ୍ଦର, ବିଶାଳ ଓ ଆନନ୍ଦାଳୟ ସଂସାରରେ ସମ୍ଭବି, ପାଦଥାପି, ତାର ସକଳଶ୍ରୀ ଓ ସଂପଦରେ ସମୃଦ୍ଧ ହେଉଥିବା ବ୍ୟକ୍ତି ମଣିଷ ବହୁଳାଂଶରେ ଆପଣାକୃତ ବ୍ୟଷ୍ଟିତା ଭିତରେ ନିଜର ଆଧାତ୍ମିକ ସମ୍ଭାବନାକୁ ମର୍ଯ୍ୟାଦାହୀନ କରିଦିଏ। ଏହାହିଁ ଅଶିକ୍ଷା ବା ଅଜ୍ଞତା-ମଣିଷର ସ୍ୱଭାବ ଓ ସ୍ୱଧର୍ମର ବିରୋଧାଭାସ। ସତରେ ମଣିଷ ଯାହା ହେବା ସକାଶେ ଅଭିପ୍ରେତ ତାହାର ପ୍ରକାଶ କରିବା ଅର୍ଥ ହିଁ ସଂସାରରେ ସେ କାହିଁକି ସ୍ଥାନିତର ଭିନ୍ନ ଅଭିଧା। ସେ ଆଶୀର୍ବାଦର ଅମୃତଫଳ ତେଣୁ ତାକୁତାର ସେଇ ମୌଳିକ ପରିଚୟ ସହ ବଂଚି ଅର୍ଥାତ୍ ଆଶୀର୍ବାଦଟିଏ ପାଲଟିବାକୁ ପଡ଼ିବ। ଶିକ୍ଷା ଏଇ ଆଧାତ୍ମିକ କ୍ରାନ୍ତି ତା ଭିତରେ ଆଣିବା ପାଇଁ ବିଭିନ୍ନ ସାଧନ ଉପଯୋଗ କରିଥାଏ ଏବଂ ଏହା କରାଇଥାଆନ୍ତି ଶିକ୍ଷାର ଅନ୍ୟତମ କ୍ରାନ୍ତିକାର ଶିକ୍ଷକସମାଜ ଯେଉଁମାନେ ସର୍ବଦା ଓ ସର୍ବଥା ଶ୍ରଦ୍ଧା ଓ ସମର୍ପଣକୁ ଶିକ୍ଷାର ମଂଜ ବୋଲି ଜୋର୍ ଦେଇଥାନ୍ତି। ଶ୍ରଦ୍ଧାରେ ଜଗତ ସହ ଅର୍ଥାତ୍ ସମଗ୍ର ସହ ସଂଯୁକ୍ତ ହେବାକୁ ଯେ ବ୍ୟକ୍ତିକୁ ତାହାପ୍ରତି ସମର୍ପିତ ହେବାକୁ ପଡ଼ିବ ଏଇ ମରମୀ ସତ୍ୟଟିକୁ ଶିକ୍ଷକ ମହାଶୟ ବିଦ୍ୟାର୍ଥୀ ଭିତରେ ପ୍ରବେଶ କରାଇଥାନ୍ତି। ଏହାଦ୍ୱାରା ଜୀବନ ମହାଜୀବନ ପାଲଟିଯାଏ କାରଣ ଏହାଦ୍ୱାରା ଅନେକ ଋଣ ବ୍ୟକ୍ତି ଶୁଝିପାରେ। ଏହାହିଁ ମଣିଷର ସଂସାରକୁ ଅସିବାର ସାର୍ଥକତା ବହନ କରିବା ଭିତରେ ସମାଜର ବୈଷୟିକ, ନୈତିକ ଓ ଆଧାତ୍ମିକ ବୈଭବର ଉନ୍ନତି କରିଥାଏ। ଏହାର ଅନ୍ୟନାମ ବ୍ୟକ୍ତିର ସଂପ୍ରସାରଣ। ଅନ୍ୟକଥାରେ କହିଲେ ବିଦ୍ୟାର୍ଥୀକୁ ସଂପ୍ରସାରିତ କରି ତାକୁ ବିଶ୍ୱଯଜ୍ଞର ଜଣେ ଯଥାର୍ଥ ଅଗ୍ନିହୋତ୍ରୀ କରାଇଥାଆନ୍ତି ଶିକ୍ଷକ ଯେ ବିଦ୍ୟାର୍ଥୀର ପରମ ବନ୍ଧୁ, ନିର୍ଭୟ ଆଶ୍ରୟ ତଥା ଉଦବଂଧନହାରୀ ପୁଣି ଭବବଂଧନଭେଦୀ ହୋଇ ବିଦ୍ୟା ଯେ ସତରେ ବିମୁକ୍ତିର ହେତୁ, ତାହା ପ୍ରମାଣ କରାଇ ଦିଅନ୍ତି।



ବଂଧନ ଓ ମୁକ୍ତି-ଅନେକ କ୍ଷେତ୍ରରେ ଦୁଇ ପରସ୍ପର ବିରୋଧୀ ଶକ୍ତି ପରି ପରିଦୃଶ୍ୟମାନ। ହେଲେ କେତୋଟି କ୍ଷେତ୍ରରେ ସେ ଦୁଇଟି ଯେ ଏତେ ଅନୁପୂରକ ତାହା ଭାବିବାର କଥା ଅର୍ଥାତ୍ ବଂଧନ ନଥିଲେ ମୁକ୍ତିନାହିଁ ଅବା ବଂଧନ ହିଁ ମୁକ୍ତିର କାରଣ। ସେଇ ଆଧାତ୍ମିକ ତତ୍ତ୍ୱଟି ଶିକ୍ଷକ ଯଦି ବିଦ୍ୟାର୍ଥୀ ପାଇଁ ବ୍ରତ କରିଦିଅନ୍ତି, ତାହାହେଲେ ସେ ହିଁ ତାଙ୍କ ଭୂମିକାଟିକୁ ଯଥାର୍ଥ ରୂପେ ନିଭାଇଛନ୍ତି ବୋଲି କହି ପାରିବା ତାହାହିଁ ରବୀନ୍ଦ୍ରନାଥଙ୍କ "ଲଭିବ ମୁକ୍ତିର ସ୍ୱାଦ ଅଶେଷ ବଂଧନ ମାଝେ" ଗୁହ୍ୟଯୋଗ। ଶିକ୍ଷକଙ୍କର ଅନ୍ତରଯୋଗ ମାଧ୍ୟମରେ ସର୍ବଶ୍ରେଷ୍ଠ ବିଦ୍ୟା, ହୃଦୟ ବିଦ୍ୟାକୁ ଆତ୍ମସ୍ଥ କରିଥିବା ବିଦ୍ୟାର୍ଥୀ ହିଁ ତଲ୍ଲୀନ ହୋଇଥାଏ ଏ ସଂସାରର ମିତ୍ର ହୋଇ ତାର ସକଳ ଅସାମର୍ଥ୍ୟ ଓ ଅଯୋଗ୍ୟତାର ରୂପାନ୍ତର ଯୋଗ ସୃଷ୍ଟି କରିବା ପାଇଁ ଶିକ୍ଷକ ସେଇଥିପାଇଁ ଜଣେ ଶ୍ରୀକୃଷ୍ଣଙ୍କ ଭୂମିକାରେ ଅବତୀର୍ଣ୍ଣ ହୋଇ ଅର୍ଜୁନରୂପୀ ବିଦ୍ୟାର୍ଥୀର କ୍ଲୀବତା ଦୂର କରିବାରେ ଅନୁକ୍ଷଣ ଅନୁରାଗୀ ହୋଇଥାନ୍ତି। ବିଦ୍ୟାରୂପକ ଗୀତା କେବଳ ଶୁଣାଇ ନୁହେଁ ବାସ୍ତବାୟିତ କରାଇ ସେ ତା ମଧ୍ୟରେ ଅପ୍ରକାଶିତ ବିରାଟତାକୁ ପ୍ରକଟ କରାଇ ଆଣନ୍ତି ଫଳରେ ବିଦ୍ୟାର୍ଥୀ "ମୁଁ ଓ ମୋର" ବେହିଆମିରେ ବାଙ୍ଗରା ହୋଇ ନ ଯାଇ 'ଆମେ ଓ ଆମର'ର ବ୍ରହ୍ମଚର୍ଯ୍ୟରେ ବିଚକ୍ଷଣ ବିଭୂତି ପାଲଟିଯାଏ। ଫଳରେ ଅର୍ଜୁନଙ୍କ ପରି ଅତ୍ୟନ୍ତ ବୁଦ୍ଧିଯୁକ୍ତ ଆବେଗରେ ସେ ଗାଇ ଉଠେ "ନଷ୍ଟମୋହୋ ସ୍ମୃତିର୍ଲବ୍ଧା ତ୍ୱତ୍ ପ୍ରସାଦାତ୍ ମୟାଚ୍ୟୁତ.."। ତାର ବ୍ୟକ୍ତିତ୍ୱରେ ବିଶ୍ୱପ୍ରାଣତା ସୃଷ୍ଟିକରି ଶିକ୍ଷକ ତାକୁ ନବଜନ୍ମ ଦିଅନ୍ତି। ଫଳରେ ବିଦ୍ୟାର୍ଥୀ ହୁଏ ପ୍ରିୟ ପରମ, ପରମାର୍ଥ ପଥିକ ସେ ସଂସାରରେ ଚାଲ, ସମସ୍ତଙ୍କ ସହ ଚାଲେ, ସମସ୍ତଙ୍କ ପାଇଁ ଚାଲେ କିନ୍ତୁ ସମସ୍ତଙ୍କ ଦ୍ୱାରା ନଚାଲି ଅର୍ଥାତ୍ ସମସ୍ତଙ୍କ କଥାରେ ବିଭ୍ରାନ୍ତ ନହୋଇ ସମସ୍ତଙ୍କ ଚେତା ପୁରୁଷ ରୂପେ ବଡ଼ ସରାଗ ଓ ସମର୍ପଣରେ ସ୍ୱଧର୍ମ ପାଇବେ କରିବା ମାଧ୍ୟମରେ ସ୍ୱଭାବର ସ୍ୱସ୍ତ୍ୟୟନ କରିପାରେ।

**ଭଦ୍ରକ**

# ମକର ସଂକ୍ରାନ୍ତିରେ ମକର ବୁଡ଼ ଓ ମକର ଚାଉଳ ଭୋଗ ଲାଗି

**ସନ୍ତୋଷ କୁମାର ଦାଶ**



ମକର ସଂକ୍ରାନ୍ତି ହେଉଛି ସୂର୍ଯ୍ୟ ନାରାୟଣ ଙ୍କ ପୂଜା ର ପର୍ବ। ପ୍ରତ୍ୟେକ ଓଡ଼ିଆ ଙ୍କ ଘରେ ଏହି ପର୍ବ ଭକ୍ତି ଓ ନିଷ୍ଠାର ସହିତ ପାଳନ କରାଯାଏ। ଜ୍ୟୋତିଷ ଶାସ୍ତ୍ର ଅନୁସାରେ ଏହି ଦିନ ସୂର୍ଯ୍ୟ ମକର ରାଶି କୁ ପ୍ରବେଶ କରୁଥିବାରୁ ସଂକ୍ରାନ୍ତି ର ନାମ ମକର ସଂକ୍ରାନ୍ତି ହୋଇଛି। ଭୌଗଳିକ ସ୍ଥିତି ଅନୁସାରେ ଭାରତ ଭୁଖଣ୍ଡ ପୃଥିବୀ ର ଉତ୍ତର ଗୋଲାର୍ଦ୍ଧ ରେ ରହିଛି। ମକର ସଂକ୍ରାନ୍ତି ପୂର୍ବରୁ ସୂର୍ଯ୍ୟ ନାରାୟଣ ଦକ୍ଷିଣ ଗୋଲାର୍ଦ୍ଧ ରେ ରହିଥିବା ବେଳେ ଏହି ଦିନ ଠାରୁ ଉତ୍ତର ଗୋଲାର୍ଦ୍ଧ କୁ ଚଳନ କରିଥାନ୍ତି। ଏହି ଦିନ ସୂର୍ଯ୍ୟ ନାରାୟଣ ପୃଥିବୀ ର ନିକଟବର୍ତ୍ତୀ ହେଉଥିବାରୁ ମଙ୍ଗଳ କାମନା ପାଇଁ ତାଙ୍କୁ ପୂଜା କରା ଯାଇଥାଏ। ସୂର୍ଯ୍ୟ ନାରାୟଣ ଙ୍କ ଉତ୍ତରାୟଣ ଗତି ପରେ ସମସ୍ତ ଧାର୍ମିକ କାର୍ଯ୍ୟ ଆରମ୍ଭ ହୋଇଥାଏ ବୋଲି ବିଭିନ୍ନ ପୁରାଣ ରେ ଉଲ୍ଲେଖ ରହିଛି। ଏହି ଦିନ ସୂର୍ଯ୍ୟ ନାରାୟଣ ତାଙ୍କ ପୁତ୍ର ଶନି ଦେବ ଙ୍କୁ ସାକ୍ଷାତ କରିବାକୁ ତାଙ୍କ ଘରକୁ ଯାଇଥିଲେ ବୋଲି ପୁରାଣ ରେ ବର୍ଣ୍ଣିତ ଅଛି। ଏହି ଦିନ ଗଙ୍ଗା ମାତା ଭଗିରଥ ଙ୍କ ପ୍ରାର୍ଥନା ରେ ସନ୍ତୁଷ୍ଟ ହୋଇ ତାଙ୍କ ପିତୃ ପୁରୁଷ ମାନଙ୍କୁ ମୋକ୍ଷ ପ୍ରଦାନ କରିବାକୁ ତାଙ୍କ ପଛେ ପଛେ କପିଳ ମୁନି ଙ୍କ ଆଶ୍ରମ କୁ ଯାଇଥିଲେ ବୋଲି ପ୍ରାଚୀ ମାହାତ୍ମ୍ୟ ପୋଥି ରେ ଲେଖାଯାଇଛି। ସେଥିପାଇଁ ମକର ସଂକ୍ରାନ୍ତି ଦିନ ବିଭିନ୍ନ ନଦୀ ଓ ସମୁଦ୍ର ରେ ସ୍ନାନ କଲେ ଯାବତୀୟ ରୋଗ ରୁ ମୁକ୍ତି ମିଳିବା ସହିତ ଅଶେଷ ପୁଣ୍ୟ ପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ରହିଛି। ସେଥିପାଇଁ ଏହି ଦିନ ଗଙ୍ଗା ସାଗର ବୁଡ଼ ଓ ମେଳା ଅନୁଷ୍ଠିତ ହୋଇଥାଏ। ଏହି ଦିନକୁ ଓଡ଼ିଆ ଚାଷୀ ମାନେ ନୂଆ ଧାନ ଅମଳ କରି ସାରିଥାନ୍ତି। ଏଣୁ ନୂଆ ଚାଉଳ, ଗୁଡ଼, ଛେନା, ନଡ଼ିଆ, ଘିଅ,କଦଳୀ, କ୍ଷୀର ରେ ପ୍ରତ୍ୟେକ ଓଡ଼ିଆ ଙ୍କ ଘରେ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ହୋଇଥାଏ ମକର ଚାଉଳ। ଏହି ମକର ଚାଉଳ କୁ ଗ୍ରାମ ଦେବତୀ ଙ୍କ ପାଖରେ ଭୋଗ ଲାଗି କରି ସମସ୍ତେ ଖାଇଥାନ୍ତି। ଏହି ଅବସର ରେ ପୁରୀ ଶ୍ରୀ ମନ୍ଦିର ରେ ମଧ୍ୟ ଶ୍ରୀ ଜିୟୁ ମାନଙ୍କୁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ମକର ଚାଉଳ ଲାଗି ହେବା ପରମ୍ପରା ରହିଛି। ବିଭିନ୍ନ ଦେବ ଦେବୀ ଙ୍କ ପାଖରେ ଭୋଗ ଲାଗି ମକର ଚାଉଳ କୁ ବିଭିନ୍ନ ବ୍ୟକ୍ତି ଓ ଯୁବତୀ/କିଶୋରୀ ମାନେ ପରସ୍ପର କୁ ଖୁଆଇ ମକର ବସିଥାନ୍ତି। ମକର ବସିଥିବା ବ୍ୟକ୍ତି ଓ ଯୁବତୀ/ କିଶୋରୀ ମାନେ ପରସ୍ପର କୁ ଆଉ ତାଙ୍କ ନାମ ରେ ସମ୍ବୋଧନ ନ କରି ପରସ୍ପର କୁ ମକର ବୋଲି ଡକା ଡକି ହୋଇଥାନ୍ତି। ମକର ସଂକ୍ରାନ୍ତି ଏକ ଭାଇଚାରା ର ପର୍ବ ଭାବେ ଓଡ଼ିଆ ସଂସ୍କୃତି ଓ ପରମ୍ପରାରେ ରହି ଆସିଛି କାହିଁ କେତେ କାଳ ରୁ। ଜୟ ସୂର୍ଯ୍ୟ ନାରାୟଣ ।।

**ତୁଳସୀପୁର, ପୁରୀ, ମୋବାଇଲ୍: ୯୪୩୯୩୬୧୮୮**

### ପିଏସ୍ଏଲ୍ଭି-ସି-୬୨ ଉତ୍କ୍ଷେପଣ ବିଫଳ

# କକ୍ଷପଥରେ ମୁତୟନ ହୋଇପାରିଲାନି ୧୬ ଉପଗ୍ରହ

ଶ୍ରୀହରିକୋଟା,୧୨।୧ଃ ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ)ର ଚଳିତ ବର୍ଷର ପ୍ରଥମ ମିଶନ ବିଫଳ ହୋଇଛି। ୨୬୦ ଟନ୍ ବିଶିଷ୍ଟ ପିଏସ୍ଏଲ୍ଭି-ଡିଏଲ୍ ଶ୍ରେଣୀର ରକେଟ ୧୬ଟି ଉପଗ୍ରହ ସହିତ ସୋମବାର ସକାଳ ୧୦ଟା ୧୭ ମିନିଟରେ ଉତ୍କ୍ଷେପଣ କରାଯାଇଥିଲା। ୨୦୨୬ରେ ଏହା ଇସ୍ରୋର ପ୍ରଥମ ଅର୍ବିଟାଲ ମିଶନ ଥିଲା। ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାରୁ ପିଏସ୍ଏଲ୍ଭି-ସି୬୨ ରକେଟର ଉତକ୍ଷେପଣ କରିଥିବା ବେଳେ ଉତକ୍ଷେପଣ ପରେ ଏହା ଉପଗ୍ରହଠାରୁ ନିୟନ୍ତ୍ରଣ ହରାଇଛି। ଫଳରେ ପିଏସ୍ଏଲ୍ଭି-ସି୬୨ରେ ଥିବା ୧୬ ଟି ଉପଗ୍ରହ ସନ୍-ସିଙ୍କ୍ରୋନସ୍ ପୋଲର ଅର୍ବିଟରେ ମୁତୟନ ହୋଇପାରିନାହିଁ। ତୃତୀୟ ପର୍ଯ୍ୟାୟ ଇଗ୍ନିସନ୍ ପରେ କୌଣସି ଟେଲିମେଟ୍ରି ଅପଡେଟ୍ ବିନା, ଗତବର୍ଷର ପିଏସଏଲଭି-ସି-୬୧ ବିପର୍ଯ୍ୟୟ ପରି କକ୍ଷପଥ ପ୍ରବେଶ ବିଫଳ ରହିଥିବା ଜଣାପଡ଼ିଛି।

ପିଏସ୍ଏଲ୍ଭି-ସି-୬୨ ସତୀଶ ଧାୱନ ମହାକାଶ କେନ୍ଦ୍ରର ପ୍ରଥମ ଲଞ୍ଚ ପ୍ୟାଡ୍ ରୁ ରକେଟ୍ ଉଡ଼ାଣ କରିଥିଲା, ଯେଉଁଥିରେ ଇଓଏସ୍-ଏନ୍୧ (ଅନ୍ୱେଷା) ପୃଥିବୀ ଓ ସାମୁଦ୍ରିକ ପର୍ଯ୍ୟବେକ୍ଷଣ ଉପଗ୍ରହ ସହିତ ୧୫ ଟି ଅନ୍ୟ ଉପଗ୍ରହ ରହିଥିଲା। ଲଞ୍ଚ ପ୍ରୟାସର କିଛି ଘଣ୍ଟା ପରେ ଇସ୍ରୋ ସୂଚିତ କରିଥିଲା ଯେ ମିଶନର ଫଳାଫଳ ଏପର୍ଯ୍ୟନ୍ତ ଅସ୍ପଷ୍ଟ ରହିଛି।



ପୋଲାର ସାଟେଲାଇଟ୍ ଲଞ୍ଚ ଭେହିକଲ (ପିଏସ୍ଏଲ୍ଭି) ର ଏହା ୬୪ତମ ଉଡ଼ାଣ ଥିଲା। ଅନ୍ୱେଷା ବ୍ୟତୀତ ୧୫ଟି ଅନ୍ୟ ଉପଗ୍ରହ ମଧ୍ୟରେ ଭାରତୀୟ ଷ୍ଟାର୍ଟଅପ୍, ବିଶ୍ୱବିଦ୍ୟାଳୟ ଓ ସ୍ପେନର କେଷ୍ଟ୍ରେଲ ଇନିସିଆଲ ଡେମୋନଷ୍ଟ୍ରେଟର ପରି ଅନ୍ୟ ଆର୍ନ୍ତଜାତିକ ସହଯୋଗୀଙ୍କ ରକେଟ ରହିଥିଲା।

### ସୁପ୍ରିମକୋର୍ଟରେ ପୋଲାଭରମ ପ୍ରକଳ୍ପ

# ତେଲଙ୍ଗାନା ରିଟ୍ ପିଟିସନ ଗ୍ରହଣଯୋଗ୍ୟ ନୁହେଁ

ନୂଆଦିଲ୍ଲୀ,୧୨।୧ଃ ଆନ୍ଧ୍ରପ୍ରଦେଶ ଏବଂ ଏହାର ଏଜେନ୍ସିଗୁଡ଼ିକୁ ପୋଲାଭରମ୍-ବାନାକାଚେର୍ଲା/ନଲ୍ଲମାଲାସାଗର ଲିଙ୍କ୍ ପ୍ରକଳ୍ପ ସମ୍ବନ୍ଧୀୟ କାର୍ଯ୍ୟକଳାପରୁ ଆଗକୁ ବଢ଼ିବାରୁ ରୋକିବାକୁ ତେଲଙ୍ଗାନା ସରକାରଙ୍କ ଦ୍ୱାରା ଦାୟର ରିଟ୍ ପିଟିସନକୁ ସୁପ୍ରିମକୋର୍ଟ ସୋମବାର ପ୍ରଥମ ଦୃଷ୍ଟିରୁ ଗ୍ରହଣଯୋଗ୍ୟ ନୁହେଁ ବୋଲି ଦର୍ଶାଇଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି ଯେ, ସମସ୍ତ ପ୍ରଭାବିତ ରାଜ୍ୟମାନଙ୍କୁ ନେଇ ମାମଲା ମାଧ୍ୟମରେ ବିବାଦର ସମାଧାନ ଅଧିକ ଉପଯୁକ୍ତ ହେବ। ସୁପ୍ରିମକୋର୍ଟଙ୍କ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ବିଚାରପତି ଜଷ୍ଟିସ ଜୟମାଲ୍ୟ ବାଗଚୀଙ୍କୁ ନେଇ ଗଠିତ ଏକ ଖଣ୍ଡପୀଠ ଆବେଦନର ସମାଧାନ କରି ତେଲଙ୍ଗାନାକୁ ମାମଲା ଦାୟର କରିବା ସମେତ ଆଇନରେ ଉପଲବ୍ଧ ଅନ୍ୟ ଯେକୌଣସି ଉପଯୁକ୍ତ ପ୍ରତିକାର ପାଇବା ଏବଂ ବର୍ତ୍ତମାନର କାର୍ଯ୍ୟପନ୍ଥାରେ ଆଗ୍ରହୀ ସମସ୍ତ ବିବାଦ ଉଠାଇବା ପାଇଁ ସ୍ୱାଧୀନତା ପ୍ରଦାନ କରିଛନ୍ତି।



ଖଣ୍ଡପୀଠ ତାଙ୍କ ରାୟରେ କହିଛନ୍ତି ଯେ, ପ୍ରଥମ ଦୃଷ୍ଟିରୁ ରିଟ୍ ପିଟିସନକୁ କାର୍ଯ୍ୟକାରୀ କରାଯାଇ ପାରିବ ନାହିଁ ବୋଲି ବିଚାର କରାଯାଉଛି। ଆବେଦନକାରୀଙ୍କୁ ଆଇନ ଅନୁଯାୟୀ ଉପଯୁକ୍ତ ପ୍ରତିକାର ପାଇବା ଏବଂ ତୁରନ୍ତ ଆବେଦନରେ ନିଆଯାଇଥିବା ସମସ୍ତ ବିବାଦ ଉଠାଇବାର ସ୍ୱାଧୀନତା ଦିଆଯାଇଛି।

ତେଲଙ୍ଗାନା ସରକାରଙ୍କ ପକ୍ଷରୁ ବରିଷ୍ଠ ଓକିଲ ଅଭିଷେକ ମନୁ ସିଂଘଭୀ ସମ୍ବିଧାନର ଧାରା ୩୨ ର ଆବେଦନକୁ ଯଥାର୍ଥ ବୋଲି ଦର୍ଶାଇବାକୁ ଚେଷ୍ଟା କରିଥିଲେ। ସିଂଘଭୀ ଦର୍ଶାଇଥିଲେ ଯେ, ତେଲଙ୍ଗାନା ଗୋଦାବରୀ ନଦୀ ଜଳ ଆବଣ୍ଟନକୁ ନିୟନ୍ତ୍ରଣ କରୁଥିବା ଟ୍ରିବ୍ୟୁନାଲ ଆୱାର୍ଡର ସ୍ପଷ୍ଟ ଉଲ୍ଲଂଘନ ଦୃଷ୍ଟିରୁ ରିଟ୍ ପିଟିସନ୍ ଦାଖଲ କରିଛି।

# ଗୁଡ଼ି ମହୋତ୍ସବ ଉଦ୍‌ଘାଟନ କଲେ ମୋଦି-ମର୍ଜ

ଅହମଦାବାଦ,୧୨।୧ଃ ଜର୍ମାନ ଚାନସେଲର ଫ୍ରେଡ୍ରିକ୍ ମର୍ଜ ଭାରତରେ ପହଞ୍ଚିବା ପରେ ସାବରମତି ନଦୀକୂଳରେ ଚାଲିଥିବା ଆର୍ନ୍ତଜାତିକ ଗୁଡ଼ି ମହୋତ୍ସବକୁ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହିତ ଉଦଘାଟନ କରିଥିଲେ। ଉଭୟ ରାଷ୍ଟ୍ର ମୁଖ୍ୟ ସେମାନଙ୍କ ଆକୃତି ବିଶିଷ୍ଟ ଗୁଡ଼ି, ଦୁଇ ଦେଶର ପତାକା ଥିବା, ହିନ୍ଦୁ ଦେବାଦେବୀଙ୍କ ଚିତ୍ର ତଥା 'ଅପରେସନ ସିନ୍ଦୂର' ବିଷୟବସ୍ତୁ ଥିବା ଗୁଡ଼ି ଉଡ଼ାଇବାର ଦେଖିବାକୁ ମିଳିଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋମବାର ଜର୍ମାନୀ ଚାନ୍ସେଲର ମର୍ଜଙ୍କ ସହିତ ପ୍ରତିନିଧି ମଣ୍ଡଳୀସ୍ତରୀୟ ଆଲୋଚନା କରିଛନ୍ତି। ଗାନ୍ଧୀନଗରଠାରେ ମହାତ୍ମା ଗାନ୍ଧୀ କନଭେନସନ ସେଣ୍ଟରଠାରେ ଭାରତ-ଜର୍ମାନୀ ମଧ୍ୟରେ ଦ୍ୱିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଥିଲା। ଦ୍ୱିପାକ୍ଷିକ ପ୍ରତିନିଧି ସ୍ତରୀୟ ଆଲୋଚନା ବେଳେ ଭାରତ ଏବଂ ଜର୍ମାନୀ ମଧ୍ୟରେ ଉଚ୍ଚଶିକ୍ଷା ବିକାଶ ଉପରେ ଆଲୋଚନା ହୋଇଥିଲା



# ଚୂଡ଼ାନ୍ତ ପର୍ଯ୍ୟାୟରେ ଭାରତ-ଇୟୁ ବାଣିଜ୍ୟ ଆଲୋଚନା

ନୂଆଦିଲ୍ଲୀ,୧୨।୧ଃ ଭାରତ ଓ ୟୁରୋପୀୟ ସଂଘ (ଇୟୁ) ମଧ୍ୟରେ ବାଣିଜ୍ୟ ଆଲୋଚନା ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଏଥିସହିତ ଯୁକ୍ତରାଷ୍ଟ୍ର ଆମେରିକା ସହିତ ଦ୍ୱିପାକ୍ଷିକ ବାଣିଜ୍ୟ ଆଲୋଚନା ଚାଲିଛି ବୋଲି ଶିଳ୍ପ ଓ ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ ଆଜି ସୂଚନା ଦେଇଛନ୍ତି।



ଗୁଜରାଟର ରାଜକୋଟଠାରେ ଆୟୋଜିତ ଆଞ୍ଚଳିକ ଏମ୍ଏସ୍ଏମ୍ଇ ସମ୍ମିଳନୀରେ ଯୋଗଦେଇ ସେ ଏହା କହିଛନ୍ତି। ନିକଟରେ ବ୍ରସେଲ୍ସଠାରେ ଶ୍ରୀ ଗୋୟଲ ଇୟୁର ବାଣିଜ୍ୟ ଏବଂ ଅର୍ଥନୈତିକ ସୁରକ୍ଷା କମିସନର ମାରୋସ୍ ସେଫକୋଭିକ୍‌ଙ୍କ ସହ ବାଣିଜ୍ୟ ଆଲୋଚନା କରିଥିଲେ। ଆଲୋଚନାରେ ଭଲ ଅଗ୍ରଗତି ହୋଇଛି ବୋଲି କହିଥିଲେ। ସମାଧାନ ନହୋଇ ପଡ଼ି ରହିଥିବା ବିଷୟଗୁଡ଼ିକୁ ସମାଧାନ କରିବା ପାଇଁ ଉଭୟ ପକ୍ଷ ସେମାନଙ୍କ ବାଣିଜ୍ୟ ଆଲୋଚନା ଟିମ୍‌କୁ ନିର୍ଦ୍ଦେଶ ଦେଇଥିଲେ। ଭାରତ-ଇୟୁ ସମ୍ମିଳନୀ ଚଳିତମାସ ଶେଷ ଆଡ଼କୁ ନୂଆଦିଲ୍ଲୀରେ ହେବ। ତାହା ପୂର୍ବରୁ ବାଣିଜ୍ୟ ରାଜିନାମା କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ସାମଗ୍ରୀ କ୍ଷେତ୍ରରେ ଭାରତ ୟୁରୋପୀୟ ସଂଘର ସବୁଠୁ ବଡ଼ ବାଣିଜ୍ୟିକ ସହଯୋଗୀ। ୨୦୨୪-୨୫ରେ ଦ୍ୱିପାକ୍ଷିକ ବାଣିଜ୍ୟ ୧୩୬ ବିଲିଅନ ଡଲାରରୁ ଅଧିକ ରହିଥିଲା। ଭାରତ ଓ ଆମେରିକା ମଧ୍ୟରେ ପରବର୍ତ୍ତୀ ପର୍ଯ୍ୟାୟ ଦ୍ୱିପାକ୍ଷିକ ବାଣିଜ୍ୟ ଆଲୋଚନା ହେବ ବୋଲି ନୂଆଦିଲ୍ଲୀରେ ଆଜି ଭାରତ ପାଇଁ ଆମେରିକାର ରାଷ୍ଟ୍ରଦୂତ ଭାବେ ସର୍ଜିଓ ଗୋର୍ ଦାୟିତ୍ୱ ଗ୍ରହଣ କରିବା ଅବସରରେ ସୂଚନା ଦେବା ପରେ ଗୋୟଲ ଏହି ମନ୍ତବ୍ୟ ଦେଇଛନ୍ତି।

# ସର୍ଜିଓ ଗୋର୍ ଭାରତରେ ଆମେରିକାର ରାଷ୍ଟ୍ରଦୂତ ନିଯୁକ୍ତ

**ମୋଦି- ଟ୍ରମ୍ପଙ୍କ ବନ୍ଧୁତା ବେଶ ନିବିଡ଼**

**ଖୁବଶୀଘ୍ର ଭାରତ ଆସିବେ ଟ୍ରମ୍ପ**

**ବାଣିଜ୍ୟ ଚୁକ୍ତି ନେଇ ଆଶା ଦେଲେ**



ନୂଆଦିଲ୍ଲୀ,୧୨।୧ଃ ଭାରତରେ ନୂଆ ଆମେରିକୀୟ ରାଷ୍ଟ୍ରଦୂତ ସର୍ଜିଓ ଗୋର୍ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ କହିଛନ୍ତି ଯେ, ରାଷ୍ଟ୍ରପତି ଟ୍ରମ୍ପ ଏବଂ ପ୍ରଧାନମନ୍ତ୍ରୀ ମୋଦୀଙ୍କ ବନ୍ଧୁତା ଅତ୍ୟନ୍ତ ଦୃଢ଼। ଗୋର୍ କହିଛନ୍ତି, ରାଷ୍ଟ୍ରପତି ଟ୍ରମ୍ପଙ୍କ ସହିତ ସେ ସାରା ବିଶ୍ୱ ଭ୍ରମଣ କରିଛନ୍ତି ଏବଂ ଏହି ବନ୍ଧୁତାର ପ୍ରମାଣ ଦେଇପାରିବେ।

ସର୍ଜିଓ ଗୋର୍ କହିଛନ୍ତି ଯେ, ଭାରତ ଏବଂ ଆମେରିକା ମଧ୍ୟରେ ସମ୍ପର୍କ କେବଳ ପାରସ୍ପରିକ ଲାଭ ଉପରେ ଆଧାରିତ ନୁହେଁ। ବିଶ୍ୱାସ ଏବଂ ସହଯୋଗ ଉପରେ ଆଧାରିତ ଏହି ସଂପର୍କ। ଆଗାମୀ ବର୍ଷ କିମ୍ବା ଦୁଇ ବର୍ଷ ମଧ୍ୟରେ ଟ୍ରମ୍ପ ଭାରତ ଆସିପାରନ୍ତି। ସର୍ଜିଓ ଗୋର୍ ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ବିଷୟରେ ମଧ ପ୍ରତିକ୍ରିୟା ଦେଇଛନ୍ତି। ସେ କହିଛନ୍ତି ଯେ, ଉଭୟ ଦେଶର ଅଧିକାରୀମାନେ ସକ୍ରିୟ ଭାବରେ ଆଲୋଚନା କରୁଛନ୍ତି। ପରବର୍ତ୍ତୀ ଆଲୋଚନା ଆସନ୍ତାକାଲି ପାଇଁ ସ୍ଥିର କରାଯାଇଛି। ଭାରତ ବିଶ୍ୱର ବୃହତ୍ତ ଦେଶ। ଫଳରେ ବାଣିଜ୍ୟ ଚୁକ୍ତିକୁ ଚୂଡ଼ାନ୍ତ କରିବା କଷ୍ଟକର ହେଉଛି। କିନ୍ତୁ ଉଭୟ ଦେଶ ଏହାକୁ ହାସଲ କରିବା ପାଇଁ କଠିନ ପରିଶ୍ରମ କରୁଛନ୍ତି। ବାଣିଜ୍ୟ ଗୁରୁତ୍ୱପୂର୍ଣ୍ଣ, କିନ୍ତୁ ଦୁଇ ଦେଶ ସୁରକ୍ଷା, ଶକ୍ତି, ପ୍ରଯୁକ୍ତିବିଦ୍ୟା, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଆତଙ୍କବାଦ ବିରୋଧୀ ଅଭିଯାନ ଭଳି ଅନ୍ୟାନ୍ୟ କ୍ଷେତ୍ରରେ ମଧ ଏକାଠି କାମ କରୁଛନ୍ତି। ଭାରତକୁ ପାକ୍‌ସିଲିକାର ପୂର୍ଣ୍ଣ ସଦସ୍ୟ ହେବା ପାଇଁ ନିମନ୍ତ୍ରଣ କରାଯିବ ବୋଲି ସେ କହିଛନ୍ତି। ଗୋରଙ୍କ ଅନୁସାରେ,ପାକ୍‌ସିଲିକା ହେଉଛି ଏକ ଆମେରିକା ନେତୃତ୍ୱାଧୀନ ପଦକ୍ଷେପ। ଖଣିଜ, ଶକ୍ତି, ଉନ୍ନତ ଉତ୍ପାଦନ,ସେମିକଣ୍ଡକ୍ଟର, ଏଆଇ ଏବଂ ଲଜିଷ୍ଟିକ୍ସ ଭଳି କ୍ଷେତ୍ରରେ ଏକ ସୁରକ୍ଷିତ ଏବଂ ଦୃଢ଼ ସିଲିକନ୍ ଯୋଗାଣ ଶୃଙ୍ଖଳ ସୃଷ୍ଟି କରିବା ଏହାର ଲକ୍ଷ୍ୟ। ପୂର୍ବରୁ, ଏଥିରେ ଜାପାନ, ଦକ୍ଷିଣ କୋରିଆ, ବ୍ରିଟେନ ଏବଂ ଇସ୍ରାଏଲ ଥିଲେ। ଏବେ ଭାରତକୁ ମଧ ଏହି ଟିମରେ ଯୋଗଦେବା ପାଇଁ ନିମନ୍ତ୍ରଣ କରାଯିବ ବୋଲି ଆମେରିକୀୟ ରାଷ୍ଟ୍ରଦୂତ କହିଛନ୍ତି।

# ସୀମାରେ ଏକାଧିକ ପାକିସ୍ତାନୀ ଡ୍ରୋନ

**ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି**

**ସର୍ଚ୍ଚ ଅପରେଶନ ଜାରି**

ନୂଆଦିଲ୍ଲୀ,୧୧।୧ଃ ଜମ୍ମୁ-କଶ୍ମୀରର ସୀମାନ୍ତ ଅଞ୍ଚଳରେ ଏକାଧିକ ସନ୍ଦିଗ୍ଧ ପାକିସ୍ତାନୀ ଡ୍ରୋନ ଦେଖାଯାଇଛି। ଏହାପରେ ଭାରତୀୟ ସେନା ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଆନ୍ତର୍ଜାତୀୟ ସୀମା ଏବଂ ନିୟନ୍ତ୍ରଣ ରେଖା ସଂଲଗ୍ନ ସାମ୍ବା, ରାଜୌରୀ ଏବଂ ପୁଞ୍ଚ ଜିଲ୍ଲାରେ ପ୍ରାୟ ୫ଟି ଡ୍ରୋନ ଗତିବିଧି ନଜରକୁ ଆସିବା ପରେ ସେନା ଓ ପୁଲିସ ପକ୍ଷରୁ ବ୍ୟାପକ ସର୍ଚ୍ଚ ଅପରେସନ ଜାରି ରହିଛି।



ନୌସେରା ସେକ୍ଟରର ଗନିଆ-କାଲସିଆନ ଗ୍ରାମ ଉପରେ ଏକ ଡ୍ରୋନ ଉଡୁଥିବା ଦେଖି ଭାରତୀୟ ସେନା ମେସିନ ଗନରୁ ଗୁଳିଚାଳନା କରିଥିଲେ। ସେହିପରି ତେରିୟାଥ ଅଞ୍ଚଳରେ ମଧ ଏକ ଆଲୋକ ଜଳୁଥିବା ସନ୍ଦିଗ୍ଧ ବସ୍ତୁ ଦେଖାଯାଇଥିଲା। ସେହିପରି ମାଙ୍କୋଟ ସେକ୍ଟରରେ ତାଇନରୁ ଟୋପା ଅଭିମୁଖେ ସନ୍ଧ୍ୟା ୬:୨୫ରେ ଏକ ଡ୍ରୋନ ଗତି କରୁଥିବା ସୁରକ୍ଷାକର୍ମୀ ଦେଖିବାକୁ ପାଇଥିଲେ। ରାମଗଡ଼ ସେକ୍ଟରର ଚକ ବାବ୍ରାଲ ଗ୍ରାମ ଉପରେ ସନ୍ଧ୍ୟା ୭:୧୫ ସମୟରେ ଏକ ଡ୍ରୋନ କିଛି ସମୟ ଧରି ଉଡୁଥିବା ଦେଖାଯାଇଥିଲା।

ଅଧିକାରୀଙ୍କ ସୂଚନା ଅନୁଯାୟୀ, ଏହି ଡ୍ରୋନଗୁଡ଼ିକ ପାକିସ୍ତାନ ପଟୁ ଭାରତୀୟ ଆକାଶ ସୀମାକୁ ପ୍ରବେଶ କରି କିଛି ସମୟ ବୁଲିବା ପରେ ପୁଣି ଫେରିଯାଇଥିଲେ। ସୀମାରେ ମାରଣାସ୍ତ୍ର କିମ୍ବା ନିଶାଦ୍ରବ୍ୟ ପକାଯାଇଥିବା ଆଶଙ୍କା କରି ସେନା, ପୁଲିସ ଏବଂ ଅନ୍ୟାନ୍ୟ ସଂସ୍ଥା ପକ୍ଷରୁ ମିଳିତ ଭାବେ ତଲାସି ଅଭିଯାନ ଚଲାଯାଇଛି। ସୂଚନାଯୋଗ୍ୟ ଯେ, ଗତ ଶୁକ୍ରବାର ରାତିରେ ସାମ୍ବା ଜିଲ୍ଲାରୁ ଡ୍ରୋନ ଯୋଗେ ପଠାଯାଇଥିବା ଦୁଇଟି ପିସ୍ତଲ, ଗ୍ରେନେଡ ଏବଂ ଗୁଳିଗୋଳା ଜବତ କରାଯାଇଥିଲା। ଏହି ଘଟଣାର ମାତ୍ର କିଛିଦିନ ପରେ ପୁଣିଥରେ ଏଭଳି ଡ୍ରୋନ ଅନୁପ୍ରବେଶ ସୁରକ୍ଷା ବାହିନୀ ପାଇଁ ଚିନ୍ତାର ବିଷୟ ପାଲଟିଛି।

# ଏମ୍ସରେ ପୂର୍ବତନ ଉପରାଷ୍ଟ୍ରପତି ଧନଖଡ଼



ନୂଆଦିଲ୍ଲୀ୧୨।୧ଃ ପୂର୍ବତନ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ଙ୍କ ସୋମବାର ସ୍ୱାସ୍ଥ୍ୟ ବିଗିଡ଼ିଛି। ଚିକିତ୍ସା ପାଇଁ ତାଙ୍କୁ ନୂଆଦିଲ୍ଲୀ ସ୍ଥିତ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥା(ଏମ୍ସ) ରେ ଭର୍ତ୍ତି କରାଯାଇଛି। ଗତ ଦୁଇ ସପ୍ତାହରେ ଖନଖଡ଼ ଦୁଇ ଥର ବେହୋସ ହୋଇ ଯାଇଥିଲେ। ଯାହା ପରେ ଡାକ୍ତରଙ୍କ ପରାମର୍ଶକ୍ରମେ ତାଙ୍କୁ ତୁରନ୍ତ ଏମ୍ସରେ ଭର୍ତ୍ତି କରାଯାଇ ଏମଆରଆଇ ସହ ଅନ୍ୟ ଯାଞ୍ଚ କରାଯାଉଛି। ଜାନୁଆରୀ ୧୦ରେ ଧନଖଡ଼ ୱାଶରୁମ ଯିବା ସମୟରେ ଦୁଇଥର ଅଚେତ ହୋଇ ପଡ଼ିଥିଲେ। ଏହାପରେ ସୋମବାର ସେ ନିୟମିତ ଯାଞ୍ଚ ପାଇଁ ଏମ୍ସରେ ପହଞ୍ଚିଥିଲେ, ମାତ୍ର ଡାକ୍ତର ସ୍ଥିତିକୁ ଦେଖି ତତ୍କାଳ ଭର୍ତ୍ତି କରିବାକୁ ନିଷ୍ପତ୍ତି ନେଇଛନ୍ତି। ପ୍ରଥମ ଥର ଧନଖଡ଼ଙ୍କୁ ସାର୍ବଜନୀନ ମଞ୍ଚରେ ଏମିତି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିନି। ଏହା ପୂର୍ବରୁ ସେ କଚ୍ଛର ରଣ, ଉତ୍ତରାଖଣ୍ଡ, କେରଳ ଓ ଦିଲ୍ଲୀରେ ଅନେକ ସମୟରେ ସାର୍ବଜନୀନ କାର୍ଯ୍ୟକ୍ରମରେ ଅସୁସ୍ଥ ହୋଇ ଅଚେତ ହୋଇ ପଡ଼ିଥିଲେ। ଏବେ ଡାକ୍ତରୀ ଦଳ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷାରେ ଲାଗିପଡ଼ିଛନ୍ତି।

# ୧୦ ହଜାର ପ୍ରବାସୀଙ୍କୁ ଦେଶାନ୍ତର କଲା ସାଉଦି ଆରବ

ରିୟାଦ,୧୨।୧ଃ ସାଉଦି ଆରବ ବେଆଇନ ପ୍ରବାସୀଙ୍କ ବିରୋଧରେ ଏକ ବଡ଼ ଅଭିଯାନ ଆରମ୍ଭ କରିଛି। ଜାନୁଆରି ପ୍ରଥମ ସପ୍ତାହରେ, ୧୮,୮୩୬ ବେଆଇନ ପ୍ରବାସୀଙ୍କୁ ଗିରଫ କରାଯାଇ ସେମାନଙ୍କ ମଧ୍ୟରୁ ୧୦ ହଜାରରୁ ଅଧିକ ଲୋକଙ୍କୁ ଦେଶାନ୍ତର କରାଯାଇଛି। ନିର୍ଦ୍ଦେଶ ଅନୁଯାୟୀ ଦେଶବ୍ୟାପୀ କାର୍ଯ୍ୟାନୁଷ୍ଠାନ ଜାରି ରହିଛି। ଶ୍ରମ ଓ ସୀମା ଆଇନ ଉଲ୍ଲଂଘନ କରୁଥିବା ଲୋକଙ୍କୁ ଦେଶାନ୍ତର କରାଯାଉଛି। ସାଉଦି ଗୃହ ମନ୍ତ୍ରାଳୟ ରିପୋର୍ଟ କରିଛି, ସୁରକ୍ଷା ବାହିନୀ ଏବଂ ସରକାରୀ ସଂସ୍ଥାଗୁଡ଼ିକୁ ନେଇ ଏକ ମିଳିତ ଅଭିଯାନରେ ଜାନୁଆରି ୧ ରୁ ୭ ମଧ୍ୟରେ ଗିରଫଦାରୀ କରାଯାଇଥିଲା। ଅଟକ ରଖାଯାଇଥିବା ଲୋକଙ୍କ ମଧ୍ୟରୁ ୧୧,୭୧୦ ଜଣ ବାସସ୍ଥାନ ଆଇନ ଉଲ୍ଲଂଘନ କରୁଥିବା ବେଳେ ୪,୨୩୯ ଜଣ ସୀମା ସୁରକ୍ଷା ନିୟମ ଉଲ୍ଲଂଘନ କରିଥିଲେ। ସେହିପରି ୨,୮୮୭ ଜଣ ଶ୍ରମ ଆଇନ ଉଲ୍ଲଂଘନ କରୁଥିବା ଜଣାପଡିଥିଲା। ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କୁ ଦେଶାନ୍ତର କରାଯାଇଛି ଏବଂ ଅବଶିଷ୍ଟ ଲୋକଙ୍କୁ ସାଉଦି ଆରବରୁ ବାହାର କରିବା ପାଇଁ ପ୍ରସ୍ତୁତି ଚାଲିଛି ବୋଲି ସାଉଦି ଗୃହ ମନ୍ତ୍ରାଳୟ ରିପୋର୍ଟ କରିଛି। ଏହା ପୂର୍ବରୁ ୧୦,୧୯୫ ଜଣଙ୍କୁ ଦେଶାନ୍ତର କରାଯାଇଥିଲା। ଏହା ସହିତ, ୨୦,୯୫୬ ଉଲ୍ଲଂଘନକାରୀଙ୍କୁ ଯାତ୍ରା ଡକ୍ୟୁମେଣ୍ଟ ପାଇବା ପାଇଁ ସେମାନଙ୍କ କୂଟନୈତିକ ମିଶନକୁ ପଠାଇ ଦିଆଯାଇଛି। ସେହିପରି ୫,୨୦୧ ଜଣଙ୍କୁ ଦେଶାନ୍ତର କରାଯିବା ପୂର୍ବରୁ ଯାତ୍ରା ବ୍ୟବସ୍ଥା ସମ୍ପୂର୍ଣ୍ଣ କରିବାକୁ ସ୍ଥାନାନ୍ତର କରାଯାଇଛି। ସେମାନଙ୍କୁ ଖୁବ୍ ଶୀଘ୍ର ସାଉଦି ଆରବରୁ ବାହାର କରାଯିବ। ସାଉଦି କର୍ତ୍ତୃପକ୍ଷ କହିଛନ୍ତି, ବେଆଇନ ଭାବରେ ଦେଶରେ ପ୍ରବେଶ କରିବାକୁ ଚେଷ୍ଟା କରିଥିବା ୧,୭୪୧ ଜଣଙ୍କୁ ଗିରଫ କରାଯାଇଛି। ଏମାନଙ୍କ ମଧ୍ୟରୁ ୩୯ ପ୍ରତିଶତ ୟେମେନରୁ ବିସ୍ଥାପିତ ହୋଇଥିବା ଲୋକ। ସେହିପରି ୬୦ ପ୍ରତିଶତ ଇଥିଓପିଆ ନାଗରିକ ଓ ଏକ ପ୍ରତିଶତ ଅନ୍ୟ ଦେଶର ଲୋକେ। ଏହା ସହିତ ୪୬ ଜଣଙ୍କୁ ବେଆଇନ ଭାବରେ ଦେଶ ଛାଡିବାକୁ ଚେଷ୍ଟା କରିବା ସମୟରେ ଅଟକ ରଖାଯାଇଥିଲା। ସାଉଦି ଆରବ ପକ୍ଷରୁ ବେଆଇନ ଭାବରେ ଦେଶକୁ ପ୍ରବେଶ କରିବାରେ ସାହାଯ୍ୟ କରିଥିବା ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ବେଆଇନ ପ୍ରବାସୀଙ୍କୁ ପରିବହନରେ ସହାୟତା କରିବା, ବାସସ୍ଥାନ ଯୋଗାଇବା ତଥା ନିଯୁକ୍ତି ପ୍ରଦାନ କରିଥିବା ଅଭିଯୋଗରେ ୧୯ ଜଣଙ୍କୁ ଗିରଫ କରାଯାଇଛି। ଏଭଳି ବ୍ୟକ୍ତିଙ୍କୁ ୧୫ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡାଦେଶ ଏବଂ ୧୦ ଲକ୍ଷ ପର୍ଯ୍ୟନ୍ତ ସାଉଦି ରିୟାଲ ଜରିମାନା ହୋଇପାରେ। ଅପରାଧରେ ବ୍ୟବହୃତ ଯାନବାହନ ଏବଂ ସମ୍ପତ୍ତି ମଧ ଜବତ କରାଯାଇପାରେ ବୋଲି ଗୃହ ମନ୍ତ୍ରଣାଳୟ କହିଛି। ସାଉଦି ଗୃହ ମନ୍ତ୍ରାଳୟ ଅନୁଯାୟୀ, ଏହି ଅଭିଯାନର ଅଂଶ ସ୍ୱରୂପ ବର୍ତ୍ତମାନ ୨୮,୨୨୦ ପୁରୁଷ ଏବଂ ୧,୬୦୩ ମହିଳା ସମେତ ୨୯,୮୨୩ ବିଦେଶୀଙ୍କ ବିରୋଧରେ ତଦନ୍ତ ଜାରି ରହିଛି।



### ମହାୟୁତୀ ମେଣ୍ଟରେ ଫାଟ

# ଫଡନବୀସ-ଅଜିତ ପାୱାର ବାକ୍ ଯୁଦ୍ଧ

ମୁମ୍ବାଇ, ୧୨।୧ଃ ମହାଯୁତୀ ମେଣ୍ଟରେ ଏବେ ଦୂରତା ବଢ଼ୁଛି। ମେଣ୍ଟରେ ଫାଟ ଏବେ ସ୍ପଷ୍ଟ ରୂପେ ଦେଖାଯାଉଛି। ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାର ଓ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବୀଶ ବିଏମସି ଓ ନଗରନିଗମ ନିର୍ବାଚନ ପୂର୍ବରୁ ଶାସନ, ମାଗଣା ଯୋଜନା ଓ ଦୁର୍ନୀତିକୁ ନେଇ ପରସ୍ପରକୁ ଘେରିଛନ୍ତି। ଏହି ବିବାଦ ସେତେବେଳେ ଆରମ୍ଭ ହୋଇଛି ଯେତେବେଳେ ପାୱାର ପିମ୍ପରୀ-ଚିଞ୍ଚୱାଡ ନଗରନିଗମ ନିର୍ବାଚନ ପ୍ରଚାର କାଳରେ ଫଡନବୀଶଙ୍କ ଉପରେ ପାଲଟା ଆକ୍ରମଣ କରିଛନ୍ତି। ପାୱାର କହିଛନ୍ତି ଯେ, ସେ କେବଳ ଶାସନର ବିଫଳତାକୁ ଉଜାଗର କରିଛନ୍ତି, ବ୍ୟକ୍ତିଗତ ଆରୋପ ଲଗାଇ ନାହାନ୍ତି। ନଗରନିଗମ ନିର୍ବାଚନ ପାଇଁ ପାୱାର ତାଙ୍କର ସମାଲୋଚନାକୁ ଆହୁରି ତୀବ୍ର କରିଛନ୍ତି। ସେ ବିଜେପି ଉପରେ ୨୦୧୭ ଓ ୨୦୨୨ ମଧ୍ୟରେ ସିପିଏମସି ଶାସନ କାଳରେ ଦୁର୍ନୀତି ଓ କୁଶାସନର ଅଭିଯୋଗ ଆଣିଛନ୍ତି। ପାୱାର ଏହା ବି କହିଛନ୍ତି ଯେ, ବିଜେପି ଦେଇଥିବା ୨୭ଟି ପ୍ରତିଶ୍ରୁତିରୁ ଗୋଟିଏ ବି ପୂରଣ କରିନି। ସେ ରାଭେତ ଓ ଭୋସାରୀ ଭଳି ବସ୍ତି ପୁନର୍ବାସ ପ୍ରାଧିକରଣ ଯୋଜନାରେ ହୋଇଥିବା ଅନିୟମିତତାର ତଦନ୍ତ ଦାବି କରିଛନ୍ତି। ଏହା ଛଡା ଏହି ସବୁ ପ୍ରକଳ୍ପରେ କରାଯାଇଥିବା ବିକାଶର ଲାଭ କେଉଁମାନଙ୍କୁ ମିଳିଛି ବୋଲି ପ୍ରଶ୍ନ ଉଠାଇଛନ୍ତି। ପାୱାର ଭିତ୍ତିଭୂମି ବ୍ୟୟ ବୃଦ୍ଧି ହୋଇଥିବା ମଧ କହିଛନ୍ତି। ଏଥିରେ ଗୋଟିଏ ପୋଲ ପ୍ରକଳ୍ପର ବ୍ୟୟ ଅଟକଳ ୭୦ ଲକ୍ଷ ଟଙ୍କାରୁ ବଢି ୭ କୋଟି ଟଙ୍କା ହୋଇଥିବା କହିଛନ୍ତି।



### ପକ୍ଷୀମାଡ଼ ପରେ ଏମରଜେନ୍ସି ଲ୍ୟାଣ୍ଡିଂ

# ବର୍ତ୍ତିଗଲେ ଇଣ୍ଡିଗୋ ବିମାନର ୨୧୬ ଯାତ୍ରୀ



ବାରଣାସୀ,୧୨।୧ଃ ବର୍ତ୍ତିଲା ବିମାନଯାତ୍ରୀଙ୍କ ଜୀବନ। ବାରଣାସୀର ଲାଲ ବହାଦୁର ଶାସ୍ତ୍ରୀ ଇଣ୍ଟରନ୍ୟାସନାଲ ଏୟାରପୋର୍ଟରେ ଅଳ୍ପକେ ଟଳିଗଲା ବଡ଼ ବିମାନ ଦୁର୍ଘଟଣା। ଗୋରଖପୁରରୁ ବେଙ୍ଗାଲୁରୁ ଯାଉଥିବା ଇଣ୍ଡିଗୋ ଏୟାରଲାଇନ୍ସର ବିମାନରେ ପକ୍ଷୀ ମାଡ଼ ହେବାରୁ ଜରୁରୀ ଅବତରଣ କରିଛି। ପାଇଲଟଙ୍କ ଉପସ୍ଥିତି ବୁଦ୍ଧି ଯୋଗୁଁ ସମସ୍ତ ଯାତ୍ରୀ ସୁରକ୍ଷିତ ରହିଥିବା ବେଳେ କେହି ଆହତ ହୋଇନାହାନ୍ତି। ଇଣ୍ଡିଗୋ ବିମାନ ୬ଇ- ୪୩୭ ଗୋରଖପୁର ଏୟାରପୋର୍ଟରୁ ଉଡ଼ାଣ ଭରିଥିଲା। ଏହି ବିମାନ ବେଙ୍ଗାଲୁରୁ ଯିବାକୁ ରହିଥିବା ବେଳେ ଏଥିରେ ୨୧୬ ଯାତ୍ରୀ ରହିଥିଲେ। ବିମାନ ଉଡ଼ାଣ ଭରିବାର ୧୫ ମିନିଟ ପରେ ଜୋନପୁର ନିକଟରେ ୧୬ ହଜାର ଫୁଟରେ ଥିବା ବେଳେ ଏକ ପକ୍ଷୀ ମାଡ଼ ହୋଇଥିଲା। ପକ୍ଷୀମାଡ଼ ଯୋଗୁଁ ବିମାନର ନୋଜ ଡେଣ୍ଟ ହେବା ସହିତ ଅଳ୍ପ ଫାଟ ହୋଇଯାଇଥିଲା।

ଏହାପରେ ପାଇଲଟ ତୁରନ୍ତ ବାରଣାସୀ ଏଟିସି ସହିତ ଯୋଗାଯୋଗ କରି ବିମାନକୁ ଡାଇଭର୍ଟ କରି ବାରଣାସୀ ଏୟାରପୋର୍ଟରେ ଏମରଜେନ୍ସୀ ଅବତରଣ କରିଥିଲା। ବିମାନ ଅବତରଣ ପରେ ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତ ଓହ୍ଲାଇ ଦିଆଯାଇଥିଲା। ଏହାପରେ ଇଣ୍ଡିଗୋ ନିଜର ଉଡ଼ାଣ ବାତିଲ କରିଥିଲା। ଯାତ୍ରୀଙ୍କ ରହିବା ପାଇଁ ବାରଣାସୀ ସହରରେ ବିଭିନ୍ନ ହୋଟେଲରେ ବ୍ୟବସ୍ଥା କରିଥିଲା ଏୟାରଲାଇନ।

# ଆମକୁ ଏକଘରିକିଆ କରିବାକୁ ଚାହୁଁଛି ଆମେରିକା: କିମ୍

ପ୍ୟୋଙ୍ଗୟାଙ୍ଗ,୧୨।୧ଃ ଇରାନରେ ଚାଲିଥିବା ରାଜନୈତିକ ଉତ୍ତେଜନା ମଧ୍ୟରେ ଉତ୍ତର କୋରିଆ ଏକ ନିର୍ଦ୍ଦିଷ୍ଟ ପ୍ରସଙ୍ଗରେ ଆମେରିକାକୁ ଟାର୍ଗେଟ କରିଛି। ଉତ୍ତର କୋରିଆର ଏକଚ୍ଛତ୍ରବାଦୀ ଶାସକ କିମ୍ ଜୋଙ୍ଗ ଉନ୍ ଅଭିଯୋଗ କରିଛନ୍ତି, ଆମେରିକା ଜାତିସଂଘର ସୁରକ୍ଷିତ ଆବରଣ ତଳେ ନିଜ ଇଚ୍ଛା ଅନୁଯାୟୀ ବିଶ୍ୱ ଉପରେ କଟକଣା ଲାଗୁ କରୁଛି। ଏହା ଗ୍ରହଣୀୟ ନୁହେଁ। କିମ୍‌ଙ୍କ ସରକାର ଆମେରିକା ନେତୃତ୍ୱାଧୀନ ସ୍ୱତନ୍ତ୍ର କଟକଣା ମନିଟରିଂ ଦଳ ଗଠନକୁ ବିରୋଧ କରିଛି। ମନିଟରିଂ ଦଳରେ ଆମେରିକା ଏବଂ ଦକ୍ଷିଣ କୋରିଆ ସମେତ ୧୧ ଜଣ ସଦସ୍ୟ ଅଛନ୍ତି। ଏହି ସଂଗଠନ ଆଗାମୀ ଦିନରେ ଉତ୍ତର କୋରିଆ ଉପରେ ୧୫ ବର୍ଷ ପାଇଁ କଟକଣା ଲଗାଇବାକୁ ଯୋଜନା ପ୍ରସ୍ତୁତି କରୁଛି। ଉତ୍ତର କୋରିଆ ଏହି ଦଳକୁ ବେଆଇନ ଘୋଷଣା କରିଛି। ଉତ୍ତର କୋରିଆ ଏକ ବିବୃତିରେ କହିଛି, ଆମେରିକା ଏପରି ଏକ ଦଳ ଗଠନ କରି ଆମ ଉପରେ ଚାପ ପକାଇବାକୁ ଚେଷ୍ଟା କରୁଛି। କିନ୍ତୁ ଏହା ସଫଳ ହେବନାହିଁ। ଏହା ସହିତ ଉତ୍ତର କୋରିଆ ଆମେରିକାକୁ କଡ଼ା ଚେତାବନୀ ଦେଇଛି। ଉତ୍ତର କୋରିଆ କହିଛି, ଏହି ସଂଗଠନ ଆମ ଉପରେ ସାଇବର ଆକ୍ରମଣର ମିଥ୍ୟା ଅଭିଯୋଗ ମଧ କରୁଛି। ଏହାର ଉଦ୍ଦେଶ୍ୟ ହେଉଛି ଆମକୁ ଅପରାଧୀ ଭାବରେ ଚିହ୍ନିତ କରି ବିଶ୍ୱ ସ୍ତରରେଏକଘରିକିଆ କରିବା। ଚୀନ୍ ଏହାର ଗଠନ ବିରୋଧରେ ଭୋଟ୍ ବର୍ଜନ କରିଥିଲା।



SANCHAR ସଂଚାର

୬୯ତମ ଜାତୀୟ ବିଦ୍ୟାଳୟ ସମୂହ ତୀରନ୍ଦାଜ୍ ପ୍ରତିଯୋଗିତା

# ୪ ସ୍ୱର୍ଣ୍ଣ ସହ ୧୧ ପଦକ ପାଇ ଓଡ଼ିଶା ରନର୍ସଅପ୍



**ଭୁବନେଶ୍ୱର, ୧୨।୧(ସଂଚାର ବ୍ୟୁରୋ):** ଝାଡ଼ଖଣ୍ଡ ରାଞ୍ଚିଠାରେ ଆୟୋଜିତ ୬୯ତମ ଜାତୀୟ ବିଦ୍ୟାଳୟ ସମୂହ ୧୭ ବର୍ଷରୁ କମ୍ ବାଳକ ଓ ବାଳିକା ତୀରନ୍ଦାଜ୍ ପ୍ରତିଯୋଗିତାରେ ଓଡ଼ିଶାର ଛାତ୍ରଛାତ୍ରୀମାନେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଏହି ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଓଡ଼ିଶା ମୋଟ୍ ୪ଟି ସ୍ୱର୍ଣ୍ଣ, ୫ଟି ରୌପ୍ୟ ଓ ୧ଟି ବ୍ରୋଞ୍ଜ ପଦକ ହାସଲ୍ କରିପାରିଛି। ଏଥିସହ ଓଡ଼ିଶା ଜାତୀୟସ୍ତରରେ ଓଭରଅଲ୍ ରନର୍ସଅପ୍ ଭାବେ ଯୋଗ୍ୟତା ଅର୍ଜନ କରିଛି। ଏହି ପ୍ରତିଯୋଗିତାରେ ମହାରାଷ୍ଟ୍ର ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଓଡ଼ିଶା ଦ୍ୱିତୀୟ ଏବଂ ଝାଡ଼ଖଣ୍ଡ ତୃତୀୟ ସ୍ଥାନ ଅଧିକାର କରିଛି। ଏହି ପ୍ରତିଯୋଗିତା ଜାନୁଆରୀ ୬ ରୁ ୧୦ ତାରିଖ ଯାଏଁ ଆୟୋଜିତ ହୋଇଥିଲା। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନ ଓଡ଼ିଶା ରାଜ୍ୟ ବିଦ୍ୟାଳୟ କ୍ରୀଡ଼ା ସଂଗଠନ ପକ୍ଷରୁ ମୋଟ ୧୮ ଜଣ ପ୍ରତିଯୋଗୀ, ଯେଉଁଥିରେ ୧୧ ଜଣ ବାଳିକା ଓ ୭ ଜଣ ବାଳକ ଏହି ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସୂଚନାଯୋଗ୍ୟ, ମୟୂରଭଞ୍ଜ ଜିଲ୍ଲା ବାରିପଦାସ୍ଥିତ ୟୁଜିପି ସରକାରୀ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ର ରୋହିତ କୁମାର ମାରାଣ୍ଡି ୩୦ ମିଟର୍ ଇଣ୍ଡିଆ ରାଉଣ୍ଡ, ଅଲମ୍ପିକ୍ ରାଉଣ୍ଡ ଓ ମିକ୍ସ ରାଉଣ୍ଡରେ ୩ ଟି ସ୍ୱର୍ଣ୍ଣ ପଦକ ଏବଂ ଓଭରଅଲ୍ ୩୦ ଓ ୨୦ ମିଟରରେ ଗୋଟିଏ ରୌପ୍ୟ ପଦକ ଜିତି ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଥିବା ବେଳେ ଭୁବନେଶ୍ୱର କିସ୍ ବିଦ୍ୟାଳୟର ରେଶମା ମଲ୍ଲିକ ୩୦ ମିଟର୍ ମିକ୍ସ ରାଉଣ୍ଡରେ ରୋହିତଙ୍କ ସହ ଗୋଟିଏ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।

ସେହିପରି କେନ୍ଦୁଝର ଜିଲ୍ଲାର ସୁନୀତା ନାଏକ ୬୦ ମିଟର୍ ରିକର୍ଭ ରାଉଣ୍ଡରେ ଗୋଟିଏ ରୌପ୍ୟ, ୬୦ ଇଣ୍ଡିଭିଜୁଆଲ୍ ରାଉଣ୍ଡରେ ଗୋଟିଏ ବ୍ରୋଞ୍ଜ୍ ପଦକ ଜିତିଛନ୍ତି। ୬୦ ମିଟର୍ ରିକର୍ଭ ରାଉଣ୍ଡରେ କେନ୍ଦୁଝର ଜିଲ୍ଲାର ସାବିତ୍ରୀ ପାତ୍ର, ସୁନ୍ଦରଗଡ଼ ଜିଲ୍ଲାର ଟେନିସ୍ ମେହେର୍ ଏବଂ ଭୁବନେଶ୍ୱରର ପାଙ୍ଖି ଭତ୍ରା ରୌପ୍ୟ ପଦକ ହାସଲ୍ କରିଛନ୍ତି।

ବାଲି ମାଫିଆଙ୍କ ଦାଦାଗିରି

## ଶହଶହ ଟ୍ରିପ୍ ବାଲି ମାଟି ଚୋରାରେ ବିକ୍ରି, ପ୍ରଶାସନ ନିରବ

**କେନ୍ଦ୍ରାପଡା, ୧୨।୧(ସଂଚାର ବ୍ୟୁରୋ):** ରାଜ୍ୟ ସରକାର ଖଣି ଖଦାନ, ବାଲି ମାଟି ଚୋରା ବନ୍ଦ କରିବା ପାଇଁ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିବା ବେଳେ କେନ୍ଦ୍ରାପଡା ଜିଲ୍ଲାରେ ବାଲି ମାଫିଆମାନେ ଏହାକୁ ଖାତିର ନକରି ଅଳଭା ବାଲିଘାଟରୁ ଦୈନିକ ଶହଶହ ଟ୍ରିପ ବାଲି ଓ ମାଟି ଚୋରାଚାଲାଣ କରି ଲକ୍ଷଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ବ୍ରାହ୍ମଣୀ ନଈକୂଳରୁ ଦୈନିକ ମାଟି ଓ ବାଲି ଉଠାଉ ଥିବାରୁ ଗ୍ରାମବାସୀ ଏହାର ତୀବ୍ର ବିରୋଧ କରୁଛନ୍ତି। ବାଲି ମାଫିଆମାନେ ଏମାନଙ୍କୁ ନିସ୍ତୁକ ମାଡ ମାରି ଜୀବନରୁ ମାରିବାକୁ ଧମକ ଦେଉଥିବା ନେଇ ଥାନାରେ ଅଭିଯୋଗ ହେବା ସହ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ନିକଟରେ ଅଭିଯୋଗ ହୋଇଛି। ସ୍ଥାନୀୟ ପୁଲିସ ଅଧିକାରୀ ନାମକୁ ମାତ୍ର ଏକ ମାମଲା ରୁଜୁ କରି ହାତ ବାନ୍ଧି ବସିଛନ୍ତି। ଏହି ମାଫିଆମାନେ ଖାଦାନରୁ ବାଲି ମାଟି ଉଠାଇବା ସହ ସ୍ଥାନୀୟ ଅଞ୍ଚଳରେ ଥିବା ଚାଷୀମାନଙ୍କ ଜମିରୁ ମଧ ମାଟି ଜୋର ଜବରଦସ୍ତି ଉଠାଇ ବିକୁଛନ୍ତି। ଏହି ଚୋରା ବାଲି ମାଟି ଚାଲାଣକୁ ବନ୍ଦ କରିବା ପାଇଁ ଅଳଭା ଗ୍ରାମବାସୀଙ୍କ ତରଫରୁ ଜିଲ୍ଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରି ଏମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଚୋରା ବାଲି ଓ ମାଟି ଚାଲାଣ ବନ୍ଦ କରିବାକୁ ଦାବି କରିଛନ୍ତି।

## କଳିଙ୍ଗ ଷ୍ଟାଡିୟମରେ ଜାତୀୟ ଯୁବ ଦିବସ ପାଳିତ




**ଭୁବନେଶ୍ୱର, ୧୨।୧(ସଂଚାର ବ୍ୟୁରୋ) :** ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମଠାରେ ଯୁଗପୁରୁଷ ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମ ଜୟନ୍ତୀ ତଥା ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ମନ୍ତ୍ରୀ ଶ୍ରୀ ସୂରଜ ତାଙ୍କ ଅଭିଭାଷଣରେ କହିଥିଲେ ଯେ, ସ୍ୱାମୀଜୀ ବିଶ୍ୱର ଏପରି ଜଣେ 'ୟୁଥ୍ ଆଇକନ୍' ; ଯାହାଙ୍କ ଆଦର୍ଶ ସମଗ୍ର ବିଶ୍ୱକୁ ପ୍ରଭାବିତ କରିଛି। ବିଶେଷ କରି ଚିକାଗୋ ସମ୍ମିଳନୀର ଅତିଥିମାନଙ୍କୁ ତାଙ୍କ 'ଭାଇ ଓ ଭଉଣୀ' ସମ୍ବୋଧନ ଯେଉଁ ସାର୍ବଭୌମ ଭ୍ରାତୃତ୍ୱଭାବର ବାର୍ତ୍ତା ଦେଇଥିଲା, ତାହା ଆଜି ବି ଇତିହାସର ଏକ ଗର୍ବିତ ଅଧ୍ୟାୟ ହୋଇ ରହିଛି।

ଯୁବଶକ୍ତିର ଗୁରୁତ୍ୱ ଉପରେ ଆଲୋକପାତ କରି ଶ୍ରୀ ସୂରଜ କହିଥିଲେ ଯେ, ଏକ ସମୃଦ୍ଧ ଜାତି ଓ ରାଷ୍ଟ୍ର ଗଠନ ପାଇଁ ଯୁବବର୍ଗଙ୍କ ସହଯୋଗ ଅପରିହାର୍ଯ୍ୟ। ଜୀବନରେ ସଫଳତା ପାଇବା ପାଇଁ ଶୃଙ୍ଖଳା ଜ୍ଞାନ ଏବଂ ଆତ୍ମଶକ୍ତିର ଆବଶ୍ୟକତା ରହିଛି ବୋଲି ସେ ମତ ପ୍ରକାଶ କରିଥିଲେ। ରାମକୃଷ୍ଣ ମିଶନର ପ୍ରତିନିଧି ସ୍ୱାମୀ ଆତ୍ମପ୍ରଭାନନ୍ଦ ମହାରାଜ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସମ୍ ହସ୍ପିଟାଲ୍‌ର ମାନସିକ ରୋଗ ବିଶେଷଜ୍ଞ ଡାକ୍ତର ସ୍ନେହାଂଶୁ ଦେ, କ୍ରୀଡ଼ା ଓ ଯୁବସେବା ବିଭାଗର ଅତିରିକ୍ତ ଶାସନ ସଚିବ ବିଜୟ କୁମାର ସ୍ୱାଇଁ ମଞ୍ଚାସୀନ ଥିବାବେଳେ ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ପଣ୍ଡା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ।

ବାଂଲାରେ ଥମୁନି ହିନ୍ଦୁବିରୋଧୀ ହିଂସା

## ଆଉ ଜଣେ ହିନ୍ଦୁ ଯୁବକଙ୍କୁ ହତ୍ୟା



**ନୂଆଦିଲ୍ଲୀ, ୧୨।୧:** ବାଂଲାଦେଶରେ ଆଉ ଜଣେ ହିନ୍ଦୁ ଯୁବକଙ୍କୁ ହତ୍ୟା କରାଯାଇଛି। ଫେନି ଜିଲ୍ଲାରେ ଇସଲାମ ମୌଳବାଦୀମାନେ ୨୮ ବର୍ଷୀୟ ସମୀର କୁମାର ଦାସଙ୍କୁ ହତ୍ୟା କରିଛନ୍ତି ଏବଂ ତାଙ୍କ ଅଟୋରିକ୍ସା ମଧ ଚୋରି କରି ନେଇଛନ୍ତି। ଅଭିଯୁକ୍ତମାନଙ୍କୁ ଏପର୍ଯ୍ୟନ୍ତ ଗିରଫ କରାଯାଇ ନାହିଁ। ଗତ ୨୫ ଦିନ ମଧରେ ବାଂଲାଦେଶରେ ଆଠ ଜଣ ହିନ୍ଦୁଙ୍କୁ ହତ୍ୟା କରାଯାଇଛି। ଡିସେମ୍ବର ୧୮ ତାରିଖରେ ଦୀପୁ ଚନ୍ଦ୍ର ଦାସଙ୍କୁ ହତ୍ୟା କରାଯାଇଥିଲା। ମୈମନସିଂ ଜିଲ୍ଲାର ଭାଲୁକା ଅଞ୍ଚଳରେ ଇସଲାମ ମୌଳବାଦୀଙ୍କ ଏକ ଭିଡ଼ ତାଙ୍କୁ ପିଟି ପିଟି ହତ୍ୟା କରିଥିଲା। ପରେ ଗଛରେ ଟଙ୍ଗେଇ ନିଆଁ ଲଗାଇ ଦେଇଥିଲା। ସେବେଠାରୁ ବାଂଲାଦେଶରେ ହିନ୍ଦୁ ବିରୋଧୀ ହିଂସା ଜାରି ରହିଛି।

## ଜୁଆଆଡ୍ଡାରେ ପୁଲିସ ଚଢ଼ଉ : ୨୬ ଗିରଫ

**ଗଞ୍ଜାମ, ୧୨।୧ (ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ଦିଗପହଣ୍ଡି ଥାନା ଅନ୍ତର୍ଗତ କରପଡା ନିକଟରେ ଚାଲିଥିବା ଏକ ବଡ଼ ଧରଣର ଜୁଆ ଆଡ୍ଡା ଉପରେ ପୁଲିସ ଚଢଉ କରିଛି। ସେଠାରୁ ୨୬ ଜଣ ଜୁଆଡିଙ୍କୁ ଗିରଫ କରି କୋର୍ଟଚାଲାଣ କରିବା ସହ ସେମାନଙ୍କ ଠାରୁ ୯ ଲକ୍ଷ ୫୦ ହଜାର ଟଙ୍କା ଓ ଜୁଆଖେଳ ସାମଗ୍ରୀ ଜବତ କରିଛି।

କରୁର ଦଳାଚକଟା ମାମଲା

## ଅଭିନେତା ବିଜୟଙ୍କୁ ୬ ଘଣ୍ଟା ସିବିଆଇ ଜେରା



**ନୂଆଦିଲ୍ଲୀ, ୧୨।୧:** ତାମିଲ ସୁପରଷ୍ଟାର ତଥା ଟିଭିକେ ମୁଖ୍ୟ ବିଜୟ ଥାଲାପତି ସୋମବାର ଦିଲ୍ଲୀସ୍ଥିତ ସିବିଆଇ ମୁଖ୍ୟାଳୟରେ ହାଜର ହୋଇଥିଲେ। କରୁର ଦଳାଚକଟା ଘଟଣାରେ ତାଙ୍କର ଏବଂ ତାଙ୍କ ଦଳର ଭୂମିକାକୁ ନେଇ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ତାଙ୍କୁ ଦୀର୍ଘ ସମୟ ଧରି ଜେରା କରିଛି। ତେବେ ପଚରାଉଚରା ସମୟରେ ବିଜୟ ଏହି ଦୁର୍ଘଟଣା ପାଇଁ ତାଙ୍କ ଦଳ କିମ୍ବା କୌଣସି କର୍ମକର୍ତ୍ତା ଦାୟୀ ନୁହନ୍ତି ବୋଲି ସ୍ପଷ୍ଟ କରିଛନ୍ତି। ଜେରା ସମୟରେ ବିଜୟ ସିବିଆଇ'କୁ ଜଣାଇଛନ୍ତି ଯେ, ଏହି ଦୁଃଖଦ ଘଟଣା ପାଇଁ ତାଙ୍କ ଦଳ ଦାୟୀ ନୁହେଁ। ସେ କହିଛନ୍ତି ଯେ, ସେଠାରେ ଅତ୍ୟଧିକ ଭିଡ଼ ଦେଖି ଅଧିକ ବିଶୃଙ୍ଖଳା ସୃଷ୍ଟି ହୋଇପାରେ ବୋଲି ଅନୁଭବ କରି ସେ ତୁରନ୍ତ ସେହି ସ୍ଥାନ ଛାଡ଼ି ଚାଲିଯାଇଥିଲେ। ସିବିଆଇ ଏବେ ବିଜୟଙ୍କ ବୟାନକୁ ପୂର୍ବରୁ ପଚରାଉଚରା କରାଯାଇଥିବା ଦଳୀୟ କର୍ମକର୍ତ୍ତା ଓ ପୋଲିସ ଅଧିକାରୀଙ୍କ ବୟାନ ସହ ମିଳାଇ ଦେଖିବ। ପୁଲିସର ଅଭିଯୋଗ ଅନୁସାରେ, ବିଜୟ କାର୍ଯ୍ୟକ୍ରମକୁ ଆସିବାରେ ବିଳମ୍ବ କରିବା ଯୋଗୁଁ ଭିଡ଼ ନିୟନ୍ତ୍ରଣ ବାହାରକୁ ଚାଲିଯାଇଥିଲା। ବିଜୟଙ୍କୁ ମଙ୍ଗଳବାର ପଚରାଉଚରା ପାଇଁ ଡକାଯାଇନାହିଁ। କିନ୍ତୁ ପୋଙ୍ଗଲ ପର୍ବ ପରେ ତାଙ୍କୁ ପୁଣି ଥରେ ହାଜର ହେବାକୁ ସମନ ଜାରି କରାଯାଇପାରେ। ୨୦୨୫ ସେପ୍ଟେମ୍ବର ୨୭ରେ କରୁରଠାରେ ବିଜୟଙ୍କ ଏକ ରାଜନୈତିକ ସଭା ଚାଲିଥିବା ବେଳେ ପ୍ରବଳ ଭିଡ଼ ଯୋଗୁଁ ଦଳାଚକଟା ହୋଇଥିଲା। ଏଥିରେ ୪୧ ଜଣ ପ୍ରାଣ ହରାଇଥିଲେ।

ଏସ୍ଆଇଆର୍‌କୁ ବିରୋଧ

## ପୁଣି ସିଇସିଙ୍କୁ ଚିଠି ଲେଖିଲେ ମମତା



**ନୂଆଦିଲ୍ଲୀ, ୧୨।୧:** ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସୋମବାର ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ପାଖକୁ ଏକ ସଦ୍ୟ ଚିଠି ଲେଖିଛନ୍ତି। ନିର୍ବାଚନ କମିସନ ୨ ଦଶନ୍ଧିର ନିର୍ବାଚନୀ ସଂଶୋଧନ ପ୍ରକ୍ରିୟାକୁ ଅଣଦେଖା କରିଛନ୍ତି ଏବଂ ଏସଆଇଆର ସମୟରେ ଭୋଟରମାନଙ୍କୁ ସେମାନଙ୍କ ପରିଚୟ ପୁନଃ ପ୍ରମାଣିତ କରିବା ପାଇଁ ବାଧ କରିଛନ୍ତି ବୋଲି ମମତା କହିଛନ୍ତି। ଚିଠିରେ ମମତା ଅଭିଯୋଗ କରିଛନ୍ତି ଯେ, ଏହାଦ୍ୱାରା ବ୍ୟାପକ ଜଟିଳତା ସୃଷ୍ଟି ହୋଇଛି। ସେ ଦାବି କରିଛନ୍ତି ଯେ, ଏସଆଇଆର ପ୍ରକ୍ରିୟାରେ ଅତି ସାଂଘାତିକ ପ୍ରକ୍ରିୟାଗତ ତ୍ରୁଟି ରହିଛି। ପଶ୍ଚିମବଙ୍ଗରେ ୨ ମାସରୁ ଅଧିକ ସମୟ ଧରି ଏସ୍ଆଇଆର ପ୍ରକ୍ରିୟା ଜାରି ରହିଥିବା ବେଳେ ମମତା ଏସ୍ଆଇଆରକୁ ବିରୋଧ କରି ବାରମ୍ବାର ଇସିଙ୍କୁ ଚିଠି ଲେଖିଛନ୍ତି। ୨ ଦିନ ତଳେ ମମତା ଅଭିଯୋଗ କରିଥିଲେ ଯେ, ଏସ୍ଆଇଆର ପ୍ରକ୍ରିୟା ଯୋଗୁ ରାଜ୍ୟରେ ୭୭ ଜଣଙ୍କର ମୃତ୍ୟୁ ହୋଇସାରିଛି। ନିର୍ବାଚନ କମିସନ୍ ବିନା ଯୋଜନାରେ ଏହି ପ୍ରକ୍ରିୟା ପରିଚାଳନା କରିଛନ୍ତି ବୋଲି ମମତା କହିଛନ୍ତି।

## ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଜାତୀୟ ଯୁବ ଦିବସ




**ଭୁବନେଶ୍ୱର, ୧୨।୧(ସଂଚାର ବ୍ୟୁରୋ):** ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ସ୍ୱାମୀ ବିବେକାନନ୍ଦଙ୍କ ୧୬୩ତମ ଜୟନ୍ତୀ ସମାରୋହ ଓ ବଙ୍କିମଚନ୍ଦ୍ର ଚାଟାର୍ଜୀଙ୍କ ରଚିତ ଜାତୀୟ ଗୀତ 'ବନ୍ଦେ ମାତରମ'ର ୧୫୦ତମ ବାର୍ଷିକୀ ଅବସରରେ 'ବନ୍ଦେ ମାତରମ୍'ର ସାମୂହିକ ଗାନ କରାଯାଇଛି । ଜାତୀୟ ଯୁବ ଦିବସ ପାଳନ ଅବସରରେ କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସ୍ୱାମୀ ବିବେକାନନ୍ଦଙ୍କୁ ନବଭାରତର ନିର୍ମାତା ଭାବେ ଅଭିହିତ କରିଥିଲେ । ପ୍ରଫେସର ପ୍ରେମାନନ୍ଦ ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ସ୍ୱାମୀଜୀଙ୍କୁ ଭାରତୀୟ ଆଧାତ୍ମିକ ଚେତନାର ଅଗ୍ରଦୂତ ସନ୍ଥ ବୋଲି କହିଥିଲେ । ପରୀକ୍ଷା ନିୟନ୍ତ୍ରକ ଶ୍ରୀଯୁକ୍ତ ଧରଣୀଧର ରଣା ଭାରତୀୟ ଯୁବସମାଜ ନିମନ୍ତେ ସ୍ୱାମୀଜୀଙ୍କ ସ୍ୱପ୍ନ ଓ ଅବଦାନ ସଂପର୍କରେ ଆଲୋକପାତ କରିଥିଲେ । ସ୍ନାତକୋତ୍ତର ବିଭାଗ ମୁଖ୍ୟ ପ୍ରଫେସର ଚକ୍ରଧର ବେହେରା ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରାଧାପକ ଡ. ସନ୍ଦୀପ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମକୁ ଶ୍ରୀ ପ୍ରଣବ କୁମାର ନାୟକ ସଂଯୋଜନା କରିଥିଲେ ।

## ଭୁବନେଶ୍ୱରରେ 'ଯୁବ ଶକ୍ତି ଟ୍ରଷ୍ଟ'ର ଶୁଭାରମ୍ଭ

ଯୁବ ସଶକ୍ତିକରଣ ଓ ସାମାଜିକ ପରିବର୍ତ୍ତନ ପାଇଁ ଏକ ନୂତନ ପଦକ୍ଷେପ




**ଭୁବନେଶ୍ୱର, ୧୨।୧(ସଂଚାର ବ୍ୟୁରୋ):** ଓଡ଼ିଶାରେ ଯୁବ ସଶକ୍ତିକରଣ ଏବଂ ସମାବେଶୀ ବିକାଶ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ରାଜଧାନୀ ଭୁବନେଶ୍ୱରଠାରେ ଯୁବ-ଚାଳିତ ସାମାଜିକ ବିକାଶ ସଂଗଠନ 'ଯୁବ ଶକ୍ତି ଟ୍ରଷ୍ଟ'ର ଭବ୍ୟ ଉଦଘାଟନ ହୋଇଯାଇଛି। ଏହି ଅବସରରେ ଏକ ସ୍ୱତନ୍ତ୍ର ଆଲୋଚନାଚକ୍ର ଏବଂ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଏହି କାର୍ଯ୍ୟକ୍ରମରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଓପିସିସି ସଭାପତି ଭକ୍ତ ଚରଣ ଦାସ, ରାଜ୍ୟସଭା ସାଂସଦ ଶିବାଶିଷ ଖୁଣ୍ଟିଆ, 'ଧରିତ୍ରୀ'ର ସମ୍ପାଦକ ତଥା ପୂର୍ବତନ ସାଂସଦ ତଥାଗତ ସତପଥୀ ଏବଂ ବିଶିଷ୍ଟ ଯୁବନେତା ମନ୍ମଥ ରାଉତରାୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ସମାଜ ଗଠନରେ ଯୁବପିଢ଼ିଙ୍କ ଭୂମିକା ଉପରେ ନିଜର ବହୁମୂଲ୍ୟ ମତ ରଖିବା ସହ ଟ୍ରଷ୍ଟର ଏହି ପ୍ରୟାସକୁ ଉଚ୍ଚ ପ୍ରଶଂସା କରିଥିଲେ।

'ଯୁବ ଶକ୍ତି ଟ୍ରଷ୍ଟ'ର ପ୍ରତିଷ୍ଠାତା ଅମିତ କୁମାର ମଲ୍ଲିକ କହିଥିଲେ ଯେ, ନେତୃତ୍ୱ ବିକାଶ, ଦକ୍ଷତା ବୃଦ୍ଧି ଏବଂ ସାମାଜିକ ନବସୃଜନ ମାଧମରେ ଓଡ଼ିଶାର ଯୁବକମାନଙ୍କୁ ସଶକ୍ତ କରିବା ଆମର ମୁଖ୍ୟ ଲକ୍ଷ୍ୟ। ରାଷ୍ଟ୍ର ଗଠନ ଏବଂ ସାମାଜିକ ପରିବର୍ତ୍ତନରେ ଯୁବବର୍ଗଙ୍କ ସକ୍ରିୟ ଅଂଶଗ୍ରହଣ ଜରୁରୀ ବୋଲି ସେ ଗୁରୁତ୍ୱାରୋପ କରିଥିଲେ। ଆଗାମୀ ଦିନ ରେ କେଉଁ ଭଳି ହଜାର ହଜାର ଯୁବକଙ୍କୁ ଏଥିରେ ସାମିଲ କରାଯିବା ସହ ସମାଜର କଲ୍ୟାଣରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇପାରିବେ ଏହା ଉପରେ ଆଲୋକପାତ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପ୍ରଶ୍ନପତ୍ର...

କ୍ୟାମେରା ପରିଚାଳନା କରିବା ସକାଶେ ସମ୍ପୃକ୍ତ କଲେଜର ଇଣ୍ଟରନେଟ ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ। କାରଣ ଏହି ଏଆଇ କ୍ୟାମେରାଗୁଡ଼ିକରେ ୧୨୮ ଜିବିର କାର୍ଡ ଲଗାଯିବ ଓ ଏହାକୁ ପାୱାର ବ୍ୟାକଅପ ମାଧମରେ ପରିଚାଳନା କରାଯିବ। ଆସନ୍ତା ମାସ ୯ ତାରିଖ ସୁଦ୍ଧା ସବୁ ହବ୍‌ରେ ଏହି କ୍ୟାମେରାଗୁଡ଼ିକୁ ଇନଷ୍ଟଲ୍ କରାଯିବ। ଏହାଛଡ଼ା ପରିଷଦ କାର୍ଯ୍ୟାଳୟରେ ଏକ କଣ୍ଟ୍ରୋଲ ରୁମ ଖୋଲାଯାଇଛି। ଏହାଦ୍ୱାରା ପ୍ରଥମ ଥର ପାଇଁ ପରିଷଦ ପକ୍ଷରୁ ପ୍ରାକ୍ଟିକାଲ ପରୀକ୍ଷା ଉପରେ ବି ନଜର ରଖାଯାଇପାରିବ। ପୂର୍ବରୁ କେବଳ ଥିଓରି ପରୀକ୍ଷାକୁ ମନିଟର କରାଯାଉଥିଲା। କିନ୍ତୁ ଏବେ ପିଲାମାନଙ୍କ ସମେତ ପର୍ଯ୍ୟବେକ୍ଷକଙ୍କ ଗତି ଉପରେ ବି ନଜର ରଖାଯାଇପାରିବ। କାରଣ ପୂର୍ବରୁ ପର୍ଯ୍ୟବେକ୍ଷକମାନଙ୍କ ସମ୍ପର୍କରେ ମଧ ଏକାଧିକ ଅଭିଯୋଗ ଆସିଛି। କିନ୍ତୁ ବର୍ତ୍ତମାନ ଏହି ସମସ୍ୟା ବି ଦୂର ହୋଇପାରିବ ବୋଲି ପରିଷଦ ପକ୍ଷରୁ କୁହାଯାଇଛି।

### ନୂଆ ଲୋକସେବା...

ଜୟଦେବ ବିହାରରୁ ନନ୍ଦନକାନନ ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର ଏଲିଭେଟେଡ୍ କରିଡ଼ରର ଭିତ୍ତିପ୍ରସ୍ତର ମଧ ସ୍ଥାପନ କରାଯାଇଛି। ଏହି ପ୍ରକଳ୍ପ ଅଧୀନରେ ଜୟଦେବ ବିହାର, କଳିଙ୍ଗ ହସ୍ପିଟାଲ ଛକ, ଡମଣା ଛକ ଓ କିଟ୍ ଛକରେ ୪ଟି ଫ୍ଲାଏଓଭର ନିର୍ମାଣ ହେବ। ଜୟଦେବ ବିହାର ଛକରେ ଏକ ୪-ଲେନ ବିଶିଷ୍ଟ କେବୁଲ ଷ୍ଟେ ବ୍ରିଜ ମଧ ନିର୍ମାଣ କରାଯିବ। ପରିବେଶ ସୁରକ୍ଷା ପ୍ରତି ଗୁରୁତ୍ୱ ସ୍ୱରୂପ ରାସ୍ତାର ଦୁଇ ପାର୍ଶ୍ୱରେ ୨୨ ହଜାର ୪୧୦ଟି ଚାରା ରୋପଣ କରାଯିବ। ଏହା ଏକ ଅତ୍ୟାଧୁନିକ ଭିତ୍ତିଭୂମି ହେବା ସହ ରାଜଧାନୀକୁ ନୂଆ ପରିଚୟ ଦେବ।

### ରବିବାର...

କେବେ ଉପସ୍ଥାପନ ହେବ, ସେନେଇ କୌଣସି ଠୋସ୍ ସୂଚନା ଦେଇନଥିଲେ। ସବୁବେଳେ ନୂଆବର୍ଷର ପ୍ରଥମ ଅଧିବେଶନ ଭାବେ ବଜେଟ୍ ଅଧିବେଶନ ବସିଆସିଛି। ଚଳିତ ଥର ମଧ ସମାନ ଧାରାରେ ସଂସଦର ଅଧିବେଶନ ଆରମ୍ଭ ହେବ। ଏଥିସହ ସବୁ ବଜେଟ୍ ଅଧିବେଶନ ଭଳି ଫେବ୍ରୁଆରୀ ୧ରେ ମଧ କେନ୍ଦ୍ରୀୟ ବଜେଟ୍ ଉପସ୍ଥାପନ ହୋଇଆସିଛି। କିନ୍ତୁ ପ୍ରଥମ ଥର ପାଇଁ ଚଳିତ ବର୍ଷ ଉକ୍ତ ଦିନଟି ରବିବାର ହୋଇଥିବାରୁ ଉକ୍ତ ଦିନ ଛୁଟି ରହିବ କି ବଜେଟ୍ ଉପସ୍ଥାପିତ ହେବ, ସେନେଇ ଦ୍ୱନ୍ଦ୍ୱ ରହିଥିଲା।

### ଗିରଫ...

ବ୍ୟକ୍ତିଙ୍କୁ ଉଠାଇ ନେଇ ବେଆଇନ ଭାବେ ଅଟକ ରଖିବା ସହ ତାଙ୍କୁ ଶାରୀରିକ ନିର୍ଯାତନା ଦେବା ଅଭିଯୋଗରେ ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁର ଟାଉନ୍ ଏସଡିପିଓ ପ୍ରିୟସ ରଞ୍ଜନ ଛୋଟରାୟ ଓ ବଡ଼ବଜାର ଥାନା ଆଇଆଇସି ବାବା ଶଙ୍କର ସରାଫଙ୍କ ବିରୋଧରେ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି।ସୂଚନାନୁସାରେ, ଶ୍ରୀ ଛୋଟରାୟ ଗତ ବର୍ଷ ଅଗଷ୍ଟ ୧୨ରେ ମୁସ୍ତାକିନ୍‌ଙ୍କୁ ଭୁବନେଶ୍ୱରରୁ ଉଠାଇ ନେଇ ଦୀର୍ଘ ୧୦ ଦିନ ପର୍ଯ୍ୟନ୍ତ କୌଣସି କୋର୍ଟରେ ହାଜର ନ କରି ବେଆଇନ ଭାବେ ବ୍ରହ୍ମପୁର ବଡ଼ବଜାର ଥାନାରେ ଅଟକ ରଖିଥିଲେ। ଏଥିସହ ତାଙ୍କୁ ଅମାନୁଷିକ ମାଡ଼ ମରାଯାଇଥିବାର ଅଭିଯୋଗ ହୋଇଥିଲା। ଏହି ମାମଲାରେ ହାଇକୋର୍ଟ ପୁଲିସର କାର୍ଯ୍ୟଶୈଳୀ ଉପରେ ଅସନ୍ତୋଷ ପ୍ରକାଶ କରିବା ସହ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ପୁଲିସ ବିରୁଦ୍ଧରେ ଏଚଆରପିସି ହିଁ ମାମଲା ରୁଜୁ କରିଛି।

### 'ସୁଶାସନ'ରେ...

ଜରୁରୀ ସମୟରେ ତୁରନ୍ତ ଚିକିତ୍ସା ସହାୟତା ପ୍ରଦାନ। ଏହି ୪ଟି ନିୟମ ଅନୁପାଳନ ସହ ମୁଖ୍ୟମନ୍ତ୍ରୀ ବ୍ୟକ୍ତିଗତ ଭାବେ ଆଉ ଦୁଇଟି 'ଇ' ଯଥା ଏନ୍‌ଭାଇରନ୍‌ମେଣ୍ଟ୍ ଓ ଇଭାଲ୍ୟୁଏସନ୍ ପାଇଁ ପରାମର୍ଶ ଦେଇଛନ୍ତି। ଯାନବାହନର ପ୍ରଦୂଷଣ ନିୟମକୁ ସଠିକ୍ ଭାବେ ପାଳନ କରିବା ସହ ସଡ଼କ ସୁରକ୍ଷାର ଯେଉଁ ନିୟମଗୁଡିକ ଅଛି, ତାହାର ଫଳାଫଳ ସମ୍ପର୍କରେ ଉପଯୁକ୍ତ ମୂଲ୍ୟାୟନ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏହି ମୂଲ୍ୟାୟନକୁ ଭିତ୍ତିକରି ବିଭିନ୍ନ ସଡ଼କ ସୁରକ୍ଷା କାର୍ଯ୍ୟକ୍ରମକୁ ପରିବର୍ତ୍ତନ କିମ୍ବା ଆହୁରି ଉନ୍ନତ କରାଯାଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସଡ଼କ ସୁରକ୍ଷା ଉପରେ ଗୁରୁତ୍ୱ ଆରୋପ କରି ମୁଖ୍ୟମନ୍ତ୍ରୀ ଆଜିଠାରୁ ସଡକ ସୁରକ୍ଷାକୁ 'ସୁଶାସନ'ରେ ସାମିଲ୍ କରାଯାଇଥିବା ନେଇ ସୂଚନା ଦେଇଛନ୍ତି। ଏହାଦ୍ୱାରା ସରକାରୀ ଅଧିକାରୀମାନେ ଅଧିକ ସତର୍କ ରହିବେ ବୋଲି ମୁଖ୍ୟମନ୍ତ୍ରୀ ଆଶା କରିଛନ୍ତି। ଏହି ଅବସରରେ ରାଜ୍ୟର ଘାଟି ରାସ୍ତାଗୁଡ଼ିକରେ ସଡକ ସୁରକ୍ଷା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି। କଳିଙ୍ଗା ଘାଟିରେ ଚାଳକମାନଙ୍କୁ ସତର୍କ କରାଇବା ପାଇଁ 'ସତର୍କ ସୂଚନା ଘଣ୍ଟି' ଉଦ୍‌ଘାଟିତ ହୋଇଛି। ଏହା ଘାଟିର ଉଭୟ ପଟରୁ ଚାଳକଙ୍କ ସକାଶେ ସତର୍କ ସୂଚନା ଦେବ। ଏହାର ସଫଳତା ସାମ୍ନାକୁ ଆସିଲେ, ଅନ୍ୟାନ୍ୟ ଘାଟି ରାସ୍ତାରେ ବି ସମାନ ପଦକ୍ଷେପ ନିଆଯିବ। ଆହୁରି ଟ୍ୱିନ ସିଟିରେ ଉନ୍ନତ ଟ୍ରାଫିକ ପରିଚାଳନା ପାଇଁ ଆଇଆଇଟି ଖଡ଼ଗପୁର ସହ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଆଇଆଇଟିର ରିପୋର୍ଟ ଆଧାରରେ କଟକ-ଭୁବନେଶ୍ୱରର ଟ୍ରାଫିକ ବ୍ୟବସ୍ଥାରେ ଉନ୍ନତି ପାଇଁ ପଦକ୍ଷେପ ନିଆଯିବ। ଏହାଛଡ଼ା ପରିବେଶ ସୁରକ୍ଷା ପାଇଁ ରାଜ୍ୟ ସରକାର ଇ-ଭେହିକିଲ୍ ବ୍ୟବହାର ଉପରେ ଗୁରୁତ୍ୱ ଦେଉଥିବାରୁ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ପାଇଁ ୧୫ଟି ଚାର୍ଜିଂ ଷ୍ଟେସନର ଲୋକାର୍ପଣ କରିଛନ୍ତି। ରାଜ୍ୟରେ ଆହୁରି ୮୫ଟି ଚାର୍ଜିଂ ଷ୍ଟେସନ ନିର୍ମାଣାଧୀନ ଥିବା ବେଳେ ଖୁବ୍‌ଶୀଘ୍ର ଏଗୁଡିକ ଲୋକାର୍ପିତ ହେବ ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।ଆହୁରି ୧୪ଟି ନୂତନ ଅଟଳ ବସ୍‌ଷ୍ଟାଣ୍ଡ ଲୋକାର୍ପିତ ହୋଇଛି। ୧୫୬.୫୩ କୋଟି ବ୍ୟୟରେ ଏଗୁଡ଼ିକ ରାଜ୍ୟର ୧୦ଟି ଜିଲ୍ଲାରେ ନିର୍ମିତ ହୋଇଛି। ପୂର୍ବରୁ ୫୫ଟି ବସ୍‌ଷ୍ଟାଣ୍ଡ ଲୋକାର୍ପିତ ହୋଇସାରିଥିବା ବେଳେ ଆଗାମୀ ଦିନରେ ସମସ୍ତ ଜିଲ୍ଲା, ଉପଖଣ୍ଡ, ପଞ୍ଚାୟତ ସମିତି ଓ ପୌରପାଳିକାରେ ମଧ ଅଟଳ ବସଷ୍ଟାଣ୍ଡ ପ୍ରତିଷ୍ଠା କରାଯିବ। ଆହୁରି ଓଏସ୍ଆର୍‌ଟିସି ପକ୍ଷରୁ ୪୬ କୋଟି ଟଙ୍କାର ୧୦୦ଟି ବିଏସ୍-୬ ମାନର ଆଧୁନିକ ବସ୍ ଚଳାଚଳର ଶୁଭାରମ୍ଭ ହୋଇଛି। ପୁରୁଣା ବସ୍ ପରିବର୍ତ୍ତେ ଏହିସବୁ ଅତ୍ୟାଧୁନିକ ବସ୍ କିଣାଯାଉଛି। ଏଥିସହ ଏହି ବସ୍‌ରେ ଯାତ୍ରା ସକାଶେ ସ୍ମାର୍ଟ କାର୍ଡ ବ୍ୟବସ୍ଥା ଆରମ୍ଭ ହୋଇଛି, ଯାହା ଯାତ୍ରୀମାନଙ୍କୁ କ୍ୟାସଲେସ୍ ଟିକେଟ୍‌ର ସୁବିଧା ଦେବ। ଏଥିସହ ବ୍ରହ୍ମପୁରଠାରେ କୁଟ୍ ପକ୍ଷରୁ ନିର୍ମିତ ଏକ ଅତ୍ୟାଧୁନିକ ବସ୍ ଡିପୋରୁ ୨୫ଟି ନୂତନ ଇ-ବସ୍ ଚଳାଚଳର ଶୁଭାରମ୍ଭ ବି ହୋଇଛି। ଆଧୁନିକ ପ୍ରଣାଳୀରେ ନିର୍ମିତ ଏହି ଡିପୋ ବ୍ରହ୍ମପୁର ଓ ନିକଟସ୍ଥ ଅଞ୍ଚଳରେ ଇ-ବସ୍ ପରିଚାଳନା କରିବ। ମୁଖ୍ୟମନ୍ତ୍ରୀ ପୂର୍ତ୍ତ ବିଭାଗର ୬,୭୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ସମୁଦାୟ ୭୧ଟି ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଏଥିମଧରୁ ପ୍ରାୟ ୫,୬୩୦ କୋଟି ବିନିଯୋଗରେ ୩୯ଟି ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ରଖାଯାଇଥିବା ବେଳେ ପ୍ରାୟ ୧,୦୭୦ କୋଟି ବିନିଯୋଗରେ ୩୨ଟି ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସୁବାହକ ଯୋଜନା ଅଧୀନରେ ଋଣରେ କାର୍ କିଣିଥିବା ୫ ଜଣ ମହିଳା ଗାଡ଼ି ଚାଳକଙ୍କୁ ଗାଡ଼ି ଚାବି ପ୍ରଦାନ କରିଛନ୍ତି। କାର୍ଯ୍ୟକ୍ରମରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଏକାମ୍ର ବିଧାୟକ ବାବୁ ସିଂ, ବିଭାଗୀୟ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ଓଏସଆରଟିସି ସିଏମଡି ଏନ୍‌ବିଏସ୍ ରାଜପୁତ, ପରିବହନ ଆୟୁକ୍ତ ଅମିତାଭ ଠାକୁର୍ ମଞ୍ଚାସୀନ ଥିଲେ।

### ବଢ଼ିବ...

ନିର୍ଦ୍ଧାରଣ ପ୍ରକ୍ରିୟା ପରେ ଏହି ସଂଖ୍ୟା ଆହୁରି ୫୦ ଆସନ ବୃଦ୍ଧି ପାଇପାରେ। ସେହିପରି ବିଧାୟକଙ୍କ ସଂଖ୍ୟା ପ୍ରାୟ ୨୦୦ ପାଖାପାଖି ପହଞ୍ଚିପାରେ। ସେପଟେ ପରିକଳ୍ପିତ ନୂଆ ବିଧାନସଭାରେ ୩୦୦ ବିଧାୟକ ବସିବାର କ୍ଷମତା ରହିବ। ଅର୍ଥାତ ବର୍ତ୍ତମାନର କ୍ଷମତାଠାରୁ ଦୁଇଗୁଣ ସଦସ୍ୟ ବସିପାରିବେ।

### ସମାଲୋଚନାତ୍ମକ...

ଜେଏନୟୁର ଏକାଡେମିକ ଉତ୍କର୍ଷତା ଓ ଦେଶ ଗଠନରେ ଏହାର ଭୂମିକା ଉପରେ ଗୁରୁତ୍ୱାରୋପ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ବିକଶିତ ଭାରତ-୨୦୪୭'ର ସଂକଳ୍ପକୁ ସାକାର କରିବାରେ ଜେଏନୟୁର ଛାତ୍ରଛାତ୍ରୀମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ ବୋଲି କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ ଆଶା ପ୍ରକାଶ କରିଛନ୍ତି। ଏହି ଅବସରରେ ସେ ବିଶ୍ୱବିଦ୍ୟାଳୟର ସମୃଦ୍ଧ ଐତିହ୍ୟ ବିଷୟରେ କହିବାକୁ ଯାଇ ପୂର୍ବତନ ଛାତ୍ର ତଥା ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ନିର୍ମଳା ସୀତାରମଣ, ଡ.ଏସ୍. ଜୟଶଙ୍କର, ସ୍ୱର୍ଗତଃ ଡି.ପି. ତ୍ରିପାଠୀ, ସୀତାରାମ ୟେଚୁରୀ, ପ୍ରକାଶ କରାଟ ଜନ୍ ବ୍ରିଟାସଙ୍କ ପରି ନେତୃତ୍ୱଙ୍କ ଉଦାହରଣ ଦେଇଥିଲେ।

### ପୁରୀ...

ଘରକୁ ଆଇଏସ ୧୦୫୦୦ ମାନର ପାଣି ଯୋଗାଇ ଦିଆଯାଉଛି। ୧୬.୮୪ ବର୍ଗ କିମି ଅଞ୍ଚଳ ପରିଶିଷ୍ଟ ପୁରୀ ସହରରେ ସବୁ ଘରକୁ ପାଇପ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଉଛନ୍ତି ରାଜ୍ୟ ସରକାର। ସହରର ପ୍ରାୟ ସାଢ଼େ ତିନି ଲକ୍ଷ ଜନସଂଖ୍ୟାକୁ ଏହି ମିଶନ ଜରିଆରେ ବିଶୁଦ୍ଧ ପାଣି ମିଳୁଛି। ସହରକୁ ବାର୍ଷିକ ହାରାହାରି ୨୦ ନିୟୁତ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ଆସୁଛନ୍ତି। ସେଥିପାଇଁ ପ୍ରତ୍ୟେକ ବାସଗୃହ ସହ ସର୍ବସାଧାରଣ ସ୍ଥାନରେ ମଧ ଏହି ମିଶନ ଜରିଆରେ ପାଇପ ପାଣି ମିଳୁଛି। ଏଥିପାଇଁ ସ୍ୱତନ୍ତ୍ର ଷ୍ଟାଣ୍ଡର ବ୍ୟବସ୍ଥା ବି କରାଯାଉଛି। ଏହି ମିଶନରେ ସହର ପାଇଁ ଦୈନିକ ୪୨ ନିୟୁତ ଲିଟର କ୍ଷମତା ସମ୍ପନ୍ନ ପାଣି ବିଶୋଧନାଗାର ପ୍ରତିଷ୍ଠା ହୋଇଛି। ସେଥିରୁ ଦୈନିକ ପୁରୀ ସହରକୁ ୩୮ ନିୟୁତ ଲିଟର ପାଣି ଯୋଗାଇ ଦିଆଯାଉଛି। ୱାଟର କର୍ପୋରେସନ ଅଫ୍ ଓଡିଶା (ୱାଟ୍‌କୋ) ଦ୍ୱାରା ପରିଚାଳିତ ପୁରୀର ଏହି ଡ୍ରିଙ୍କ ଫ୍ରମ୍ ଟ୍ୟାପ ମିଶନ ଦେଶର ଅନ୍ୟ ସହର ପାଇଁ ଉଦାହରଣ ପାଲଟିଛି। ନିକଟରେ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ନିଜେ ବଡ଼ଦାଣ୍ଡର ସବୁ ଷ୍ଟାଣ୍ଡ ପୋଷ୍ଟର ମାନ ପରୀକ୍ଷା କରିବା ସହ ନିଜେ ମଧ ସେଥିରୁ ପାଣି ପିଇଥିଲେ।

### ନୂଆ...

ଆଧାରରେ ୨୦୦୮ରେ ରାଜ୍ୟର ଅନେକ ନିର୍ବାଚନମଣ୍ଡଳୀର ଭୌଗୋଳିକ ପରିସୀମା ବଦଳିଥିଲା। ସେ ସମୟରେ ସାମଗ୍ରିକ ଭାବେ ନିର୍ବାଚନମଣ୍ଡଳୀ ସଂଖ୍ୟା ବଢ଼ି ନ ଥିଲେ ବି ବୈଶିଙ୍ଗା, କଟକ ସହର, କିଶନନଗର, ବାଲିପାଟଣା, ବିନିକା ଭଳି କିଛି ନିର୍ବାଚନମଣ୍ଡଳୀକୁ ସମ୍ପୂର୍ଣ୍ଣ ଭାଙ୍ଗିଦିଆଯାଇଥିଲା। ସେହିଭଳି ଦେବଗଡ଼ ଲୋକସଭା କ୍ଷେତ୍ରକୁ ଉଚ୍ଛେଦ କରି ନୂଆ କରି ବରଗଡ଼ ଲୋକସଭା କ୍ଷେତ୍ର ସୃଷ୍ଟି କରାଯାଇଥିଲା। ଅନୁସୂଚିତ ଜନଜାତି ପାଇଁ ଆସନ ସଂଖ୍ୟା ମଧ ୩୪ରୁ ୩୩କୁ ହ୍ରାସ କରାଯାଇଥିଲା।

### ହରାଇଲେ...

ସେମାନେ ଉଭୟଙ୍କ ଖାତାରେ ପ୍ରଚୁର କଳା ଟଙ୍କା ଜମା ରହିଥିବାରୁ ଖୁବ୍‌ଶୀଘ୍ର ପୁଲିସ୍ ସେମାନଙ୍କୁ ଗିରଫ କରିବ ବୋଲି ଧମକାଇଥିଲେ। ଏଥିସହ ଇନ୍ଦ୍ର ଓ ଓମ୍‌ଙ୍କୁ ଗିରଫ କରିବା ନେଇ ଧମକାଇବା ସହ ଭେରିଫିକେସନ୍ ନାଁରେ ସେମାନଙ୍କ ଆକାଉଣ୍ଟକୁ ଟଙ୍କା ଟ୍ରାନ୍ସଫର୍ କରିବାକୁ କହିଥିଲେ। ଏହାପରେ ସାଇବର ଠକମାନେ ଉକ୍ତ ଦମ୍ପତିଙ୍କୁ ବିଭିନ୍ନ ପ୍ରକାର କଥାରେ ଫସେଇ ଓ ଧମକଚମକ ଦେଇ ଡିଜିଟାଲ ଆରେଷ୍ଟ କରି ରଖିଥିଲେ। ଏଥିସହ ଏନେଇ କାହାକୁ କିଛି ବି କହିବାକୁ ସେମାନେ ତାଗିଦ୍ କରିଥିଲେ। ଏଥିରେ ଏହି ଦମ୍ପତି ଭୟଭୀତ ହୋଇପଡ଼ିଥିଲେ। ଏପରିକି ଇନ୍ଦ୍ରାଙ୍କୁ ଓକିଲଙ୍କ ସହ କଥା ହେବାକୁ ବି ସେମାନେ ଦେଇନଥିଲେ। ସେମାନଙ୍କ ଟଙ୍କାକୁ ସୁରକ୍ଷିତ ରଖିବା ସକାଶେ ୮ ଥରରେ ସେମାନେ ସାଢ଼େ ୧୪ କୋଟି ଟଙ୍କା ଠକିନେଇଥିଲେ। ୨.୧୦ କୋଟି ଟଙ୍କାରୁ ସାଇବର୍ ଠକମାନେ ଏହି ଦମ୍ପତିଙ୍କଠାରୁ ଟଙ୍କା ଟ୍ରାନ୍ସଫର୍ ପ୍ରକ୍ରିୟା ଆରମ୍ଭ କରିଥିଲେ। ଏହି ପ୍ରକ୍ରିୟା ଗତ ୯ ତାରିଖରେ ଶେଷ ହେବା ପରେ ଠକମାନେ ଆଉ ଇନ୍ଦ୍ରାଙ୍କ ଫୋନ୍ ଉଠାଇନଥିଲେ। ଏହାପରେ ସେମାନେ ଠକେଇର ଶିକାର ହୋଇଥିବା ଜାଣିପାରିଥିଲେ। ଗତ ଶନିବାର ସେମାନେ ଦକ୍ଷିଣ ଦିଲ୍ଲୀର ସିଆର ପାର୍କ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ୧୯୩୦ ସାଇବର ହେଲ୍ପ ଲାଇନ ଜରିଆରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ଆଞ୍ଚଳିକ...

ରଖିବେ। ହେଲେ ଏମିତି କିଛି ବି ହେଲା ନାହିଁ। କେବଳ ମୋକିମଙ୍କ କନ୍ୟା ତଥା କଂଗ୍ରେସ ବିଧାୟିକା ବୈଠକରେ ଯୋଗ ଦେଇଥିବା ବେଳେ ଅନ୍ୟ କୌଣସି ଆଗଧାଡ଼ିର ଯୁବନେତା ଏଥିରେ ସାମିଲ ହେଲେ ନାହିଁ। ଅବଶ୍ୟ ମୋକିମଙ୍କର ବହୁ ଶୁଭେଚ୍ଛୁ ଓ ସମର୍ଥକ ଏଥିରେ ସାମିଲ ହୋଇଥିଲେ। ସୋଫିଆ ପିତାଙ୍କ ଆହ୍ୱାନରେ ଯୋଗଦେଇ ଯୁବ ନେତୃତ୍ୱ ସପକ୍ଷରେ ଯୁକ୍ତି ବାଢ଼ିଥିଲେ ମଧ ସେ କଂଗ୍ରେସ ଦଳରେ ରହିଥିବା କହିବାକୁ ପଛାଇ ନ ଥିଲେ। ମୋକିମ ମଧ ଏଥିରେ ନିରାଶ ନ ହୋଇ ଯୁବ ନେତୃତ୍ୱମାନେ ଚିରାଚରିତ ଧାରାରୁ ବାହାରି ନୂଆ କିଛି କରିବାକୁ ଆଗେଇ ଆସିବା ଲାଗି ପୁଣିଥରେ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି। ତେବେ ଆଶ୍ଚର୍ଯ୍ୟର କଥା ହେଉଛି, ଗତ କିଛି ଦିନ ହେଲା ବିଜେଡି ଓ କଂଗ୍ରେସର ଅସନ୍ତୁଷ୍ଟ ଯୁବନେତାମାନେ ଘନ ଘନ ବୈଠକ କରି ନିଜ ଦଳର ନେତାଙ୍କ ବିରୁଦ୍ଧରେ ମତ ଦେଉଥିବା ବେଳେ ଏଠାକୁ କିନ୍ତୁ ଆସିବାକୁ ସାହସ କରିପାରିନଥିଲେ। ଏପରିକି ନୂଆ ଦଳ ଗଠନ ସପକ୍ଷରେ ଥିବା ଯୁବ ନେତା ବି ଏଥିରେ ସାମିଲ ହୋଇନଥିଲେ। ଆଜିର ବୈଠକ ଉପରେ ସମସ୍ତଙ୍କ ନଜର ଥିବା ବେଳେ ଫଳାଫଳକୁ ଦେଖି ରାଜ୍ୟର ଜେନ୍ ଜେଡ୍‌ମାନେ ନୂଆ ଦଳ ଗଢ଼ି ରିସ୍କ ନେବାକୁ ଚାହୁଁନାହାନ୍ତି ବୋଲି ରାଜନୈତିକ ବିଶ୍ଳେଷକମାନେ ମତ ଦେଇଛନ୍ତି। ତେବେ ବୈଠକ ସଂକ୍ରାନ୍ତରେ ମତ ଦେଇ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ କହିଛନ୍ତି ଯେ ନୂଆ ଦଳ ଗଠନ କରାଯିବା ଏକ ଭଲ ପ୍ରୟାସ। କିନ୍ତୁ କଂଗ୍ରେସ ଛାଡ଼ି ନୂଆ ଦଳରେ ରହି ବିଜେପିକୁ ମୁକାବିଲା କରିବା ସମ୍ଭବପର ନୁହେଁ। ବିଜେଡି ଓ ବିଜେପି ଆଜିର ବୈଠକ ସଂକ୍ରାନ୍ତରେ କୌଣସି ରାଜନୈତିକ ମନ୍ତବ୍ୟ ଦେଇ ନ ଥିଲେ ମଧ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିଥିବା ଲକ୍ଷ୍ୟ କରାଯାଉଛି।

## ଓଡ଼ଗାଁ ଅଟଳ ବସ୍‌ଷ୍ଟାଣ୍ଡକୁ ଉତ୍ସର୍ଗ କଲେ ମୁଖ୍ୟମନ୍ତ୍ରୀ



**ଖୋର୍ଦ୍ଧା,୧୨।୧ (ସଂଚାର ବ୍ୟୁରୋ):** ୪.୫ କୋଟି ଟଙ୍କା ବ୍ୟୟରେ ନବନିର୍ମିତ ଅଟଳ ବସ୍‌ଷ୍ଟାଣ୍ଡ ଏବଂ ୧୦ଟି ଜିଲ୍ଲାରେ ୧୫୬.୫୩ କୋଟି ଟଙ୍କା ମୂଲ୍ୟର ୧୪ଟି ଅଟଳ ବସ୍‌ଷ୍ଟାଣ୍ଡକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଲୋକସଭା ଭବନର ସମ୍ମିଳନୀ କକ୍ଷରୁ ରିମୋଟ୍ ବଟନ୍ ଦବାଇ ଲୋକଙ୍କୁ ଉତ୍ସର୍ଗ କରିଛନ୍ତି। ଚଳିତ ବର୍ଷ ସଡ଼କ ସୁରକ୍ଷା ମାସ ଅବସରରେ ସେ ସମଗ୍ର ରାଜ୍ୟକୁ "ଶିକ୍ଷାରୁ ସୁରକ୍ଷା ଏବଂ ପ୍ରଯୁକ୍ତିବିଦ୍ୟାରେ ପରିବର୍ତ୍ତନ"ର ବାର୍ତ୍ତା ଦେଇଥିଲେ ଏବଂ କହିଥିଲେ ଯେ ଜନସଚେତନତା ମାଧ୍ୟମରେ ଦୁର୍ଘଟଣା ହ୍ରାସ କରାଯାଇପାରିବ।

ଏହି ଅବସରରେ, ରାଜସ୍ୱ ଏଡିଏମ୍ ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଓଡ଼ଗାଁରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ କହିଥିଲେ ଯେ ଆଜି ବେଗୁନିଆ ଅଞ୍ଚଳର ଦୀର୍ଘଦିନର ଦାବି ପୂରଣ ହୋଇଛି। ସେହିପରି ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ସମ୍ମାନିତ ଅତିଥି ଭାବରେ ଯୋଗଦେଇ କହିଥିଲେ ଯେ ଅଟଳ ବସ୍‌ଷ୍ଟାଣ୍ଡ ଯୋଜନା ବେଗୁନିଆ ଅଞ୍ଚଳର ବିକାଶ ଏବଂ ଯାତ୍ରୀ ପରିବହନ ଯୋଜନାରେ ଏକ ନୂତନ ଅଧ୍ୟାୟ ଯୋଡ଼ିବ ଏବଂ ଏକ ବିକଶିତ ଓଡ଼ିଶା ଏବଂ ଏକ ବିକଶିତ ଭାରତ ବିକାଶର ସ୍ୱପ୍ନକୁ ସାକାର କରିବ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଅରବିନ୍ଦ କୁମାର ନାୟକ, ଜିଲ୍ଲା ପରିଷଦ ସଦସ୍ୟ ଅନାଦି ସାହୁ, ବେଗୁନିଆ ପଞ୍ଚାୟତ ସମିତି ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ସରପଞ୍ଚ ସତ୍ୟ ନାରାୟଣ ପ୍ରଧାନ, ସମିତି ସଦସ୍ୟ ପ୍ରକାଶ ଚନ୍ଦ୍ର ବଳିଆରସିଂହ, ଓଡ଼ିଶା ରାଜ୍ୟ ପରିବହନ ନିଗମ ପରିଚାଳିକା ଲିଜାରାଣୀ ସାହୁ, ବେଗୁନିଆ ତହସିଲଦାର ଆଦିତ୍ୟ ଦୀପଙ୍କର ଷଡ଼ଙ୍ଗୀ ପ୍ରମୁଖ ଯୋଗ ଦେଇଥିଲେ।

### ସୁରକ୍ଷା ବ୍ୟବସ୍ଥା ଢିଲା, ରାତି ପାଟ୍ରୋଲିଂରେ ଅବହେଳା

# ବଢ଼ୁଛି ଚୋରି, ପୁଲିସ ନିଷ୍କ୍ରିୟ



**କାକଟପୁର/ଅସ୍ତରଙ୍ଗ,୧୨।୧(ସଂଚାର ବ୍ୟୁରୋ):** ଦିନକୁ ଦିନ ଦୁର୍ବୃତ୍ତଙ୍କ ପାଦୁର୍ଭାବ ବଢ଼ିଥିବା ବେଳେ ଅସ୍ତରଙ୍ଗ ପୁଲିସ ସମ୍ପୂର୍ଣ୍ଣ ଶୀତ ରାତିରେ ସୋଇଯାଉଛି। ଯାହାର ସୁଯୋଗ ନେଇ ଲୁଟେରାଙ୍କ ପାଦୁର୍ଭାବ ବୃଦ୍ଧି ପାଉଛି। ରବିବାର ରାତ୍ର ୧୨ଘଟିକାରୁ ୧ଘଟିକା ମଧ୍ୟରେ ଅସ୍ତରଙ୍ଗ ଥାନା ଠାରୁ ଶହେ ମିଟର ଦୂରରେ ଥିବା ଅସ୍ତରଙ୍ଗ ହାଇସ୍କୁଲ ଛକରେ ସାଇରାମ ମେଡ଼ିସିନ ଷ୍ଟୋର ମଧ୍ୟରେ ଦୁର୍ବୃତ୍ତ ପଶି ଦୋକାନରେ ଥିବା ଦଶ ହଜାର ଟଙ୍କା ସହ ଗୁରୁତ୍ୱପୂର୍ଣ୍ଣ କାଗଜ ପତ୍ର ନେଇଛନ୍ତି। ଯାହା ସମ୍ପୂର୍ଣ୍ଣ ଘଟଣା ସିସିଟିଭିରେ କଏଦ ହୋଇଛି। ଏ ନେଇ ବନବିହାରୀ ପ୍ରଧାନ ଲିଖିତ ଅଭିଯୋଗ ଥାନାରେ ଦେଇଛନ୍ତି। କିନ୍ତୁ ପୁରୀ ଜିଲ୍ଲା ଅସ୍ତରଙ୍ଗରେ ପ୍ରଶାସନ ତରଫରୁ ଲାଗିନାହିଁ ସିସି କ୍ୟାମେରା। କିନ୍ତୁ ବ୍ୟବସାୟିକ ଅନୁଷ୍ଠାନ ଗୁଡିକ ନିଜ ବ୍ୟବସାୟକୁ ସୁରକ୍ଷା ପାଇଁ ସିସି କ୍ୟାମେରା ଲଗାଇଛନ୍ତି। ଯାହା ଫଳରେ ଅସ୍ତରଙ୍ଗ ଅଞ୍ଚଳରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ।

ଅସ୍ତରଙ୍ଗ ବ୍ଲକର ଥିବା ବିଭିନ୍ନ ମନ୍ଦିରରେ ଲୁଟେରାଙ୍କ ଦୌରାତ୍ମ୍ୟ ଆରମ୍ଭ ହୋଇଥିବା ବେଳେ ଲୁଟ ମଧ ବଢ଼ିଚାଲିଛି। ରାତି ପାହିଲେ ଚୋରି, ଲୁଟ ଓ ଛିନତାଇ ଘଟଣା ଶୁଣିବାକୁ ମିଳୁଛି। ହୁଣ୍ଡୀ ଭାଙ୍ଗିବାଠାରୁ ଆରମ୍ଭ କରି ଠାକୁରଙ୍କ ଅଳଙ୍କାର ପର୍ଯ୍ୟନ୍ତ ଲୁଟିଆ ଦଳ ଯୋଜନା ବଦ୍ଧ ଭାବେ ମନ୍ଦିରରେ କଳକନା ବୁଲାଉଛନ୍ତି। ମାତ୍ର ଅଧିକାଂଶ ମନ୍ଦିର ଚୋରି ଘଟଣାରେ ଅଭିଯୁକ୍ତଙ୍କ ସମ୍ପର୍କରେ ପୁଲିସ ଟେର ପାଉନି। ମନ୍ଦିରରେ ସୁରକ୍ଷା ବ୍ୟବସ୍ଥା ଢିଲା ଓ ପୁଲିସ ରାତି କାଳୀନ ପାଟ୍ରୋଲିଂ ରେ ଅବହେଳା ପାଇଁ ଏଭଳି ଘଟଣା ଦିନକୁ ଦିନ ବଢ଼ିଚାଲିଛି। ଗତ ବର୍ଷ ଲଗାତାର ଭାବେ ଚୋରି ହୋଇଥିବା ବେଳେ ପୁଲିସ ଏ ପର୍ଯ୍ୟନ୍ତ କୌଣସି ଅଭିଯୁକ୍ତଙ୍କୁ ଧରି ପାରିନାହିଁ।

ପୁଲିସ ପ୍ରଶାସନ ତରଫରୁ ଥାନା ଗୁଡିକୁ ପାଟ୍ରୋଲିଂ ପାଇଁ ଦୁଇ ଚକିଆଯାନ ସହ ଚାରି ଚକିଆ ଯାନ ଦିଆହୋଇଥିଲେ ମଧ ରାତିର ଅନ୍ଧକାରରେ ନିଘୋଡ଼ ନିଦରେ ଶୋଇଯାଉଛି ପୁଲିସ। ଯାହାର ସୁଯୋଗ ନେଇ ଲୁଟ କରିଚାଲିଛନ୍ତି ଲୁଟେରା। ଏ ନେଇ ପୁଲିସ କଡା ସୁରକ୍ଷା ବନ୍ଦୋବସ୍ତ କରିବା ଓ ଲୁଟେରା ଗ୍ୟାଙ୍ଗର ଫର୍ଦ୍ଦାଫାସ ପାଇଁ ଦାବୀ ହୋଇଛି।

## କାର ସହ ଏକ କୁଇଣ୍ଟାଲରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ, ଜଣେ ଗିରଫ



**ଫୁଲବାଣୀ,୧୨।୧ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ସଦର ଥାନା ପୁଲିସ ଗତକାଲି ଏକ କାର ସହ ୧୩୩ କେଜି ୫ଶହ ଗ୍ରାମ ଗଞ୍ଜେଇ ଜବତ କରିଥିବା ବେଳେ ଗଞ୍ଜେଇ ଚାଲାଣ କରୁଥିବା ଡ୍ରାଇଭରକୁ ଗିରଫ କରିବାରେ ସଫଳ ହୋଇଛି। ସୂଚନା ଅନୁସାରେ ଫିରିଙ୍ଗିଆ ଅଞ୍ଚଳରୁ ଭୁବନେଶ୍ୱର ଗଞ୍ଜେଇ ଚାଲାଣ ହେଉଥିବା ସଦର ପୋଲିସକୁ ସୂଚନା ମିଳିଥିଲା। ସୂଚନା ଅନୁସାରେ ସଦର ଥାନା ଅଧିକାରୀ ପ୍ରଦୀପ କୁମାର ଜେନାଙ୍କ ନିର୍ଦ୍ଦେଶକ୍ରମେ ଥାନାର ଏସ ଆଇ ପ୍ରଦୀପ କୁମାର ରାଉଳ ଓ ଟିମ ସଦର ଥାନା ଅନ୍ତର୍ଗତ କେଣ୍ଡ୍ରି ଗୁଡା ନିକଟ ରାସ୍ତା ରେ ଫିରିଙ୍ଗିଆ ପଟୁ ଦ୍ରୁତ ଗତିରେ ଆସୁଥିବା ଗାଡ଼ିକୁ ଅଟକାଇ ଥିଲେ ଅଟକାଇବା ପରେ ଯାଞ୍ଚ ପରେ ଗାଡ଼ିରେ ଗଞ୍ଜେଇ ଚାଲାଣ ହେଉଥିବା ଜଣାପଡିଥିଲା। ମାଜିଷ୍ଟ୍ରେଟ ସମାକେଶ ନାୟକଙ୍କ ଉପସ୍ଥିତରେ ଗଞ୍ଜେଇକୁ ଓଜନ କରିବା ପରେ ଗଞ୍ଜେଇ ୧ ଶହ ୩୩ କେଜି ୫ ଶହ ଗ୍ରାମ ଗଞ୍ଜେଇ ହୋଇଥିଲା। ଗଞ୍ଜେଇ ଚାଲାଣ କରୁଥିବା ଗାଡ଼ିର ଡ୍ରାଇଭର ଫିରିଙ୍ଗିଆ ଥାନା ଅଧୀନ ମାଶ୍ରୀ ପଡା (ପୁଟୁକି ପଡା) ଗାଁର ଦେବାଶିଷ ପ୍ରସାଦ ରାଏ ବୋଲି ପୋଲିସ ସୂଚନା ଦେଇଛି। ଅନ୍ୟପଟେ ସଦର ଥାନାରେ ଗଞ୍ଜେଇ ଚାଲାଣକୁ ନେଇଁ ଏକ ମାମଲା ରୁଜୁ ହୋଇଥିବା ବେଳେ ଦେବାଶିଷକୁ କୋର୍ଟ ଚାଲାଣ କରାଯାଇଥିବା ସଦର ଥାନା ଅଧିକାରୀ ସୂଚନା ଦେଇଛନ୍ତି।

### ଫକୀରପୁର ମେଡିକାଲ୍‌ରେ ଅବ୍ୟବସ୍ଥା

# ଅବଧି ପରେ ବି ଠିକାଦାର କରୁଛି ମେଡିକାଲ୍ କୋଠା ନିର୍ମାଣ



**ଆନନ୍ଦପୁର,୧୨।୧ (ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲା ଆନନ୍ଦପୁର ମ୍ୟୁନିସିପାଲଟି ଅନ୍ତର୍ଗତ ଫକିରପୁର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ନୂତନ ଭାବେ କୋଠା ନିର୍ମାଣ ପାଇଁ ଓମ୍‌ବାଡିସି ପକ୍ଷରୁ ୮ କୋଟି ୪୩ଲକ୍ଷ ୩୮ହଜାର ୫ଶହ ୯୦ ଟଙ୍କା ବ୍ୟୟ ବରାଦ ହୋଇଥିଲା। ଏହି କୋଠା ନିର୍ମାଣ ୦୩.୦୪.୨୦୨୪ରେ ହୋଇ ୦୨.୦୧.୨୦୨୫ରେ ଶେଷ ହେବାକୁ ଥିବା ବେଳେ ଆଜି ପର୍ଯ୍ୟନ୍ତ ଠିକାଦାର କାମ ନ ସାରିବା ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ଠିକାଦାର ଧିମା ଗତିରେ ଏହି କୋଠା ନିର୍ମାଣ କରୁଥିବା ବେଳେ ରୋଗୀମାନେ ସେବା ପାଇବାରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରୋଗୀଙ୍କର ଲମ୍ବା ଲାଇନ୍ ଲାଗୁଛି। ବ୍ଲଡ଼ ଟେଷ୍ଟରେ ଅସୁବିଧା ହେବା ସହ କର୍ମଚାରୀମାନେ ନିଜ କାର୍ଯ୍ୟ କରିବାରେ ଅସୁବିଧା ହେଉଥିବା ମଧ ଅଭିଯୋଗ ହୋଇଛି। ତେବେ ଠିକାଦାର ଖୁବ୍ ଶୀଘ୍ର ଏହି ବିଲ୍ଡିଂ କାମ ଶେଷ କରି ମେଡ଼ିକାଲ୍ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିବା ପାଇଁ ବିଭିନ୍ନ ମହଲରେ ଦାବୀ ହୋଇଛି।

ସବୁଠୁ ବଡ଼ କଥା ହେଉଛି ରାଜ୍ୟ ସରକାରଙ୍କ ପକ୍ଷରୁ ରୋଗୀମାନଙ୍କୁ ମାଗଣା ଚିକିତ୍ସା ଯୋଗାଇ ଦେବା ସହ ମେଡିସିନ ମାଗଣା ଦେବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ପରିତାପର ବିଷୟ ଉକ୍ତ ମେଡ଼ିକାଲ୍‌ରେ ଥିବା ଡ଼ାକ୍ତର ବାହାରୁ ମେଡ଼ିସିନ ଲେଖୁଥିବା ଅଭିଯୋଗ ହୋଇଛି।

### କର୍କ ବଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

## ବାବା ଇଲେଭେନ୍‌କୁ ପରାସ୍ତ କରି ସୁକିନ୍ଦା ଇଲେଭେନ୍ ବିଜୟୀ



○ ଯୋଗଦେଲେ ବିଧାୟକ

**ଆନନ୍ଦପୁର,୧୨।୧(ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ ଜଳସୁଆଁ ପଂଚାୟତ ନୟାଗଡ ଗ୍ରାମର ନୟାଗଡ କ୍ରିକେଟ୍ ଆସୋସିଏସନ୍ ପକ୍ଷରୁ ୩୦ତମ ବାର୍ଷିକ କର୍କ ବଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆଜି ଉଦ୍‌ଯାପିତ ହୋଇଛି। ନୟାଗଡ କ୍ରିକେଟ୍ ଆସୋସିଏସନ୍‌ର ସଭାପତି ନିରଞ୍ଜନ ରାଉତଙ୍କ ଅଧକ୍ଷତାରେ ମୋଟ୍ ୮ ଦଳ ଅଂଶ ଗ୍ରହଣ କରିଥିଲେ। ଫାଇନାଲରେ ସୁକିନ୍ଦା ଇଲେଭେନ୍ ଏବଂ ରାଛିପୁର ବାବା ଇଲେଭେନ୍ ମଧ୍ୟରେ ମହା ମୁକାବିଲା ହୋଇଥିଲା। ୧୮ଓଭର ବିଶିଷ୍ଟ ଖେଳରେ ବାବା ଇଲେଭେନ ରାଛିପୁର ଟସ୍ ଜିତି ପ୍ରଥମ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨.୩ ଟି ବଲରେ ସମସ୍ତ ୱିକେଟ ହରାଇ ୬୫ରନ୍ ସଂଗ୍ରହ କରିଥିଲା। ଜବାବରେ ସୁକିନ୍ଦା ଇଲେଭେନ ୯.୪ ଟି ବଲରେ ୪ୱିକେଟ୍ ହରାଇ ୬୬ରନ୍ କରି ବିଜୟ ହାସଲ କରିଥିଲା।

ଏହି ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ସେନା କର୍ମଚାରୀ ଆଶୁତୋଷ ମାଝୀ, ଅବସରପ୍ରାପ୍ତ ଶିକ୍ଷକ କ୍ଷୀରୋଦ ପାଲ, ସମାଜ ସେବୀ ମାନସ ବାରିକ୍, ଶରତ କୁମାର ସାହୁ, ଜଳସୁଆଁ ର ପୂର୍ବତନ ସରପଞ୍ଚ ବିନୋଦ ବିହାରୀ ମହାପାତ୍ର ଯୋଗ ଦେଇ ବିଜୟ ଓ ପରାଜୟ ଦଳକୁ ଟ୍ରଫି ପ୍ରଦାନ କରିଥିଲେ।

## ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣି ଶିବିର



**ନୀଳଗିରି,୧୨।୧ (ସଂଚାର ବ୍ୟୁରୋ):** ଆଜି ପୂର୍ବାହ୍ନ୧୦ଘଟିକା ସମୟରେ ନୀଳଗିରି ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଓ ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକରଙ୍କ ମିଳିତ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ନୀଳଗିରି ପଞ୍ଚାୟତ ସମିତି ଅନ୍ତର୍ଗତ ବିଭିନ୍ନ ଗ୍ରାମ ପଞ୍ଚାୟତରୁ ମୋଟ ୬୧ ଜଣ ଅଭିଯୋଗକାରି ନିଜ ନିଜର ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ। ଏହି ଅଭିଯୋଗ ମଧ୍ୟରେ ବ୍ୟକ୍ତି ଗତ ଭାବେ ରାସନ କାର୍ଡ, ବାର୍ଦ୍ଧକ୍ୟ ଭତ୍ତା, ସ୍ୱାସ୍ଥ୍ୟ ଚିକିତ୍ସା ସହାୟତା ଏବଂ ସାମୂହିକ ଭାବେ ରାସ୍ତା ଘାଟ, ପାନୀୟ ଜଳ, ବିଦ୍ୟୁତ୍ ବିଲ ସମସ୍ୟା, ଉଦ୍ୟାନ କୃଷି, ଜଙ୍ଗଲ ଜମି ପଟ୍ଟା, ହାତୀ ଦ୍ୱାରା ଫସଲ ନଷ୍ଟ, ଆଇନ୍ ଶୃଙ୍ଖଳା ସମ୍ପର୍କିତ ଥିଲା। ଏହି ମିଳିତ ଜନଶୁଣାଣୀ ଶିବିରରେ ୧୦ ଗୋଟି ଅଭିଯୋଗର ତତ୍କାଳ ସମାଧାନ କରିବା ସଙ୍ଗେ ସଙ୍ଗେ ୩ ଜଣ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ସହାୟତା ପ୍ରଦାନ କରାଯାଇଥିଲା। ଏହି ଜନ ଶୁଣାଣୀ କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ହେମନ୍ତ ସିଂଙ୍କ ସମେତ ଜିଲ୍ଲା ଏବଂ ଉପଖଣ୍ଡ ସ୍ତରୀୟ ବିଭିନ୍ନ ବିଭାଗୀୟ ପଦାଧିକାରୀ ଉପସ୍ଥିତ ଥିଲେ।

## ଠିକାଦାର ସଂଘର ଚେତାବନୀ



**ଫୁଲବାଣୀ,୧୨।୧ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଫୁଲବାଣୀର ଠିକାଦାରମାନେ ଠିକାଦାର ସଂଘ କାର୍ଯ୍ୟାଳୟ ପରିସର ମଧ୍ୟରେ ଏକ ବୈଠକ କରିଥିଲେ। କନ୍ଧମାଳ ଜିଲ୍ଲାରେ ହେଉଥିବା ସମସ୍ତ ଠିକା କାମରେ ପକାଯାଉଥିବା ଟେଣ୍ଡର ଜିଲ୍ଲା ବାହାର ଠିକାଦାରମାନେ ବହୁତ କମ୍ ଦାମରେ ଟେଣ୍ଡର ପାକାଇ କାମ କରୁଛନ୍ତି। ଯାହାଫଳରେ କନ୍ଧମାଳ ଜିଲ୍ଲାର ଠିକାଦାରମାନେ କାମ ପାଉନାହାନ୍ତି । ଏହାକୁ ବିରୋଧ କରି ସମସ୍ତ ଠିକାଦାରମାନେ କନ୍ଧମାଳ ଜିଲ୍ଲାର ସମସ୍ତ କାମ ନିଜେ କରିବେ ବୋଲି କହିଛନ୍ତି। ଯଦି ୨୦ କୋଟିରୁ ଉର୍ଦ୍ଧ୍ୱ ଟେଣ୍ଡର ହୁଏ ତେବେ ବାହାର ଠିକାଦାରମାନେ କନ୍ଧମାଳ ଜିଲ୍ଲାର ଠିକା ସଂଘର ଅନୁମତି ନେଇ କାମ କରିବେ । ଯଦି ବାହାର ଠିକାଦାରମାନେ ଜବର ଦସ୍ତ କାମ କରନ୍ତି ତେବେ କୌଣସି ଅପ୍ରୀତିକର ପରିସ୍ଥିତି ହୁଏ ତେବେ ଜିଲ୍ଲା ଠିକାଦାର ସଂଘ ଦାୟୀ ରହିବ ନାହିଁ ବୋଲି ଚେତାବନୀ ଦେଇଛନ୍ତି।

## ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ପାଳିତ



**ନୀଳଗିରି,୧୨।୧ (ସଂଚାର ବ୍ୟୁରୋ):** ଆଜି ପୂର୍ବାହ୍ନ ୧୦ଘଟିକା ସମୟରେ ନୀଳଗିରି ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ଭାରତୀୟ ଯୁବଶକ୍ତିଙ୍କ ପାଇଁ ପ୍ରେରଣାର ଉତ୍ସ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ତଥା ରାଷ୍ଟ୍ରୀୟ ଯୁବ ଦିବସ ଅବସରରେ ନୀଳଗିରି ନିର୍ବାଚନ ମଣ୍ଡଳୀର ମିତ୍ରପୁରଠାରେ ଥିବା "ଅମ୍ବିକା ଇନଷ୍ଟିଚ୍ୟୁଟ"ପରିସରରେ ରାଷ୍ଟ୍ରୀୟ ଯୁବ ଦିବସ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସାଂସଦ ପ୍ରତିନିଧି ଡ଼. ପ୍ରକାଶ ମହାପାତ୍ର ଏବଂ ବିଜେପି ଜିଲ୍ଲା ଯୁବମୋର୍ଚ୍ଚା ଉପ ସଭାପତି ଦେବାଶିଷ ଆଚାର୍ଯ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅତିଥି ଶ୍ରୀଯୁକ୍ତ ଆଚାର୍ଯ୍ୟ ଯୁବ ପ୍ରତିଭାମାନଙ୍କ ସହ ସାମିଲ ହୋଇ ଯୁବ ଶକ୍ତି ରାଷ୍ଟ୍ର ନିର୍ମାଣରେ ଭାଗିଦାର ହେବା ପାଇଁ ନିବେଦନ କରିବା ସହିତ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ଯୁବବର୍ଗ ରାଷ୍ଟ୍ରସେବାରେ ସମର୍ପିତ ହେବା ପାଇଁ ଆହ୍ୱାନ ଦେଇଥିଲେ।

## ପରିତ୍ୟକ୍ତ କୂଅରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

**ନବରଙ୍ଗପୁର/ଉମରକୋଟ,୧୨।୧ (ସଂଚାର ବ୍ୟୁରୋ):** ନବରଙ୍ଗପୁର ଜିଲ୍ଲା ଉମରକୋଟ ପୈରପରିଷ ର ପେଣ୍ଡ୍ରାଣୀ ମନ୍ଦିର ନିକଟସ୍ଥ ଏକ ଜମିରେ ଥିବା ପରିତ୍ୟକ୍ତ କୂଅ ମଧ୍ୟରୁ ଅଶୋକ ପୂଜାରୀ ନାମକ ଏକ ବୃଦ୍ଧ ର ମୃତ୍ୟଦେହ ମିଳିଛି। ସୂଚନାଅନୁସାରେ ଅଶୋକ ପୂଜାରୀ ଜଣେ ଗାଇ ଯୋଗୁଆଳି ବେଳେ ସେ ସକାଳୁ ଶୌଚ ହେବା ପାଇଁ ଜମି ମଧ୍ୟରେ ଥିବା ପରିତ୍ୟକ୍ତ କୂଅ ନିକଟକୁ ଯାଇଥିବା ବେଳେ ଘନ କୁହୁଡି ଯୋଗୁଁ ଗୋଡ଼ଖସି ଯାଇଥିବା ଅନୁମାନ କରାଯାଉଛି । ପାଖରେ କେହି ନଥିବା ଯୋଗୁଁ ପାଣିରେ ବୁଡି ଯାଇଥିବା ଅନୁମାନ କରାଯାଉଛି। ପରେ ଖବର ପାଇ ଦମକଳ ବାହିନୀ ଓ ଉମରକୋଟ ପୋଲିସ ପହଞ୍ଚି ମୃତ୍ୟ ବୃଦ୍ଧ ଙ୍କୁ ଉଦ୍ଧାର କରାଯାଇଛି । ଉଦ୍ଧାର କରି ଶବକୁ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଅଶୋକ ପୂଜାରୀ ଜଣେ ଦିନ ମଜୁରିଆ ହୋଇଥିବାରୁ ସରକାରୀ ସାହାଯ୍ୟ ନିମନ୍ତେ ସାଧାରଣ ରେ ଦାବି ହୋଇଛି।

## ଏନ୍‌ଏସ୍‌ବି କଲେଜରେ ୧୫୦ତମ ବନ୍ଦେ ମାତରଂ ଦିବସ ପାଳିତ




**ଫୁଲବାଣୀ,୧୨।୧(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧ ସ୍ଥିତ ନେତାଜୀ ସୁଭାଷ ବୋଷ ଉଚ୍ଚ ମାଧମିକ ବିଦ୍ୟାଳୟରେ ସ୍ୱାମୀ ବିବେକାନନ୍ଦଙ୍କ ୧୬୩ ତମ ଜୟନ୍ତୀ ତଥା ଯୁବ ଦିବସ ଉପଲକ୍ଷେ ବନ୍ଦେ ମାତରଂ ସଂଗୀତକୁ ସମୂହ ଭାବେ ସମସ୍ତ ଅଧାପକ ଅଧାପିକା ଓ ଅଣଶିକ୍ଷକ କର୍ମଚାରୀ ତଥା ପ୍ରାୟ ୪୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ସମୂହ ଗାନ କରିଥିଲେ। ଏହି ଉପଲକ୍ଷେ ଏକ ସଭାର ଆୟୋଜିତ କରାଯାଇଥିଲା। ଏହି ସଭାରେ ଅଧକ୍ଷ ଡ଼କ୍ଟର ସୁନୀଲ କୁମାର ପାତ୍ର ସଭାପତିତ୍ୱ କରି ବନ୍ଦେ ମାତରଂ ସଂଗୀତର ଲକ୍ଷ୍ୟ ଓ ଉଦ୍ଦେଶ୍ୟକୁ ପ୍ରାଞ୍ଜଳ ଭାବରେ ବୁଝାଇବା ସଂଗେ ସଂଗେ ଏହି ଜାତୀୟ ସଂଗୀତକୁ ପାଥେୟ କରି ଆଜିର ଯୁବବନ୍ଧୁ ମାନେ ଭାରତକୁ ଏକ ବିକଶିତ ଓ ଶ୍ରେଷ୍ଠ ଭାରତ କରି ପାରିବେ ବୋଲି ନିଜର ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ସାଂସଦ ପ୍ରତିନିଧି ପୂର୍ଣ୍ଣ ଚନ୍ଦ୍ର ପାଢ଼ୀ, ମହାବିଦ୍ୟାଳୟର ପୂର୍ବତନ ପ୍ରତିଷ୍ଠାତା ସମ୍ପାଦକ ଲକ୍ଷ୍ମୀଧର ସାହୁ, ସମାଜସେବୀ ପରମା ବେହେରଦଳାଇ ଯୋଗଦେଇଥିଲେ। ଏହି ଅବସରରେ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ କୁଇଜ, ତର୍କ, ସଂଗୀତ ଓ ଚିତ୍ର କଳା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା।

## ଏନ୍‌ସି କଲେଜରେ ସାମୂହିକ ବନ୍ଦେ ମାତରମ୍ ଗାନ



### ସ୍ୱଦେଶୀ ସଂକଳ୍ପ ପାଠ ସହ ଯୁବପିଢ଼ିଙ୍କୁ ରାଷ୍ଟ୍ର ନିର୍ମାଣର ଆହ୍ୱାନ

**ଯାଜପୁର,୧୨।୧(ସଂଚାର ବ୍ୟୁରୋ):** ବନ୍ଦେ ମାତରମ୍ ଗାନର ୧୫୦ତମ ବାର୍ଷିକୀ ଅବସରରେ ଯାଜପୁର ଜିଲ୍ଲା ପ୍ରଶାସନ ଏବଂ ସଂସ୍କୃତି ବିଭାଗ ପକ୍ଷରୁ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ସାମୂହିକ ବନ୍ଦେ ମାତରମ୍ ଗାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କ୍ରମରେ ଜାତୀୟ ଯୁବ ଦିବସ ତଥା ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଅବସରରେ ସ୍ଥାନୀୟ ନରସିଂହ ଚୌଧୁରୀ (ଏନସି) ସ୍ୱୟଂ ଶାସିତ ମହାବିଦ୍ୟାଳୟ ପରିସରରେ ବନ୍ଦେ ମାତରମ୍ ୧୫୦ ବର୍ଷ ପୂର୍ତ୍ତି ଉଦ୍ଦେଶ୍ୟରେ ଏକ ବିଶେଷ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯାଜପୁର ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କର ଯୋଗଦେଇଥିଲେ। ସ୍ୱାଗତ ଅଭିଭାଷଣ ପରେ ପୂର୍ବାହ୍ନ ୧୧ଟା ସମୟରେ ଛାତ୍ରଛାତ୍ରୀ, ଅଧାପକ-ଅଧାପିକା ଓ ଅତିଥିମାନଙ୍କ ସହ ସାମୂହିକ ବନ୍ଦେ ମାତରମ୍ ଗାନ କରାଯାଇଥିଲା। ଏହା ସହ ସ୍ୱଦେଶୀ ସଂକଳ୍ପ ପତ୍ର ପାଠ ମାଧ୍ୟମରେ ଦେଶପ୍ରେମ ଓ ସ୍ୱାଭିମାନର ଶପଥ ଗ୍ରହଣ କରାଯାଇଥିଲା। ନିଜ ବକ୍ତବ୍ୟରେ ଜିଲ୍ଲାପାଳ ଶ୍ରୀ କର ଭାରତର ସ୍ୱାଧୀନତା ସଂଗ୍ରାମ ସମୟରେ ବନ୍ଦେ ମାତରମ୍ ଗାନ କିଭଳି ଦେଶାତ୍ମବୋଧ ଜାଗ୍ରତ କରିଥିଲା, ସେ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ସ୍ୱଦେଶୀ ଜୀବନ ଶୈଳୀ ଆପଣାଇବା, ଦେଶ ସେବାକୁ ଜୀବନର ମନ୍ତ୍ର କରିବା ଏବଂ ରାଷ୍ଟ୍ର ନିର୍ମାଣରେ ସକ୍ରିୟ ଭାଗିଦାରୀ ନେବାକୁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ।

## ଜନଶୁଣାଣି ଶିବିରରେ ଜିଲ୍ଲାପାଳ ଅନୁପସ୍ଥିତ

● ରାସନ କାର୍ଡ ଓ ଆବାସକୁ ନେଇ ଅନେକ ଅଭିଯୋଗ



**କାକଟପୁର/ଅସ୍ତରଙ୍ଗ,୧୨।୧ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା କାକଟପୁର ବ୍ଲକ ପରିସରରେ ଥିବା ସମ୍ମିଳନୀ କକ୍ଷରେ ପ୍ରଶାସନ ପକ୍ଷରୁ ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଜନଶୁଣାଣୀ ଶିବିରରେ ପୁରୀ ଜିଲ୍ଲାପାଳ ଅନୁପସ୍ଥିତ ରହିଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା ମୁଖ୍ୟ ଅଧିକାରୀ ଭାବେ ଯୋଗ ଦେଇଥିଲେ। ଅଭିଯୋଗ ପ୍ରକୋଷ୍ଟରେ ସମୁଦାୟ ୧୧୩ଗୋଟି ଅଭିଯୋଗ ଆସିଥିବା ବେଳେ ସେଥିମଧ୍ୟରୁ ଅନେକ ବ୍ୟକ୍ତିଗତ ଅଭିଯୋଗ ଓ ସମୂହ ଅଭିଯୋଗ ଥିଲା। ଉପସ୍ଥିତ ଅଧିକାରୀ ୧୧ଟି ଅଭିଯୋଗ ସମାଧାନ ସଙ୍ଗେ ସଙ୍ଗେ କରିଥିଲେ। କିନ୍ତୁ ୫ଦଫା ଦାବୀକୁ ନେଇ ବ୍ଲକ ସମ୍ମୁଖରେ ଲୋକ ପ୍ରତିନିଧି ଧାରଣାରେ ବସିଥିବା ବେଳେ ବିଡ଼ିଓ ଧାରଣାରତ ଲୋକପ୍ରତିନିଧିଙ୍କୁ ଜନଶୁଣାଣୀଙ୍କୁ ନେଇଥିଲେ। କିନ୍ତୁ ଦାବୀ ଗୁଡିକ ଉପରେ କୌଣସି ଲୋକାଭିମୁଖ୍ୟ ମନ୍ତବ୍ୟ ଦେଇନଥିଲେ ଅତିରିକ୍ତ ଜିଲ୍ଲାପାଳ ଓ ଉପଜିଲ୍ଲାପାଳ। ଅଭିଯୋଗ ଶୁଣାଣୀରେ ଆବାସ ଯୋଜନା, ଭିନ୍ନକ୍ଷମ କୁ ପ୍ରଶାସନର ବୈମାତୃକ ମନୋଭାବ ଯୋଗୁଁ ଅନ୍ତ୍ୟୋଦୟ ଗୃହ ରୁ ବଂଚିତ କରିବା,ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ, ଚିକିତ୍ସା ସହାୟତା, ବିଭିନ୍ନ କାର୍ଯ୍ୟର ବିଲ ପୈଠ ସମ୍ବନ୍ଧୀୟ ସହ ଭତ୍ତା ସମ୍ବନ୍ଧୀୟ ଅଭିଯୋଗରେ ତୁରନ୍ତ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ଶିବିର ରେ ଜିଲ୍ଲାସ୍ତରୀୟ ସହ ବ୍ଲକ ସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ।

## ଗଣ୍ଡଳା ପଞ୍ଚାୟତରେ ଜନଶୁଣାଣି

**ହିଞ୍ଜିଳିକାଟୁ,୧୨।୧(ସଂଚାର ବ୍ୟୁରୋ):** ହିଞ୍ଜିଳି ବ୍ଲକ ଅନ୍ତର୍ଗତ ଗଣ୍ଡଳା ଗ୍ରାମପଂଚାୟତରେ ପ୍ରଶାସନ ପକ୍ଷରୁ ମିଳିତ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଜନଶୁଣାଣୀ କାର୍ଯ୍ୟକ୍ରମ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଶ୍ରୀ ସାଗରୀକା ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ତହସିଲଦାର ସୁରଜ ନାୟକ ବେହେରା, ବେଲ ଗାଁ ଥାନା ଆଇଆଇସି ସ୍ମିତାଞ୍ଜଳି ପ୍ରଧାନ, ସରପଞ୍ଚ, ସମିତି ସଭ୍ୟ ଓ ଜିଲ୍ଲା ପରିଷଦ ସଭ୍ୟା ମଂଚାସୀନ ଥିଲେ। ଏଥିରେ ସମୁଦାୟ ୧୫୫ଟି ଅଭିଯୋଗ ଗ୍ରହଣ ହୋଇଥିବା ବିଡ଼ିଓ ସୂଚନା ଦେଇଛନ୍ତି। ଅଭିଯୋଗ ଗୁଡ଼ିକର ତୁରନ୍ତ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ଶିବିରରେ ଜିଲ୍ଲା ଓ ବ୍ଲକ ସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ।

## କୋଶାଗୁମୁଡ଼ାଠାରେ ଯୁଗ୍ମ ଜନଶୁଣାଣି ଶିବିର




**ନବରଙ୍ଗପୁର,୧୨।୧(ସଂଚାର ବ୍ୟୁରୋ):** ଆଜି କୋଷାଗୁମୁଡା ପଞ୍ଚାୟତ ସମିତି ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ ଏବଂ ଆରକ୍ଷୀ ଅଧିକ୍ଷକ ମଡକର ସନ୍ଦୀପ ସମ୍ପଦଙ୍କ ଯୁଗ୍ମ ଅଧକ୍ଷତାରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ବ୍ଲକ ଅଧକ୍ଷା ସର୍ବେଶ୍ୱରି ମାଝୀ, ସି ଡି ଏମ ଓ ଡ ମଳୟ ପ୍ରଧାନଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

ଏହି ଜନ ଶୁଣାଣି ଶିବିରରେ ମୋଟ ୩୦ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୨୯ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୧୧ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତ ଥିଲା। ସାମାଜିକ ସୁରକ୍ଷା ବିଭାଗ ତରଫରୁ ଚିହ୍ନଟ ଦିବ୍ୟାଙ୍ଗ ମାନଙ୍କୁ ୧୧ଟି ହୁଇଲ ଚେୟାର, ୭ ଜଣ ଅଙ୍ଗହୀନ ଦିବ୍ୟାଙ୍ଗ ଙ୍କୁ କୃତିମ ଅଙ୍ଗ ପ୍ରଦାନ ନିମନ୍ତେ ମଞ୍ଜୁରୀ ସହ ୦୫ ଟି ଅଭିଯୋଗ ର ସମାଧାନ ତତକ୍ଷଣାତ କରାଯାଇଥିଲା।

# ବନବିଭାଗ ପକ୍ଷରୁ ପ୍ଲାଷ୍ଟିକମୁକ୍ତ ସଚେତନତା

ପ୍ଲାଷ୍ଟିକ ମୁକ୍ତ ହେବ ଗଙ୍ଗାଦେବୀ ପୀଠ



**କାକଟପୁର/ଅସ୍ତରଙ୍ଗ,୧୨।୧(ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ଅଧୀନ ପର୍ଯ୍ୟଟକଙ୍କ ଆକର୍ଷଣ କେନ୍ଦ୍ରବିନ୍ଦୁ ପାଲଟିଛି ମା' ଗଙ୍ଗାଦେବୀ ପୀଠ। ବର୍ଷର ବିଭିନ୍ନ ସମୟରେ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ସହ ବଣଭୋଜି କରିବାକୁ ପର୍ଯ୍ୟଟକଙ୍କ ଭିଡ଼ ଜମିଥାଏ। ଏହାକୁ ପ୍ଲାଷ୍ଟିକି ମୁକ୍ତ ଓ ସଫାସୁତୁରା ହେଲେ ପରିବେଶରେ ପର୍ଯ୍ୟଟକ ଏକ ସୁଖଦ ଅନୁଭୂତି ନେଇ ଫେରିବେ। ସୋମବାର ଅପରାହ୍ନରେ ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରିଣୀ ମୋନାଲିଶା ମହାପାତ୍ରଙ୍କ ତତ୍ୱବଧାନରେ ସ୍ଥାନୀୟ ଅଂଚଳର ବୁଦ୍ଧିଜୀବୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ବିଦ୍ୟାଳୟ ଛାତ୍ର, ଛାତ୍ରୀ ଏବଂ ଯୁବପୀଢ଼ି ମିଳିତ ଭାବେ ପ୍ଲାଷ୍ଟିକ ମୁକ୍ତ କରିବାକୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହା ସହ ଛାତ୍ରଛାତ୍ରୀମାନେ ପ୍ଲାକକାର୍ଡ ଧରି ପ୍ଲାଷ୍ଟିକ ମୁକ୍ତ ସଚେତନତା ରାଲି କରିଥିଲେ। ବନାଞ୍ଚଳ ଅଧିକାରିଣୀ ମୋନାଲିଶା ମହାପାତ୍ର ଯୋଗଦେଇ କହିଥିଲେ ପ୍ଲାଷ୍ଟିକ ମୁକ୍ତ କରିବା ନିମନ୍ତେ ପ୍ଲାଷ୍ଟିକ ଠାରୁ ଦୂରେଇ ରହିବା ସହିତ ପରିବେଶକୁ ସୁରକ୍ଷିତ ରଖିବା ସମ୍ପର୍କରେ ନିଜର ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମ ରେ ଛୁରିଆନା ସରପଞ୍ଚ କ୍ଷୀରୋଦ କାଣ୍ଡି, ବନପାଳ କାଳୀ ଚରଣ ମହାନ୍ତି, ମାନସ ବେହେରା, ଟିକିନା ପ୍ରଧାନ, କୈଳାଶ ନାୟକ ପ୍ରମୁଖ ଉପସ୍ଥିତ ଥିବା ବେଳେ ପରିଚାଳନା ରେ ବନବିଭାଗର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ବିଶିଷ୍ଟ ଶିକ୍ଷାବିତ୍ ତଥା ସୋଆର ପ୍ରଫେସର ଏମିରିଟସ ଆର୍.ଏନ୍.ପି ଚୌଧରୀଙ୍କ ପରଲୋକ



**ଭୁବନେଶ୍ୱର,୧୨।୧(ସଂଚାର ବ୍ୟୁରୋ):** ବିଶିଷ୍ଟ ଶିକ୍ଷାବିତ୍, ଗବେଷକ ଏବଂ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର)ର ପଦାର୍ଥ ବିଜ୍ଞାନ ବିଭାଗର ପ୍ରଫେସର ଏମିରିଟସ୍ ଆର୍‌ଏନ୍‌ପି ଚୌଧରୀଙ୍କ ରବିବାର ପରଲୋକ ହୋଇଯାଇଛି। ସେ ଦୀର୍ଘ ଦିନ ହେବ ଅସୁସ୍ଥ ଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୮୦ ବର୍ଷ ବୟସ ହୋଇଥିଲା। ପ୍ରଫେସର ଚୌଧରୀ ୟୁକେର ଏଡିନ୍‌ବରା ବିଶ୍ୱବିଦ୍ୟାଳୟରୁ ପି.ଏଚ୍ ଡି ଡିଗ୍ରୀ ହାସଲ କରିଥିବା ବେଳେ ଆଇଆଇଟି ଖଡ଼ଗପୁରର ପଦାର୍ଥ ବିଜ୍ଞାନ ବିଭାଗର ମୁଖ୍ୟ ଭାବେ ଦୀର୍ଘ ବର୍ଷ ଧରି କାର୍ଯ୍ୟ କରିଥିଲେ। ତାଙ୍କର ପତ୍ନୀ, ଦୁଇଟି ପୁଅ ଏବଂ ଗୋଟିଏ ଝିଅ ଅଛନ୍ତି।

ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକ ତାଙ୍କ ମୃତ୍ୟୁରେ ଗଭୀର ଶୋକ ପ୍ରକାଶ କରିବା ସହ ଶିକ୍ଷା ଏବଂ ଗବେଷଣା କ୍ଷେତ୍ରରେ ପ୍ରଫେସର ଚୌଧରୀଙ୍କ ମୃତ୍ୟୁ ଗଭୀର କ୍ଷତି ଘଟାଇଲା ବୋଲି କହିଛନ୍ତି। ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ପ୍ରଫେସର ଚୌଧରୀଙ୍କ ମୃତ୍ୟୁରେ ଶୋକ ପ୍ରକାଶ କରିବା ସହ ସେ ଜଣେ ଉଚ୍ଚକୋଟୀର ଶିକ୍ଷକ ଏବଂ ଗବେଷକମାନଙ୍କର ମାର୍ଗଦର୍ଶକ ଥିଲେ ବୋଲି କହିଛନ୍ତି।

# ମାର୍ଚ୍ଚରେ ମୋକିମ ଗଢ଼ିବେ ନୂଆ ଦଳ



ଭୁବନେଶ୍ୱର,୧୨।୧(ସଂଚାର ବ୍ୟୁରୋ): ଓଡ଼ିଶା ଚାହୁଁଛି ଏକ ନୂଆ ବିକଳ୍ପ। ବିକଳ୍ପ ପାଇଁ ସମସ୍ତଙ୍କୁ ଗଣ୍ଡିରୁ ବାହାରିବାକୁ ପଡ଼ିବ। ମାର୍ଚ୍ଚ ମାସରେ ନୂଆ ଦଳ ଗଠନ କରିବା ଆଶାରେ ଯୁବଗୋଷ୍ଠୀଙ୍କୁ ନେଇ ଶକ୍ତି ପ୍ରଦର୍ଶନ କରିଛନ୍ତି ପୂର୍ବତନ ବିଧାୟକ ତଥା କଂଗ୍ରେସରୁ ବହିଷ୍କୃତ ନେତା ମହମ୍ମଦ ମୋକିମ। ମୋ ଓଡ଼ିଶା, ମୋ ଦାୟିତ୍ୱ, ଫେରିବ ଗୌରବ, ଦରକାର ଆଉ ଏକ ବିପ୍ଳବ, ଏହି ନାରା ଦେଇ ନୂଆ ଆଞ୍ଚଳିକ ଦଳ ଗଠନ କରିବାକୁ ଆଶା ଭିତ୍ତିଭୂମି ପକାଇଛନ୍ତି ମୋକିମ।

ଯୁବ ସମାବେଶ ଜରିଆରେ ଶକ୍ତି ପ୍ରଦର୍ଶନ କରି ମୋକିମ ଓଡ଼ିଶାରେ ବିକଳ୍ପ ରାଜନୀତି ଦଳର ମୂଳଦୁଆ ପକାଇଛନ୍ତି। ମୋକିମ ଯଦି ନୂଆ ଆଞ୍ଚଳିକ ଦଳ ଗଠନ କରିନ୍ତି ତାଙ୍କ ସହ କେଉଁ ନେତାମାନେ ସାମିଲ ହେବେ ତାହାକୁ ନେଇ ଚର୍ଚ୍ଚା ଲାଗିଛି। ମୋକିମ କହିଛନ୍ତି ଓଡ଼ିଶାରେ ବିପ୍ଳବର ଆବଶ୍ୟକ ରହିଛି। ଏଥିଲାଗି ଯୁବ ଗୋଷ୍ଠୀ ଏକାଠି ହେବେ। ମାର୍ଚ୍ଚ ମାସରେ ସେ ନୂଆ ଆଞ୍ଚଳିକ ଦଳ ଗଠନ କରିବେ। ମୁଁ ଯାହା ନିଷ୍ପତ୍ତି ନିଏ, ମତେ କେହି ଅଟକାଇ ପାରିବେନି ବୋଲି ସେ କହିଛନ୍ତି।

### 'ମୋ ଓଡ଼ିଶା, ମୋ ଦାୟିତ୍ୱ'ର ଦେଲେ ନାରା

ମୋକିମ ଫାଉଣ୍ଡେସନର ଯୁବ ସମାବେଶରେ ସାମିଲ ହୋଇ ଝିଅ ସୋଫିଆ ଫିରଦୋଶ ବାପାଙ୍କୁ ମଞ୍ଚରେ ପ୍ରଶଂସା କରିଥିଲେ। ସଫାସଫା ସୋଫିଆ ଖୋଲା ମଞ୍ଚରେ କହିଥିଲେ ବାପା ଗୋଟିଏ ମୁଦ୍ରା ନେଇ ଆଗକୁ ବଢ଼ିଲେ କେହି ତାଙ୍କୁ ଅଟକାଇ ପାରିବେ ନାହିଁ। ତେଣୁ ବାପାଙ୍କ ଲଢେଇରେ ସମସ୍ତଙ୍କୁ ସାମିଲ ହେବାକୁ ପଡିବ ବୋଲି ସୋଫିଆ ଆହ୍ୱାନ ଦେଇଥିଲେ। ରାଜନୀତିରେ ପାଦଦେବା ଆଗରୁ ବାପା କଟକବାସୀଙ୍କ ସେବା କରୁଥିଲେ। ଏବେ କଟକବାସୀ ମତେ ବିଧାୟିକା କରିଛନ୍ତି। ଦେଶକୁ ଗଢ଼ିବା ପାଇଁ ଆମ ସମସ୍ତ ଯୁବକଙ୍କୁ ଏକ ହେବାକୁ ପଡିବ ବୋଲି ସୋଫିଆ କହିଛନ୍ତି। ଯୁବ ସମାବେଶ ମଞ୍ଚରୁ ମହମ୍ମଦ ମୋକିମ ରାଜ୍ୟରେ ନାରୀ ଅସୁରକ୍ଷିତ ହୋଇଥିବା କହି ବିଜେପିକୁ ଟାର୍ଗେଟ କରିଥିଲେ। ୨୦୨୪ରେ ବିଜେପିର ଶୀର୍ଷ ନେତୃତ୍ୱ ୪ଥର ପ୍ରଚାର କରିଥିଲେ ମଧ୍ୟ ତାଙ୍କ ଝିଅଙ୍କୁ କଟକବାସୀ ସମର୍ଥନ କରିଥିଲେ ବୋଲି କହିଛନ୍ତି। ଆଗକୁ ମଦମୁକ୍ତ ଓଡ଼ିଶା ଗଠନ ପାଇଁ ବିପ୍ଳବ ହେବ ବୋଲି ଯୁବ ସମାବେଶ ମଞ୍ଚରୁ ଆହ୍ୱାନ ଦେଇଛନ୍ତି ମୋକିମ।

**ବ୍ଲକ ଅଧକ୍ଷ ଓ ସରପଞ୍ଚଙ୍କ ନାଁ ନାହିଁ**

## ଉଦଘାଟନ ପରେ ଫଳକ ଭାଙ୍ଗିଦେଲେ



ସଇଁତଲା,୧୨।୧(ସଂଚାର ବ୍ୟୁରୋ): ନିଜ ନେତାଙ୍କ ନାମ ନଥିବାରୁ ଉଦଘାଟନ ହେଉ ହେଉ ଫଳକ ଭାଙ୍ଗିଦେଲେ ସମର୍ଥକ। ବାସ୍ତବରେ ଆଜି ବଲାଙ୍ଗିର ଜିଲ୍ଲା ସଇଁତଲା ବ୍ଲକରେ ନୂତନ ଅଟଳ ବସଷ୍ଟାଣ୍ଡ ଉଦଘାଟିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଏହାକୁ ଉଦଘାଟନ କରିଥିଲେ। ସ୍ଥାନୀୟ ବ୍ଲକ ଅଧକ୍ଷ ଓ ସରପଞ୍ଚଙ୍କ ନାମ ନ ଥିବାରୁ ଫଳକକୁ ଭାଙ୍ଗି ଦିଆଯାଇଥିବା ଦେଖିବାକୁ ମିଳିଛି। କିଛି ସମର୍ଥକ ଅସନ୍ତୋଷ ପ୍ରକାଶ କରିବା ସହ ହୋ ହାଲ୍ଲା କରି ଫଳକ ଭାଙ୍ଗି ଦେଇଥିଲେ। ଯାହାକୁ ନେଇ ବସଷ୍ଟାଣ୍ଡରେ ଉତ୍ତେଜନା ଲାଗି ରହିଥିଲା। କାହିଁକି ସ୍ଥାନୀୟ ବ୍ଲକ ଅଧକ୍ଷ ଓ ସରପଞ୍ଚଙ୍କ ନାମ ଫଳକରେ ଦିଆଯାଇ ନାହିଁ ଓ ଅନ୍ୟ ବ୍ୟକ୍ତିଙ୍କ ନାମ କାହିଁକି ରହିଲା ବୋଲି ସମର୍ଥକମାନେ କହିଥିଲେ। ସେଥିପାଇଁ ସମର୍ଥକମାନେ ବସଷ୍ଟାଣ୍ଡରେ ଉଦଘାଟନ ହେବା ମାତ୍ରେ ସଙ୍ଗେ ସଙ୍ଗେ ଫଳକ ଭାଙ୍ଗି ଦେଇଥିବା ଦେଖିବାକୁ ମିଳିଛି।

# ରାଜ୍ୟର ପ୍ରଥମ ଦକ୍ଷତା କେନ୍ଦ୍ର ଉଦ୍‌ଘାଟିତ



- ଦକ୍ଷତା କେନ୍ଦ୍ର କ୍ୟାରିୟରର ଲଞ୍ଚପ୍ୟାଡ୍ ଭାବେ ବ୍ୟବହାର କରିବାକୁ ଆହ୍ୱାନ
- ଦକ୍ଷତା କେନ୍ଦ୍ର, ଶିକ୍ଷା ଏବଂ ନିଯୁକ୍ତି ମଧ୍ୟରେ ସେତୁ ଭାବେ କାର୍ଯ୍ୟ କରିବ: ମନ୍ତ୍ରୀ

ଭୁବନେଶ୍ୱର, ୧୨।୧(ସଂଚାର ବ୍ୟୁରୋ): ଶିଳ୍ପ ଜଗତ କେବଳ ସାର୍ଟିଫିକେଟ୍ ଦେଖି ଚାକିରି ଦିଏ ନାହିଁ ବରଂ ଦକ୍ଷତା ଦେଖି ନିଯୁକ୍ତି ଦିଏ। ପାରାଦୀପ କଲେଜରେ ରାଜ୍ୟର ପ୍ରଥମ ଦକ୍ଷତା କେନ୍ଦ୍ରର ଉଦଘାଟନୀ ସମାରୋହ ଅବସରରେ ଏହା କହିଛନ୍ତି ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ। ଏବେକାର ଚାକିରି ବଜାର ଦକ୍ଷତା, ଯୋଗାଯୋଗ, ସମସ୍ୟା ସମାଧାନ କ୍ଷମତା, ଡିଜିଟାଲ ସାକ୍ଷରତା ଏବଂ ବୃତ୍ତିଗତ ନୈତିକତା ଆଶା କରୁଛି। ତେଣୁ ଦକ୍ଷତା କେନ୍ଦ୍ରକୁ କେବଳ ଶ୍ରେଣୀଗୃହ ଭାବେ ନୁହେଁ ବରଂ କ୍ୟାରିୟର ପାଇଁ ଲଞ୍ଚପ୍ୟାଡ୍ ଭାବେ ବ୍ୟବହାର କରିବାକୁ ଏହି ଅବସରରେ ଛାତ୍ରଛାତ୍ରୀଙ୍କୁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ପରାମର୍ଶ ଦେଇଛନ୍ତି।

ପ୍ରଥମ ପର୍ଯ୍ୟାୟରେ ପାରାଦୀପ କଲେଜରେ ନବଉଦଘାଟିତ ଦକ୍ଷତା କେନ୍ଦ୍ରରେ ବିଏଫଏସଆଇ କ୍ଷେତ୍ରରେ ଆକାଉଣ୍ଟ ଏକଜିକ୍ୟୁଟିଭ ପାଠ୍ୟକ୍ରମ ପ୍ରଦାନ କରାଯିବ। ଏଠାରେ ବାର୍ଷିକ ୨୦୦ ଜଣ ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ଦିଆଯାଇପାରିବ। କେନ୍ଦ୍ରଟି ନୂଆ ଓଡିଶା ଯୋଜନା ଅଧୀନରେ ବିଏଫଏସଆଇ ସେକ୍ଟର ସ୍କିଲ କାଉନସିଲ୍ ଦ୍ୱାରା ପରିଚାଳିତ ହେବ। କେନ୍ଦ୍ରରେ ଜାତୀୟସ୍ତରରେ ସ୍ୱୀକୃତିପ୍ରାପ୍ତ ତାଲିମ ମାନଦଣ୍ଡ, ଶିଳ୍ପ-ଭିତ୍ତିକ ପାଠ୍ୟକ୍ରମ ଏବଂ ନିଯୁକ୍ତି ଅନୁକୂଳ ପରିବେଶ ସୁନିଶ୍ଚିତ କରାଯିବ।

ଦକ୍ଷତା କେନ୍ଦ୍ର ଦ୍ୱାରା ଦକ୍ଷତା ବୃଦ୍ଧି, ସାର୍ଟିଫିକେଟ୍ ପ୍ରଦାନ ତଥା ପ୍ଲେସମେଣ୍ଟକୁ ମୁଖ୍ୟ ଲକ୍ଷ୍ୟ ରଖାଯାଇଛି। ପାରାଦୀପ କଲେଜରେ ଦକ୍ଷତା କେନ୍ଦ୍ରକୁ ଉତ୍କର୍ଷ କେନ୍ଦ୍ର ଭାବେ ପରିଚାଳିତ କରିବାକୁ ଏହି ଅବସରରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଅଧ୍ୟାପକ ଏବଂ ପ୍ରଶାସକଙ୍କୁ ପରାମର୍ଶ ଦେଇଛନ୍ତି। ଶିଳ୍ପ ଜଗତ ସହ ସୁଦୃଢ଼ ସଂପର୍କ ସ୍ଥାପନ କରିବା ସହ ନିୟମିତ କ୍ଷେତ୍ର ପରିଦର୍ଶନ, ଅତିଥୀ ଅଧ୍ୟାପକ, ଇଣ୍ଟର୍ଣ୍ଣସିପ୍ ଏବଂ ନିଯୁକ୍ତି ସହାୟତା ସୁନିଶ୍ଚିତ କରିବାକୁ କହିଛନ୍ତି। ଏହି ଅବସରରେ ନାନୋ ୟୁନିକର୍ନ ଯୋଜନାରେ ପ୍ରଶିକ୍ଷଣ ନେଇଥିବା ୧୩ଜଣଙ୍କୁ ଲକ୍ଷେ ଟଙ୍କା ଲେଖାଏଁ ଚେକ୍ ପ୍ରଦାନ କରାଯାଇଥିଲା।

# ଭିତ୍ତିଭୂମି ନିର୍ମାଣ ସାମଗ୍ରୀର ମୂଲ୍ୟ ନିର୍ଦ୍ଧାରଣ ନେଇ ଆଲୋଚନା

- କାର୍ଯ୍ୟର ଗୁଣବତ୍ତା ଏବଂ ଶୀଘ୍ର ସମାପ୍ତି ଉପରେ ଗୁରୁତ୍ୱ
- ଆଧୁନିକ ସାମଗ୍ରୀର ବ୍ୟବହାର ନେଇ ଆଲୋଚନା



ଭୁବନେଶ୍ୱର, ୧୨।୧(ସଂଚାର ବ୍ୟୁରୋ): ନିର୍ମାଣ କାର୍ଯ୍ୟକୁ ତ୍ୱରିତ ଗତିରେ ଆଗେଇ ନେବା ପାଇଁ ଉନ୍ନତମାନର ନିର୍ମାଣ ସାମଗ୍ରୀ ବ୍ୟବହାର ଏବଂ ଏହାର ସଠିକ୍ ମୂଲ୍ୟ ନିର୍ଦ୍ଧାରଣ ଜରୁରୀ। ଫଳରେ ଉଚ୍ଚ ଗୁଣବତ୍ତା ସମ୍ପନ୍ନ ରାସ୍ତା ଓ କୋଠା ନିର୍ମାଣ ସମ୍ଭବ ହୋଇପାରିବ ବୋଲି ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମତବ୍ୟକ୍ତ କରିଛନ୍ତି।

ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଆଗାମୀ ଦିନରେ ନିର୍ମାଣ ହେବାକୁ ଥିବା ରାସ୍ତା, କୋଠାବାଡ଼ି ଆଦିରେ ବ୍ୟବହୃତ ଇଟା, ବାଲି, ଗୋଡ଼ି ସମେତ ବିଭିନ୍ନ ଇନ୍-ଡୋର ଓ ଆଉଟ୍-ଡୋର ସାମଗ୍ରୀ, ବିଲ୍ଡିଂ ସାମଗ୍ରୀ, ପ୍ରି-ଫାବ୍ରିକେଟେଡ୍ ନିର୍ମାଣ ସାମଗ୍ରୀ, ରାସ୍ତା ଓ କୋଠାବାଡ଼ିରେ ବ୍ୟବହୃତ ବିଭିନ୍ନ ସାମଗ୍ରୀର ସଠିକ୍ ମୂଲ୍ୟ ନିର୍ଦ୍ଧାରଣ ନେଇ ଆଲୋଚନା ହୋଇଥିଲା। ଗୁଣବତ୍ତାଯୁକ୍ତ ସାମଗ୍ରୀର ବ୍ୟବହାର ଏବଂ ଏହାର ସଠିକ ମୂଲ୍ୟ ନିର୍ଦ୍ଧାରଣ ଦ୍ୱାରା ଭିତ୍ତିଭୂମିର ସ୍ଥାୟିତ୍ୱ ବୃଦ୍ଧି ପାଇବା ସହିତ ନିର୍ମାଣଜନିତ ଖର୍ଚ୍ଚ କମ୍ ହୋଇପାରିବ ବୋଲି ଆଲୋଚନାରେ ମତ ପ୍ରକାଶ ପାଇଥିଲା। ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଭିତ୍ତିଭୂମି ନିର୍ମାଣରେ ବ୍ୟବହୃତ ସାମଗ୍ରୀର ମାନକୁ ଗୁରୁତ୍ୱ ଦେବା ସହ ଜାରି ରହିଥିବା ନିର୍ମାଣ କାର୍ଯ୍ୟକୁ ଆଗେଇ ନେବା ପାଇଁ ବରିଷ୍ଠ ଅଧିକାରୀ ଏବଂ ଇଂଜିନିୟରମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ନୂତନ ଭାବେ ନିର୍ମାଣ ହେବାକୁ ଥିବା ଜୟଦେବ ବିହାର- ନନ୍ଦନକାନନ ରୋଡ୍ ଏବଂ ଫ୍ଲାଏ ଓଭର ଏବଂ ନୂଆ ଲୋକସେବା ଭବନ ପ୍ରକଳ୍ପ ନେଇ ଆଲୋଚନା ହୋଇଥିଲା। ଏଥି ସହିତ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ମୁତାବକ ଧାର୍ଯ୍ୟ ସମୟରେ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ନେଇ କାର୍ଯ୍ୟ କରିବାକୁ ମନ୍ତ୍ରୀ ବୈଠକରେ ପରାମର୍ଶ ଦେଇଥିଲେ।

# ଶିଳ୍ପ ପ୍ରକଳ୍ପର ଅଗ୍ରଗତି ପାଇଁ ପ୍ରମୁଖ ଶାସନ ସଚିବଙ୍କ ସମୀକ୍ଷା



ଭୁବନେଶ୍ୱର, ୧୨।୧(ସଂଚାର ବ୍ୟୁରୋ): ଜାତୀୟ ତଥା ରାଜ୍ୟସ୍ତରୀୟ ଭିତ୍ତିଭୂମି ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଆଜି ଏକ ଉଚ୍ଚସ୍ତରୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଅଧିବେଶନରେ 'ଜଙ୍ଗଲ ଜମି ବ୍ୟବହାର ପରିବର୍ତ୍ତନ' ପ୍ରସ୍ତାବଗୁଡ଼ିକର ଶୀଘ୍ର ଅନୁମୋଦନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଭାରତ ସରକାର ଏବଂ ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ, ବିଶେଷ କରି 'ପ୍ରଗତି' ଏବଂ 'ପି.ଏମ୍.ଜି' ଅଧୀନରେ ଥିବା ପ୍ରକଳ୍ପଗୁଡ଼ିକରେ ଯେପରି କୌଣସି ପ୍ରକ୍ରିୟାଗତ ବିଳମ୍ବ ନହୁଏ, ତାହା ନିଶ୍ଚିତ କରିବା ଏହି ସମୀକ୍ଷାର ମୂଳ ଲକ୍ଷ୍ୟ ଥିଲା।

ଏହି ବୈଠକରେ ରାଜ୍ୟର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଚାଲିଥିବା ବୃହତ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମ୍ପର୍କରେ ସବିଶେଷ ସମୀକ୍ଷା କରାଯାଇଥିଲା। ଏଥିରେ ବିଏସଏନଏଲ ଏବଂ ଆରଜେଆଇଏଲ ଦ୍ୱାରା ପରିଚାଳିତ ୪ଜି ସାଚୁରେସନ୍ ପ୍ରକଳ୍ପ ସମେତ ଭାରତୀୟ ରେଳବାଇ, ଏନଏଚଏଆଇ ଏବଂ ଓପିଟିସିଏଲ ଦ୍ୱାରା ପରିଚାଳିତ ଗୁରୁତ୍ୱପୂର୍ଣ୍ଣ ପରିବହନ ଓ ଶକ୍ତି ଭିତ୍ତିଭୂମି ଉପରେ ଆଲୋଚନା ହୋଇଥିଲା। ଏହାବ୍ୟତୀତ ପ୍ରମୁଖ ଶାସନ ସଚିବ ଟାଟା ଷ୍ଟିଲ୍, ରୁଙ୍ଗଟା ମାଇନ୍ସ, ଡାଲମିଆ ସିମେଣ୍ଟ, ମୁଦ୍ରା ଆଲୁମିନା, ବେଦାନ୍ତ, କାଶଭୀ ପାୱାର ଆଣ୍ଡ ଷ୍ଟିଲ୍, ଟ୍ରଷ୍ଟଲାଇନ୍ ମାଇନିଂ, ଭୂଷଣ ପାୱାର ଏବଂ କୁନ୍ଦନ ଗୋଲ୍ଡମାଇନ୍ସ ଭଳି ବଡ଼ ଶିଳ୍ପ ସଂସ୍ଥାଗୁଡ଼ିକର ଖଣିଜ ଓ ଶିଳ୍ପ ପ୍ରକଳ୍ପର ସ୍ଥିତି ସମ୍ପର୍କରେ ମଧ୍ୟ ସମୀକ୍ଷା କରିଥିଲେ।

ଗତ ମାସ ମଧ୍ୟରେ ଏହି ପ୍ରକଳ୍ପଗୁଡ଼ିକ କ୍ଷେତ୍ରରେ ହୋଇଥିବା ଅଗ୍ରଗତିକୁ ପ୍ରମୁଖ ଶାସନ ସଚିବ ସ୍ୱୀକାର କରିବା ସହ ବାକି ରହିଥିବା କାର୍ଯ୍ୟଗୁଡ଼ିକୁ ସମାପ୍ତ କରିବା ପାଇଁ ଏକ ସ୍ପଷ୍ଟ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିଥିଲେ। ସେ ଏଫ୍.ସି.ଏ ନୋଡାଲ ଅଫିସର, ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ, ବନଖଣ୍ଡ ଅଧିକାରୀ ଏବଂ ବ୍ୟବହାରକାରୀ ସଂସ୍ଥାଗୁଡ଼ିକୁ ସମୟସୀମା ମଧ୍ୟରେ କାର୍ଯ୍ୟ ସମ୍ପାଦନ କରିବାକୁ ପରାମର୍ଶ ଦେଇଥିଲେ। ବିଶେଷ କରି ଜଙ୍ଗଲ ଜମି ପରିବର୍ତ୍ତନ ପ୍ରସ୍ତାବଗୁଡ଼ିକୁ ତ୍ୱରାନ୍ୱିତ କରିବା ପାଇଁ ବ୍ୟବହାରକାରୀ ସଂସ୍ଥାଗୁଡ଼ିକୁ ଆବେଦନ ପ୍ରକ୍ରିୟାରେ ସଠିକ୍ ମାର୍ଗଦର୍ଶନ କରିବା ଏବଂ କ୍ଷତିପୂରଣମୂଳକ ବନୀକରଣ ପାଇଁ ନିର୍ଦ୍ଧାରିତ ସମୟ ମଧ୍ୟରେ ଉପଯୁକ୍ତ ଜମି ଚିହ୍ନଟ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ।

## ଗରମ ପାଣିରେ ପଡ଼ି ଛାତ୍ରୀ ଗୁରୁତର

ଯାଜପୁର,୧୨।୧(ସଂଚାର ବ୍ୟୁରୋ): ସବୁଠି ଏବେ ଶୀତର ରାଜ୍। ଏହି ଶୀତରେ କୋମଳମତି ଛାତ୍ରୀ ଜଣକ ଗାଧୋଇବା ପାଇଁ ପାଣି ଗରମ କରୁଥିବା ବେଳେ ସେହି ଗରମ ପାଣିରେ ପଡ଼ି ଗୁରୁତର ହୋଇଛି। ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲ୍ଲା ବରୀ ଧାରପୁର ପଞ୍ଚାୟତ ନାଥପୁର ଗ୍ରାମରେ। ସମୀର ଦଳେଇଙ୍କ ୧୪ ବର୍ଷର ଝିଅ ସିମ୍ରନ୍ ଦଳେଇ ନବମ ଶ୍ରେଣୀରେ ପଢନ୍ତି। ପ୍ରତିଦିନ ଭଳି ସେ ବିଦ୍ୟାଳୟ ଯିବାକୁ ଗାଧୋଇବା ପାଇଁ ଏକ ବଡ଼ ହାଣ୍ଡିରେ ଗରମ ପାଣି କରୁଥିବା ବେଳେ ହଠାତ୍ ମୁଣ୍ଡ ବୁଲାଇବା ଯୋଗୁଁ ହାଣ୍ଡିରେ ଥିବା ଗରମ ପାଣି ଉପରେ ପଡ଼ି ଯାଇଥିଲେ। ପରିବାର ଲୋକେ ତାଙ୍କୁ ତତକ୍ଷଣାତ୍ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଚିକିତ୍ସା ଚାଲୁଥିବା ବେଳେ ଖବର ପାଇ ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ଗୁରୁତର ଛାତ୍ରୀଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବୁଝିବା ସହିତ ଅଧିକ ଚିକିତ୍ସା ନିମନ୍ତେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

## ହାତୀ ଆକ୍ରମଣରେ ବୃଦ୍ଧା ମୃତ

ଅନୁଗୁଳ,୧୨।୧(ସଂଚାର ବ୍ୟୁରୋ): ଅନୁଗୁଳରେ ପୁଣି ହାତୀ ନେଇଛି ଜୀବନ। ଅନୁଗୁଳ ବନାଞ୍ଚଳ ଶଙ୍ଖପୁର ଗାଁରେ ଘଟିଛି ଏଭଳି ଅଘଟଣ। ହାତୀ ଆକ୍ରମଣରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ସୂଚନା ମୁତାବକ, ଅନୁଗୁଳ ବନାଞ୍ଚଳ କରତପଟା ସେକ୍ସନ ଶଙ୍ଖପୁର ଗାଁର ଇଛା ଦେହୁରୀ (୭୨)ଙ୍କ ହାତୀ ଆକ୍ରମଣରେ ମୃତ୍ୟୁ ହୋଇଛି। ଆଜି ସକାଳୁ ସେ ଘର ପଛ ପାର୍ଶ୍ୱକୁ ଶୌଚ ହେବାକୁ ଯାଇଥିବା ବେଳେ ଏକ ଦନ୍ତା ହାତୀ ତାଙ୍କୁ ଟାଣି ନେଇ ଦଳି ଦେଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଭର୍ତ୍ତି କରାଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗତକାଲି ରାତିରେ ସେହି ଅଞ୍ଚଳରେ ୩୨ଟିକିଆ ହାତୀପଲ ଘୂରି ବୁଲୁଥିବା ବେଳେ ଏକ ଦନ୍ତାହାତୀ ଗୋଠଛଡ଼ା ହୋଇ ଗାଁରେ ରହିଯାଇଥିଲା।

## ଏଜେଣ୍ଟଙ୍କ ଦାଦାଗିରି, ମଣ୍ଡିରେ ଚାଷୀଙ୍କୁ ପିଟିଲା

ଭବାନୀପାଟଣା, ୧୨।୧ (ସଂଚାର ବ୍ୟୁରୋ): ଭବାନୀପାଟଣା ବ୍ଲକ ବୋଡ୍ରା ଧାନ ମଣ୍ଡିରେ ଜଣେ ଚାଷୀଙ୍କୁ ଏଜେଣ୍ଟ ଗାଳି ଗୁଲଜ ସହ ପିଟାମରା କରିଥିବା ଜଣାଯାଏ। ମଣ୍ଡିରେ ସର୍ଗିଗୁଡାର ଚାଷୀ ଶକ୍ତିମାନ ବଗର୍ତ ଧାନ ବିକିବାକୁ ଜଗିଥିବା ବେଳେ ଅଖା ବସ୍ତାକୁ କଳାବଜାରୀ କରୁଥିବା କହିବାରୁ ଏଜେଣ୍ଟ ଗୋଲଡି ଜୈନ ଅଚାନକ ଚାଷୀ ଉପରକୁ ଆକ୍ରମଣ କରିଥିଲେ। ବିଭିନ୍ନ ଗାଳିଗୁଲଜ ସହ ହତ୍ୟା ଧମକ ଦେଇଥିଲେ। ଏହା ସହ ଏଜେଣ୍ଟଙ୍କ ଭାଇ ଅନିଲ ଜୈନ ମଧ୍ୟ ଆକ୍ରମଣ କରିଥିଲେ। ଅନ୍ୟାନ୍ୟ ଚାଷୀମାନେ ବୁଝା ସୁଝା କରିବାରେ ଗଣ୍ଡଗୋଳ ଟିକେ ଶାନ୍ତ ହୋଇଥିଲା। ଫାଣ୍ଡିରେ ଉଭୟ ପକ୍ଷରୁ ଅଭିଯୋଗ କରାଯାଇଛି। ବସ୍ତା ଚାଷୀଙ୍କୁ ଯୋଗାଇବାରେ ଅନିୟମିତତା ହେଉଥିବା, ଚାଷୀଙ୍କ ଧାନବସ୍ତା ଅନଲୋଡ଼ ବାବଦକୁ ୧୦ଟଙ୍କା କଲେକସନ କରୁଥିବା ଜଣାଯାଇଛି। ପୁଣି ଏହି ମଣ୍ଡିରେ କଟନୀ ଛଟନୀ ୫-୭ କେଜି ହେଉଥିବା ପ୍ରକାଶ। ନିରୀହ ଚଷୀମାନେ ଧାନ ବିକ୍ରି କରିବାକୁ ହନ୍ତସନ୍ତ ହେଉଛନ୍ତି।

# ୪୬ ପୁଲିସ ଅଧିକାରୀ ଓ କର୍ମଚାରୀ ସମ୍ମାନିତ



କଟକ, ୧୨।୧(ସଂଚାର ବ୍ୟୁରୋ): ଆଜି କଟକସ୍ଥିତ ଆର.କେ. ପାଢୀ ମେମୋରିଆଲ ହଲ୍‌ରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ୪୬ ଜଣ ପୁଲିସ ଅଧିକାରୀ ଓ କର୍ମଚାରୀଙ୍କୁ ପଦକ ପ୍ରଦାନ କରି ସମ୍ମାନିତ କରିଛନ୍ତି। ପୁଲିସ ଅଧିକାରୀ ଓ କର୍ମଚାରୀଙ୍କ ସେବା, କର୍ତ୍ତବ୍ୟନିଷ୍ଠା ଓ ଉତ୍କୃଷ୍ଟ କାର୍ଯ୍ୟଦକ୍ଷତା ନିମନ୍ତେ ଡିଜିପି ଶ୍ରୀ ଖୁରାନିଆ ଅନୁଷ୍ଠାନିକ ଭାବେ ପଦକ ଓ ମାନପତ୍ର ପ୍ରଦାନ କରିଥିଲେ।

ପଦକ ପ୍ରାପ୍ତମାନଙ୍କ ମଧ୍ୟରେ ଆଇଜି (କେନ୍ଦ୍ରାଞ୍ଚଳ) ଡ. ସତ୍ୟଜିତ ନାଏକ, ରାୟଗଡା ଏସପି ସ୍ୱସ୍ତି ଏସ. କୁମାର, କଳାହାଣ୍ଡି ଏସପି ନାଗରାଜ ଦେବରକୋଣ୍ଡା, ଝାରସୁଗୁଡା ଏସପି ଗୁଣ୍ଡଲା ରେଡ୍ଡୀ ରାଘବେନ୍ଦ୍ର, କନ୍ଧମାଳ ଏସପି ହରିଶ ବି.ସି., ଗଜପତି ଏସପି ଯତୀନ୍ଦ୍ର କୁମାର ପଣ୍ଡା, କମାଣ୍ଡାଣ୍ଟ ପ୍ରଫୁଲ କୁମାର ସିଂହଙ୍କ ସହିତ ୩ ଜଣ ଅତିରିକ୍ତ ଏସପି, ୫ ଜଣ ଡିଏସପି, ୫ ଜଣ ଇନ୍ସପେକ୍ଟର, ୭ ଜଣ ସବ୍-ଇନ୍ସପେକ୍ଟର, ୫ ଜଣ ଆସିଷ୍ଟାଣ୍ଟ ସବ୍-ଇନ୍ସପେକ୍ଟର, ୫ ଜଣ ହାବିଲଦାର ଓ ୯ ଜଣ କନଷ୍ଟେବଲ/ଓଏପିଏଫ/ସିପାହୀ ଅନ୍ତର୍ଭୁକ୍ତ ଥିଲେ।

ଏହି ଅବସରରେ ଆରକ୍ଷୀ ମହାନିର୍ଦ୍ଦେଶକ (କ୍ରାଇମବ୍ରାଞ୍ଚ) ବିନୟତୋଷ ମିଶ୍ର, ନିର୍ଦ୍ଦେଶକ (ଗୁଇନ୍ଦା) ଆର.ପି. କୋଚେଙ୍କ ସମେତ ଅନେକ ବରିଷ୍ଠ ପୁଲିସ ଅଧିକାରୀ ଉପସ୍ଥିତ ଥିଲେ। ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ପ୍ରତୀକ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପଦକ ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଥିଲା।

**ସୂର୍ଯ୍ୟମନ୍ଦିର ସହ ଚୁକ୍ତି କରିନାହାନ୍ତି ପୀୟୂଷ**

## ଆସନ୍ତା ୧୪ ଯାଏଁ ମଞ୍ଚରେ କରିବେନି ଅଭିନୟ



ଭୁବନେଶ୍ୱର, ୧୨।୧(ସଂଚାର ବ୍ୟୁରୋ): ଆସନ୍ତା ୧୫ ତାରିଖରେ ଅଭିନେତା ପୀୟୂଷ ତ୍ରିପାଠୀଙ୍କ ମାମଲାର ଶୁଣାଣି କରିବେ ଭୁବନେଶ୍ୱର ସିଭିଲ୍ ଜଜ କୋର୍ଟ। କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ନିଜ ଓକିଲଙ୍କ ମାଧ୍ୟମରେ କୋର୍ଟରେ ହାଜର ହୋଇ ନିଜ ପକ୍ଷ ରଖିଥିଲେ ପୀୟୂଷ ତ୍ରିପାଠୀ। ଏଥି ସହ ଯାତ୍ରା ସିଂହବାହିନୀ ପ୍ରଯୋଜକ ସଂଜୀବ ପାଢ଼ୀଙ୍କ ସହ ଉଭୟ କୋର୍ଟଙ୍କ ନିକଟରେ ନିଜର ଜବାବ ଦାଖଲ କରିଛନ୍ତି। ତେବେ ପୀୟୂଷଙ୍କ ଓକିଲ ତଥା ଆଇନଜୀବୀ ବିଭୂପ୍ରସାଦ ତ୍ରିପାଠୀଙ୍କ କହିବା କଥା, ଅପେରା ସୂର୍ଯ୍ୟ ମନ୍ଦିର ପକ୍ଷରୁ ପୀୟୂଷଙ୍କ ବିରୋଧରେ କୋର୍ଟରେ ଯେଉଁ ଅଭିଯୋଗ ହୋଇଛି ତା'ର କୌଣସି ବାସ୍ତବତା ନାହିଁ। ପୀୟୂଷ ମୋତେ ଦେଇଥିବା ତଥ୍ୟ ଅନୁସାରେ ସେ ଅପେରା ସୂର୍ଯ୍ୟମନ୍ଦିର ସହ ସେଭଳି କୌଣସି ଚୁକ୍ତି କରିନାହାନ୍ତି। ଆମେ ଆଶା କରିବୁ ଖୁବଶୀଘ୍ର ବିବାଦର ସମାଧାନ ହୋଇଯାଉ। ଯାତ୍ରା ପାର୍ଟି ସହ ଚୁକ୍ତି ଖିଲାପକୁ ନେଇ ଗତ ୬ ତାରିଖ ଦିନ ନିଜ ଏଜେଣ୍ଟଙ୍କ ଦ୍ୱାରା ସିଭିଲ୍ ଜଜ୍ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ଯାତ୍ରା ସୂର୍ଯ୍ୟମନ୍ଦିର ମାଲିକ ପ୍ରମୋଦ ସ୍ୱାଇଁ। ଆଉ ୭ ତାରିଖ ଦିନ ପୀୟୂଷଙ୍କ ମଞ୍ଚ ଚଢ଼ିବା ଉପରେ ରୋକ୍ ଲଗାଇଥିଲେ କୋର୍ଟ। ୧୦ ତାରିଖରେ ପୀୟୂଷ କୋର୍ଟଙ୍କ ନୋଟିସ୍ ଗ୍ରହଣ କରିବା ସହ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଅଭିନୟ ନକରିବାକୁ ଘୋଷଣା କରିଥିଲେ।

## ଦୁଷ୍କର୍ମ ପରେ ବୃଦ୍ଧାଙ୍କୁ ପଥରରେ ଛେଚି ହତ୍ୟା

ଉଦଳା, ୧୨।୧(ସଂଚାର ବ୍ୟୁରୋ): ପଡ଼ୋଶୀ ସାଜିଲା ନର ରାକ୍ଷସ। ନିଜର ଯୌନ ଲାଳସା ପୂରଣ କରିବା ପରେ ବୃଦ୍ଧାଙ୍କୁ ପଥରରେ ଛେଚି ହତ୍ୟା କରିଛି। ଏଭଳି ଲୋମଟାଙ୍କୁରା ହତ୍ୟାକାଣ୍ଡ ଘଟିଛି ଉଦଳା ଥାନା ଅମ୍ବିକାଦେଇପୁର ମାହାଲୀସାହି ଗ୍ରାମରେ। ମୃତକ ରଇବାରୀ ସିଂ ଏକୁଟିଆ ଥିବାବେଳେ ଅପରାହ୍ନରେ ପଡ଼ୋଶୀ ରଘୁ ହେମ୍ବ୍ରମ ତାଙ୍କ ଘରେ ପଶି ବଳପୂର୍ବକ ତାଙ୍କୁ ଦୁଷ୍କର୍ମ କରିଥିଲେ। ଏହା ପରେ ସେ ପଥରରେ ଛେଚି ହତ୍ୟା କରି ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଏ ନେଇ ପୁଲିସକୁ ଖବର ଦେଇଥିଲେ। ଖବରପାଇ ଉଦଳା ପୁଲିସ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ ଟିମ ସହାୟତାରେ ତଦନ୍ତକୁ ତ୍ୱରାନ୍ୱିତ କରିଛି। ପୁଲିସ ପ୍ରାଥମିକ ତଦନ୍ତରୁ ବୃଦ୍ଧାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ଜାଣିବାକୁ ପାଇଛି। ଅଭିଯୁକ୍ତ ରଘୁ ହେମ୍ବ୍ରମକୁ ପୁଲିସ ଗିରଫ କରି ତଦନ୍ତ ଜାରି ରଖିଛି।

**ନୂଆପଡ଼ାରେ ଉନ୍ନୟନ କମିଶନର**

# ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଘୋଷିତ ବିକାଶ କାର୍ଯ୍ୟର ସମୀକ୍ଷା



ଭୁବନେଶ୍ୱର / ନୂଆପଡା, ୧୨।୧ (ସଂଚାର ବ୍ୟୁରୋ): ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂ ଆଜି ନୂଆପଡା ଜିଲ୍ଲା ଗସ୍ତ କରିଥିଲେ । ଏହି ଅବସରରେ ସେ ଜିଲ୍ଲାର ସର୍ବାଙ୍ଗୀନ ବିକାଶ ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଘୋଷିତ ବିଭିନ୍ନ କାର୍ଯ୍ୟ ଅଗ୍ରଗତି ସମୀକ୍ଷା କରିଥିଲେ । ସ୍ଥାନୀୟ ଗୋତମା ଏୟାର ଷ୍ଟ୍ରିପରେ ଅବତରଣ ପରେ ସେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକରେ ଯୋଗଦାନ କରିଥିଲେ। ଏହି ବୈଠକରେ ଜିଲ୍ଲାପାଳ ମଧୁସୂଦନ ଦାଶ, ବିଧାୟକ ଖଡିଆଳ, ଅଧିରାଜ ମୋହନ ପାଣିଗ୍ରାହୀ, ବିଧାୟକ ନୂଆପଡା , ଜୟ ଢୋଲକିଆ, ଜଳ ସମ୍ପଦ ବିଭାଗ ପ୍ରମୁଖ ସଚିବ ଶୁଭା ଶର୍ମା, ଡିଆଇଜି ଦକ୍ଷିଣ ପଶ୍ଚିମାଞ୍ଚଳ କୁଅଁର ବିଶାଲ୍ ସିଂ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଅମ୍ରିତପାଲ୍ ସିଂ, ସାଂସଦଙ୍କ ପ୍ରତିନିଧି ଆଇନଜୀବୀ ପ୍ରସନ୍ନ ପାଢ଼ୀ, ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗଦାନ କରିଥିଲେ । ଜିଲ୍ଲାପାଳ ସମସ୍ତଙ୍କୁ ସ୍ୱାଗତ କରି ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ ।

ଉନ୍ନୟନ କମିଶନର କହିଲେ ଯେ, ନୂଆପଡ଼ା ଯେହେତୁ ଏକ ଉପାନ୍ତ ଜିଲ୍ଲା, ମୁଖ୍ୟମନ୍ତ୍ରୀ ଚାହୁଁଛନ୍ତି ଏହାର ସର୍ବାଙ୍ଗୀନ ବିକାଶ ହେଉ। ଏହା ଦେଶ ତଥା ରାଜ୍ୟରେ ଏକ ଆଦର୍ଶ ଜିଲ୍ଲା ହିସାବରେ ପରିଗଣିତ ହେଉ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଅନୁଦାନ ପ୍ରଦାନ କରିଥିବା ୧୫୫୫ କୋଟି ଟଙ୍କାର ପ୍ରକଳ୍ପ ଅଗ୍ରଗତିର ସେ ସମୀକ୍ଷା କରିଥିଲେ। ଏଥିରୁ କେବଳ ଜଳସେଚନ ପାଇଁ ୮୦୨ କୋଟି ଥିବାରୁ, କୃଷକମାନଙ୍କ ଉନ୍ନତି ପାଇଁ ଏସବୁ ଶୀଘ୍ର ସମାପ୍ତ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ୧୦୬୪ ଟି ଗଭୀର ନଳକୂପ ଖନନ ଥିବାରୁ କାମ ଶୀଘ୍ର ସାରି ବିଦ୍ୟୁତ୍ ସଂଯୋଗ ପାଇଁ ଗୁରୁତ୍ୱରୋପ କରିଥିଲେ। ଏହା ସହିତ ମଞ୍ଜୁର ହୋଇଥିବା ରାସ୍ତା ଓ କୋଠାବାଡ଼ି ନିର୍ମାଣ କାମ ଶୀଘ୍ର ସଂପୂର୍ଣ୍ଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ।

# ମାଗଣା ମିଟରରୁ ଆଦାୟ ହୋଇଛି ୩୦୦ କୋଟି

**ଟାଟା ପାୱାର ବିରୋଧରେ ଅଭିଯୋଗ ଆଣିଲା ଉପଭୋକ୍ତା ମହାସଂଘ**



ଭୁବନେଶ୍ୱର,୧୨।୧(ସଂଚାର ବ୍ୟୁରୋ) : ରାଜ୍ୟର ଗରିବ ବିଜୁଳି ଉପଭୋକ୍ତାମାନଙ୍କୁ କେନ୍ଦ୍ର ସରକାରଙ୍କର ଆଇପିଡିଏସ୍ ଯୋଜନା, ସୌଭାଗ୍ୟ ଯୋଜନା ଓ ଦୀନ ଦୟାଲ ଉପାଧ୍ୟାୟ ଗ୍ରାମ ଜ୍ୟୋତି ଯୋଜନାରେ ମାଗଣା ବିଦ୍ୟୁତ୍ ମିଟର ସହ ଆନୁଷଙ୍ଗିକ ସାଜ ସରଞ୍ଜାମ ଯୋଗାଇ ଦିଆଯାଇଥିବା ବେଳେ ସେମାନଙ୍କ ଠାରୁ ଟାଟା ପାୱାର ମିଟର ଭଡା ବାବଦରେ ୩୦୦ କୋଟି ଟଙ୍କାର ଅଧିକ ଅର୍ଥ ଆଦାୟ କରିଛି। ଏଭଳି ବେଆଇନ୍ ଅର୍ଥ ଆଦାୟର କ୍ରାଇମବ୍ରାଞ୍ଚ କିମ୍ବା ସିବିଆଇ ତଦନ୍ତ ପାଇଁ ଦାବି କରିଛି ଉଭଭୋକ୍ତା ମହାସଂଘ।

ମହାସଂଘର ସଭାପତି ରମେଶ ଶତପଥୀ ଓ ସାଧାରଣ ସମ୍ପାଦକ ପ୍ରସନ୍ନ ବିଶୋଇ ଗଣମାଧ୍ୟମକୁ କହିଛନ୍ତି ଯେ, ଗରିବ ଲୋକଙ୍କୁ ମାଗଣାରେ ଯୋଗାଯାଇଥିବା ମିଟରରୁ ଭଡା ଆଦାୟ ହେବା ବେଆଇନ୍। ହେଲେ ଟାଟା ପାୱାର କର୍ତ୍ତୃପକ୍ଷ ଏ ବାବଦରେ ୩୦୦ କୋଟି ଟଙ୍କାରୁ ଅଧିକ ଅର୍ଥ ଆଦାୟ କରିଛି। ୨୦୨୧ ମସିହାରେ ଏ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ ହେବା ପରେ ଟାଟା ପାୱାର କର୍ତ୍ତୃପକ୍ଷ ଏଭଳି ଅର୍ଥ ଆଦାୟ କରିନଥିବା କହିଥିଲା। ତେବେ ଏହା ସମ୍ପୂର୍ଣ୍ଣ ମିଥ୍ୟା ବୋଲି ଉପଭୋକ୍ତା ମହାସଂଘ ଦର୍ଶାଇଛି। ଏପରିକି ଚଳିତମାସରେ ଟାଟା ପାୱାର ଯେଉଁ ସ୍ପଷ୍ଟିକରଣ ଦେଇଛି ସେଥିରେ କୌଣସି ସତ୍ୟତା ନାହିଁ।

ସରକାରୀ ଅର୍ଥରେ କେତେ ମିଟର ଲଗାଯାଇଛି ଓଇଆରସି ତାହାର ହିସାବ ମାଗିଥିଲେ ମଧ୍ୟ ଟାଟାପାୱାର କିମ୍ବା ଓପିଟିସିଏଲ୍ କେହି ଦେଇପାରୁ ନାହାନ୍ତି। ତେବେ ମହାସଂଘ ଦର୍ଶାଇଛି ଯେ, ସଂଘ ନିକଟରେ ଥିବାବେଳେ ଓପିଟିସିଏଲ୍ ୨୦ଲକ୍ଷରୁ ଅଧିକ ମିଟର ଗରିବ ଉପଭୋକ୍ତାଙ୍କୁ ଯୋଗାଇ ଦେଇଛି। ଏହି ମିଟରରୁ ଭଡା ବାବଦରେ ଟାଟା ପାୱାର ୨୦୦ କୋଟି ଟଙ୍କା ଆଦାୟ କରିଥିବା ଆକଳନ କରାଯାଇଛି। ରାଜ୍ୟ ସରକାର ମିଟର ପାଇଁ ଯୋଗାଇ ଦେଇଥିବା ୭୩୫ କୋଟି ଟଙ୍କା କାହାପାଇଁ ଉଦ୍ଦିଷ୍ଟ ବୋଲି ମହାସଂଘ ପ୍ରଶ୍ନ କରିଛି।

## ମାଉଜର ମୂନରେ ୧୫ କେଜି ରୁପା ଲୁଟ୍

ପୋଲସରା,୧୨।୧(ସଂଚାର ବ୍ୟୁରୋ): ମାଉଜର ଦେଖାଇ ପୁରୁଷୋତ୍ତମପୁର ଅଞ୍ଚଳର ବ୍ୟବସାୟୀ ବେଲା ସେନାପତିଠାରୁ ୧୫ କେଜି ଓଜନର ରୁପା ଅଳଙ୍କାର ଲୁଟିନେଇଛନ୍ତି ଲୁଟେରା। ଶ୍ରୀ ସେନାପତି ବାଇକରେ ପ୍ରାୟ ୧୫ କେଜି ଓଜନର ବିଭିନ୍ନ ପ୍ରକାର ରୁପା ଅଳଙ୍କାର ନେଇ ମୋହନାପଲ୍ଲୀ ଗାଁକୁ ବ୍ୟବସାୟ ପାଇଁ ଯାଉଥିଲେ। କିନ୍ତୁ ରାସ୍ତାରେ ୩ ଯୁବକ ବାଇକରେ ତାଙ୍କ ପିଛା କରି ମୋହନାପଲ୍ଲୀ ଛକ ନିକଟରେ ସେନାପତିଙ୍କୁ ଅଟକାଇ ମୁଣ୍ଡରେ ମାଉଜର୍ ଲଗାଇ ତାଙ୍କଠାରୁ ରୂପା ଅଳଙ୍କାର ଭର୍ତ୍ତି ବ୍ୟାଗ୍‌କୁ ନେଇ ସେଠାରୁ ଚମ୍ପଟ୍ ମାରିଥିଲେ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776 Editor: Himanshu Bhusan Kar ସମ୍ପାଦକ: ହିମାଂଶୁ ଭୂଷଣ କର Chief Editor: Ajit Kumar Dash ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ




## ଆଜିର ସୁନା ଦର



ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୦,୪୬୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୨୮,୭୫୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୦,୪୬୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୨୮,୭୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୪୦,୪୬୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ, ୧,୨୮,୭୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୪୦,୬୧୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୨୮,୯୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୩୯,୬୫୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୨୯,୦୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୪୦,୪୬୦ ଓ ୧,୨୮,୭୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୬୦,୦୦୦ ଟଙ୍କା ହୋଇଛି।

## ଆଜିର ପେଟ୍ରୋଲ, ଡିଜେଲ୍ ଦର




ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୦.୯୩ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୫୧ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୮ ପଇସା ରହିଛି।

# ଡିସେମ୍ବରରେ ମୁଦ୍ରାସ୍ଫୀତି ହାର ୧.୩୩%କୁ ବୃଦ୍ଧି



ନୂଆଦିଲ୍ଲୀ ୧୨।୧: ମିନିଷ୍ଟ୍ରି ଅଫ ଷ୍ଟାଟିଷ୍ଟିକ୍ସ ଆଣ୍ଡ ପ୍ରୋଗ୍ରାମ ଇମ୍ପ୍ଲିମେନସନ (ଏମଓଏସପିଆଇ) ଙ୍କ ମାସିକ ଡାଟା ଅନୁସାରେ କଞ୍ଜ୍ୟୁମର ପ୍ରାଇସ ଇଣ୍ଡେକ୍ସ (ସିପିଆଇ) ଆଧାରିତ ଭାରତର ହେଡଲାଇନ ରିଟେଲ ମୁଦ୍ରାସ୍ଫିତି ଡିସେମ୍ବରରେ ବଢ଼ି ୧.୩୩% ହୋଇଯାଇଛି, ଯାହା ପୂର୍ବରୁ ୦.୭୧% ଥିଲା। ତେବେ ହେଡଲାଇନ ମୁଦ୍ରାସ୍ଫିତି ଏବେବି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ଙ୍କ ୪.୬%ର ନିର୍ଦ୍ଧାରିତ ସୀମାରୁ ତଳେ ରହିଛି।

ଖାଦ୍ୟପେୟ ସାମଗ୍ରୀର ମୂଲ୍ୟ ଯାହା ସିପିଆଇ ବାସ୍କେଟର ପାଖାପାଖି ଅଧା ଡିସେମ୍ବରରେ ବାର୍ଷିକ ହାରରେ ୨.୭୧% ହ୍ରାସ ହୋଇଛି। ଏହା ନଭେମ୍ବରର ୩.୯୧%ର ହ୍ରାସ ଠାରୁ କମ୍ ରହିଛି। ଏଥିରେ ପନିପରିବା ମୂଲ୍ୟ ୧୮.୪୭% ପର୍ଯ୍ୟନ୍ତ ହ୍ରାସ ହୋଇଥିବା ବେଳେ ମାସକ ପୂର୍ବରୁ ଏହା ୨୨.୨୦%ରୁ ଅଧିକ ଥିଲା। ଏହା ଖାଦ୍ୟପେୟ ସାମଗ୍ରୀ ସେଗମେଣ୍ଟରେ ଡିଫ୍ଲେସନ ଅଭାବକୁ ଦର୍ଶାଇଛି। ଇନ୍ଧନ ଓ ବିଦ୍ୟୁତ ମୁଦ୍ରାସ୍ଫିତି ଡିସେମ୍ବରରେ ୧.୯୭%କୁ ପହଞ୍ଚିଥିବା ବେଳେ ନଭେମ୍ବରରେ ଏହା ୨.୩୨% ଥିଲା। ସରକାର ମୋଟ ମୁଦ୍ରାସ୍ଫିତି ବୃଦ୍ଧିର ମୁଖ୍ୟ କାରଣ ପନିପରିବା, ମାଛ, ମାଂସ, ଅଣ୍ଡା, ମସଲା, ଡାଲି ଓ ପର୍ସନାଲ କେୟାର ସାମଗ୍ରୀର ଅତ୍ୟଧିକ ମୂଲ୍ୟ ବୃଦ୍ଧି ବୋଲି କହିଛନ୍ତି।ଏହି ସମୟରେ ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳରେ ମୁଦ୍ରାସ୍ଫିତି ଅଧିକ ଥିଲା। ସହରାଞ୍ଚଳରେ ସିପିଆଇ ମୁଦ୍ରାସ୍ଫିତି ନଭେମ୍ବରରେ ୧.୪୦%ରୁ ବଢ଼ି ଡିସେମ୍ବରରେ ୨.୦୩% ହୋଇଯାଇଛି। ଏହାର ବିପରୀତ ଗ୍ରାମୀଣ ମୁଦ୍ରାସ୍ଫିତି ମାସକ ପୂର୍ବର ୦.୧୦%ରୁ ବଢ଼ି ୦.୭୬% ହୋଇଯାଇଛି। ହାଉସିଂ ମାମଲାରେ ଡିସେମ୍ବରରେ ମୁଦ୍ରାସ୍ଫିତି ହ୍ରାସ ହୋଇ ୨.୮୬% ହୋଇଥିବା ବେଳେ ଶିକ୍ଷା ଓ ସ୍ୱାସ୍ଥ୍ୟରେ ମୁଦ୍ରାସ୍ଫିତି ହ୍ରାସ ହୋଇ ଯଥାକ୍ରମେ ୩.୩୨% ଓ୩.୪୩% ରହିଛି। ବଡ଼ ରାଜ୍ୟଙ୍କ ମଧ୍ୟରୁ କେରଳରେ ମୁଦ୍ରାସ୍ଫିତି ସର୍ବାଧିକ ୯.୪୯% ରେକର୍ଡ କରାଯାଇଛି। ଏହା ପଛକୁ କର୍ଣ୍ଣାଟକ ୨.୯୯%, ଆନ୍ଧ୍ରପ୍ରଦେଶ ୨.୭୧%, ତାମିଲନାଡୁ ୨.୬୭% ଓ ଜମ୍ମୁ-କାଶ୍ମୀର ୨.୨୬% ରହିଛି।



# ଫେବ୍ରୁଆରୀ ୨୦ରୁ କ୍ଲିନଟେକ ଏକ୍ସପୋ

ଭୁବନେଶ୍ୱର,୧୨।୧:ବିଶ୍ୱର ସବୁଜ ଶକ୍ତି ମାନଚିତ୍ରରେ ଓଡ଼ିଶାକୁ ସ୍ଥାନିତ କରିବା ଲକ୍ଷ୍ୟ ନେଇ ଭୁବନେଶ୍ୱରରେ ଆସନ୍ତା ଫେବ୍ରୁଆର ୨୦ ଏବଂ ୨୧ରେ ଗ୍ଲୋବାଲ କ୍ଲିନଟେକ ଏକ୍ସପୋ ଅନୁଷ୍ଠିତ ହେବାକୁ ଯାଉଛି। ଅକ୍ଷୟ ଶକ୍ତି ଏବଂ ସ୍ଥାୟୀ ଯାତାୟତ ଉପରେ ଏହା ପର୍ଯ୍ୟବସିତ ହେବ। ଏହା ପୂର୍ବ ଭାରତର ପ୍ରଥମ ଧରଣର ପ୍ରଦର୍ଶନୀ ହେବାକୁ ଯାଉଛି। ଏଥିରେ ଅଷ୍ଟ୍ରେଲିଆ, ଜର୍ମାନୀ, ଫ୍ରାନ୍ସ ଏବଂ ୟୁଏଇ ଭଳି ଦେଶଗୁଡ଼ିକରୁ ୨୦୦ରୁ ଉର୍ଦ୍ଧ୍ୱ କମ୍ପାନି ଅଂଶ ଗ୍ରହଣ କରିବେ। ଏକ ସ୍ୱଚ୍ଛ ଓ ସ୍ଥିର ଭବିଷ୍ୟତ ପାଇଁ ଏକ ସାହସିକ ଦୃଷ୍ଟିକୋଣ ସହ ଓଡ଼ିଶା ୨୦୩୬ ସୁଦ୍ଧା ଅକ୍ଷୟ ଶକ୍ତି କେନ୍ଦ୍ରରେ ପରିଣତ ହେବା ଲକ୍ଷ୍ୟ ରଖିଛି। ଏ ସମ୍ପର୍କରେ ଗ୍ଲୋବାଲ କ୍ଲିନ୍ଟେକ ଏକ୍ସପୋ ଓଡ଼ିଶାର ମୁଖ୍ୟ ପରାମର୍ଶଦାତା ଏବଂ ନେଟ୍‌ମିରୋ ଏନର୍ଜି ଟ୍ରାଞ୍ଜିସନ (ନେଟ୍ରା) ର କାର୍ଯ୍ୟକାରୀ ନିର୍ଦ୍ଦେଶକ ଦେବୀ ପ୍ରଶାଦ ଦାସ କହିଛନ୍ତି, ଏହି କାର୍ଯ୍ୟକ୍ରମ ନୂତନ ଉଦ୍ଭାବନ, ଉତ୍ପାଦ ଲଞ୍ଚ, ବ୍ୟବସାୟ ନେଟୱାର୍କିଂ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ଲାଟଫର୍ମ ହେବ। ଏଥିରେ ସମ୍ମିଳନୀ, ସିଏକ୍ସଓ ରାଉଣ୍ଡଟେବୁଲ, କ୍ଲିନଟେକ୍ ଏକ୍ସିଲେନ୍ସ ଆୱାର୍ଡ ପ୍ରଦାନ କରାଯିବ। ୧୦ ହଜାରରୁ ଉର୍ଦ୍ଧ୍ୱ ବ୍ୟବସାୟ ପରିଦର୍ଶକ ଏବଂ ୧୦୦୦ରୁ ଉର୍ଦ୍ଧ୍ୱ ବ୍ୟବସାୟ ପ୍ରତିନିଧି ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଓଡ଼ିଶା ନିଜକୁ ଭାରତର କ୍ଲିନଟେକ ପାୱାର ହାଉସ ଭାବେ ଉପସ୍ଥାପିତ କରୁଥିବା ଓଡ଼ିଶା କ୍ଲିନଟେକ୍ ଆସୋସିଏସନର ଅଧ୍ୟକ୍ଷ ପ୍ରଶାନ୍ତ ପାଣିଗ୍ରାହୀ କହିଛନ୍ତି।

**ସାମିଲ ହେବେ ଦେଶ ଓ ବିଦେଶର ୨୦୦ରୁ ଅଧିକ କମ୍ପାନି**

# ପେଟ୍ରୋଲ ପମ୍ପରେ ମାରୁତି ଖୋଲିବ ସର୍ଭିସ ସେଣ୍ଟର

ନୂଆଦିଲ୍ଲୀ, ୧୨।୧: ଏଣିକି ପେଟ୍ରୋଲ ପମ୍ପ ଗୁଡ଼ିକରେ ମାରୁତି ସୁଜୁକି ଇଣ୍ଡିଆ ସର୍ଭିସ ସେଣ୍ଟର ଖୋଲିବ। ଏଥିପାଇଁ ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ ଏବଂ ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ (ଆଇଓସି) ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି। ଦେଶର ବଛାବଛା ପେଟ୍ରୋଲ ପମ୍ପଗୁଡ଼ିକରେ ଏହି ସେଣ୍ଟର ସ୍ଥାପନ କରାଯିବ। କାର୍ ଗ୍ରାହକମାନେ ଗାଡ଼ିର ନିୟମିତ ରକ୍ଷଣାବେକ୍ଷଣ ସହିତ ଛୋଟକାଟିଆ ମରାମତି ଏବଂ ପ୍ରମୁଖ ସେବା ଏଠାରେ ପାଇପାରିବେ। ଦେଶରେ ଆଇଓସିଏଲ୍‌ର ୪୧ ହଜାରରୁ ଅଧିକ ପେଟ୍ରୋଲ ପମ୍ପ ରହିଛି। ସଂପ୍ରତି ମାରୁତି ସୁଜୁକି ଇଣ୍ଡିଆର ଦେଶର ୨୮୮୨ଟି ସହରରେ ୫୭୮୦ଟି ସର୍ଭିସ ଷ୍ଟେସନ ରହିଛି। ପେଟ୍ରୋଲ ପମ୍ପଗୁଡ଼ିକରେ ମାରୁତି ସୁଜୁକି ଇଣ୍ଡିଆର ସର୍ଭିସ ସେଣ୍ଟର ଖୋଲିବା ଫଳରେ ଗାଡ଼ି ମାଲିକଙ୍କ ପାଇଁ ବିକ୍ରି ପରବର୍ତ୍ତୀ ସେବା ପାଇବା ସହଜ ହେବ।



# ୟୁରୋପିୟନ ୟୁନିୟନ, ଜର୍ମାନୀ, ବେଲଜିୟମ ଏବଂ ପୋଲାଣ୍ଡ ଏବେ ଭାରତଠାରୁ କିଣୁଛନ୍ତି ସାମଗ୍ରୀ

ନୂଆଦିଲ୍ଲୀ, ୧୨।୧: ଆମେରିକା ଭାରତର ବାଣିଜ୍ୟକୁ ପ୍ରଭାବିତ କରିବା ପାଇଁ ବହୁ ମାତ୍ରାରେ ଟାରିଫ ଲଗାଉଛି। ଏବଂ ଅନ୍ୟାନ୍ୟ କଟକଣା ଲଗାଇ ଆର୍ଥିକ ଜଟିଳତା ସୃଷ୍ଟି କରିବାକୁ ଚେଷ୍ଟା କରୁଛି। ତେବେ ଭାରତ ଆମେରିକାକୁ ଚେକ୍ ଦେବାକୁ ନିଜର ବ୍ୟବସାୟ ରଣନୀତି ପରିବର୍ତ୍ତନ କରି ୟୁରୋପିୟନ ୟୁନିୟନ(ଇୟୁ), ଜର୍ମାନୀ, ବେଲଜିୟମ ଏବଂ ପୋଲାଣ୍ଡ ଭଳି ରାଷ୍ଟ୍ରକୁ ରପ୍ତାନୀ ବଢ଼ାଇଛି।

ଇୟୁର ୨୭ଟି ଦେଶ, ଜର୍ମାନୀ, ବେଲଜିୟମ ଓ ପୋଲାଣ୍ଡ ବର୍ତ୍ତମାନ ଭାରତର ସ୍ଥିର ଏବଂ ମୁଖ୍ୟ ରପ୍ତାନୀ କେନ୍ଦ୍ର ପାଲଟିଛି ବୋଲି କେନ୍ଦ୍ର ବାଣିଜ୍ୟମନ୍ତ୍ରଣାଳୟ ସୂଚନା ଦେଇଛି। ତଥ୍ୟରୁ ଏହା ଜଣାପଡ଼ିଛି ଯେ ଇୟୁର ରାଷ୍ଟ୍ର ମଧ୍ୟରେ ସ୍ପେନ୍ ଭାରତୀୟ ରପ୍ତାନୀ ପାଇଁ ଏକ ଉଚ୍ଚ ଅଭିବୃଦ୍ଧିଶୀଳ ରାଷ୍ଟ୍ର ଭାବେ ଉଭା ହୋଇଛି।

ଡାଟା ଦେଖିଲେ ଚଳିତ ଆର୍ଥିକ ବର୍ଷରେ ଏପ୍ରିଲ-ନଭେମ୍ବର ମଧ୍ୟରେ ସ୍ପେନକୁ ଭାରତର ରପ୍ତାନୀ ୫୬ ପ୍ରତିଶତ ବୃଦ୍ଧି ପାଇ ୪.୭ ବିଲିୟନ ଆମେରିକୀୟ ଡଲାରରେ ପହଞ୍ଚିଛି। ଏହା ପୂର୍ବ ଆର୍ଥିକ ବର୍ଷର ସମାନ ଅବଧିରେ ୩ ବିଲିୟନ ଆମେରିକୀୟ ଡଲାର ଥିଲା। ସେହିଭଳି ସ୍ପେନ୍କୁ ଭାରତର ମୋଟ ରପ୍ତାନୀ ୨.୪ ପ୍ରତିଶତ ବୃଦ୍ଧି ଦେଖିବାକୁ ମିଳିଛି। ଯାହା ୦.୫ ପ୍ରତିଶତ ପଏଣ୍ଟର ଏକ ଉଲ୍ଲେଖନୀୟ ବୃଦ୍ଧି। ଏହି ସମୟ ମଧ୍ୟରେ ୟୁରୋପୀୟ ଅଂଶୀଦାରମାନଙ୍କ ମଧ୍ୟରେ ସ୍ପେନ୍ର ଅଂଶ ସର୍ବାଧିକ ବୃଦ୍ଧି ହୋଇଛି।




ସେହିପରି, ଏହି ଆର୍ଥିକ ବର୍ଷର ଆଠ ମାସ ମଧ୍ୟରେ ଜର୍ମାନୀକୁ ଭାରତର ରପ୍ତାନି ୯.୩ ପ୍ରତିଶତ ବୃଦ୍ଧି ପାଇ ୬.୮ ବିଲିୟନ ଆମେରିକୀୟ ଡଲାରରୁ ୭.୫ ବିଲିୟନ ଆମେରିକୀୟ ଡଲାରରେ ପହଞ୍ଚିଛି। ଏନେଇ ଜଣେ ସରକାରୀ ଅଧିକାରୀ କହିଛନ୍ତି ଯେ ଭାରତର ମୋଟ ରପ୍ତାନିରେ ୨.୬ ପ୍ରତିଶତ ଜର୍ମାନୀକୁ ଯାଉଛି। ୦.୨ ପରସେଣ୍ଟେଜ୍ ପଏଣ୍ଟର ପଜିଟିଭ ଗେନ୍ ସହ ଭାରତୀୟ ଉତ୍ପାଦରେ ଜର୍ମାନୀରେ ଏକ ସ୍ଥାୟୀ ଚାହିଦା ରହୁଛି।

୨୦୨୫-୨୬ ଆର୍ଥିକ ବର୍ଷରେ ଏପ୍ରିଲ-ନଭେମ୍ବର ମଧ୍ୟରେ ବେଲଜିୟମକୁ ଭାରତର ରପ୍ତାନି ୪.୨ ବିଲିୟନ ଆମେରିକୀୟ ଡଲାରରୁ ବୃଦ୍ଧି ପାଇ ୪.୪ ବିଲିୟନ ଆମେରିକୀୟ ଡଲାରରେ ପହଞ୍ଚିଛି। ୨୦୨୪ ଏପ୍ରିଲ-ନଭେମ୍ବର ମଧ୍ୟରେ ପୋଲାଣ୍ଡକୁ ଭାରତର ରପ୍ତାନି ୧.୬୯ ବିଲିୟନ ଆମେରିକୀୟ ଡଲାରରୁ ୭.୬ ପ୍ରତିଶତ ବୃଦ୍ଧି ପାଇ ୧.୮୨ ବିଲିୟନ ଆମେରିକୀୟ ଡଲାରରେ ପହଞ୍ଚିଛି।

ଏନେଇ ଜଣେ ସରକାରୀ ଅଧିକାରୀ କହିଛନ୍ତି ଯେ ଏସବୁକୁ ଦେଖିଲେ ଭାରତର ସୁକ୍ଷ୍ମ ୟୁରୋପୀୟ ରଣନୀତି ସ୍ପଷ୍ଟ ଝଲସୁଛି। ସ୍ପେନ୍ରେ ଦ୍ରୁତ ଅଭିବୃଦ୍ଧି, ଜର୍ମାନୀରେ ଧୀରେ ଧୀରେ ରପ୍ତାନୀ ବଢ଼ିବା, ଏବଂ ବେଲଜିୟମରେ ଭାରତୀୟ ସାମଗ୍ରୀ ପାଇଁ ଡିମାଣ୍ଡର କ୍ରମବର୍ଦ୍ଧିଷ୍ଣୁ ସ୍ଥିରତା ଭାରତର ବିଜନେଶ ରଣନୀତିକୁ ଦର୍ଶାଉଛି। ଆମେରିକା ଭଳି ପାରମ୍ପରିକ ବଜାର ଉପରେ ନିର୍ଭର ନ ରହି ବିଭିନ୍ନ ବଜାରକୁ ରପ୍ତାନୀ କରି ବଜାରର ବିବିଧତା ଆଣିବା ଏବଂ ପରିପକ୍ୱ ଅର୍ଥନୀତିରେ ଏକ ସନ୍ତୁଳିତ ରପ୍ତାନି ପ୍ରୋଫାଇଲକୁ ପ୍ରତିଫଳିତ କରୁଛି।

ଭାରତ ଏବଂ ୟୁରୋପୀୟ ସଂଘ ମଧ୍ୟରେ ମୁକ୍ତ ବାଣିଜ୍ୟ ଚୁକ୍ତି ନେଇ ଆଲୋଚନା କରୁଥିବାରୁ, ବିଶ୍ୱ ଆର୍ଥିକ ଅନିଶ୍ଚିତତା ସତ୍ତ୍ୱେ ଉଭୟଙ୍କ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ସୁସ୍ଥ ଅଭିବୃଦ୍ଧି ହେବ ବୋଲି ଆଶା କରାଯାଉଛି। ୨୦୨୪-୨୫ ମସିହାରେ ଇୟୁ ସହିତ ଭାରତର ଦ୍ୱିପାକ୍ଷିକ ବାଣିଜ୍ୟ ୧୩୬.୫୩ ବିଲିୟନ ଆମେରିକୀୟ ଡଲାର (୭୫.୮୫ ବିଲିୟନ ଆମେରିକୀୟ ଡଲାର ରପ୍ତାନି ଏବଂ ୬୦.୬୮ ବିଲିୟନ ଆମେରିକୀୟ ଡଲାର ଆମଦାନୀ) ଥିଲା। ଫଳରେ ସାମଗ୍ରୀ ରପ୍ତାନୀରେ ଇୟୁ ଭାରତର ସବୁଠାରୁ ବଡ଼ ବାଣିଜ୍ୟିକ ଅଂଶୀଦାର ଥିଲା।

ଭାରତର ମୋଟ ରପ୍ତାନିର ପ୍ରାୟ ୧୭ ପ୍ରତିଶତ ଇୟୁ ବଜାରକୁ ଯାଉଛି। ସେହିପରି ଇୟୁର ମୋଟ ରପ୍ତାନୀର ମାତ୍ର ୯ ପ୍ରତିଶତ ଭାରତକୁ ଆସୁଛି। ଭାରତ ଇୟୁକୁ ରେଡି ମେଡ୍ ଗାର୍ମେଣ୍ଟ, ଔଷଧ, ଇସ୍ପାତ, ପେଟ୍ରୋଲିୟମ୍ ଉତ୍ପାଦ ଏବଂ ବୈଦ୍ୟୁତିକ ଯନ୍ତ୍ରପାତି ଆଦି ରପ୍ତାନୀ କରୁଛି। ଯଦି ଭାରତ ଓ ଇୟୁ ମଧ୍ୟରେ ଫ୍ରି ଟ୍ରେଡ୍ ଏଗ୍ରୀମେଣ୍ଟ ଚୁକ୍ତି ସଫଳ ହୁଏ, ତେବେ ୟୁରୋପୀୟ ସଂଘକୁ ଏହିସବୁ ଭାରତୀୟ ସାମଗ୍ରୀର ରପ୍ତାନି ଅଧିକ ମାତ୍ରାରେ ହୋଇପାରିବ।

ଭୁବନେଶ୍ୱର ମଙ୍ଗଳବାର ୧୩ ଜାନୁଆରୀ ୨୦୨୬ ସଂଚାର THE SANCHAR

ବିକାଶ ଖୋଜୁଛି ମାଟିଖଳା ଗାଁ

# ଗାଁର ମୁଖ୍ୟ ସମସ୍ୟା ହେଲା ରାସ୍ତା

- ବର୍ଷା ମାସରେ ଗ୍ରାମବାସୀଙ୍କ ପାଇଁ ବାଧକ ସାଜେ
- ଖଟିଆରେ ବୁହା ହୁଅନ୍ତି ଗର୍ଭବତୀ ଓ ଗୁରୁତର ରୋଗୀ
- ପ୍ରାୟ ୩ କି.ମି. ଗଲେ ମିଳିଥାଏ ଆମ୍ବୁଲାନ୍ସ ସେବା



**ଲାଞ୍ଜିଗଡ଼,୧୨।୧(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବା ବେଳେ ଏବେବି ଅନେକ ଗୁଡ଼ିଏ ଗାଁକୁ ସରକାରଙ୍କ ମୌଳିକ ସୁବିଧା ପହଞ୍ଚି ପାରିନାହିଁ।ହେଲେ ଉଭୟ ସରକାର ମାଳମାଳ ଯୋଜନା ପ୍ରସ୍ତୁତ କରୁଛନ୍ତି ଓ ପାଣି ଭଳି ଟଙ୍କା ମଧ ଖର୍ଚ୍ଚ କରୁଛନ୍ତି।ହେଲେ କାହାପାଇଁ କୋଟିକୋଟି ଟଙ୍କା ଖର୍ଚ୍ଚ ହେଉଛି ଏଠି ବଡ଼ ପ୍ରଶ୍ନବାଛି ସୃଷ୍ଟି କରୁଛି।ଏପଟେ ସରକାର ସବୁ କ୍ଷେତ୍ରରେ ବିକାଶର ନାରା ଦେଉଥିବା ବେଳେ କିନ୍ତୁ ବାସ୍ତବିକ ଚିତ୍ର ଦେଖିଲେ ଓଲଟା ଦେଖାଯାଉଛି। ଲୋକେ ସରକାରଙ୍କ ମୌଳିକ ସୁବିଧା କହିଲେ କ'ଣ ଜାଣି ନାହାନ୍ତି।କିନ୍ତୁ ଆଦିବାସୀଙ୍କ ପାଇଁ ନାନାଦି ଯୋଜନା କରି ପାଣି ଭଳି କୋଟିକୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି ସତ ହେଲେ କାଗଜ କଲମରେ ବିକାଶର ଗୋଲାପୀ ଚିତ୍ର ଆଙ୍କି ଦେଇ ନିରବ ରହୁଥିବା ଅଭିଯୋଗ ହେଉଛି। ଏହି ଭଳି ଅଭିଯୋଗ ହେଉଛି ବନ୍ଦପାରି ଗ୍ରାମପଞ୍ଚାୟତ ଅନ୍ତର୍ଗତ ପଞ୍ଚକୁଡ଼ିର ପାଳି ଗାଁ ମାଟିଖଳାରୁ। ଉକ୍ତ ଗାଁରେ ୧୮ଘର ଆଦିବାସୀ ବା କୁଟିଆକନ୍ଧ ସମ୍ପ୍ରଦାୟର ଲୋକେ ଦୀର୍ଘ ବର୍ଷ ହେଲା ବସବାସ କରି ଆସୁଥିବାବେଳେ ଏମାନଙ୍କ ପାଇଁ ଏଯାଏଁ ରାସ୍ତା, ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟଜଳ ଓ ବିଜୁଳି ଭଳି ଅନେକ ମୌଳିକ ସମସ୍ୟା ଲାଗିରହିଛି। ଏଠିକାର ମୁଖ୍ୟ ସମସ୍ୟା ହେଉଛି ଗମନା ଗମନ ପାଇଁ ରାସ୍ତା। ସ୍ୱଳ୍ପ ବର୍ଷା ହେଲେ ଉକ୍ତ ରାସ୍ତାରେ ଯାତାୟତ ପାଇଁ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିବାବେଳେ ଗର୍ଭବତୀ ବା ଗୁରୁତର ରୋଗୀଙ୍କୁ ହାରାହାରି ୩କିଲୋମିଟର ଖଟିଆରେ ବୋହିକି ପ୍ରତିବେଢ଼ା ଗାଁକୁ ନେଲାପରେ ଆମ୍ବୁଲାନ୍ସ ସେବା ମିଳିଥାଏ।ସେଠାରୁ ବିଶ୍ୱନାଥପୁର ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇ ଚିକିତ୍ସିତ ହୋଇଥାନ୍ତି। ଶିକ୍ଷା କଥା କହିଲେ ବଣ ପାହାଡ଼ ଘେରା ଘଞ୍ଚ ଜଙ୍ଗଲ ମଧରେ ତିନି କିଲୋମିଟର ପାଦଚଲା ରାସ୍ତା ଦେଇ ପ୍ରତିବେଢ଼ା ବା ବଡବାନିଗାଁ ପ୍ରାଥମିକ ସ୍କୁଲକୁ ଯାଉଥିବାବେଳେ ଗାଁରେ ଅଙ୍ଗନାୱାଡି କେନ୍ଦ୍ର ଟିଏ ମଧ ନାହିଁ। ଯାହାଦ୍ୱାରା ଅନେକ କୋମଳମତି ଶିଶୁ ମାନେ ପ୍ରାକ-ଶିକ୍ଷା ବା ପୁଷ୍ଟି କର ଖାଦ୍ୟରୁ ବଞ୍ଚିତ ରହୁଛନ୍ତି।ତେବେ ବଣ ପାହାଡ଼ ରାସ୍ତା ଓ ଜଙ୍ଗଲୀ ଜନ୍ତୁଙ୍କ ଭୟ ଯୋଗୁଁ ପିଲାମାନଙ୍କୁ ସ୍କୁଲ ବା ଅଙ୍ଗନବାଡ଼ି କେନ୍ଦ୍ରକୁ ଛାଡିବାକୁ ଉଚିତ ମନେ କରୁନାହାନ୍ତି ପରିବାର ଲୋକେ। ତେବେ ଉକ୍ତ ଗାଁରେ ସ୍କୁଲ ଓ ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣରେ ଆବଶ୍ୟକ ରହିଥିବାବେଳେ ଅନେକ ଥର ଅଭିଯୋଗ ସତ୍ତ୍ୱେ ମଧ କୌଣସି ଫଳପ୍ରଦ ହେଉନାହିଁ ବୋଲି ଗ୍ରାମବାସୀ ମତପ୍ରକାଶ କରିଛନ୍ତି।ଗାଁରେ ପାନୀୟଜଳ କଥା କହିଲେ ଏକମାତ୍ର ନଳକୂପ ରହିଛି ହେଲେ ତାହା ଗ୍ରୀଷ୍ମ ଋତୁରେ ୧୮ଘର ପରିବାରକୁ ପାଣି ନିଅଣ୍ଟ ହେଉଥିବାବେଳେ ଲୋକେ ଝରଣା ପାଣିକୁ ମଧ ବ୍ୟବହାର କରୁଛୁ ବୋଲି ଗଣମାଧମ ସମ୍ମୁଖରେ ପ୍ରକାଶ କରିଛନ୍ତି।ସେପଟେ ବିଜୁଳି କଥା କହିଲେ ସୂଚନା ଅନୁସାରେ ଦୀର୍ଘ ୩ମାସ ହେଲା ବିଦ୍ୟୁତ ଟ୍ରାନ୍ସଫରମର ଅଚଳ ଅବସ୍ଥାରେ ପଡ଼ି ରହିଛି ଏବେ ଯାଏଁ ମରାମତି ହୋଇପାରିନାହିଁ।

## କୁନ୍ଦୁରା-ଜୟପୁରକୁ ଗଡ଼ିଲା ସରକାରୀ ବସ

**କୁନ୍ଦୁରା,୧୨।୧(ସଂଚାର ବ୍ୟୁରୋ):** କୁନ୍ଦୁରା ବ୍ଲକବାସୀଙ୍କ ଦୀର୍ଘ ଦିନର ପ୍ରତୀକ୍ଷାର ଅନ୍ତ ଘଟିଛି। କୋଟପାଡ଼ ବିଧାୟକ ରୂପୁ ଭତ୍ରାଙ୍କ ପ୍ରଚେଷ୍ଟାରେ କୁନ୍ଦୁରା ବ୍ଲକର ପଖନାଗୁଡ଼ା ଠାରୁ ବ୍ୟବସାୟିକ ପ୍ରାଣକେନ୍ଦ୍ର ଜୟପୁର ପର୍ଯ୍ୟନ୍ତ ସରକାରୀ ବସ ସେବାର ଶୁଭାରମ୍ଭ ହୋଇଯାଇଛି। ସୋମବାର କୁନ୍ଦୁରା ବ୍ଲକ ସଦର ମହକୁମା ସ୍ଥିତ ନୂତନ ବସଷ୍ଟାଣ୍ଡ ନିକଟରୁ ଏହି ସେବାର ଉଦଘାଟନ କରାଯାଇଛି। ପୂର୍ବରୁ ବ୍ଲକ ଅଞ୍ଚଳରେ ସରକାରୀ ବସ ଚାଲୁଥିଲେ ମଧ ଜୟପୁର ପର୍ଯ୍ୟନ୍ତ ସିଧାସଳଖ ସେବା ନଥିଲା। ଏନେଇ ଅଞ୍ଚଳର କିଛି ବରିଷ୍ଠ ନାଗରିକ ବିଧାୟକ ରୂପୁ ଭତ୍ରାଙ୍କୁ ଭେଟି ଅନୁରୋଧ କରିଥିଲେ। ଏହାକୁ ଗୁରୁତ୍ୱର ସହ ନେଇ ବିଧାୟକ ସମ୍ପୃକ୍ତ ବିଭାଗୀୟ ମନ୍ତ୍ରୀ, ଆଞ୍ଚଳିକ ପରିବହନ ଅଧିକାରୀ (ଆରଟିଓ) ଏବଂ ଜିଲାପାଳଙ୍କ ସହ ଆଲୋଚନା କରିଥିଲେ। ଫଳରେ ସୋମବାରଠାରୁ ଏହି ଗମନାଗମନ ସୁବିଧା ଉପଲବ୍ଧ ହୋଇଛି।
କୁନ୍ଦୁରା ଅଞ୍ଚଳର ଅଧିକାଂଶ ଲୋକ ପନିପରିବା ଚାଷ ଉପରେ ନିର୍ଭର କରନ୍ତି ଏବଂ ବିକ୍ରି ପାଇଁ ଜୟପୁର ବଜାର ଉପରେ ଭରସା କରନ୍ତି। ମାତ୍ର ପରିବହନର ସଠିକ ସୁବିଧା ନଥିବାରୁ ଅଟୋ ଚାଳକମାନେ ନିଜ ମନଇଚ୍ଛା ଭଡ଼ା ଆଦାୟ କରୁଥିଲେ, ଯାହା ଚାଷୀ ଓ ବ୍ୟବସାୟୀଙ୍କ ପାଇଁ ବଡ଼ ବୋଝ ହେଉଥିଲା। ଏବେ ସରକାରୀ ବସ ଚାଲିବା ଦ୍ୱାରା ଚାଷୀ, କଲେଜ ଛାତ୍ରଛାତ୍ରୀ ବ୍ୟବସାୟୀ ଏବଂ ସାଧାରଣ ଜନତା ସୁବିଧାରେ ଜୟପୁର ଯାତାୟତ କରିପାରିବେ।

କୁସମେଲ ସରପଞ୍ଚଙ୍କୁ ଅଟକ ରଖିଲା ସଦର ପୁଲିସ

## ପ୍ରତିବାଦରେ ବଲାଙ୍ଗିର-ପାଟଣାଗଡ଼ ରାସ୍ତାରୋକ

**ବଲାଙ୍ଗୀର,୧୨।୧(ସଂଚାର ବ୍ୟୁରୋ):** ବଲାଙ୍ଗୀର ଜିଲ୍ଲା କୁଶମେଲ ପଞ୍ଚାୟତ ସରପଞ୍ଚଙ୍କୁ ସଦର ପୋଲିସ ଆଜି ସକାଳୁ ତାଙ୍କ ଗ୍ରାମ ରୁ ଉଠେଇ ଆଣିଥିଲା। ଏନେଇ କୁଶମେଲ ଗ୍ରାମବାସୀ ବଲାଙ୍ଗିର ସଦରଥାନ ସମ୍ମୁଖ ବଲାଙ୍ଗିର-ପାଟଣାଗଡ଼ ରାସ୍ତା ରୋକ କରିଥିଲେ। ପରେ ସଦର ପୋଲିସ ସରପଞ୍ଚଙ୍କୁ ଦିନ ୨ଟା ରେ ପିଆର ବଣ୍ଡ ରେ ଛାଡି ଦେଇଥିଲା। ସରପଞ୍ଚଙ୍କୁ ପୋଲିସ ଛାଡିଲା ପରେ ଏସ୍‌ପି ଅଫିସ ଘେରାଉ ଅଭିମୁଖେ ବାହାରିଥିଲେ ପଞ୍ଚାୟତବାସୀ। ପ୍ରକାଶ ଯେ, ଗତ କିଛିଦିନ ତଳେ ବଲାଙ୍ଗୀର ସଦର ଥାନା କୁଶମେଲ ପଞ୍ଚାୟତର ନଦୀରୁ ଗ୍ରାମ କୁ ପାଣି ଯୋଗାଣ ହେଉଥିବା ଇଲେକ୍ଟ୍ରି ତାର ଚୋରି ହୋଇଥିଲା। ଏନେଇ ଲୋକେ ପୋଲିସକୁ ଖବର ଦେଇଥିଲେ। ସଦର ପୋଲିସ ଚୋରମାନଙ୍କୁ ଥାନାକୁ ଆଣିଥିଲା ଏବଂ ପରେ ସେମାନଙ୍କୁ ଛାଡ଼ିଦେଇଥିବା ପଞ୍ଚାୟତ ଲୋକେ ଅଭିଯୋଗ କରୁଛନ୍ତି। ଏହାର ପ୍ରତିବାଦରେ କୁଶମେଲ ପଞ୍ଚାୟତବାସୀ ସୋମବାର ଏସ୍‌ପି ଅଫିସ ଘେରାଉ କରିବାର କାର୍ଯ୍ୟକ୍ରମ ଥିଲା। ଏହାର ଯଥେଷ୍ଟ ପୂର୍ବରୁ ସକାଳୁସକାଳୁ କୁଶମେଲ ସରପଞ୍ଚ କୌସ୍ତୁଭ ସାହୁଙ୍କୁ ସଦର ଥାନା ପୋଲିସ ଉଠାଇ ଆଣିଥିଲା। ଏହାର ପ୍ରତିବାଦରେ କୁଶମେଲ ପଞ୍ଚାୟତର ଶହ ଶହ ମହିଳା ଓ ପୁରୁଷ ସଦର ଥାନା ଘେରାଉ କରିବା ସହ ୫୭ନଂ ରାଜ୍ୟ ରାଜପଥ ବଲାଙ୍ଗୀର ପାଟଣାଗଡ଼ ରାସ୍ତା ସଦର ଥାନା ସମ୍ମୁଖରେ ରାସ୍ତା ଉପରେ ଧାରଣାରେ ବସିଥିଲେ। ତୁରନ୍ତ ସରପଞ୍ଚଙ୍କୁ ଥାନାରୁ ଛାଡ଼ିବାକୁ ଦାବି କରିଥିଲେ। ଅନ୍ୟପଟେ ସମାଧାନ ପାଇଁ ସଦର ଥାନା ଅଧିକାରୀ ରାଜ କୁମାର ବିଶାଳଙ୍କ ସହିତ ଏକ ପ୍ରତିନିଧି ଦଳ ଆଲୋଚନା ହୋଇଥିଲା ଏବଂ ପୁଲିସ ସରପଞ୍ଚଙ୍କୁ ଛାଡି ଦେଇଥିଲା ।

# ବୈଶିଙ୍ଗା ଥାନା ଅଞ୍ଚଳରୁ ବଡ଼ ଧରଣର ଡକାୟତି

**ବୈଶିଙ୍ଗା,୧୨।୧(ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅନ୍ତର୍ଗତ ବୈଶିଙ୍ଗା ପଞ୍ଚାୟତର ଦୁର୍ଗାପୁର (ଗଣେଶ୍ୱରପୁର) ଗ୍ରାମର ବସନ୍ତ ସେନାପତି ଙ୍କ ଘରୁ ପ୍ରାୟ ୫୦ /୬୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସୁନା, ରୁପା ଅଳଙ୍କାର ସମେତ ନଗଦ ଟଙ୍କା ଚୋରୀ ହୋଇଥିବା ଖବର ଲୋକ ଙ୍କ ମନରେ ଭୟ ସୃଷ୍ଟି କରିଛି। ପ୍ରାପ୍ତ ସୂଚନା ମୁତାବକ ଗତ ଶନିବାର ସନ୍ଧ୍ୟା ୭ ଘଟିକା ସମୟରେ ଦୁର୍ଗାପୁର (ଗଣେଶ୍ୱରପୁର) ଗ୍ରାମର ବିକର୍ତ୍ତନ ସେନାପତି ଙ୍କ ପୁତ୍ର ବସନ୍ତ ଏବଂ ତାଙ୍କ ସ୍ତ୍ରୀ ଉଭୟେ ଶ୍ୱଶୁର ଘରକୁ ଯାଇଥିଲେ। ଆଜି ସକାଳେ ଆସି ଦେଖନ୍ତି ତ ଚୋରମାନେ ପୁରା କଳାକନା ବୁଲାଇ ଦେଇଛନ୍ତି। ଏକାଧିକ ଚୋର ରବିବାର ରାତିରେ ବସନ୍ତଙ୍କ ମୁଖ୍ୟ ଦ୍ୱାର ର ତାଲା ଭାଙ୍ଗିବା ସହିତ ଭିତର ଘରର ସବୁ କବାଟ କୁ ଭାଙ୍ଗି ସମସ୍ତ ଆସବାବପତ୍ର ଏଣେ ତେଣେ ଫିଙ୍ଗି ଦେଇଥିଲେ। ଏହାପରେ କୋଲାପସ୍ ଗେଟ୍ ଭାଙ୍ଗି ଶୋଇବା ଘରର ଗୋଦରେଜ ଆଲମିରା କୁ ଭାଙ୍ଗି ପ୍ରାୟ



୪କ୍ବିଣ୍ଟ ଗ୍ରାମର ବିଭିନ୍ନ କିସମର ସୁନା ଅଳଙ୍କାର, ୨୦୦ ଗ୍ରାମ ଓଜନର ରୁପା ଅଳଙ୍କାର ଏବଂ ନଗଦ ୧୭ ହଜାର ଟଙ୍କା ଆନୁମାନିକ ୬କ୍ବିଣ୍ଟ ଲକ୍ଷ ମୂଲ୍ୟର ଗହଣା ଚୋରୀ କରି ନେଇଥିବା ଅଭିଯୋଗ ହୋଇଛି। ପୂର୍ବାହ୍ନରେ ଶିକ୍ଷକ ବସନ୍ତ ସେନାପତି ବୈଶିଙ୍ଗା ଥାନାରେ ଅଭିଯୋଗ କରିବା ପରେ ବୈଶିଙ୍ଗା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଛାନଭିନ୍ କରି ଫେରି ଆସିଥିଲେ। ପୁଲିସ ତରଫରୁ ସାଇଣ୍ଟିଫିକ ଟିମ୍ ସହିତ ସନ୍ଧାନୀ କୁକୁରର ସାହାଯ୍ୟ ନିଆ ଯାଇ ଥିଲା। କୁକୁର ପହଞ୍ଚି ଘଟଣା ସ୍ଥଳ ନିକଟରୁ ଖୋଦି ଖୋଜି ୩କ୍ବିଣ୍ଟ ମିଟର ରାସ୍ତା ୧୮ନଂ ଜାତୀୟ ରାଜପଥ ନିକଟରେ ପହଞ୍ଚି ଆଉ ଆଗେଇ ପାରି ନ ଥିଲା। ଗ୍ରାମବାସୀ ଙ୍କ ଅଭିଯୋଗ ଥିଲା ନିକଟସ୍ଥ ପଦ୍ମନାଭପୁର ଟୋଲପ୍ଲାଜା କୁ ବାଇପାସ କରି ଶହ ଶହ ମାଲବାହୀ ଟ୍ରକ, କାର, ପିକଅପ ଆଦି ଏହି ରାସ୍ତାରେ ରାତି ସାରା ବିକଟାଳ ଶବ୍ଦ ସହିତ ଚଳପ୍ରଚଳ କରୁଥିବାରୁ ରାସ୍ତା ପାର୍ଶ୍ୱବର୍ତ୍ତୀ ଘରର ଲୋକମାନେ ତାଟି କବାଟ ଦେଇ ଶୋଇ ଯାଉଛନ୍ତି। ସେଥିପାଇଁ ଏହି ରାସ୍ତାରେ ଚୋରୀ, ଡକାୟତି, ଛିନ ତାଇ ଓ ରାହାଜାନି ଆଦି ବଢ଼ି ଚାଲିଛି।

## ବଦାମପାହାଡ଼- କେନ୍ଦୁଝରଗଡ଼ ରେଳ ପ୍ରକଳ୍ପ ଜମି ସୀମା ନିର୍ଦ୍ଧାରଣ ସର୍ଭେ ଆରମ୍ଭ



**ବାରିପଦା,୧୨।୧(ସଂଚାର ବ୍ୟୁରୋ):** ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ, ମୟୂରଭଞ୍ଜଙ୍କ ଆଦେଶ ଏବଂ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଆଜିଠାରୁ ବାଦାମପାହାଡ–କେନ୍ଦୁଝରଗଡ଼ ରେଳ ପ୍ରକଳ୍ପ ସନ୍ଦର୍ଭରେ ରେଳୱେ ଆଇନ, ୧୯୮୯ ର ଧାରା ୨୦(ବି) ଅନୁଯାୟୀ ଜମି ସୀମା ନିର୍ଦ୍ଧାରଣ (ଡିମାର୍କେସନ୍) ସର୍ଭେ କାର୍ଯ୍ୟ ଆରମ୍ଭ କରାଯାଇଛି। ଏହି ସର୍ଭେ କାର୍ଯ୍ୟ କରଞ୍ଜିଆ ତହସିଲ୍ ଅନ୍ତର୍ଗତ ଧକାଟା, ବିରାଜାଦୁନାଥପୁର ଓ ଘୋସାଡ଼ା ଗ୍ରାମ ଏବଂ ସୁକ୍ରୁଲି ତହସିଲ୍ ଅନ୍ତର୍ଗତ କୁସୁନାପୁର ଗ୍ରାମରେ କରାଯାଉଛି। ଏହି ସର୍ଭେର ଉଦ୍ଦେଶ୍ୟ ପ୍ରସ୍ତାବିତ ରେଳପଥ ପାଇଁ ଆବଶ୍ୟକ ଜମିର ସଠିକ ସୀମା ଚିହ୍ନଟ, ରେକର୍ଡ ସହ ସ୍ଥଳ ସତ୍ୟାପନ ଏବଂ ଆଗାମୀ ଭୂମି ଅଧିଗ୍ରହଣ ପ୍ରକ୍ରିୟାକୁ ସୁଚାରୁ ଭାବେ ତ୍ୱରାନ୍ୱିତ କରିବା। ସମ୍ପୃକ୍ତ ତହସିଲ୍ ପ୍ରଶାସନ ଓ ରେଳୱେ କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ ସର୍ଭେ କାର୍ଯ୍ୟ ଚାଲୁ ରହିଛି। ସମ୍ପୃକ୍ତ ରାୟତମାନଙ୍କୁ ସର୍ଭେ କାର୍ଯ୍ୟରେ ସହଯୋଗ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

● ଶିକ୍ଷକ ସଂଘ ଚାପରେ ଚେପା ଗୋଷ୍ଠୀ ଶିକ୍ଷା ଅଧିକାରୀ

## ଫଳକ ଭାଙ୍ଗି ଛାତ୍ର ମୃତ୍ୟୁ ଘଟଣାରେ ପ୍ରଧାନ ଶିକ୍ଷକଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହୃତ

**ବାଲିଆପାଳ,୧୨।୧(ସଂଚାର ବ୍ୟୁରୋ):** ବାଲିଆପାଳ ବ୍ଲକ ବଡାଶ ପଞ୍ଚାୟତର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ଫଳକ ଭାଙ୍ଗି ଛାତ୍ର ମୃତ୍ୟୁ ଭଳି ଘଟିଥିବା ଅଭାବନୀୟ ଘଟଣାକୁ କେନ୍ଦ୍ର କରି ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ଶୁକ୍ରବାର ବିଳମ୍ବିତ ରାତ୍ରିରେ ନିଲମ୍ବିତ କରାଯାଇଥିଲା। ଯାହାକୁ ନେଇ ପ୍ରାଥମିକ ଶିକ୍ଷକ ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସୂଚନା ଦେଇଥିଲା। ତେବେ ଆଜି ଅପରାହ୍ନରେ ଶିକ୍ଷକ ସଂଘର କର୍ମକର୍ତ୍ତା ମାନେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗବନ୍ଧୁ ଜେନାଙ୍କୁ ଭେଟି କୌଣସି କାରଣ ନଥାଇ ପ୍ରଧାନ ଶିକ୍ଷକଙ୍କୁ ନିଲମ୍ବନ ଆଦେଶ ପ୍ରତ୍ୟାହାର ପାଇଁ ଚାପ ସୃଷ୍ଟି କରିବା ସହିତ ତଦନ୍ତ କରି ପ୍ରକୃତ ଦୋଷୀ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ନିଲମ୍ବିତ ପ୍ରଧାନ ଶିକ୍ଷକ ଗୋପାଳ ପଣ୍ଡିତ ଜଣେ କର୍ତ୍ତବ୍ୟ ନିଷ୍ଠ ଏବଂ ଛାତ୍ର ବତ୍ସଳ ପ୍ରଧାନ ଶିକ୍ଷକ ଭାବରେ ସମ୍ପୂର୍ଣ୍ଣ ବାଲିଆପାଳ ବ୍ଲକରେ ପରିଚିତ। କୌଣସି କାରଣ ନଥାଇ ଜଣେ କର୍ତ୍ତବ୍ୟ ନିଷ୍ଠ ପ୍ରଧାନ ଶିକ୍ଷକଙ୍କୁ ନିଲମ୍ବନ କରିବା ଦ୍ୱାରା ଦୀର୍ଘ ୭୨ଘଣ୍ଟା ଧରି ସେ ମାନସିକ ଯନ୍ତ୍ରଣା ଭୋଗୁଥିବା ନେଇ ଶିକ୍ଷକ ସଂଘର କର୍ମକର୍ତ୍ତା ମାନେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।ତେଣୁ ତାଙ୍କ ନିଲମ୍ବନ ଆଦେଶକୁ ଯଥାଶୀଘ୍ର ପ୍ରତ୍ୟାହାର କରିବା ପାଇଁ ଶିକ୍ଷକ ସଂଘ ଦାବି କରିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ୭୨ଘଣ୍ଟା ପରେ ପ୍ରଧାନ ଶିକ୍ଷକ ଗୋପାଳ ପଣ୍ଡିତଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର କରିଥିବା ଜଣାପଡ଼ିଛି। ନିଲମ୍ବନ ଆଦେଶ ପ୍ରତ୍ୟାହାର ପରେ ଶିକ୍ଷକ ସଂଘର କର୍ମକର୍ତ୍ତା ମାନେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ କୃତଜ୍ଞତା ଜଣାଇବା ସହିତ ପ୍ରକୃତ ଦୋଷୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବୀ କରିଛନ୍ତି।

## ନାବାଳିକା ଦୁଷ୍କର୍ମ ଅଭିଯୋଗରେ ଅଭିଯୁକ୍ତକୁ କୋଡିଏ ବର୍ଷ ସଶ୍ରମ କାରାଦଣ୍ଡ ସମେତ ଜରିମାନା



**ବାରିପଦା,୧୨।୧(ସଂଚାର ବ୍ୟୁରୋ):** ଆଜି ଏକ ନାବାଳିକା ଦୁଷ୍କର୍ମ ଅଭିଯୋଗ ସଂକ୍ରାନ୍ତ ମାମଲାର ବିଚାର କରି ମାନ୍ୟବର ଆଡ଼ ହକ ଆଡିସନାଲ ଜିଲ୍ଲା ଓ ଦୌରାଜଜ ଫାଷ୍ଟଟ୍ରାକ ସ୍ପେଶାଲ କୋର୍ଟ ଅଣ୍ଡାର ପୋକ୍ସ ଆକ୍ଟ ସନ୍ତୋଷ କୁମାର ନାୟକ ଅଭିଯୁକ୍ତ କୁ ୬ ପୋକ୍ସ ଆକ୍ଟ ୨୦୧୨ ଅନୁଯାୟୀ କୋଡିଏ ବର୍ଷ ସଶ୍ରମ କାରାଦଣ୍ଡ ସମେତ ଦଶ ହଜାର ଟଙ୍କା ଅନାଦେୟ ଅଧିକ ଛଅ ମାସ ସଶ୍ରମ କାରାଦଣ୍ଡ ରେ ଦଣ୍ଡିତ କରିଛନ୍ତି। ଅଭିଯୁକ୍ତ ଜଣକ ହେଲା ମୟୁରଭଞ୍ଜ ଜିଲ୍ଲା ଶୁଳିଆପଦା ଥାନା ଅନ୍ତର୍ଗତ ନୂଆମାଳିଆ ଗ୍ରାମର ବୁଲୁ ମୁଖୀ (୨୦)। ଆଦାୟ ଜୋରିମାନା ଅର୍ଥ ପୀଡିତା କୁ ପୈଠ କରିବା ପାଇଁ ରାୟରେ ଉଲେଖ କରାଯାଇଅଛି। ମାମଲାର ବିବରାଣୀ ରୁ ପ୍ରକାଶ ଯେ ଗତ ୨୦୨୫ ଜୁନ ୩ ତାରିଖ ଦିନ ମଧାହ୍ନ ୧୨ ଟା ରୁ ୧ ଟା ସମୟ ମଧରେ ଅଭିଯୁକ୍ତ ବୁଲୁ ମୁଖୀ ଜନୈକ ଚାରି ବର୍ଷ ର ନବାଳିକା କୁ ପାଖ ନଦୀକୁ ଗାଧେଇବାକୁ ନେଇଯିବା ବାହାନାରେ ନେଇ ତା ସହିତ ଜୋର ଜବରଦସ୍ତ ଦୁଷ୍କର୍ମ କରିଥିଲା। ଝିଅ ଘରକୁ ଅନେକ ସମୟ ଧରି ନଫେରିବାରୁ ତାର ମା ନଦୀ କୁ ଯାଇ ଦେଖିଲେ ଅଭିଯୁକ୍ତ ନଦୀ ଘାଟରେ ତା ସହିତ ଦୁଷ୍କର୍ମ କରୁଅଛି। ସେଠାରୁ ଝିଅ କୁ ଉଦ୍ଧାର କରି ଘରକୁ ଆଣିଥିଲେ। ନାବାଳିକା ଗୁରୁତର ଆହତ ହୋଇଥିବାରୁ ତାକୁ ପ୍ରଥମେ ଡାକ୍ତରଖାନା ରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ଏ ବାବଦରେ ନାବାଳିକା ର ମା ଙ୍କ ଅଭିଯୋଗ କ୍ରମେ ଶୁଳିଆପଦା ଥାନାରେ କେସ ନମ୍ବର ୯୮/୩-୬-୨୦୨୫ ରେ ଏକ ଦୁଷ୍କର୍ମ ମାମଲା ରୁଜୁ କରିବା ସହ ଅଭିଯୁକ୍ତ କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ଆଜି ମାନ୍ୟବର ଅଦାଲତ ପକ୍ଷରୁ ସମସ୍ତ ୭ ଜଣ ସାକ୍ଷୀ ଏବଂ ଆବଶ୍ୟକୀୟ ପ୍ରମାଣପତ୍ର କୁ ଭିତ୍ତି କରି ଚୂଡାନ୍ତ ରାୟ ପ୍ରକାଶ ପାଇଅଛି। ଉକ୍ତ କେସକୁ ସରକାରୀ ଅଭିଯୋଗକ ମନୋରଞ୍ଜ ପଟ୍ଟନାଏକ ପରିଚାଳନା କରୁଥିବାବେଳେ ଜିଲ୍ଲା ଅଭିଯୋଗକ ନିର୍ଦ୍ଧଶାଳୟ ତରଫରୁ କେସକୁ ନିରୀକ୍ଷଣ କରାଯାଉଥିଲା ।

## ସିମନବାଡ଼ି ମୁଖ୍ୟ ଛକରେ ଷଣ୍ଢ ଉପଦ୍ରବ, ଖାଦ୍ୟ ପାଇଁ ଲଢେଇ



**ଦାରିଙ୍ଗବାଡି,୧୨।୧ (ସଂଚାର ବ୍ୟୁରୋ):** ଚରି ବୁଲି ଖାଉଥା ମୋର ହୋଇ ରହିଥା ଏଭଳି ଉକ୍ତିରେ ଏବେ କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ସିମନବାଡି ପଞ୍ଚାୟତ ଅଞ୍ଚଳରେ ବୁଲୁଛନ୍ତି ମାଳ ମାଳ ଷଣ୍ଢ, ବଳଦ, ବୁଲା କୁକୁର। ପ୍ରକାଶ ଯେ, ପ୍ରାଣୀସମ୍ପଦ ଏବେ ବିପଦରେ ଗାଈ, ବଳଦ, ଷଣ୍ଢକୁ ପାଳନ କରୁଥିବା ମାଲିକମାନେ କେବଳ ବର୍ଷା ଋତୁରେ ନିଜ ଚାଷ ଜମିରେ ଚାଷରେ ହଳ ଲଙ୍ଗଳ ନେଇ ଚାଷ କରାଉଥିବା ବେଳେ ଅନ୍ୟ ସମୟରେ ଏହାକ ଛାଡି ଦଉଛନ୍ତି। ଫଳରେ ସେମାନେ ବଜାରରେ ବୁଲି ହୋଟେଲ ଅଇଁଠା ଖଲିପାତ୍ର, ପ୍ଲାଷ୍ଟିକକୁ ଖାଉଛନ୍ତି। ଖାଦ୍ୟ ପାଇଁ ଅନେକ ସମୟରେ ଗାଈ ବଳଦ ନିଜନିଜ ମଧରେ ବଲଢୁଛନ୍ତି। ଯାତ୍ରୀମାନେ ରାସ୍ତାରେ ଯାତାୟାତ କରିବା ବନ୍ଦ ହୋଉଯାଉଛି। ପଞ୍ଚାୟତ ପକ୍ଷରୁ ପଦକ୍ଷେପ ନେବାକୁ ଦାବି ହୋଇଛି ।

## ଜାତୀୟ ଯୁବ ଦିବସ ମହାସମାରୋହରେ ପାଳିତ



**ଯାଜପୁର,୧୨।୧(ସଂଚାର ବ୍ୟୁରୋ):** ଆଜି ଜାଗେଶ୍ୱରପୁର ସ୍ଥିତ "ରାୟ ଭବନ" ପରିସରରେ ଅବସ୍ଥିତ ସ୍ୱାମୀ ବିବେକାନନ୍ଦ ପବ୍ଲିକ ସ୍କୁଲ, ଜାଗେଶ୍ୱରପୁର, ଯାଜପୁର ଟାଉନ ଆନୁକୂଲ୍ୟରେ "ଜାତୀୟ ଯୁବ ଦିବସ" ଉପଲକ୍ଷେ ଏକ ବିଶାଳ ଓ ଆକର୍ଷଣୀୟ ଶୋଭାଯାତ୍ରା ଆୟୋଜିତ ହୋଇଥିଲା।ସର୍ବପ୍ରଥମେ ଯାଜପୁର ମୁନିସିପାଲିଟିର ପୂର୍ବତନ ଚେୟାରମ୍ୟାନ ଶ୍ରୀଯୁକ୍ତ ଭବ ପ୍ରସାଦ ଦାସ ସ୍ୱାମୀ ବିବେକାନନ୍ଦଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରି ଏହି ଶୋଭାଯାତ୍ରାକୁ ଉଦ୍‌ଘାଟନ କରିଥିଲେ।ଏହି ଶୋଭାଯାତ୍ରାରେ ଅନୁଷ୍ଠାନର କୁନି କୁନି ଛାତ୍ରଛାତ୍ରୀମାନେ ସ୍ୱାମୀଜୀଙ୍କ ବେଶ ଧାରଣ କରି ରଥାରୂଢ଼ ହୋଇ ସ୍କୁଲ ପ୍ରାଙ୍ଗଣରୁ ବାହାରି, ସ୍ୱାମୀ ବିବେକାନନ୍ଦଙ୍କ ଅମୃତ ବାଣୀ ପ୍ରଚାର କରିବା ଲକ୍ଷ୍ୟରେ ଫ୍ଲେକ୍ସ କାର୍ଡ ଓ ସ୍ଲୋଗାନ ମାଧମରେ ଗରିଆପୁର ଛକ, ମେଡିକାଲ ଛକ, ଗାନ୍ଧୀ ଛକ, ହାବେଳୀ ବଜାର, ମାର୍କେଟ ଛକ, ବସଷ୍ଟାଣ୍ଡ ଓ ନାରାୟଣ ଛକ ଦେଇ ପୁନର୍ବାର ସ୍କୁଲ ପରିସରକୁ ପ୍ରତ୍ୟାବର୍ତ୍ତନ କରିଥିଲେ।ଶୋଭାଯାତ୍ରା ସମୟରେ ପ୍ରତି ଛକରେ "ଆହ୍ୱାନ" ସ୍ୱେଚ୍ଛାସେବୀ ସଂଗଠନର ଛାତ୍ରଛାତ୍ରୀମାନଙ୍କ ଓଡ଼ିଶୀ ନୃତ୍ୟ ଓ ସ୍ୱାମୀ ବିବେକାନନ୍ଦ ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀମାନଙ୍କ ଚିକାଗୋ ଅଭିଭାଷଣ ଓ ନୃତ୍ୟ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ପ୍ରତି ଛକରେ ରଥାରୁଢ଼ ସ୍ୱାମୀଜୀଙ୍କ ପ୍ରତିମାକୁ ପୁଷ୍ପମାଲ୍ୟ ଓ ବନ୍ଦାପନା ମାଧମରେ ସମ୍ମାନିତ କରାଯାଇଥିଲା।

## ଶିକ୍ଷକଙ୍କୁ ଧକ୍କା ଦେଇ ବାଇକ୍‌କୁ ପିଟିଲା ଭ୍ୟାନ୍

● ମହିଳାଙ୍କ ଆଗରେ ଆଖି ବୁଜିଲେ ଦିଅର, ବର୍ଷକର ପୁଅ

**କଳାହାଣ୍ଡି,୧୨।୧(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଜୟପାଟଣା ଡାକଘର ନିକଟରେ ରବିବାର ଏକ ପିକ୍‌ଅପ୍ ଭ୍ୟାନ ସ୍ଥାନୀୟ ଶିଶୁମନ୍ଦିରର ଆଚାର୍ଯ୍ୟଙ୍କୁ ଧକ୍କାଦେଇ ଫେରାର ଉଦ୍ୟମ ବେଳେ ଅନ୍ୟ ଏକ ବାଇକ୍‌କୁ ପିଟିଛି। ଦୁର୍ଘଟଣାରେ ଗୋଟିଏ ପରିବାରର ଦୁଇଜଣଙ୍କ ଜୀବନ ଯାଇଛି। ମୃତକ ଦ୍ୱୟ ହେଲେ ସିନ୍ଧିକାଗୁଡ଼ାର କୁମୁଦ ମାଝି ଓ ଲାଖବାହାଲି ଗାଁର ବର୍ଷକର ପୁତୁରା ଅରୁଣ। ସାଥୀରେ ଥିବା କୁମୁଦଙ୍କ ଅନ୍ତଃସତ୍ତ୍ୱା ଭାଉଜଙ୍କ ଅଣ୍ଟା ଭାଙ୍ଗିଯାଇଛି। ଦୁର୍ଘଟଣା ପରେ ଡ୍ରାଇଭର ଗାଡ଼ି ଛାଡ଼ି ଫେରାର ହୋଇଯାଇଛି। ପୁଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସକାଳେ(ରବିବାର) ଜୟପାଟଣା ସହର ଚଳଚଞ୍ଚଳ ଥିବାବେଳେ ଉକ୍ତ ପିକ୍‌ଅପ୍ ଭ୍ୟାନ ସ୍ଥାନୀୟ ଡାକଘର ନିକଟରେ ଶିଶୁମନ୍ଦିରର ଆଚାର୍ଯ୍ୟ ଅଜୟ ପଣ୍ଡାଙ୍କୁ ଧକ୍କା ଦେଇ ଦ୍ରୁତଗତିରେ ପଳାଇଥିଲେ। ଶ୍ରୀ ପଣ୍ଡାଙ୍କୁ ଲୋକେ ଉଦ୍ଧାର କରି ଜୟପାଟଣା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଦୁର୍ଘଟଣା ଘଟାଇଥିବା ଭ୍ୟାନ୍ ଡ୍ରାଇଭର ଫେରାର ହୋଇଯିବାକୁ ଉଦ୍ୟମ କରୁଥିବାବେଳେ ରାସ୍ତାରେ କୁମୁଦଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଦୁର୍ଘଟଣାସ୍ଥଳରେ କୁମୁଦଙ୍କ ମୃତ୍ୟୁ ହୋଇଯାଇଥିଲା। ବାଇକ୍‌ରେ ବସିଥିବା ତାଙ୍କ ଭାଉଜ ରଞ୍ଜନପ୍ରଭା ଓ ପୁତୁରା ଅରୁଣ ଗୁରୁତର ହୋଇଥିଲେ। ରକ୍ତ ଜୁଡୁବୁଡୁ ଶିଶୁ ପୁତ୍ରର କରୁଣ ଦୃଶ୍ୟ ଦେଖି ଭେଜିଗୁଡ଼ାରୁ ଆସୁଥିବା ଅମନ ମୁଣ୍ଡ ବାଇକ୍‌ରେ ନେଇ ଜୟପାଟଣା ଡାକ୍ତଖାନାରେ ଭର୍ତ୍ତି କରିଥିଲେ। ଅଗ୍ନିଶମ କର୍ମଚାରୀ ମୃତ କୁମୁଦ ଏବଂ ଗୁରୁତର ରଞ୍ଜନପ୍ରଭାଙ୍କୁ ଡାକ୍ତରଖାନା ଆଣିଥିଲେ।

## ଜାତୀୟ ଯୁବ ଦିବସ ପାଳନ ଅବସରରେ ରାଷ୍ଟ୍ରୀୟ ଗୀତ 'ବନ୍ଦେ ମାତରମ'ର ସମୂହ ଗାନ



**ବାରିପଦା,୧୨।୧(ସଂଚାର ବ୍ୟୁରୋ):** ୭ନଭେମ୍ବର ୨୦୨୫ ଠାରୁ ୭ନଭେମ୍ବର ୨୦୨୬ ପର୍ଯ୍ୟନ୍ତ ବର୍ଷ ବ୍ୟାପୀ, ଭାରତର ରାଷ୍ଟ୍ରୀୟ ଗୀତ 'ବନ୍ଦେ ମାତରମ୍' ର ୧୫୦ତମ ବାର୍ଷିକୀ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଆଜି ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମଦିନ ତଥା ଜାତୀୟ ଯୁବ ଦିବସ ପାଳନ ଅବସରରେ ଓଡିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟ ତରଫରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ରାଷ୍ଟ୍ରୀୟ ଗୀତ ' ବନ୍ଦେ ମାତରମ'ର ସାମୂହିକ ଗାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଜିଲ୍ଲାପାଳ ହେମକାନ୍ତ ସୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଦୁଖବନ୍ଧୁ ନାୟକ ଯୋଗ ଦେଇଥିବା ବେଳେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ରହି ରାଷ୍ଟ୍ର ଚେତନାକୁ ଜାଗ୍ରତ କରୁଥିବା ଭାବପୂର୍ଣ୍ଣ ରାଷ୍ଟ୍ରୀୟ ବନ୍ଦନାକୁ ସମ୍ମାନ ଓ ଭକ୍ତି ପ୍ରଦର୍ଶନ କରି ଶ୍ରଦ୍ଧାର ସହିତ ସମସ୍ତେ ସମୂହ ଭାବେ ଗାନ କରିଥିଲେ। ଏହାପରେ ଜିଲ୍ଲାପାଳ ଶ୍ରୀ ସୟ, ଉପସ୍ଥିତ ଅଧିକାରୀ ଓ କର୍ମଚାରୀ ମାନଙ୍କୁ ଆତ୍ମ ନିର୍ଭର ଭାରତ ଗଠନ ନେଇ ସ୍ୱଦେଶୀ ସଂକଳ୍ପ ପତ୍ର ଶପଥ ପାଠ କରାଇଥିଲେ। ଏହି ଅବସରରେ ଜିଲ୍ଲାପାଳ ତାଙ୍କ ବକ୍ତବ୍ୟରେ କହିଥିଲେ, ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଦ୍ୱାରା ରଚିତ ଏହି ଅମର କୃତୀ ୧୮୭୫ ମସିହା ନଭେମ୍ବର ୭ ତାରିଖରେ 'ବଙ୍ଗଦର୍ଶନ' ନାମକ ସାହିତ୍ୟିକ ପତ୍ରିକାରେ ପ୍ରଥମେ ପ୍ରକାଶିତ ହୋଇଥିଲା। ପରେ ସେ ଏହାକୁ ତା'ଙ୍କ ଅମର ଉପନ୍ୟାସ 'ଆନନ୍ଦମଠ' ରେ ସମ୍ମିଳିତ କରିଥିଲେ। ପରବର୍ତ୍ତୀ ସମୟରେ ବଙ୍କିମ ଚନ୍ଦ୍ରଙ୍କ ଏହି ଅମର କୃତୀକୁ ଆମ ଦେଶର ରାଷ୍ଟ୍ରୀୟ ଗୀତ ଭାବେ ଅଙ୍ଗିକାର କରାଯାଇଥିଲା।

ଯାଜପୁରରେ ବିକାଶର ଗତିକୁ ଆହୁରି ତେଜ କଲେ ମୁଖ୍ୟମନ୍ତ୍ରୀ!

## ୭୨ କୋଟିର ୩ ପ୍ରକଳ୍ପ ଲୋକାର୍ପଣ, ୧୧୨ କୋଟିର ୩ ପ୍ରକଳ୍ପର ଶିଳାନ୍ୟାସ



**ଯାଜପୁର, ୧୨।୧(ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲାର ବିକାଶ ଯାତ୍ରାରେ ଆଉ ଏକ ମାଇଲଷ୍ଟୋନ ଯୋଡ଼ି ହୋଇଛି। ଆଜି ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆଭାସୀ ମାଧମରେ ଯାଜପୁର ଜିଲ୍ଲା ପୂର୍ତ୍ତ ବିଭାଗର ତିନୋଟି ପ୍ରମୁଖ ପ୍ରକଳ୍ପର ଲୋକାର୍ପଣ କରିଥିବା ସହ ଅନ୍ୟ ତିନୋଟି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ମାନ୍ୟବର ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଯାଜପୁର ସାଂସଦ ଡ଼ା. ରବୀନ୍ଦ୍ର ନାରାୟଣ ବେହେରା, ଯାଜପୁର ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କର ଏବଂ ପୂର୍ତ୍ତ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଶ୍ରୀ କୋମଲ କୁମାର ସ୍ୱାଇଁ ଆଭାସୀ ମାଧମରେ ଯୋଗଦେଇଥିଲେ।ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦଘାଟିତ ପ୍ରମୁଖ ପ୍ରକଳ୍ପଗୁଡ଼ିକ ମଧରେ ବୈତରଣୀ ନଦୀ ଉପରେ ଲାଲବାଗ ନିକଟ କିଲାଘାଟବେହେରାପାଟଣା ସଂଲଗ୍ନ ସୁଉଚ୍ଚ ସେତୁ ନିର୍ମାଣ, ବନ୍ଧାଲୋ ଏଣ୍ଡରପଦା (୬.୮ କିମି) ରାସ୍ତାର ଉନ୍ନତିକରଣ ଓ ପ୍ରଶସ୍ତିକରଣ, କପିଳାଦେଇ ମଳିଆ ବଳଭଦ୍ରପୁର (୧୫.୭ କିମି) ଏବଂ ପାଣିକୋଇଲି ରଗଡ଼ି (୧୯ କିମି) ରାସ୍ତାର ଉନ୍ନତିକରଣ ପ୍ରମୁଖ। ଯାଜପୁର ଓ ପାଣିକୋଇଲି ରାସ୍ତା ଏବଂ କୋଠାବାଡ଼ି ଡିଭିଜନ ଅଧୀନରେ ମୋଟ ୭୨ କୋଟି ଟଙ୍କା ବ୍ୟୟରେ ତିନୋଟି ପ୍ରକଳ୍ପ କାର୍ଯ୍ୟ ସଫଳତାର ସହ ସମାପ୍ତ ହୋଇ ଲୋକାର୍ପିତ ହୋଇଛି। ସେହିଭଳି ୧୧୨ କୋଟି ଟଙ୍କା ବ୍ୟୟରେ ଅନ୍ୟ ତିନୋଟି ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି।

## ଗାଁରେ ମଦ ବିକ୍ରି ବନ୍ଦ କରାଯାଉ: ଜିଲ୍ଲାପାଳ, ପୁଲିସକୁ ଫେରାଦ ହେଲେ ଗ୍ରାମବାସୀ

**ବଡ଼ଗାଁ,୧୨।୧(ସଂଚାର ବ୍ୟୁରୋ):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅଞ୍ଚଳରେ ମଦ ବିକ୍ରି ଦିନିକୁ ଦିନ ବଢ଼ିବାରେ ଲାଗିଛି। ଥାନା ଅଧୀନ ଅଧିକାଂଶ ଗାଁରେ ଅବାଧ ମଦ ବିକ୍ରି ଯୋଗୁ ଅଶାନ୍ତ ପରିବେଶ ସୃଷ୍ଟି ହେଉଛି। ଏପରିକି ଯୁବପିଢୀ ମଦ କବଳରେ ପଡ଼ି ବିପଥଗାମୀ ହେଉଛନ୍ତି। ଏପରିକି ଘର ସଂସାର ଉଜୁଡି ଯାଉଛି। ଏହିପରି ସମସ୍ୟାରେ ପଡିଛନ୍ତି ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଜରଙ୍ଗଲୋଇ ନିକଟ କନ୍ଦରାପଡା ଗ୍ରାମବାସୀ। ଏ ସମ୍ପର୍କରେ ଗ୍ରାମବାସୀ ସୋମବାର ଜିଲାପାଳ, ଅବକାରୀ ଅଧିକାରୀ ଏବଂ ବଡ଼ଗାଁ ଥାନାରେ ଜଣାଇ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମର ହଳଧର ନାଏକ, ସବିତା କିସାନ, ହେମ ନାଏକ, ହରିପ୍ରୀୟା ମାଝୀ, ବସନ୍ତ ଏକ୍କା, ଗୁରୁବାରି ମାଝୀ, ଭାଗ୍ୟବତୀ କିସାନ, ପ୍ରେମ ଏକ୍କା, ନିଳୀମା ଏକ୍କା, ବେଣୁଧର କିସାନ, ସୂର୍ଯ୍ୟକାନ୍ତି କିସାନଙ୍କ ସହିତ ୬୦ରୁ ଉର୍ଦ୍ଧ ଗ୍ରାମବାସୀ ପ୍ରଥମେ ସୁନ୍ଦରଗଡ ଯାଇ ସେଠାରେ ଜିଲାପାଳଙ୍କୁ ତାଙ୍କ କାର୍ଯ୍ୟାଳରେ ଭେଟି ଦାବି ପତ୍ରଦେଇ ସମାଧାନ ଦାବି କରିଥିଲେ।

## ଜବରଦଖଲ ଉଚ୍ଛେଦ ବିଳମ୍ବ ଯୋଗୁ ଟ୍ରାଫିକ ସମସ୍ୟା ବୃଦ୍ଧି, ଯାତ୍ରୀ ହାଟହଟା

**ଦାରିଙ୍ଗବାଡି,୧୨।୧(ସଂଚାର ବ୍ୟୁରୋ):** ଦାରିଙ୍ଗବାଡିର ଚଳଚଞ୍ଚଳ ରାସ୍ତା ମଧରେ ଚାରିଛକ ଠାରୁ ବ୍ଲକ ରାସ୍ତା ଏବେ ଟ୍ରାଫିକ ସମସ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ଦୈନିକ ଉକ୍ତ ରାସ୍ତାରେ ଛୋଟ ବଡ଼ ଦୁର୍ଘଟଣା ଲାଗି ରହୁଛି । ପ୍ରକାଶ ଯେ, ୫୯ନଂ ଜାତୀୟ ରାଜପଥର ଚାରିଛକ ଠାରୁ ପର୍ତ୍ତମାହା ଦେଇ କୋଟଗଡ଼କୁ ସଂଯୋଗ କରୁଥିବା ରାସ୍ତା ପୂର୍ତ୍ତ ବିଭାଗ ଦ୍ୱାରା ସମ୍ପ୍ରସାରଣ କାର୍ଯ୍ୟ ଚାଲିଛି । ତେବେ ଚାରିଛକ ଠାରୁ ବ୍ଲକ ରାସ୍ତାର ଉଭୟ ପାଖରେ ରାଶନ ଦୋକାନ ସମେତ କପଡ଼ା, ଔଷଧ, ମୋବାଇଲ, ଷ୍ଟେସେନାରୀ, ଜଳଖିଆ ହୋଟେଲ ଆଦି ରହିଛି । ଯାହାକି ରାସ୍ତାକୁ ଲାଗି ଏହି ବ୍ୟବସାୟ ଅନୁଷ୍ଠାନ ଗୁଡିକ ରହିଛି । ରାସ୍ତା ସମ୍ପ୍ରସାରଣ ପୂର୍ବରୁ ଜବରଦଖଲ ଉଚ୍ଛେଦ କରାଯିବାକୁ ତହସିଲ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଥିଲା । କିନ୍ତୁ ରାସ୍ତାରେ ପିଚୁ କାର୍ଯ୍ୟ ସରିଥିଲେ ମଧ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟାରେ ବିଳମ୍ବ ଘଟୁଛି । ଫଳରେ ଏକାଧିକ ହୋଲସେଲ ରାଶନ ଦୋକାନ ଗୁଡିକ ରହିଥିବାରୁ ଦିନରେ ଭାରୀଯାନ ଗୁଡିକ ଦୋକାନ ସମ୍ମୁଖରେ ପାର୍କିଂ କରୁଛନ୍ତି ଯେଉଁ ସମୟରେ ଏହି ପାର୍କିଂ ହେଉଛି । ସେହି ସମୟରେ ହିଁ ବ୍ଲକ କାର୍ଯ୍ୟାଳୟ ସମେତ ସ୍ୱାସ୍ଥ୍ୟକେନ୍ଦ୍ର, ତହସିଲ କାର୍ଯ୍ୟାଳୟ, ସ୍କୁଲ ଓ କଲେଜକୁ ଲୋକଙ୍କ ଯାତାୟାତ ରହୁଛି। ଫଳରେ ଟ୍ରାଫିକ ଭିଡ଼ ଯୋଗୁ ଗାଡିମୋଟର ଯାତାୟାତ ସମସ୍ୟା ଉପୁଜୁଛି। ବାଲିଗୁଡା ଉପଜିଲାପାଳ ପ୍ରଣୀତା ଦାସ ମଧ ଜବରଦଖଲ ଉଚ୍ଛେଦ ପାଇଁ ବାରମ୍ବାର ନିର୍ଦ୍ଦେଶ ଦେଇଥିଲେ ମଧ କୌଣସି ସୁଫଳ ମିଳିନାହିଁ ।

ସଂଚାର SANCHAR
ମଙ୍ଗଳବାର ୧୩ ଜାନୁଆରୀ ୨୦୨୬





# ସ୍ନାୟୁ କ୍ଷତିଗ୍ରସ୍ତ ହେଉନି ତ!

ଅନେକ ସମୟରେ ଆମ ଶରୀରରେ ଏମିତି କେତେକ ଫ୍ୟାକ୍ଟର ଲୁଚି ରହିଥାଏ, ଯାହା ଧୀରେ ଧୀରେ ସ୍ନାୟୁକୁ କ୍ଷତି ପହଞ୍ଚାଇଥାଏ। କିନ୍ତୁ ଆମକୁ ଜଣାପଡି ନଥାଏ। ସ୍ନାୟୁ କ୍ଷତିଗ୍ରସ୍ତ ହେବା ଦ୍ୱାରା ଶରୀରରେ ଧୀରେ ଧୀରେ ସମସ୍ୟା ଦେଖା ଦେବା ଆରମ୍ଭ କରିଥାଏ। ଶରୀରର ଲୁଚି ରହିଥିବା ଅନେକ କାରଣରୁ ସ୍ନାୟୁ କ୍ଷତିଗ୍ରସ୍ତ ହୋଇଥାନ୍ତି। ଯେପରିକି- ଉଚ୍ଚ ରକ୍ତଚାପମଧୁମେହ ବା ସବୁବେଳେ ବଢି ରହୁଥିବା ଶର୍କରା ସ୍ତର ସ୍ନାୟୁକୁ ନଷ୍ଟ କରିବାର ପ୍ରମୁଖ ଭୂମିକା ଗ୍ରହଣ କରିଥାଏ, ଯାହାକୁ ଡାକ୍ତରୀ ଭାଷାରେ 'ଡାଇବେଟିକ୍ ନ୍ୟୁରୋପାଥିକ୍' କୁହାଯାଏ। ଯେତେବେଳେ ରକ୍ତରେ ଶର୍କରା ସ୍ତର ବଢିଥାଏ, ଏହି ସମୟରେ ସ୍ନାୟୁକୁ ପୋଷଣ ଦେଉଥିବା ଛୋଟ ଛୋଟ ରକ୍ତ କୋଷିକାଗୁଡିକର ଚାରିପଟ ଦୁର୍ବଳ ହୋଇଚାଲେ। ଏହାବ୍ୟତୀତ ବଢୁଥିବା ଶର୍କରା ସ୍ନାୟୁର ସୁରକ୍ଷାତ୍ମକ ଆସ୍ତରଣକୁ ନଷ୍ଟ କରିଥାଏ। ଏହାର ସାମାନ୍ୟ ଲକ୍ଷଣଗୁଡିକ ହେଉଛି ପ୍ରାୟ ସମୟରେ ପାଦ ଓ ହାତ ଝିମ୍ ଝିମ୍ ଲାଗିବା, ଜ୍ୱଳନ ହେବା ଓ ଛୁଞ୍ଚି ଫୋଡିବା ପରି ଅନୁଭବ ହେବା।

ପୁରୁଣା ପ୍ରଦାହ: ଯଦି ପ୍ରଦାହ ଦୀର୍ଘଦିନ ଯାଏ ଲାଗି ରହେ, ତେବେ ସମସ୍ୟାର କାରଣ ସାଜିଥାଏ। ଖରାପ ଜୀବନଶୈଳୀ, ଜଙ୍କ୍ଫୁଡ୍ ଏବଂ ଷ୍ଟ୍ରେସ୍ ଆଦି କାରଣରୁ ଶରୀରରେ ସାଇଟୋକିନ୍ସର ସ୍ତର ବଢିଯାଇଥାଏ। ଏହା ସ୍ନାୟୁ ଟିସୁ ଉପରେ ଆକ୍ରମଣ କରିଥାଏ, ଯାହାଦ୍ୱାରା ସ୍ନାୟୁରେ ପ୍ରଦାହ ଆସିଥାଏ। ଫଳରେ ସ୍ନାୟୁ ସିଗ୍ନାଲ୍ ପଠାଇବାର କ୍ଷମତା ହରାଇବସେ। ତେଣୁ ପୁରୁଣା ପ୍ରଦାହରୁ ରକ୍ଷା ପାଇବା ପାଇଁ ଖାଦ୍ୟରେ ଆଣ୍ଟିଇନ୍ଫ୍ଲାମେଟୋରୀ ଖାଦ୍ୟ ବଢାନ୍ତୁ ଯେପରିକି ଅଦା, ଓମେଗା-୩ ଫ୍ୟାଟି ଏସିଡ୍ ଏବଂ ସବୁଜ ପତ୍ରଯୁକ୍ତ ପରିବା।

ଭିଟମିନ୍-ବି'ର ଅଭାବ: ଭିଟାମିନ୍-ବି କମ୍ପ୍ଲେକ୍ସ, ବିଶେଷକରି ଭିଟାମିନ-୧, ବି-୬ ଓ ବି-୧୨ ସ୍ନାୟୁର ସ୍ୱାସ୍ଥ୍ୟ ପାଇଁ ଖୁବ୍ ଜରୁରି। ଭିଟାମିନ୍ ବି-୧୨ ସ୍ନାୟୁର ଉପର 'ମାଇଲିନ୍' ଆସ୍ତରଣ ତିଆରି କରିବାରେ ସାହାଯ୍ୟ କରିଥାଏ। ଯଦି ଏହି ଆସ୍ତରଣ ହଟିଯାଏ, ତେବେ ସ୍ନାୟୁ ନଷ୍ଟ ହେବା ଆରମ୍ଭ କରିଥାଏ। ଭିଟାମିନ୍-ବି' ଅଭାବର ସବୁଠାରୁ ବଡ଼ କାରଣ ହେଉଛି ଶାକାହାରୀ ଖାଦ୍ୟ ଖାଇବା। ଏହା ସହିତ ପାଚନ ତନ୍ତ୍ର ସମସ୍ୟା କିମ୍ବା କେତେକ ଔଷଧ କାରଣରୁ ଏହା ଠିକ୍ ଭାବେ ଅବଶୋଷଣ କରିପାରି ନଥାଏ।

କେମିତି ରକ୍ଷା ପାଇବେ

ନିୟମିତ ସମୟ ବ୍ୟବଧାନରେ ଯାଞ୍ଚ: ଯଦି ମଧୁମେହ ରହିଥାଏ, ତେବେ ବର୍ଷକୁ ୨ ଥର ଏଚ୍ବିଏ୧ସି ପରୀକ୍ଷା କରାନ୍ତୁ।

ଉପଯୁକ୍ତ ଖାଦ୍ୟ: ପ୍ରୋସେସଡ୍ ଶର୍କରା ଏବଂ ରିଫାଇନ୍ଡ କାର୍ବୋ କମ୍ ଖାଆନ୍ତୁ। ଭିଟାମିନ୍-ବି' ପାଇଁ ଅଣ୍ଡା, ଦୁଗ୍ଧଜାତୀୟ ଉତ୍ପାଦ ଏବଂ ଡାକ୍ତରଙ୍କ ପରାମର୍ଶ କ୍ରମେ ସପ୍ଲିମେଣ୍ଟାରୀ ନେବା ଆବଶ୍ୟକ।

ଶାରୀରିକ ସକ୍ରିୟତା: ନିୟମିତ ୩୦ ମିନିଟ୍ର ଚଲାବୁଲା କରିବା ଦ୍ୱାରା ରକ୍ତ ସଞ୍ଚାଳନରେ ସୁଧାର ଆସିଥାଏ। ଫଳରେ ସ୍ନାୟୁକୁ ଭରପୂର ଅମ୍ଳଜାନ ମିଳିଥାଏ।

# ଶୀତଦିନରେ ଅଧିକ ହୁଏ ଗଳା ଯନ୍ତ୍ରଣା



ଶୀତଦିନେ ପ୍ରାୟ ଲୋକଙ୍କଠାରେ ଗଳା ଯନ୍ତ୍ରଣା ସମସ୍ୟା ବଢିଯାଇଥାଏ। ଫଳରେ ଲୋକମାନେ ଖାଇବାପିଇବା ଓ କଥା କହିବାରେ ସମସ୍ୟା ଭୋଗିଥାନ୍ତି। ତେଣୁ ଏଭଳି ସ୍ଥିତିରୁ ନିଜକୁ ଦୂରେଇ ରଖିବା ଖୁବ୍ ଜରୁରି। ଗଳା ଯନ୍ତ୍ରଣା ପଛରେ ଅନେକ କାରଣ ରହିଥାଏ। ଚାଲନ୍ତୁ ଜାଣିବା କାରଣ କ'ଣ କେମିତି ରହିପାରିବେ ସୁରକ୍ଷିତ? ଆରମ୍ଭ ହେବାକୁ ବସିଲାଣି ଶିତ ଋତୁ। ଥଣ୍ଡା ଋତୁ କାହା ପାଇଁ ଖୁବ୍ ଆନନ୍ଦଦାୟକ ତ ଆଉ କାହା ପାଇଁ ଅନେକ ରୋଗ ନେଇ ଆସିଥାଏ। ଫଳରେ ନିୟମିତ ଜୀବନଯାପନରେ ଅନେକ ସମସ୍ୟା ସୃଷ୍ଟି ହୋଇଥାଏ। ଏହି ଋତୁରେ ପ୍ରାୟତଃ ରୋଗ ପ୍ରତିରୋଧକ ଶକ୍ତି କମିବା ଯୋଗୁ ସଂକ୍ରମଣ ବଢିଥାଏ। ତେଣୁ ଲୋକମାନେ ରୋଗାକ୍ରାନ୍ତ ହୋଇଥାନ୍ତି।

ବିଶେଷକରି ଗଳାଯନ୍ତ୍ରଣା ବା ଗଳା ସଂକ୍ରମଣର ଶିକାର ହୋଇଥାନ୍ତି। ଗଳା ଯନ୍ତ୍ରଣା ଖୁବ୍ ଯନ୍ତ୍ରଣାଦାୟକ ସ୍ଥିତି ହୋଇଥାଏ, ଯଦ୍ୱାରା ଖାଇବାପିଇବା ଓ କଥା ହେବା ସହଜ ହୋଇ ନଥାଏ। ଥଣ୍ଡା ଆରମ୍ଭରୁ ଗଳା ବା ଉପର ରେସ୍ପାରେଟୋରୀର ସମସ୍ୟାକୁ ବଢାଇ ଦେଇଥାଏ। ଏହାର ଅନେକ କାରଣ ରହିଥାଏ। କମ୍ ତାପମାତ୍ରାରେ ଭାଇରାଲ୍ ପାର୍ଟିକଲ୍ସ ଶୀଘ୍ର ବିକଶିତ ହୋଇଥାନ୍ତି। ଶୀତ ଋତୁରେ ବୁଲାବୁଲି, ବିବାହ ଓ ପାର୍ଟି ଆଦି ବଢିଯାଇଥାଏ। ଫଳରେ ଲୋକମାନେ ପ୍ରାୟତଃ ବେଶି ଭଡି ଭିତରକୁ ଯିବାକୁ ପଡିଥାଏ। ବାରମ୍ବାର ବିଭିନ୍ନ ଲୋକମାନଙ୍କ ସମ୍ପର୍କରେ ଆସିବାକୁ ପଡିଥାଏ। ଫଳରେ କିଛି ଲୋକ ସଂକ୍ରମିତ ହୋଇଥାନ୍ତି। ସେହିପରି ଶୀତରେ ପ୍ରଦୂଷଣ ମଧ୍ୟ ଖୁବ୍ ବଢିଯାଇଥାଏ। ଫଳରେ କାଶ ଓ ଏହି ସମ୍ବନ୍ଧୀୟ ସମସ୍ୟା ସୃଷ୍ଟି ହୋଇଥାଏ। ଗଳାରେ ଯନ୍ତ୍ରଣା ବା ଜ୍ୱଳନ କାରଣରୁ ଜ୍ୱର ହୋଇ ନଥାଏ। କିନ୍ତୁ ଯଦି ଭାଇରାଲ୍ ଜ୍ୱର ହୁଏ, ତେବେ ଏହା ବ୍ୟାକ୍ଟେରିଆଲ୍ ଜ୍ୱରରେ ପରିବର୍ତ୍ତିତ ହୋଇଯାଇପାରେ। ରୋଗ ପ୍ରତିରୋଧକ ଶକ୍ତି ଦୁର୍ବଳ ଥିବା ଲୋକମାନଙ୍କଠାରେ ଏହା ତୀବ୍ର ବେଗରେ ବଢିପାରେ। ତେଣୁ ସମସ୍ୟାକୁ ଦୂର କରିବା ପାଇଁ ଅଧିକ ଥଣ୍ଡା ଜିନିଷଠାରୁ ଦୂରେଇ ରହିବା ସହ ଗରମ ପାନୀୟକୁ ପ୍ରାଥମିକତା ଦେବା ଜରୁରି। କମ୍ ଇମ୍ୟୁନିଟି ଥିବା ଲୋକମାନେ ନିୟମିତ ଗାର୍ଗଲିଂ କରିବା ଜରୁରି। ଆଜ୍ମା ସମସ୍ୟା ଥିବା ବ୍ୟକ୍ତିମାନେ ନିଜ ପାଖରେ ନେବୁଲାଇଜର୍ ଓ ଇନ୍ହେଲର୍କୁ ରଖିବା ସହ ନିୟମିତ ଔଷଧ ଖାଇବା ଆବଶ୍ୟକ।

# ଶୀତଦିନେ ପ୍ରତିଦିନ ଗାଧୋଇବା ଉଚିତ କି?



ଶୀତଦିନ ଅନେକ ଲୋକ ଭାବନ୍ତି ପ୍ରତିଦିନ ଗାଧୋଇବା ଠିକ୍ କି ନାହିଁ। ଥଣ୍ଡା ପାଣି ପ୍ରାୟତଃ ଲୋକଙ୍କୁ ଗାଧୋଇବାକୁ ସଂକୋଚ କରେ। ତଥାପି, କେତେକ ଏହାକୁ ଏକ ଦୈନନ୍ଦିନ ଅଭ୍ୟାସ ବୋଲି ବିବେଚନା କରନ୍ତି। କିନ୍ତୁ ଥଣ୍ଡାରେ ଗାଧୋଇବା ଶରୀର ପାଇଁ ପ୍ରକୃତରେ ଲାଭଦାୟକ ନା କ୍ଷତିକାରକ? ଆସନ୍ତୁ ଜାଣିବା ସେ ବିଷୟରେ...

ପ୍ରକୃତରେ, ଥଣ୍ଡାରେ ଗାଧୋଇବା ସମ୍ପୂର୍ଣ୍ଣ ଭାବରେ ଆପଣଙ୍କ ସ୍ୱାସ୍ଥ୍ୟ, ବୟସ ଏବଂ ଶକ୍ତି ଉପରେ ନିର୍ଭର କରେ। ଯଦି ସଠିକ୍ ଭାବରେ କରାଯାଏ, ତେବେ ଶୀତଦିନେ ଗାଧୋଇବା ଶରୀର ପାଇଁ ବହୁତ ଲାଭଦାୟକ ହୋଇପାରେ। କିନ୍ତୁ, ଭୁଲ ଉପାୟରେ ଗାଧୋଇବା ମଧ୍ୟ କ୍ଷତିକାରକ ହୋଇପାରେ। ଅତ୍ୟଧିକ ଥଣ୍ଡା ପାଣିରେ ଗାଧୋଇବା ଦ୍ୱାରା ଥଣ୍ଡା ଏବଂ କାଶ ହୋଇପାରେ। ବୟସ୍କ ଲୋକମାନେ ଥଣ୍ଡା ପାଣିରେ ଗାଧୋଇଲେ ସେମାନଙ୍କର ରକ୍ତଚାପ ବୃଦ୍ଧି ପାଇପାରେ।ଅଧିକ ସମୟ ଧରି ଗାଧୋଇବା ଦ୍ୱାରା ଚର୍ମ ଶୁଷ୍କ ଏବଂ ରୁକ୍ଷ ହୋଇପାରେ ଏବଂ ଦୁର୍ବଳ ରୋଗ ପ୍ରତିରୋଧକ ଶକ୍ତି ଥିବା ଲୋକମାନଙ୍କୁ ସହଜରେ ଥଣ୍ଡା ହୋଇପାରେ। ତେଣୁ, ପାଣିର ତାପମାତ୍ରା ଏବଂ ଥଣ୍ଡାରେ ଗାଧୋଇବାର ସମୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଶୀତଦିନେ ପ୍ରତିଦିନ ଗାଧୋଇବା ଆବଶ୍ୟକ କି ନାହିଁ ତାହା ଆପଣଙ୍କ ବୟସ, ଆପଣଙ୍କ ଶରୀର କେତେ ମଜବୁତ ଏବଂ ଆପଣଙ୍କ ଦିନଚର୍ଯ୍ୟା ଉପରେ ନିର୍ଭର କରେ। ପ୍ରତିଦିନ ଗାଧୋଇବା ସାଧାରଣତଃ ପିଲା ଏବଂ ଯୁବକମାନଙ୍କ ପାଇଁ ଲାଭଦାୟକ। ବୟସ୍କ କିମ୍ବା ଅସୁସ୍ଥ ବ୍ୟକ୍ତିମାନେ ଉଷୁମ ପାଣି ବ୍ୟବହାର କରିବା ଉଚିତ। ଥଣ୍ଡା ପାଗରେ ଠିକ୍ ଭାବରେ ଗାଧୋଇବା ଦ୍ୱାରା ଅନେକ ସ୍ୱାସ୍ଥ୍ୟ ଲାଭ ମିଳିଥାଏ। ଏହା ଶରୀରକୁ ସଫା କରିଥାଏ, ଝାଳ, ଧୂଳି ଏବଂ ଜୀବାଣୁ ଦୂର କରିଥାଏ ଏବଂ ରକ୍ତ ସଞ୍ଚାଳନକୁ ଉନ୍ନତ କରିଥାଏ।ଉଷୁମ ପାଣି ଶରୀରକୁ ଉଷ୍ମ ରଖେ, ରୋଗ ପ୍ରତିରୋଧକ ଶକ୍ତି ବଢାଏ, ଏବଂ ଆଳସ୍ୟ ଦୂର କରେ। ସକାଳେ ଗାଧୋଇବା ଦ୍ୱାରା ଶରୀର ଏବଂ ମନ ସତେଜ ହୁଏ ଏବଂ ଚର୍ମ ସୁସ୍ଥ ରହେ।

# ଅଲିଭ ତେଲ ଖାଇବାରେ ନିୟମିତ ବ୍ୟବହାର କରନ୍ତୁ



**ଖାଇବା ତିଆରିରେ ବ୍ୟବହାର କରାଯାଉଥିବା ତେଲ ଆମ ସ୍ୱାସ୍ଥ୍ୟ ଉପରେ ଗଭୀର ପ୍ରଭାବ ପକାଇଥାଏ। ହାର୍ଟ, କୋଲେଷ୍ଟ୍ରଲ୍ ଭଳି ରୋଗ ହୋଇଥାଏ। ଜାଣନ୍ତୁ କ'ଣ ଏପରି ତେଲ ରହିଛି ଯେଉଁ ତେଲକୁ ବ୍ୟବହାର କରିବା ଦ୍ୱାରା ଶରୀରକୁ ପୋଷଣ ମିଳିଥାଏ।**

**ନଡିଆ ତେଲ:** ଏହି ତେଲରେ ପୋଟାସିୟମ୍, କ୍ୟାଲସିୟମ, ଫାଇବର, ଭିଟାମିନ୍ ଏ, ବି, ସି ଭରପୁର ମାତ୍ରାରେ ରହିଥାଏ। ବ୍ଲଡ୍ ପ୍ରେସର୍ ଏବଂ ହାର୍ଟରେ ପିଡିତ ଲୋକମାନଙ୍କ ପାଇଁ ଏହି ତେଲ ନିୟମିତ ଖାଇବା ଦ୍ୱାରା ଏହି ସବୁ ରୋଗରୁ ଉପସମ ମିଳିଥାଏ। ଏହା ଛଡା ନଡିଆ ତେଲ ନିୟମିତ ଖାଇବାରେ ବ୍ୟବହାର କରିବା ଦ୍ୱାରା କୋଲେଷ୍ଟ୍ରଲର ଭୟ ମଧ୍ଯ କମିଥାଏ।

**ଅଲିଭ୍ ତେଲ:** ଏହି ତେଲରେ ଫ୍ୟାଟି ଏସିଡ୍ ପ୍ରଚୁର ମାତ୍ରାରେ ଭରି ରହିଥାଏ ଯେଉଁ କାରଣ ପାଇଁ ହାର୍ଟ ରୋଗର ଭୟ ପୁରାପୁରି କମ୍ କରିଥାଏ। ଶରୀରରେ କୋଲେଷ୍ଟର ମାତ୍ରା ଠିକ୍ ରଖିବା ସହ ଆର୍ଟାକ୍ ରୁ ମଧ୍ଯ ରକ୍ଷା କରିଥାଏ। ଏହି ତେଲରେ ଆଣ୍ଟିଅକ୍ସିଡେଣ୍ଟ ମଧ୍ଯ ଉପସ୍ଥିତ ରହିଥାଏ।

**ରାଶି ତେଳ :** କଳା ଏବଂ ଧଳା ରାଶି ମଧ୍ଯରୁ ଏହି ତେଲକୁ ବାହାର କରାଯାଇଥାଏ। ମ୍ୟାଗନେସିୟମ୍, କ୍ୟାଲସିୟମ୍, ପ୍ରୋଟିନ୍ ଏବଂ ଫସଫରସ୍ ର ଭିଟାମିନ ରହିଥାଏ। ରାଶି ତେଲ ଶରୀର ପାଇଁ ହିତକର ହୋଇଥାଏ। ଏହି ତେଲ ଖାଇବା ଦ୍ୱାରା ଉଚ୍ଚ ରକ୍ତ ଚାପ ନିୟନ୍ତ୍ରଣ ହୋଇଥାଏ।

**ବାଦାମ ତେଲ :** ବାଦାମ ତେଲକୁ ନିୟମିତ ବ୍ୟବହାର କରିବା ଦ୍ୱାରା ଆମ ଶରୀର ଭଲ ରହିଥାଏ। ବାଦାମ ଖାଇବା ଦ୍ୱାରା ମନେରଖିବା ଶକ୍ତି ବଢିଥାଏ। ଏହି ତେଲର ବ୍ୟବହାର ଦ୍ୱାରା ଶିରାପ୍ରସିରା ଠିକ୍ ଭାବେ କାର୍ଯ୍ୟ କରିଥାଏ। ଏହା ସହ କୋଲେଷ୍ଟ୍ରଲର ଭୟ ମଧ୍ଯ କମାଇଥାଏ।

**ସୋରିଷ ତେଲ :** ସୋରିଷ ତେଲ ଖାଇବା ଦ୍ୱାରା ୭୦ ଭାଗ ହାର୍ଟ ସମସ୍ୟାରୁ ମୁକ୍ତି ମିଳିଥାଏ। ଫ୍ୟାଟି ଏସିଡ୍ ଥିବା କାରଣରୁ କୌଣସି ସମସ୍ୟା ଦେଖାଦେଇ ନଥାଏ। ରୋଗପ୍ରତିସୋଧକ ଶକ୍ତି ବଢାଇଥାଏ ତେଣୁ ବ୍ୟାକ୍ଟେରିଆର ଭୟ ନଥାଏ।

## ଅନୁଷ୍କା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷାରେ ଏକ ହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ଯୋଗଦାନ



**କଳିଙ୍ଗନଗର,୧୨।୧ (ସଂଚାର ବ୍ୟୁରୋ):** କଳିଙ୍ଗନଗର ଶିଳ୍ପାଞ୍ଚଳ ର ମଙ୍ଗଳପୁର ଖରଡ଼ି ଛକ ନିକଟରେ ଥିବା ଅନୁଷ୍କା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରେ ହୋଇଥିଲା ପ୍ରବେଶିକା ପରୀକ୍ଷାରେ ଦୁଇ ଦିନରେ ଏକ ହଜାରରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀ ଭାଗ ନେଇଥିଲେ। ଚଳିତ ବର୍ଷ ଏକାଦଶ ବିଜ୍ଞାନ ଫାଉଣ୍ଡେସନ କୋର୍ସ ପାଇଁ ଭୁବନେଶ୍ୱର, କଟକ, ଅନୁଗୁଳ, ମୟୁରଭଞ୍ଜ, ଭଦ୍ରକ, ବାଲେଶ୍ୱର, ଯାଜପୁର, ଢେଙ୍କାନାଳ, କେନ୍ଦୁଝର ର ଛାତ୍ର ଛାତ୍ରୀ ମାନେ ଭାଗ ନେଇଥିଲେ। ଏଥିରେ ନିଟ, ଆଇ. ଆଇ. ଟି. ଓଜେଇ, ଏନ, ଆଇ. ଟି. ଓ. ୟୁ. ଟି.ନାଇଜର ର ସଫଳତା କୁ ଦୃଷ୍ଟିରେ ରଖି ଛାତ୍ର ଛାତ୍ରୀ ମାନେ ପଢିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି, ଏହି ପରୀକ୍ଷାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପ୍ରିନ୍ସିପାଲ ରଞ୍ଜନ କୁମାର ମଲ୍ଲିକ ଓ ଚେୟାରମ୍ୟାନ ଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ଭାଇସଚେୟାରମ୍ୟାନ ତୁଷାରକାନ୍ତ ମହାପାତ୍ର ମାଗଣା ସମରକୋର୍ସ ବିଷୟରେ ସୂଚନା ଦେଇଥିଲେ, ଏହି କାର୍ଯ୍ୟକ୍ରମ ରେ ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ, ଷ୍ଟାଫଙ୍କ ସହଯୋଗ କରିଥିଲେ।

## ଜାତୀୟ ରାଜପଥରେ ମର୍ମନ୍ତୁଦ ଦୁର୍ଘଟଣା, ୧ ଗୁରୁତର



**ଧାମନଗର,୧୨।୧ (ସଂଚାର ବ୍ୟୁରୋ):** ଧାମନଗର ଥାନା ଅଧିନସ୍ଥ ଜଳମଣ୍ଡୁଆ ପଞ୍ଚାୟତ ପଦି ନାରାୟଣପୁର ଗ୍ରାମର ବନମାଳୀ ଦାସ ଆଜି ଅପରାହ୍ନ ୨ଟା ୩୦ରେ ଓଡି୦୯ବି୩୨୧ ନମ୍ବର ଥିବା ଏକ ହିରୋ ଏକ୍ସ୍ଟ୍ରିମ ମୋଟର ସାଇକେଲ ନେଇ ଧାମନଗର ଛକ ଓଭରବ୍ରିଜ ତଳେ ପଶି ରଙ୍ଗରୁଟର ଭଣ୍ଡାରିପୋଖରୀ ଆଡକୁ ଯାଉଥିବା ସମୟରେ କଟକରୁ ଭଦ୍ରକ ଅଭିମୁଖେ ଆସୁଥିବା ଓଆର ୨୨ଇ୧୦୭୯ ଏକ ମାଲ ବୋ ଝେଇ ମିନି ଟ୍ରକ ସହିତ ମୁହାଁ ମୁହିଁ ଦୁର୍ଘଟଣା ଘଟିଥିଲା। ଯାହାଫଳରେ ମୋଟର ସାଇକେଲଟି ଟ୍ରକର ଆଗ ଚକା ତଳେ ପଶି ରହିଯାଇଥିଲା ଫଳରେ ଚାଳକ ବନମାଳୀ ଦାସର ମଧ ଗାଡି ଚକା ତଳେ ରହି ଯାଇଥିଲେ। ସେହି ସମୟରେ କିଛି ବ୍ୟକ୍ତି ସେଠାରେ ଅଟକି ବାଇକ ଓ ଚାଳକକୁ ଗାଡି ଚକା ତଳୁ ଉର୍ଦ୍ଧାର କରିଥିଲେ। ଗାଡିଟିର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ଭାଙ୍ଗି ରୁଜି ଯାଇ ଥିବା ବେଳେ ଚାଳକଙ୍କ ଶରୀରର ଛାତି, ହାତ, ମୁହଁରେ ଗଭୀର ଆଘାତ ଲାଗିଥିବାରୁ ଉପସ୍ଥିତ ଲୋକମାନେ ଆମ୍ବୁଲାନ୍ସକୁ ଫୋନ କରିଥିଲେ। କିନ୍ତୁ ଆମ୍ବୁଲାନ୍ସ ବହୁ ବିଳମ୍ବରେ ପହଞ୍ଚିବା ପରେ ତାଙ୍କୁ ଗୁରୁତର ଅବସ୍ଥାରେ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ପଠଯାଇଥିବା ଜଣାପଡ଼ିଛି। ଦୁର୍ଘଟଣା ଘଟାଇ ଥିବା ଟ୍ରକଟି ଭଦ୍ରକ ଅଭିମୁଖେ ପଳାଇ ଯାଇଥିବାର ସୂଚନା ମିଳିଛି।

## କଛୁଆପଡ଼ା ବସ୍ତିରୁ ମକା ମଦିନାକୁ ଉମ୍ରା ହଜ ଯାତ୍ରା

**ବାଲିଆପାଳ,୧୨।୧(ସଂଚାର ବ୍ୟୁରୋ):** ବାଲିଆପାଳ ବ୍ଲକ କଛୁଆପଡା ବସ୍ତି ରୁ ମହିଳା ପୁରୁଷ ମକା ମଦିନାକୁ ଉମ୍ରା ହଜ ଯାତ୍ରା ରେ ଯାଇଛନ୍ତି। ଏହି ଅବସର ରେ ସହବୁଦିନ ସାହା ନେତୃତରେ କଛୁଆ ପଡା ବସ୍ତିର ଶତାଧିକ ବାସିନ୍ଦା, ମୈଲାନା ଏକ ଆଧାତ୍ମିକ ପରିବେଶ ମଧରେ ହଜ ଯାତ୍ରୀ ସଦିର ସାହା, ସୁରାତନ ବିବି ବାଲିଆପାଳ ଜାମା ମସଜିଦରୁ ଏକ ଶୁଭା ଯାତ୍ରାରେ ବାହାରି କରୁଆ ପଡ଼ା ବଦିରୁଦ୍ଦିନ ପିର ବାବାଙ୍କ ଆସ୍ଥାନ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ଉପସ୍ଥିତ ବସ୍ତି ବାସିନ୍ଦା ହଜ ଯାତ୍ରା ଶୁଭଙ୍କର ହେଉ ବୋଲି ପିର ବାବାଙ୍କ ଠାରେ ଦୁହା ମାଗିଥିଲେ। ପରେ ସମସ୍ତଙ୍କୁ ହର୍ଷ ମନରେ ବିଦାୟ ଦେଇଥିଲେ।

## ଉମ୍ରା ହଜ ପାଇଁ ଗଲେ ୬ଜଣ-ମକାସରିଫ୍

**ଧାମନଗର,୧୨।୧(ସଂଚାର ବ୍ୟୁରୋ):** ସାଉଦି ଆରବର ବିଭିନ୍ନ ସ୍ଥାନ ମକାମଦିନା, ବୋଗଦାଦ ସରିଫକୁ ଧାମନଗର ଅଞ୍ଚଳରୁ ମହିଳା ଓ ପୁରୁଷ ୬ରୁ ଉର୍ଦ୍ଧ ବିଶିଷ୍ଟ ବ୍ୟକ୍ତି (ଉମ୍ରା ହଜ)ପାଇଁ ଯାତ୍ରା ଆରମ୍ଭ କରିଛନ୍ତି। ଏହି ଅବସରରେ ଧାମନଗର ଅଞ୍ଚଳର ବିଭିନ୍ନ ସାହିବସ୍ତି ତଥା ପଠାଣମହଲ୍ଲା ଗ୍ରାମର ବୟୋଜ୍ୟେଷ୍ଠ ମୁରବି ସେକ ଇସାକ,ମହମ୍ମଦ ସଲାଉଦ୍ଦିନ,ବାଉଁଶ ବାଡ଼ି ଗ୍ରାମର ମୀର ହାନାନ(ହୁନା),ବଡ଼ ପୁଅ ମୀର ସାଦିକ୍,ସାନ ପୁଅ ମୀର ମୁରତୁଜାଙ୍କ ସମେତ ଅନ୍ୟ କେତେକ ବ୍ୟକ୍ତି ନିଜ ନିଜର ବାସଭବନରୁ ବାହାରି ପ୍ରଥମେ ଧାମନଗର ଖାନକା ସରିଫ୍ ଠାରେ ପହଞ୍ଚି ପୀରବାବାଙ୍କୁ ଦର୍ଶନ କରି ମକ୍କାମଦିନା ଓ ବୋଗଦାଦ ସରିଫକୁ (ଉମ୍ରା ତୀର୍ଥ) ପାଇଁ ମକା ଓ ବୋଗଦାଦ ସରିଫ୍ ଯାତ୍ରା ଆରମ୍ଭ କରିଛନ୍ତି। ଏହି ତୀର୍ଥକ୍ଷେତ୍ର ବୁଲି ଉମ୍ରା ହଜ ସାରି ୧୫ଦିନ ପରେ ନିଜ ଘରକୁ ପ୍ରତ୍ୟାବର୍ତ୍ତନ କରିବେ ବୋଲି ସୂଚନା ଦିଆଯାଇଛି।

# ଭର୍ଚ୍ଚୁଆଲ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କଲେ ଅଟଳ ବସ୍‌ଷ୍ଟାଣ୍ଡ



**ବାଲିକୁଦା,୧୨।୧(ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ବାଲିକୁଦା ଅଟଳ ବସ ଷ୍ଟାଣ୍ଡକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ମାଝୀ ଭର୍ଚ୍ଚୁଆଲ ମାଧମରେ ଉଦଘାଟନ କରିଛନ୍ତି। ଏହି ଉଦଘାଟନ ଉତ୍ସବ ପରିପ୍ରେକ୍ଷୀରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଏକ ସଭାର ଆୟୋଜନ କରାଯାଇଥିଲା। ଏହି ସଭାରେ ବାଲିକୁଦା ଏରସମା ନିର୍ବାଚନମଣ୍ଡଳୀର ବିଧାୟକ ସାରଦା ପ୍ରସାଦ ଜେନା, ଜଗତସିଂହପୁର ସାଂସଦ ବିଭୂପ୍ରସାଦ ତରାଇ, ଜିଲ୍ଲାପାଳ ଜେ ସୋନାଲ, ବାଲିକୁଦା ବ୍ଲକ ଅଧକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ବାଲିକୁଦା ବ୍ଲକର ଚାରୋଟି ଜୋନର ଜିଲ୍ଲାପରିଷଦ ସଭ୍ୟ ସଭ୍ୟା ମାନେ ଅତିଥିଭାବେ ଯୋଗ ଦେଇଥିଲେ। ସ୍ଥାନୀୟ ଅଞ୍ଚଳବାସୀ ଙ୍କୁ ନିଯୁକ୍ତି ଦାବୀ ରେ ସ୍ଥାନୀୟ ଜନସାଧାରଣ ବସ ଷ୍ଟାଣ୍ଡ ସମ୍ମୁଖରେ ଧାରଣାରେ ବସିରହିଥିଲେ, ଜିଲ୍ଲାପାଳ, ବିଧାୟକ ଏବଂ ସାଂସଦଙ୍କ ଧାରଣାରେ ବସିଥିବା ଲୋକ ମାନଙ୍କୁ ପ୍ରତିଶ୍ରୁତି ଦେବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ଅବସରରେ ବିଧାୟକ ସାରଦା ପ୍ରସନ୍ନ ଜେନା ନିଜ ଅଭିଭାଷଣରେ ସ୍ଥାନୀୟ ପ୍ରଶାସନ ସରକାରଙ୍କ ସଭାରେ ଜନପ୍ରତିନିଧି ମାନଙ୍କୁ ଅଣଦେଖା କରିବା ନିନ୍ଦନୀୟ ଘଟଣା ବୋଲି ପ୍ରକାଶ କରିବା ସହିତ ଆଗକୁ କିପରି ସରକାରଙ୍କ ସଭାରେ ସ୍ଥାନୀୟ ଜନ ପ୍ରତିନିଧିଙ୍କୁ ଅବଗତ କରାଇ ସାମିଲ କରାଯିବ ସେନେଇ ଜିଲ୍ଲାପାଳ ମହୋଦୟଙ୍କୁ ଅବଗତ କରାଇଥିଲେ। ସେ ଆହୁରି କହିଥିଲେ ଯେ, ଏହି ବସ ଷ୍ଟାଣ୍ଡ ପୂର୍ବ ସରକାରଙ୍କ ପରିକଳ୍ପନା ଏବଂ ପୂର୍ବ ସରକାର ସମୟରେ ଏହାର ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଥିଲା ବର୍ତମାନର ସରକାର ଏହାକୁ ଉଦଘାଟନ କରୁଅଛନ୍ତି। ଅନୁରୂପ ଭାବେ ଜଗତସିଂହପୁର ସାଂସଦ ମହୋଦୟ ସଭା ମଞ୍ଚରୁ ତାଙ୍କ ଅଭିଭାଷଣରେ କହିଥିଲେ ଯେ, ରାଜ୍ୟରେ ବର୍ତମାନ ବିଜେପି ସରକାର ଏହା ଲୋକଙ୍କ ସରକାର, ଆମ ସରକାର ସବୁବେଳେ ସାଧାରଣ ଲୋକଙ୍କ ମୌଳିକ ଅଧିକାର କୁ ପ୍ରାଧାନ୍ୟ ଦେଇ ଆସୁଛି ଏଣୁ ସ୍ଥାନୀୟ ଲୋକଙ୍କ ନିଯୁକ୍ତି ଦାବିକୁ କିପରି ପୂରଣ କରିହେବ ସେନେଇ ସେ ଜିଲ୍ଲାପାଳ ଏବଂ ବିଭାଗୀୟ ମନ୍ତ୍ରୀଙ୍କ ସହ ଆଲୋଚନା କରି ଏହାର ସମାଧାନ କରାଯିବ ବୋଲି ପରିପ୍ରକାଶ କରିଥିଲେ।

### ଶିକ୍ଷାର ମାନ ଓ ଭିତ୍ତିଭୂମି ଉନ୍ନୟନକୁ ପ୍ରାଥମିକତା

## ବିଦ୍ୟାଳୟସ୍ତରୀୟ ପିଏମ ଶ୍ରୀ ଉତ୍ସବ ଅନୁଷ୍ଠିତ



**ଲାଞ୍ଜିଗଡ଼,୧୨।୧(ସଂଚାର ବ୍ୟୁରୋ):** ଶିକ୍ଷା, ସଂସ୍କାର, ଦିନଚର୍ଯ୍ୟା ସହିତ ଜୀବନ କୌଶଳ ଶିକ୍ଷା, ପାରମ୍ପରିକ ଓ ଆଧୁନିକ ଶିକ୍ଷାକୁ ପ୍ରାଥମିକତାର ସହିତ ଗ୍ରହଣ କରିବା ପିଏମଶ୍ରୀ ଯୋଜନାର ମୂଳ ଲକ୍ଷ୍ୟ। ଆଗାମୀ ଦିନରେ ଛାତ୍ରୀମାନଙ୍କ ମଧରେ ପାଠପଢ଼ା ସହିତ ଜୀବନ ଧାରଣର ମାନ ବୃଦ୍ଧି କରିବା ପାଇଁ ବିଦ୍ୟାଳୟରେ ଶୈକ୍ଷିକ ଓ ଅନ୍ୟାନ୍ୟ ଭିତ୍ତିଭୂମି ଉନ୍ନୟନ ଏକ ଆବଶ୍ୟକତା ଓ ମଧୁପୁରସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଏ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଲାଞ୍ଜିଗଡ଼ ବ୍ଲକ ମଧୁପୁରସ୍ଥିତ ପିଏମ ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଆଜି ବିଦ୍ୟାଳୟସ୍ତରୀୟ ପିଏମଶ୍ରୀ ଉତ୍ସବ ମହା ସମାରୋହରେ ପାଳିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଲାଞ୍ଜିଗଡ଼ ବ୍ଲକ ଅଧକ୍ଷା କମଳା ପାତ୍ର ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ବିକଶିତ କଳାହାଣ୍ଡି ଓ ନୂଆପଡାର ଅଧକ୍ଷ ଡ. ଭବାନୀଶଙ୍କର ନିଆଲ, ବିଶିଷ୍ଟ ଅତିଥି ଭାବେ ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲ୍ଲା ପ୍ରକଳ୍ପ ପରିଚାଳକ ଦିଲୀପ କୁମାର ଦୁବେ, ଲାଞ୍ଜିଗଡ଼ ବିଡିଓ ଶଶାଙ୍କ ପାତ୍ର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଶ୍ୱନାଥପୁର ଏକଲବ୍ୟ ମଡେଲ ସ୍କୁଲର ଅଧକ୍ଷ ଦେବବ୍ରତ ସାହୁ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ସୂର୍ଯ୍ୟକାନ୍ତ ଭୁଏ, ବ୍ଲକ ମଙ୍ଗଳ ଅଧିକାରୀ ପଙ୍କଜ ବଳିୟାର ସିଂହ, ଦେଓ ରଞ୍ଜନ ଶବର, ନର୍ଲା ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ସସ୍ମିତା ସୁନାମୁଦି, ଗୋବର୍ଦ୍ଧନପୁର ସମିତି ସଭ୍ୟା ସୁଚିତ୍ରା ମାଝୀ, ସମାଜସେବୀ ହରିଶଙ୍କର ପାତ୍ର, ପୂର୍ବତନ ସରପଞ୍ଚ ସୁରେନ୍ଦ୍ର ମାଝୀ, ସ୍କୁଲ ପରିଚାଳନା କମିଟି ସଭାପତି ଜଗନ୍ନାଥ ରଣା ପ୍ରମୁଖ ମଞ୍ଚାସୀନ ଥିଲେ।

## ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀରେ ଏବିଭିପି ପକ୍ଷରୁ ଶୋଭାଯାତ୍ରା



**ବାଲିପାଟଣା,୧୨।୧(ସଂଚାର ବ୍ୟୁରୋ):** ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ତଥା ଜାତୀୟ ଯୁବ ଦିବସ ଅବସରରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ବାଲିପାଟଣା ଶାଖା ପକ୍ଷରୁ ଏକ ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି।ଶୋଭାଯାତ୍ରାଟି ବାଲିପାଟଣା ମେଳଣ ପଡ଼ିଆରୁ ଆରମ୍ଭ ହୋଇ ସହରର ବିଭିନ୍ନ ପ୍ରମୁଖ ସଡ଼କ ଦେଇ ପରିଭ୍ରମଣ କରିଥିଲା ଓ ବାଲିପାଟଣା ଛକ ନିକଟରେ ଶେଷ ହୋଇଥିଲା।ଏଥିରେ ଅତିଥି ଭାବେ ଏବିଭିପିର ରାଜ୍ୟ ସହ ସମ୍ପାଦକ ରାଜକୁମାର ମିଶ୍ର, ଭୁବନେଶ୍ୱରର ନଗର ସଂପାଦକ ଗଙ୍ଗାଧର ପାଢ଼ୀ, ସୌମ୍ୟରଞ୍ଜନ ତ୍ରିପାଠୀ ପ୍ରମୁଖ ଯୋଗ ଦେଇ ସ୍ୱାମୀ ବିବେକାନନ୍ଦଙ୍କ ଉଦ୍ବୋଧନମୂଳକ ବାଣୀ ସହିତ ସ୍ଲୋଗାନ ଦେଇ ଯୁବମାନଙ୍କୁ ସଠିକ୍ ପଥରେ ଆଗେଇ ନେବା ପାଇଁ ଆହ୍ୱାନ ଜଣାଇଥିଲେ।ଏଥିରେ ଶତାଧିକ ଛାତ୍ରଛାତ୍ରୀ ଓ ଯୁବକ ଯୁବତୀ ଅଂଶଗ୍ରହଣ କରି ସ୍ୱାମୀ ବିବେକାନନ୍ଦଙ୍କ ଚିନ୍ତାଧାରା, ଦେଶଭକ୍ତି, ଚରିତ୍ରଗଠନ ଓ ଯୁବଶକ୍ତିର ଭୂମିକାକୁ ନେଇ ସଚେତନତା ସନ୍ଦେଶ ପ୍ରଚାର କରିଥିଲେ।ଏଥିରେ ଦୀପକ କୁମାର ସ୍ୱାଇଁ, ଶାଶ୍ୱତ କୁମାର ରଥ, ଶୁଭ୍ରାଂଶୁ ପ୍ରଧାନ, ସୌମ୍ୟ ରଂଜନ ବିଶ୍ୱାଳ, ମୁକେଶ ବେହେରା, ଦିବ୍ୟଜୀତ ଭୋଇ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବିପଦସଂକୁଳ ଅବସ୍ଥାରେ ହାଉସିଂବୋର୍ଡ ଟ୍ରାନ୍ସଫର୍ମର, ସୁରକ୍ଷା ବାଡ ଦେବାକୁ ଦାବି



**ଯାଜପୁର ରୋଡ଼,୧୨।୧(ସଂଚାର ବ୍ୟୁରୋ):** ବ୍ୟାସନଗର ପୌରାଞ୍ଚଳ ସହରର ୱାର୍ଡ ନଂ-୧୬ ଉମାପଦା ହାଉସିଂବୋର୍ଡ ସ୍ଥିତ ଓଁ ଶ୍ରୀ ଶ୍ରୀ ବାବା ବିଶ୍ୱନାଥ ମହାଦେବ ମନ୍ଦିରର ପାର୍କ କଡ଼ରେ ଥିବା ରାସ୍ତା ପାର୍ଶ୍ୱରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର'ଟି ଦିର୍ଘଦିନ ହେବ ଖୋଲା ମେଲା ଅବସ୍ଥାରେ ରହିଛି। ସ୍ଥାନୀୟ ଧବଳଗିରି ସେକ୍ସସନ ଅନ୍ତର୍ଗତ ରାଜ୍ୟ ସରକାରଙ୍କର ଟିପିଏନଓଡିଏଲ, ବିଦ୍ୟୁତ୍ ବିଭାଗର ଏହି ଟ୍ରାନ୍ସଫରଟିର ଚାରିପାଖରେ ଖୋଲା ମେଲା ରହିଥିବା ଯୋଗୁଁ ବୁଲାଗାଇ, ଗୋରୁ, ଛେଳି ଓ ରାସ୍ତା କଡ଼ରେ ଯଦି କିଛି କାରଣ ବସତ କେବି'ବି ଦୁର୍ଘଟଣା ଘଟେ ମଣିଷ ଠାରୁ ଆରମ୍ଭ କରି ଏପରି ଗୃହ ପାଳିତ ପଶୁ ମାନଙ୍କ ଜିବନ ପ୍ରତି ବିପଦ ରହୁଥିବା ଆଶଙ୍କା କରାଯାଉଛି। ଏଠାରେ ବେଳେ ବେଳେ ମଧ ଗୃହପାଳିତ ପଶୁ ଏହା ଭିତରୁକୁ ପଶି ଯାଇ ଦୁର୍ଘଟଣାର ଶୀକାର ହୋଇଛନ୍ତି। ତେଣୁ ଏହି ବିଦ୍ୟୁତ୍ ଟ୍ରାନ୍ସଫର୍ମର ଚାରିପାଖରେ ସୁରକ୍ଷା ବାଡ ଘେରାଉ କରି ମଣିଷ ଠାରୁ ଆରମ୍ଭ କରି ଗୃହ ପାଳିତ ପଶୁ ମାନଙ୍କ ଜିବନ ସୁରକ୍ଷା ପ୍ରତି ଧାନ ଦେବାକୁ ଟିପିଏନଓଡିଏଲ ବିଦ୍ୟୁତ ବିଭାଗୀୟ ଅଧିକାରୀ ମାନେ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳର ଜନସାଧାରଣ ମାନେ ଦାବି କରିଛନ୍ତି।

## ପୂର୍ବତନ ସରପଞ୍ଚ ସ୍ୱର୍ଗତ ମହେଶ୍ୱର ନାୟକଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ



**ବାଲିଆପାଳ,୧୨।୧ (ସଂଚାର ବ୍ୟୁରୋ):** ମଧୁପୁରା ପଞ୍ଚାୟତ ଅନ୍ତର୍ଗତ ଖାଳଡିହା ଗ୍ରାମ କେନ୍ଦ୍ରସ୍ଥଳୀରେ ଭଗବାନ ଚନ୍ଦ୍ର ଉପ୍ରା ବିଦ୍ୟାଳୟ ସାମ୍ନାରେ ସ୍ୱର୍ଗତ ମହେଶ୍ୱର ନାୟକଙ୍କ ପ୍ରତିମୂର୍ତ୍ତୀ ଆଜି ବସ୍ତା ବିଧାୟିକା ସୁବାସିନୀ ଜେନା ଉନ୍ମୋଚନ କରିଥିଲେ। ସ୍ୱର୍ଗତ ନାୟକ ବାଲିଆପାଳ ବ୍ଲକର ଜଣେ ଜଣାଶୁଣା ସମାଜସେବୀ ଖ୍ୟାତିସମ୍ପନ କଳାକାର ତଥା ଲୋକପ୍ରିୟ ସରପଞ୍ଚ ୧୯୭୫ ମସିହାରୁ ୧୯୮୦ ମସିହା ପର୍ଯ୍ୟନ୍ତ ସରପଞ୍ଚ ଥିଲେ। ସେ ତାଙ୍କ ଜୀବ ଦସାରେ ବହୁ ଜନପ୍ରିୟ କାର୍ଯ୍ୟ କରିଆସିଛନ୍ତି। ବାଲିଆପାଳର ଶାରୀରିକ ମହାବିଦ୍ୟାଳୟ, ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନ, ମନ୍ଦିର, ମଠ, ଖାଳଡିହା ବିଦ୍ୟାଳୟର ସ୍ଥାପନ ମୂଳଧାର ଅଟନ୍ତି। ବାଲିଆପାଳରେ ପ୍ରଥମ ଚଉଦମାଦଳ, ଛପନ ମାଦଳ, ଯଜ୍ଞ, ମଧୁପୁରା ବାସୁଳୀ ମଣ୍ଡଳ ପରିସରରେ ରଥଯାତ୍ରା, ମଧୁପୁରା ପଞ୍ଚାୟତର ଯାତ୍ରା ମଂଚ, ସିମୁଳିଆ ମଇ ସ୍କୁଲରେ ବହୁ କାର୍ଯ୍ୟ କରିଆସିଥିଲେ। ଆଜି ତାଙ୍କର ଏକ ମାତ୍ର ପୁତ୍ର ପ୍ରସିଦ୍ଧ କଳାକାର ଯାତ୍ରା ନିର୍ଦ୍ଦେଶକ ବରେନ୍ଦ୍ର କୁମାର ନାୟକ ଏବଂ ତାଙ୍କ ପୁତ୍ର, ପୁତ୍ରବଧୂ, ଝିଅ ଜ୍ୱାଇଁ, ନାତି ନାତୁଣୀ ମାନେ ତାଙ୍କ ପ୍ରତିମୂର୍ତ୍ତୀ ଖାଳଡିହାରେ ଉନ୍ମୋଚନ ହୋଇଥିଲା। ଏଥିରେ ଖାଳଡିହା ଗ୍ରାମର ମୁଖ୍ୟ ଶିଶିର କୁମାର ନାୟକ, ତ୍ରିଲୋଚନ ମୁଖୀ, କୁନା ବାଗସିଂ, ରଘୁନାଥ ଦାସ, ଗୋପାଳ ଦାସ ପ୍ରମୁଖ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ। ଶେଷରେ ତାଙ୍କର ନାତି ପ୍ରଫୁଲ କୁମାର ନାୟକ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ଚୋରଙ୍କୁ ପଚରାଉଚରା ପରେ ଛାଡ଼ିଦେଲା ପୋଲିସ, ଗିରଫ ଦାବିରେ ତାତିଲେ ଲୋକେ

**ବଲାଙ୍ଗୀର,୧୨।୧(ସଂଚାର ବ୍ୟୁରୋ):** ସଦର ଥାନା କୁଶମେଲ ପଞ୍ଚାୟତର ଇଲେକ୍ଟ୍ରି ତାର ଚୋରି ହୋଇଥିଲା। ଲୋକେ ପୋଲିସକୁ ଖବର ଦେଇବାରୁ ସଦର ପୋଲିସ ଚୋରମାନଙ୍କୁ ଥାନାକୁ ଆଣିଥିଲା ସତ ମାତ୍ର ପରେ ଛାଡ଼ିଦେଇଥିବା ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି। ତେବେ ଏହାର ପ୍ରତିବାଦରେ ସୋମବାର ଶତାଧିକ ମହିଳା ପୁରୁଷ ଆସି ଏସ୍‌ପି ଅଫିସ ଘେରାଉ କରିବା ସହ ୫୭ ନଂ ରାଜ୍ୟ ରାଜପଥ ବଲାଙ୍ଗୀର-ପାଟଣାଗଡ଼



ସଦର ଥାନା ସମ୍ମୁଖରେ ଧାରଣାରେ ବସିଛନ୍ତି। ଅତିରିକ୍ତ ଏସ୍‌ପି ହିମାଂଶୁ ବେହେରା ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରୁଛନ୍ତି।

# ଚାଷୀର ପିଛା ଛାଡୁନି ସମସ୍ୟା, କାଳ ସାଜିଛି ଟୋକନ୍ ଅବ୍ୟବସ୍ଥା !



**ରାୟଗଡ଼ା,୧୨।୧(ସଂଚାର ବ୍ୟୁରୋ):** କେବେ ଟୋକନ୍ ତ' କେବେ ଟାର୍ଗେଟ। ଚଳିତ ବର୍ଷ ଚାଷୀର ପିଛା ଛାଡୁନି ମଣ୍ଡି ସମସ୍ୟା। ରାୟଗଡ଼ା ପଦ୍ମପୁରରେ ଚାଷୀଙ୍କୁ ଘାରିଛି ଟୋକନ୍ ସମସ୍ୟା । ଆବଶ୍ୟକତା ଠାରୁ କମ ପରିମାଣର ଟୋକେନ ଚାଷୀଙ୍କୁ ମିଳିଥିବା ଅଭିଯୋଗ ହୋଇଛି। ଫଳରେ ଚାଷୀ ଧାନ ବିକ୍ରି କରିବା ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଖୋଲା ଆକାଶ ତଳେ କ୍ୱିଣ୍ଟାଲ କ୍ୱିଣ୍ଟାଲ ଧାନ । କେଉଁଠି ରାସ୍ତା କଡ଼ରେ ତ' କେଉଁଠି ଖଳାରେ । ମଣ୍ଡିରେ ବିକି ଦୁଇ ପଇସା ରୋଜଗାର ଅପେକ୍ଷାରେ ଥିବା ଚାଷୀର ନିଦ ହଜାଇଛି ଟୋକନ ଅବ୍ୟବସ୍ଥା । ରାୟଗଡ଼ା ପଦ୍ମପୁରରେ ଚାଷୀଙ୍କ ଜମିର ପରିମାଣ ଓ ମୌଜା ସଠିକ ରହିଥିଲେ ସୁଦ୍ଧା ଅନେକ ଚାଷୀଙ୍କୁ ଟୋକନ୍ ମିଳିନଥିବା ଅଭିଯୋଗ ଆସିଛି । ସରକାର ଉତ୍ପାଦିତ ଧାନ ନ କିଣିଲେ ଆମେ କାହାକୁ ଧାନ ବିକ୍ରି କରିବୁ ? ବୋଲି ଚାଷୀ ପ୍ରଶ୍ନ କରିଛନ୍ତି । ଚଳିତ ବର୍ଷ ଗୁଣପୁରରେ ୧୭ ହଜାର ୯୧୨ ହେକ୍ଟର ଓ ପଦ୍ମପୁରରେ ୬ ହଜାର ୮୧୦ ହେକ୍ଟର ଜମିରେ ଧାନ ଚାଷ ହୋଇଛି । ଧାନ କିଣା ବିକା ପାଇଁ ବ୍ଲକର ୭ଟି ସ୍ଥାନରେ ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ମଣ୍ଡି ବ୍ୟବସ୍ଥା କରାଯାଇଛି। ପଦ୍ମପୁରର ୩ ହଜାର ୮୮୩ ଜଣ ଚାଷୀ ମଣ୍ଡିରେ ଧାନ ବିକିବା ପଞ୍ଜୀକରଣ କରିଛନ୍ତି । ୪୩୦ ଜଣ ଚାଷୀ ବର୍ତ୍ତମାନ ସୁଦ୍ଧା ମଣ୍ଡିରେ ଧାନ ବିକ୍ରି କରିଥିବା କ୍ରୟକାରୀ ସଂସ୍ଥା ପକ୍ଷରୁ ସୂଚନା ମିଳିଛି। ପ୍ରଥମ ପର୍ଯ୍ୟାୟରେ ୭୯ ହଜାର ୯୯୦ କ୍ୱିଣ୍ଟାଲ ଧାନ କ୍ରୟ କରିବା ପାଇଁ ପ୍ରଶାସନ ପକ୍ଷରୁ ଲକ୍ଷ୍ୟ ରଖାଯାଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ୨୨ ହଜାର ୨୮୪ କ୍ୱିଣ୍ଟାଲ କିଣିଛି କ୍ରୟକାରୀ ସଂସ୍ଥା । ଗତ ବର୍ଷ ତୁଳନାରେ କମ ପରିମାଣରେ ମିଲର୍ସ ଟ୍ୟାଗ୍ ହୋଇଥିବାରୁ ମଣ୍ଡିରେ ଧାନ କିଣା ସ୍ୱାଭାବିକ ହୋଇ ପାରୁନଥିବା ଅଭିଯୋଗ ହୋଇଛି । ମଣ୍ଡିରେ ଧାନ ବିକିବା ଚିନ୍ତା ଠୁ ଋଣ ପରିଶୋଧ କରିବା ଅଧିକ ଚିନ୍ତାଜନକ ହୋଇପଡ଼ିଛି। ପ୍ରଶାସନ ତୁରନ୍ତ ଚାଷୀଙ୍କ ସମସ୍ୟା ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି ହୋଇଛି ।

## ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ଜିଲ୍ଲାପାଳଙ୍କ ଅଫିସ୍ ଘେରାଉ

**ବାରିପଦା,୧୨।୧(ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ଦ୍ୱାରା ପଲ୍ୟୁସନ୍ ସାର୍ଟିଫିକେଟ ନାମରେ ଗରିବ ଓ ସାଧାରଣ ଲୋକଙ୍କ ଉପରେ ଲାଗୁ କରାଯାଇଥିବା କଠୋର ଓ ଜନବିରୋଧୀ ନୀତିକୁ ବିରୋଧ କରି ଆଜି ସୋମବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଜୁ ଯୁବ ଜନତା ଦଳ ଓ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଏକ ପ୍ରତିବାଦ ସଭା ଆୟୋଜିତ ହୋଇଥିଲା। ଏହି ପ୍ରତିବାଦ ସଭାରେ ଯୁବ ଓ ଛାତ୍ର ନେତାମାନେ ନିଜ ନିଜ ବ୍ୟକ୍ତବ୍ୟରେ ସରକାରଙ୍କ ଏହି ନୀତିକୁ ସମାଲୋଚନା କରିଥିଲେ। "ପଲ୍ୟୁସନ୍ ସାର୍ଟିଫିକେଟ ନାହିଁ ତ ତେଲ ନାହିଁ" ଓ "ପୁରୁଣା ଜରିମାନା ଦେଇନଥିଲେ ସାର୍ଟିଫିକେଟ ମିଳିବ ନାହିଁ" ପରି ନିୟମ ଯୋଗୁଁ ଗରିବ, ମଧବର୍ଗୀୟ ଓ ସାଧାରଣ ଜନତା ଗୁରୁତର ଭାବେ ପୀଡ଼ିତ ହେଉଥିବା ନେଇ ଅଭିଯୋଗ କରିଥିଲେ। ସଭାଟିକୁ ଯୁଗ୍ମ ଭାବେ ମୟୂରଭଞ୍ଜ ଯୁବ ସଭାପତି ଅରୁଣ ବରାଡ ଓ ଛାତ୍ର ସଭାପତି ସୁନିଲ ନାୟକ ସଭାପତିତ୍ୱ କରିଥିଲେ।

## ଲମତାପୁଟ ବସ୍‌ଷ୍ଟାଣ୍ଡ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ



**କୋରାପୁଟ,୧୨।୧(ସଂଚାର ବ୍ୟୁରୋ):** କୋରାପୁଟ ଜିଲା ଲମତାପୁଟ ଠାରେ ଅଟଳ ବସ୍ ଷ୍ଟାଣ୍ଡକୁ ଉଦଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଆଭାସୀ ମାଧମରେ ଶୁଭାରମ୍ଭ କରିଥିବା ବେଳେ କୋରାପୁଟ ବିଧାୟକ ରଘୁରାମ ମାଛ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ୧.୨ ଏକର ବିସ୍ତୃତ ଏହି ବସ୍ ଷ୍ଟାଣ୍ଡରେ ଅତ୍ୟାଧୁନିକ ସମସ୍ତ ପ୍ରକାର ସୁବିଧା ରହିଛି । ଯାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ବସିବା ବ୍ୟବସ୍ଥା ଠାରୁ ଆରମ୍ଭ କରି ଉଭୟ ପୁରୁଷ ଓ ମହିଳାଙ୍କ ନିମନ୍ତେ ଶୌଚାଳୟ ବ୍ୟବସ୍ଥା ରହିଛି । ଦୁଇଟି ଏଣ୍ଟ୍ରି ଏବଂ ଏକଜିଷ୍ଟ ଗେଟ୍, ଦୁଇଟି ଟିକେଟ କାଉଣ୍ଟର, ଅଫିସର ଚେମ୍ବର, ମିଶନ ଶକ୍ତି କେଫେ ତଥା ଗାଡି ଡ୍ରାଇଭର ଓ କଣ୍ଡଟରଙ୍କ ବିଶ୍ରାମ ଗୃହ ଉଭୟ ପୁରୁଷ ଓ ମହିଳାଙ୍କ ନିମନ୍ତେ ଅଲଗା ଅଲଗା ରହିଛି । ବସ୍ ଷ୍ଟାଣ୍ଡ ମଧରେ ୪ ଟି ଷ୍ଟଲ, ସ୍ୱତନ୍ତ୍ର ଗାଡି ଧୋଇବା ବ୍ୟବସ୍ଥା, ଅଗ୍ନି ନିରାପତ୍ତା ବ୍ୟବସ୍ଥା, ଇଭି ଚାର୍ଜ, ୩ଟି ଷ୍ଟୋରେ ରୁମ, ଡିଜି ସେଟ, ପିଏ ସିଷ୍ଟମ ଘୋଷଣା କରିବା ପାଇଁ ରହିଛି। ଯାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ସିସିଟିଭି ବ୍ୟବସ୍ଥା ସହ ପାର୍କିଙ୍ଗ ବ୍ୟବସ୍ଥା କରଯାଇଛି ।

## ସିଦ୍ଧିବିନାୟକ ଗ୍ଲୋବାଲ ପ୍ଲେ ସ୍କୁଲର ପଞ୍ଚମ ବାର୍ଷିକ ଉତ୍ସବ

**ନୀଳଗିରି, ୧୨।୧(ସଂଚାର ବ୍ୟୁରୋ):** ନୀଳଗିରି ସହରର ପ୍ରତିଷ୍ଠିତ ଇଂରାଜୀ (ସିବିଏସଇ) ମାଧମ ନର୍ସରୀ ସ୍କୁଲ ପରିସରରେ ପଞ୍ଚମବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।ଉକ୍ତ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ତଥା ରତ୍ନାକର ଟାଉନ ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିନୋଦ ବିହାରୀ ପଣ୍ଡା ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବ କୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ସମ୍ମାନିତଅତିଥି ଭାବେ ସୁଧାଂଶୁ ମୋହନ ପଣ୍ଡା, ସମରେନ୍ଦ୍ର ଜେନା, ପ୍ରମୁଖ ନିଜ ନିଜ ବକ୍ତବ୍ୟ ଆଜିର ଶିକ୍ଷା ବ୍ୟବସ୍ଥା ରେ ଛାତ୍ରଛାତ୍ରୀ ଙ୍କ ପାଇଁ ଇଂରାଜୀ କେତେ ଆବଶ୍ୟକତା ରହିଛି ବୋଲି ନିଜ ନିଜ ବକ୍ତବ୍ୟ ଅତିଥି ମାନେ ମତ ବ୍ୟକ୍ତ କରିଥିଲେ।ଉକ୍ତ ସଭାରେ ବିଦ୍ୟାଳୟର ପ୍ରିନ୍ସିପାଲ୍ ଅଞ୍ଜନା ମହାରଣା ଅଧକ୍ଷତା କରିଥିବା ବେଳେ ଶିକ୍ଷୟତ୍ରୀ ସୌମ୍ୟଶ୍ରୀ ନାୟକ ବାର୍ଷିକ ବିବରଣୀ ପଠନ ସହିତ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ। ପରେ ଅତିଥି ମାନଙ୍କ ଦ୍ୱାରା ବିଭିନ୍ନ ବିଭାଗର କୃତି ଛାତ୍ରଛାତ୍ରୀ ଙ୍କୁ ପୁରସ୍କୃତ କରିଥିଲେ।ପ୍ରି ନର୍ସରୀରୁ ଷ୍ଟାଣ୍ଡାର୍ଡ -୧ ପର୍ଯ୍ୟନ୍ତ ଅଧ୍ୟୟନ କରୁଥିବା କୁନିକୁନି ପିଲାମାନଙ୍କର ଚିତ୍ତବିନୋଦନ ସହିତ ବୌଦ୍ଧିକବିକାଶ ପାଇଁ ବିଦ୍ୟାଳୟ କର୍ତୃପକ୍ଷ ଏବଂ ଅଭିଭାବକ ମାନଙ୍କର ଆଶାଆକାଂକ୍ଷାକୁ ନେଇ ଦୀର୍ଘ ୫ବର୍ଷ ଧରି କୁନିକୁନି ପିଲାମାନଙ୍କୁ ନେଇ ରାଧାକୃଷ୍ଣ, କୌତିକିଆ ଡ୍ରେସ, ବକ୍ତୃତା, ଚିତ୍ରାଙ୍କନ, ରଙ୍ଗ ଚିହ୍ନଟ, କୁଇଜ୍, ଷ୍ଟୋରି ଟେଲିଂ, ସାଧାରଣଜ୍ଞାନ, ଜିଲାପି ଦୌଡ଼ ଆଦି ବିଭିନ୍ନ ପ୍ରତିଯୋଗିତାକରି ଉତ୍ସାହିତ କରିବାସହିତ କୃତି ପ୍ରତିଯୋଗୀଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନକରି ଉତ୍ସାହିତ କରାଯାଇଥିଲା।



## ରେଡ୍ ରିବନ କ୍ଲବ୍ ପକ୍ଷରୁ ବିବେକାନନ୍ଦଙ୍କ ଜୟନ୍ତୀ ଓ ବିଶ୍ୱ ଯୁବ ଦିବସ ପାଳିତ



**ଫୁଲବାଣୀ,୧୨।୧(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ବାଲିଗୁଡା ସ୍ଥିତ ଆଦିବାସୀ ମହାବିଦ୍ୟାଳୟ ରେଡ଼ ରିବନ କ୍ଲବ୍ ଆନୁକୂଲ୍ୟରେ ସ୍ୱାମୀ ବିବେକାନନ୍ଦ ଙ୍କ ୧୬୩ ତମ ଜୟନ୍ତୀ ତଥା ବିଶ୍ୱ ଯୁବ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟ ର ଅଧ୍ୟକ୍ଷ ଲକ୍ଷ୍ମଣ ପାଳ, ସମ୍ମାନିତ ଅତିଥି ଭାବେ ଅଧାପକ ତଥା ଏକାଉଣ୍ଟ ବର୍ସର ସରୋଜ କୁମାର ପାଠୀ ଯୋଗ ଦେଇ ସ୍ୱାମୀ ବିବେକାନନ୍ଦ ଙ୍କ ଫୋଟ ଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ ପୂର୍ବକ ଦୀପ ଧୂପ ପ୍ରଜ୍ଜଳନ କରି ଆନୁଷ୍ଠାନିକ ଭାବେ ଉଦଘାଟନ କରି ଦିବସର ମାହାତ୍ମ୍ୟ ଓ ବିବେକାନନ୍ଦ ଙ୍କ ଜୀବନାଦର୍ଶନ ଉପରେ ବ୍ୟଖ୍ୟା କରିଥିଲେ। ରେଡରିବନ କ୍ଲବ ଓ ଯୁବ ରେଡକ୍ରସର ଜିଲ୍ଲା ସଂଯୋଜକ ଡ.ବିଭୂତି ଭୂଷଣ ଆଚାର୍ଯ୍ୟ, କାଉନସେଲର ମାନସ ରଂଜନ ପ୍ରଧାନ ଉପସ୍ଥିତ ରହି ବିବେକାନନ୍ଦ ଙ୍କ ବିଭିନ୍ନ ସ୍ମୃତି ଗୁଡିକୁ ଦୋହରାଇଥିଲେ। ଏଥି ନିମନ୍ତେ ଆୟୋଜିତ ବକୃତା ଓ କୁଇଜ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ମାନେ ନିଜ ନିଜର ପ୍ରତିଭା ବକ୍ତବ୍ୟ ପ୍ରଦାନ କରି ଅତିଥି ଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ ।

## ଧାନକିଣାରେ ଅବ୍ୟବସ୍ଥା, ବଢୁଛି ଚାଷୀ ଅସନ୍ତୋଷ



**ରୁପ୍ରାରୋଡ,୧୨।୧ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲା ନର୍ଲା ବ୍ଲକରେ ଧାନ କିଣାରେ ଅବ୍ୟବସ୍ଥା ନେଇ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ଏବେ ବି ବ୍ଲକର ବିଭିନ୍ନ ମଣ୍ଡିରେ ଶହ ଶହ କୁଇଣ୍ଟାଲ ଧାନ ପଡିରହିଛି। ଟୋକନ ପାଇଥିବା ସତ୍ତ୍ୱେ ଧାନ ଉଠୁ ନ ଥିବାରୁ ଚାଷୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି କି ମଣ୍ଡିରେ ଧାନ ପକାଇ ହାଡ଼ ଭଙ୍ଗା ଶୀତରେ ଖୋଲା ଆକାଶ ତଳେ ପଡିରହୁଥିବା ଦେଖିବାକୁ ମିଳୁଛି। ଅନ୍ୟପକ୍ଷରେ ମିଲର୍ସମାନେ ପର୍ଯ୍ୟାପ୍ତ ଅଖାବସ୍ତା ନ ଦେବା ଫଳରେ ଚାଷୀ ମଣ୍ଡିକୁ ଧାନ ଆଣିବାରେ ବିଳମ୍ବ ଘଟୁଛି। ଏହାର ଭିତରେ କେତେଜଣଙ୍କ ଟୋକନ ଲାପ୍ସ ହେବାକୁ ବସିଛି। ଅବ୍ୟବସ୍ଥା ସଂକ୍ରାନ୍ତରେ ବିଭିନ୍ନ ପାକ୍ସ ସମ୍ପାଦକଙ୍କୁ ପଚାରିବାରୁ ଯାହାର ଧାନ ବିକ୍ରି ଟୋକନ ଲାପ୍ସ ହେବାକୁ ବସିଛି ତାର ଅବଧି ବଢ଼ାଯାଇ ପାରିବ। କିଛି ମିଲର୍ସ ଠିକ୍ ସମୟରେ ଅଖାବସ୍ତା ଫେରାଉ ନ ଥିବାରୁ ଚାଷୀଙ୍କୁ ଆବଶ୍ୟକତା ଅନୁଯାୟୀ ଅଖା ବସ୍ତା ମିଳୁ ନ ଥିବା ସେମାନେ ସ୍ୱୀକାର କରିଥିଲେ।